# ଧରିତ୍ରୀ
DHARITRI


ବ୍ରହ୍ମପୁର, ରବିବାର, ଫେବୃୟାରୀ ୨୧/୨୦୨୧ (୧୬ ପୃଷ୍ଠା+ଛୁଟିଦିନ) | Berhampur, Sunday, February 21/2021 | ★★★

୧୬ଶ ଭାଗ ୩୦୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଓସାକାଙ୍କୁ ମହିଳା ସିଙ୍ଗଲ୍ସ ଟାଇଟଲ**
ଜାପାନର ନାଓମି ଓସାକା ଅଷ୍ଟ୍ରେଲିଆନ ଓପନ ଟେନିସ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି।
୧୨

୧୪
**୪ ଅନାଥ କନ୍ୟାଙ୍କୁ ପୋଷ୍ୟ କରିବେ ସୋନୁ**
ବଲିଉଡ ଅଭିନେତା ସୋନୁ ସୁଦ ହିମସ୍ଖଳନରେ ପ୍ରାଣ ହରାଇଥିବା ଗୋଟିଏ ପରିବାରର ୪ କନ୍ୟା ସନ୍ତାନଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବେ।








# କମିଲା ମୁଣ୍ଡ ପିଛା ଆୟ

**ଭୁବନେଶ୍ୱର,୨୦।୨(ବ୍ୟୁରୋ)**

କରୋନା ମହାମାରୀ ଯୋଗୁ ରାଜ୍ୟର ମୁଣ୍ଡ ପିଛା ଆୟ ହ୍ରାସ ପାଇଛି। ୨୦୧୯ -୨୦ରେ ମୁଣ୍ଡ ପିଛା ଆୟ ୧ ଲକ୍ଷ ୪ ହଜାର ୫୬୬ ଟଙ୍କା ଥିବାବେଳେ ୨୦୨୦-୨୧ରେ ଏହା ୧ ଲକ୍ଷ ୨ ହଜାର ୧୫୬ ଟଙ୍କାକୁ ଖସିଯାଇଛି। ଗତ ଆର୍ଥିକ ବର୍ଷ ତୁଳନାରେ ଏବର୍ଷ ମୁଣ୍ଡ ପିଛା ଆୟ ୨୪୧୦ ଟଙ୍କା ଅର୍ଥାତ୍ ୨.୩୦% କମିଯାଇଛି।

କୋଭିଡ୍-୧୯ ମହାମାରୀ ସାଙ୍ଗକୁ ବାତ୍ୟା ରାଜ୍ୟ ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିଦେଇଛି। ଅର୍ଥନୀତିର ମେରୁଦଣ୍ଡ କୃଷି ସାଙ୍ଗକୁ ମାନୁଫାକ୍ଚରିଂ, ନିର୍ମାଣ, ଖଣି, ବ୍ୟବସାୟ, ହୋଟେଲ, ପରିବହନ, ଯୋଗାଯୋଗ, ରିୟଲ ଇଷ୍ଟେଟ୍ ଏବଂ ପର୍ଯ୍ୟଟନ ଭଳି କ୍ଷେତ୍ରକୁ ପ୍ରଚଣ୍ଡ ଆଘାତ ଲାଗିଛି। ଏଥିଯୋଗୁ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ହାର ୪.୯୨ ପ୍ରତିଶତକୁ ଖସିଯିବ। ଶନିବାର ରାଜ୍ୟ ସରକାର ବିଧାନସଭାରେ ଉପସ୍ଥାପନ କରିଥିବା ଅର୍ଥନୈତିକ ସର୍ଭେ ରିପୋର୍ଟରେ ଏକଥା କହିଛନ୍ତି। ଖାଲି ସେତିକି ନୁହେଁ, କୃଷି କ୍ଷେତ୍ରକୁ ମଧ୍ୟ ଜବରଦସ୍ତ ଝଟ୍କା ଲାଗିବ। କୃଷି କ୍ଷେତ୍ରରେ ଅଭିବୃଦ୍ଧି ହାର ୬.୪୫ % କମିବାକୁ ଥିବାବେଳେ ଶିଳ୍ପ କ୍ଷେତ୍ର ୮.୮୩ % ଓ ସେବା କ୍ଷେତ୍ର ୩.୧୮% ହ୍ରାସ ପାଇବ ବୋଲି ରିପୋର୍ଟରେ ଆକଳନ କରାଯାଇଛି। ସେହିପରି ନିର୍ମାଣ ଉପକ୍ଷେତ୍ରଗୁଡ଼ିକରେ ୧୦.୭୯% ଓ ମାନୁଫାକ୍ଚରିଂ ସବ୍-ସେକ୍ଟରଗୁଡ଼ିକରେ ୯.୯୦% ଅଭିବୃଦ୍ଧି ହ୍ରାସ ପାଇବ ବୋଲି ରିପୋର୍ଟରେ କୁହାଯାଇଛି। ତେବେ ଜାତୀୟ ହାର ତୁଳନାରେ ଓଡ଼ିଶା ଭଲ ସ୍ଥିତିରେ ରହିବ। ଜାତୀୟ ଅଭିବୃଦ୍ଧି ହାର ୭.୭% ହ୍ରାସ ପାଇବ ବୋଲି ଅନୁମାନ କରାଯାଇଛି। କରୋନା ମହାମାରୀଜନିତ ଲକ୍‌ଡାଉନ ଯୋଗୁ ହୋଟେଲ ଓ ରେଷ୍ଟୁରାଣ୍ଟ ଶିଳ୍ପ ବରବାଦ ହୋଇଯାଇଛି। ଏହି କ୍ଷେତ୍ରରେ ଅଭିବୃଦ୍ଧି ହାର ୫୪.୫୪% ଖସିଯାଇଛି।

## ଅର୍ଥନୈତିକ ସର୍ଭେ ରିପୋର୍ଟ

- ରାଜକୋଷ ଉପରେ କରୋନା ମାଡ଼
- ୪.୯୨% କମିବ ରାଜ୍ୟ ଅଭିବୃଦ୍ଧି
- ସବୁ କ୍ଷେତ୍ର ପ୍ରଭାବିତ



ରିପୋର୍ଟରେ କୁହାଯାଇଛି ଯେ ୨୦୧୨-୧୩ରୁ ୨୦୧୯-୨୦ ମଧ୍ୟରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ୭.୧% ଥିଲା। ତେବେ ୨୦୨୧-୨୨ ଆର୍ଥିକ ବର୍ଷରେ ରାଜ୍ୟର ଅଭିବୃଦ୍ଧି ଆଗକୁ ମାଡ଼ିଚାଲିବ। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ, ଶିଳ୍ପନୀତି-୨୦୧୫, ଇଜ୍ ଅଫ ଡୁଇଙ୍ଗ୍ ବିଜ୍‌ନେସ, ନୂତନ କୃଷିନୀତି-୨୦୧୯, ୫-ଟି ଏବଂ ମୋ ସରକାର ଭଳି ଅଭିନବ ପଦକ୍ଷେପ ଯୋଗୁ ଆର୍ଥିକ ସ୍ଥିତି ସୁଧୁରିବ ବୋଲି ସରକାର ଆଶା କରିଛନ୍ତି। ମାଛ, ଅଣ୍ଡା, ଦୁଗ୍ଧ ଉତ୍ପାଦନରେ ଓଡ଼ିଶା ଆଗକୁ ବଢୁଛି। ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ହାର ହ୍ରାସ ପାଉଥିବା ରିପୋର୍ଟରେ କୁହାଯାଇଛି। କୋଭିଡ୍ ପରିଚାଳନାରେ ରାଜ୍ୟ ସରକାର ଉଲ୍ଲେଖନୀୟ ପଦକ୍ଷେପ ନେଇ ମୃତ୍ୟୁହାର ହ୍ରାସ କରିବାରେ ସଫଳତା ପାଇଛନ୍ତି। କରୋନା ଯୋଗୁ ରାଜକୋଷ ଉପରେ ପ୍ରବଳ ଚାପ ପଡ଼ିଛି। ତେବେ ରାଜ୍ୟ ସରକାରଙ୍କ ଆର୍ଥିକ ପରିଚାଳନା ଯୋଗୁ ଓଡ଼ିଶା ଅନ୍ୟ ରାଜ୍ୟ ପାଇଁ ଉଦାହରଣ ପାଲଟିଥିବା ରିପୋର୍ଟରେ କୁହାଯାଇଛି।

# ନିର୍ବାଚିତ ସରକାରଙ୍କୁ କାମ କରିବାକୁ ଦିଅ

**ନୀତି ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ କଡ଼ା ଆଭିମୁଖ୍ୟ**

**ଭୁବନେଶ୍ୱର,୨୦।୨(ବ୍ୟୁରୋ)**

ନିର୍ବାଚିତ ସରକାରଙ୍କ ପ୍ରତ୍ୟେକ କାର୍ଯ୍ୟକୁ ରାଜନୈତିକ ଦୃଷ୍ଟିକୋଣରୁ ଦେଖାଯାଉଛି। ଏହା ଦେଶର ଶାନ୍ତି ଓ ବିକାଶ କାର୍ଯ୍ୟରେ ବଡ଼ ବାଧକ। ଗଣତନ୍ତ୍ରରେ ନିର୍ବାଚନର ଆବଶ୍ୟକତା ରହିଛି। ନିର୍ବାଚିତ ହେବା ପରେ ସରକାର ଦଳମତ ନିର୍ବିଶେଷରେ ଲୋକଙ୍କ ହିତ ପାଇଁ କାମ କରିବାର ବେଳ ଆସିଛି। ପ୍ରତ୍ୟେକ ଅପରାଧକୁ ରାଜନୀତିକରଣ କରାଯାଉଛି। ଏହା ଦେଶର ଶାନ୍ତି ଓ ପ୍ରଗତି ପାଇଁ ବଡ଼ ବିପଦ। ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୀତି ଆୟୋଗର ଭର୍ଚୁଆଲ ବୈଠକରେ ଯୋଗଦେଇ ଜାତୀୟ ଦଳଗୁଡ଼ିକୁ ପରୋକ୍ଷରେ ଟାର୍ଗେଟ୍ କରିଛନ୍ତି । ଉଭୟ ଲୋକ ସଭା ଓ ରାଜ୍ୟ ବିଧାନସଭାରେ ମହିଳାଙ୍କ ସଂରକ୍ଷଣ ପାଇଁ ଜାତୀୟ ଦଳଗୁଡ଼ିକ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଅବହେଳା କଲେ ଇତିହାସ କ୍ଷମା ଦେବ ନାହିଁ ବୋଲି ନବୀନ ଚେତାଇ ଦେଇଛନ୍ତି। ଅବହେଳିତ କ୍ଷେତ୍ର ଓ ଲୋକଙ୍କ ପ୍ରତି ଧାର୍ଯ୍ୟ ଲକ୍ଷ୍ୟ ଓ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବାକୁ ହେବ। ଏ କ୍ଷେତ୍ରରେ ନୀତି ଆୟୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହିତ ଅପପୁଷ୍ଟି, ଯୋଗାଯୋଗ, ଲିଙ୍ଗଗତ ତାରତମ୍ୟ ହ୍ରାସ ଦିଗରେ ଫୋକସ୍ କରିବାକୁ ହେବ। ୟୁପିଏସ୍‌ସି, ଏନ୍‌ଇଇଟି, ଜେଇଇ ଭଳି ସର୍ବଭାରତୀୟ ☞ପୃଷ୍ଠା-୧୧



ନବୀନ ପଟ୍ଟନାୟକ

# ବଜେଟ ପରେ ବଢ଼ିଲାଣି | ପେଟ୍ରୋଲ ୪.୩୧, ଡିଜେଲ ୪.୯୦

**ନୂଆଦିଲ୍ଲୀ,୨୦।୨**

ବଜେଟ ପରଠାରୁ ବର୍ତ୍ତମାନ ସୁଦ୍ଧା ପେଟ୍ରୋଲ ଲିଟର ପିଛା ୪.୩୧ ଟଙ୍କା ମହଙ୍ଗା ହୋଇଥିବାବେଳେ ଡିଜେଲ ଦର ୪.୯୦ ବୃଦ୍ଧି ପାଇସାରିଛି। ପାର୍ଲାମେଣ୍ଟରେ ସାଧାରଣ ବଜେଟ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ତେଲ ଦର ସମ୍ପର୍କରେ ଯାହା ସବୁ କହିଥିଲେ, ବର୍ତ୍ତମାନ ତା'ର ଓଲଟା ଦେଖିବାକୁ ମିଳିଛି। କିନ୍ତୁ ଏବେ ସୀତାରାମନ୍ ଏହାକୁ ଏକ ବିରକ୍ତିକର ପ୍ରସଙ୍ଗ କହି ଏଡ଼ାଇ ଯାଇଛନ୍ତି। ଦର ନ କମିବା ପର୍ଯ୍ୟନ୍ତ ଏହା ଉପରେ କାହାକୁ ବୁଝାଇବା ପାଇଁ କୌଣସି ଉତ୍ତର ନାହିଁ। ଉପଭୋକ୍ତାମାନଙ୍କ ପାଇଁ ତେଲ ଦର ଏକ ଯୁକ୍ତିସଙ୍ଗତ ସ୍ତରକୁ କମାଇବା ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଆଲୋଚନା କରିବା ଆବଶ୍ୟକ ବୋଲି ଶନିବାର ସୀତାରାମନ୍ ସଫେଇ ଦେଇଛନ୍ତି। ଅନ୍ୟପକ୍ଷେ ଲଗାତର ତେଲ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସ ପକ୍ଷରୁ ମଧ୍ୟପ୍ରଦେଶରେ ବନ୍ଦ ପାଳନ ଏବଂ ଦିଲ୍ଲୀ ଓ ରାଜସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ୍ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ପକ୍ଷରୁ ☞ପୃଷ୍ଠା-୧୧




# ମନ୍ତ୍ରୀଙ୍କ ବିବୃତିକୁ ପ୍ରତ୍ୟାଖ୍ୟାନ

**ଭୁବନେଶ୍ୱର,୨୦।୨(ବ୍ୟୁରୋ)**

ଧାନ କିଣା ଓ ମଣ୍ଡିର ଅବ୍ୟବସ୍ଥାକୁ ନେଇ ଲଗାତର ତୃତୀୟ ଦିନ ମଧ୍ୟ ବିଧାନସଭା ଅଚଳ ହୋଇଛି। ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟମାନେ ବିଧାନସଭାରେ ପ୍ରବଳ ହଙ୍ଗାମା କରିଛନ୍ତି। ଶୁକ୍ରବାର ବାଚସ୍ପତି ଡାକିଥିବା ସର୍ବଦଳୀୟ ବୈଠକ ଏବଂ ସମବାୟ ମନ୍ତ୍ରୀଙ୍କ ଉତ୍ତର ସବୁକିଛି ବେକାର ହୋଇଛି। ବିରୋଧୀ ନିଜ ଜିଦ୍‌ରେ ଅଟଳ। ଚାଷୀ ପ୍ରସଙ୍ଗ ଗୃହରେ ଆଲୋଚନା ହେଉ। ନଚେତ ଗୃହ ଚଳାଇ ଦେବୁ ନାହିଁ। ଶନିବାର ଗୃହ କାର୍ଯ୍ୟ ଆରମ୍ଭରୁ ବିରୋଧୀଙ୍କ ରଣହୁଙ୍କାରରେ ଗୃହରେ ପ୍ରଶ୍ନକାଳ, ମୁଲତବୀ ଆଲୋଚନା ସବୁ କିଛି ବାଏଁ ବାଏଁ ଉଡ଼ିଯାଇଛି। ବିରୋଧୀଙ୍କ ନାରାବାଜିରେ ବିଧାନସଭା ପ୍ରକମ୍ପିତ ହୋଇଛି। ପ୍ରବଳ ହଙ୍ଗାମା ଓ ହୋହଲ୍ଲା ଯୋଗୁ ଗୃହ କାର୍ଯ୍ୟ ବରବାଦ ହୋଇଯାଇଛି। ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗୃହକୁ ପ୍ରବେଶ କରିଥିଲେ। ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟ ଆରମ୍ଭ କରିବା ମାତ୍ରେ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଚାଲି ଆସିଥିଲେ। ହାତରେ ବ୍ୟାନର ସାଙ୍ଗକୁ ସ୍ଲୋଗାନ ଦେଇ ବିଧାନସଭାକୁ ହୁଲସ୍ଥୁଲ କଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି, ଜୟ ନାରାୟଣ ମିଶ୍ର, ☞ପୃଷ୍ଠା-୧୧



- ତୃତୀୟ ଦିନ ବି ଗୃହ ଅଚଳ
- ହଙ୍ଗାମା ମଧ୍ୟରେ ବାରମ୍ବାର ମୁଲତବୀ
- ଗତ ବର୍ଷ ତୁଳନାରେ ୨୧ ପ୍ରତିଶତ ଅଧିକ ଧାନ ସଂଗ୍ରହ ହୋଇଛି: ସମବାୟ ମନ୍ତ୍ରୀ
- ବାଚସ୍ପତି ଡାକିଲେ ସର୍ବଦଳୀୟ ବୈଠକ

# ବିକ୍ଷୋଭ ଯଦି ଦେଶଦ୍ରୋହ, ଜେଲରେ ରହିବି

**ନୂଆଦିଲ୍ଲୀ, ୨୦।୨**

ଚାଷୀ ଆନ୍ଦୋଳନକୁ ସମର୍ଥନ କରିବା ଯଦି ଦେଶଦ୍ରୋହ ହୁଏ, ତେବେ ଜେଲରେ ରହିବା ଭଲ ବୋଲି ଜଳବାୟୁ କର୍ମୀ ଦିଶା ରବିଙ୍କ ଓକିଲ ସିଦ୍ଧାର୍ଥ ଅଗ୍ରୱାଲ କହିଛନ୍ତି। ଶନିବାର ଦିଲ୍ଲୀର ଏକ ଅଦାଲତରେ ଦିଶାଙ୍କ ଜାମିନ ଆବେଦନର ଶୁଣାଣି ବେଳେ ସିଦ୍ଧାର୍ଥ ଏହା କହିଥିଲେ। ପଟିଆଲା ହାଉସ୍ କୋର୍ଟ ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ରାୟ ସଂରକ୍ଷିତ ରଖିଛନ୍ତି। ଦିଲ୍ଲୀରେ ସାଧାରଣତନ୍ତ୍ର ଦିବସରେ କୃଷକମାନଙ୍କ ଟ୍ରାକ୍ଟର ରାଲି ହିଂସାର ରୂପ ନେଇଥିଲା। ଏହା ପଛରେ ଚାଷୀ ଆନ୍ଦୋଳନ ଟୁଲ୍‌କିଟ୍‌ର ସମ୍ପର୍କ ଥିବା ଅଭିଯୋଗରେ ୨୨ ବର୍ଷୀୟ ଜଳବାୟୁ କର୍ମୀ ଦିଶାଙ୍କୁ ଗତ ସପ୍ତାହରେ ବେଙ୍ଗାଲୁରୁରୁ ଗିରଫ କରାଯାଇଥିଲା। ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ଓ ଦେଶଦ୍ରୋହ ଅଭିଯୋଗରେ ମାମଲା ରୁଜୁ ହୋଇଛି। ବେଆଇନ ସଂଗଠନ 'ଶିଖ୍‌ସ୍ ଫର ଜଷ୍ଟିସ' ସହ ଜଳବାୟୁ କର୍ମୀ ଦିଶାଙ୍କ ସମ୍ପର୍କ ଥିବାର କୌଣସି ପ୍ରମାଣ ନାହିଁ ବୋଲି ତାଙ୍କ ଓକିଲ କୋର୍ଟକୁ ଦର୍ଶାଇଥିଲେ। ଅନ୍ୟପକ୍ଷରେ ଦିଲ୍ଲୀ ପୋଲିସ ଯୁକ୍ତି ବାଢ଼ିଥିଲା, ଦିଶା ନିଜ କାର୍ଯ୍ୟର ଆପରାଧିକତା ସମ୍ପର୍କରେ ସଚେତନ ଥିଲେ, ଏହାର ଅଧିକ ତଦନ୍ତ ଆବଶ୍ୟକ। ଭାରତକୁ ବଦ୍‌ନାମ କରାଇବା ଲାଗି ଯୋଜନା ହୋଇଥିଲା କି ନାହିଁ ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ପୋଲିସ କହିବା ପରେ



## ଦିଶା ରବିଙ୍କ ଜାମିନ ରାୟ ସଂରକ୍ଷିତ

ଅଦାଲତ ଜାମିନ ଆବେଦନର ରାୟ ଫେବୃୟାରୀ ୨୩କୁ ସଂରକ୍ଷିତ ରଖିଥିଲେ। ଜଳବାୟୁ କର୍ମୀ ଗ୍ରେଟା ଥନ୍‌ବର୍ଗ ଟୁଲ୍‌କିଟ୍ ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଗିରଫ ଦିଶା ରବିଙ୍କୁ ଶୁକ୍ରବାର ୩ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ତାଙ୍କ ଓକିଲ କୋର୍ଟକୁ କହିଥିଲେ, ବିନା କାରଣରେ ଦିଶା ବିରୋଧ କରିନାହାନ୍ତି। ଏଠାରେ ପରିବେଶ ଓ କୃଷି ପ୍ରସଙ୍ଗ ରହିଛି। ପରିବେଶ ଓ କୃଷି ପରସ୍ପର ସହ ଜଡ଼ିତ ବୋଲି ଦିଶାଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ। ଦିଶା ଯୋଗ ଏବଂ ତା'କୁ ଟାର୍ଗେଟ କରିଥିବା ଏତଲାରେ ଦର୍ଶାଯାଇଥିବାବେଳେ ଏହା କ'ଣ ଅପରାଧ କି ବୋଲି ତାଙ୍କ ଓକିଲ ପ୍ରଶ୍ନ କରିଥିଲେ। ଲାଲ୍‌କିଲ୍ଲା ହିଂସା ମାମଲାରେ କାହାକୁ ଗିରଫ କରାଯାଇନାହିଁ। କାରଣ ବିକ୍ଷୋଭକାରୀ ଟୁଲ୍‌କିଟ୍ ଦ୍ୱାରା ପ୍ରଭାବିତ ହୋଇଥିଲେ ବୋଲି କୁହାଯାଉଛି। ତେବେ ଜାନୁୟାରୀ ୨୬ ଟ୍ରାକ୍ଟର ରାଲି ବେଳେ ଦଙ୍ଗା ପାଇଁ ଟୁଲ୍‌କିଟ୍ ଦାୟୀ, ସେଭଳି ☞ପୃଷ୍ଠା-୧୧

**କରୋନା: ସତର୍କ କରାଇଲେ ମୁଖ୍ୟମନ୍ତ୍ରୀ**
ପୃଷ୍ଠା-୫

**ଆଜିର ସମ୍ପାଦକୀୟ**
## ଉତ୍ତର ଲୋଡ଼ା

**ଆଜିର ମନ୍ତବ୍ୟ**

"ଦେଶର ସୀମା ଜଗିବାକୁ ନିଜ ପୁଅଙ୍କୁ ପଠାଇଥିବା କୃଷକମାନଙ୍କୁ ମୋଦି ସରକାର ଆତଙ୍କବାଦୀ ଆଖ୍ୟା ଦେଇଛନ୍ତି।
**-ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦକ**

### ହୋସଙ୍ଗାବାଦ୍‌ର ନାଁ ହେବ ନର୍ମଦାପୁରମ୍

ମଧ୍ୟପ୍ରଦେଶର ହୋସଙ୍ଗାବାଦ୍ ସହରର ନାଁ ବଦଳିବ। ଏହାର ନୂଆ ନାଁ 'ନର୍ମଦାପୁରମ୍' ରହିବ ବୋଲି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଘୋଷଣା କରିଛନ୍ତି। ଏ ନେଇ କେନ୍ଦ୍ର ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯିବ ବୋଲି ସେ କହିଛନ୍ତି। ଶୁକ୍ରବାର ହୋସଙ୍ଗାବାଦ୍‌ରେ ନର୍ମଦା ଜୟନ୍ତୀ ପାଳନ ଅବସରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶିବରାଜ ଏହା କହିଥିଲେ। ନର୍ମଦା ନଦୀ କୂଳରେ ସିମେଣ୍ଟ କଂକ୍ରିଟରେ ନିର୍ମାଣକୁ ରାଜ୍ୟ ସରକାର ଅନୁମତି ଦେବେନାହିଁ ବୋଲି ସେ ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ନାଗାଲାଣ୍ଡ ବିଧାନସଭାରେ ପ୍ରଥମ ଥର ଜାତୀୟ ସଙ୍ଗୀତ ଗାନ

**ନୂଆଦିଲ୍ଲୀ, ୨୦।୨:** ନାଗାଲାଣ୍ଡ ରାଜ୍ୟ ମାନ୍ୟତା ପାଇବାର ପ୍ରାୟ ୬୦ ବର୍ଷ ପରେ ପ୍ରଥମ ଥର ଲାଗି ଏହାର ବିଧାନସଭାରେ ଜାତୀୟ ସଙ୍ଗୀତ ଗାନ କରାଯାଇଛି। ରାଜ୍ୟ ପାଇଁ ଏହା ଏକ ଐତିହାସିକ ଘଟଣା। ୧୯୬୩ ଡିସେମ୍ବର ୧ରେ ନାଗାଲାଣ୍ଡକୁ ରାଜ୍ୟ ମାନ୍ୟତା ମିଳିଥିଲା ଓ ଏହା ଭାରତର ୧୬ତମ ରାଜ୍ୟ ହୋଇଥିଲା। ଗତ ୧୨ ତାରିଖରୁ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହୋଇଥିବାବେଳେ ପ୍ରଥମ ଦିନରେ ରାଜ୍ୟପାଳ ଆର୍.ଏନ୍. ରବି ଅଭିଭାଷଣ ରଖିଥିଲେ। ତାଙ୍କ ଅଭିଭାଷଣ ପୂର୍ବରୁ ଓ ପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା।

### ଗୁଜରାଟରେ ସର୍ବବୃହତ୍ ଚିଡ଼ିଆଖାନା ସ୍ଥାପନ କରିବ ରିଲାଏନ୍ସ

**ଗାନ୍ଧୀନଗର, ୨୦।୨:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ୍) ଗୁଜରାଟର ରାମନଗର ଜିଲାରେ ବିଶ୍ୱର ସର୍ବବୃହତ୍ ଚିଡ଼ିଆଖାନା ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛି। ଗ୍ରିନ୍ସ ଜୁଲୋଜିକାଲ ରେସ୍କ୍ୟୁ ଆଣ୍ଡ ରିହାବିଲିଟେଶନ କିଙ୍ଗ୍‌ଡମ୍ ନାମକ ଏହି ଚିଡ଼ିଆଖାନାର ସବିଶେଷ ପ୍ରୋଜେକ୍ଟ ରିପୋର୍ଟ ନିକଟରେ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ (ସିଜେଡ୍‌ଏ)ଙ୍କ ଅନୁମୋଦନ ଲାଭ କରିଛି। ଜାମନଗରର ମୋଟୋ ଖାଭ୍‌ଡି ଅଞ୍ଚଳରେ ରିଲାଏନ୍ସର ତୈଳ ବିଶୋଧନାଗାର ନିକଟରେ ଥିବା ୨୮୦ ଏକର ଜମିରେ ଉକ୍ତ ଚିଡ଼ିଆଖାନା ନିର୍ମାଣ କରାଯିବ। ରିଲାଏନ୍ସ ଅଧକ୍ଷ ମୁକେଶ ଅମ୍ବାନୀଙ୍କ ସାନପୁଅ ଅନନ୍ତଙ୍କର ଏହା ପ୍ରିୟ ପ୍ରୋଜେକ୍ଟ ବୋଲି କୁହାଯାଉଛି। ବାଘ ସୁରକ୍ଷାରେ ଗୁଜରାଟ ବନ ବିଭାଗକୁ ସହାୟତା କରିବାରେ ଏହା କମ୍ପାନୀ ସିଏସ୍‌ଆର୍ କାର୍ଯ୍ୟକ୍ରମର ଏକ ଅଂଶ ହେବ। ଦୁଇବର୍ଷରେ ଏହା ସମ୍ପୂର୍ଣ୍ଣ ହେବା ଆଶା କରାଯାଉଛି। ସାରା ବିଶ୍ୱରୁ ୧୦୦ ପ୍ରଜାତିର ପଶୁପକ୍ଷୀ ଓ ସରୀସୃପ ଏଥିରେ ସ୍ଥାନ ପାଇବେ।

### ପଶ୍ଚିମବଙ୍ଗକୁ ପଠାଗଲା ସିଏପିଏଫ୍

**କୋଲକାତା, ୨୦।୨:** ବିଧାନସଭା ନିର୍ବାଚନ ତାରିଖ ଘୋଷଣା ହେବା ପୂର୍ବରୁ ପଶ୍ଚିମବଙ୍ଗକୁ ନିର୍ବାଚନ କମିଶନ ବହୁସଂଖ୍ୟାରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ ପଠାଇବା ରାଜ୍ୟ ପ୍ରଶାସନକୁ ଆଶ୍ଚର୍ଯ୍ୟ କରିଛି। ସେଠାରେ ନିର୍ବାଚନ ପ୍ରଚାର ବେଳେ ଆଇନ ଶୃଙ୍ଖଳା ରକ୍ଷା ଲାଗି ଆସନ୍ତା ୨୫ ତାରିଖ ସୁଦ୍ଧା ସେଠାକୁ ୧୨୫ କମ୍ପାନୀ ସିଆରପିଏଫ୍ ଯବାନ ପଠାଯିବ। ନିର୍ବାଚନ କମିଶନ ଅଧିକାରୀଙ୍କ କହିବା ଅନୁଯାୟୀ ପଶ୍ଚିମବଙ୍ଗକୁ ୬୦ କମ୍ପାନୀ ସିଆର୍‌ପିଏଫ୍, ୩୦ କମ୍ପାନୀ ସଶସ୍ତ୍ର ସୀମା ବଳ (ଏସ୍‌ଏସ୍‌ବି), ୨୫ କମ୍ପାନୀ ବିଏସ୍‌ଏଫ୍ (ସୀମା ସୁରକ୍ଷା ବଳ), ୫ କମ୍ପାନୀ ସିଆଇଏସ୍‌ଏଫ୍ ଏବଂ ୫ କମ୍ପାନୀ ଆଇଟିବିପି ଯବାନ ପଠାଯିବ। ପ୍ରତି କମ୍ପାନୀ ଜଣେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଡଙ୍କ ନେତୃତ୍ୱରେ ରହିବ ଓ ସେଥିରେ ୮୦ରୁ ୧୦୦ ଜଣ ଲେଖାଏ ଯବାନ ରହିବେ। ସେମାନଙ୍କ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ।

# ମୋଦିଙ୍କ ନକଲ କରିବାରୁ ଏତଲା

**ନୂଆଦିଲ୍ଲୀ, ୨୦।୨:** ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ଯୋଗୁ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନକଲ କରିବା ହାସ୍ୟ ଅଭିନେତା ଶ୍ୟାମ ରଙ୍ଗିଲାଙ୍କୁ ମହଙ୍ଗା ପଡ଼ିଛି। ଏଥିଯୋଗୁ ତାଙ୍କ ନାଁରେ ଥାନାରେ ଏତଲା ରୁଜୁ ହୋଇଛି। ରାଜସ୍ଥାନର ଶ୍ରୀଗଙ୍ଗାନଗରରେ ତୈଳ ଦର ବୃଦ୍ଧିକୁ ନେଇ ଶ୍ୟାମ ମୋଦିଙ୍କ ମିମିକ୍ରି (ମୋଦିଙ୍କ ଢଙ୍ଗରେ କଥା) କରିଥିଲେ। ଏକ ଭିଡିଓରେ ପେଟ୍ରୋଲ ପମ୍ପର ଦୃଶ୍ୟ ରଖି ସେ କହିଥିଲେ, ମୋ ପ୍ରିୟ ଦେଶବାସୀ.. ରାଜସ୍ଥାନର ଶ୍ରୀଗଙ୍ଗାନଗରର ଲୋକଙ୍କ ଛାତି ଗର୍ବରେ ଫୁଲି ଉଠୁଛି। ପେଟ୍ରୋଲ ଦର ଶହେ ଟଙ୍କା ଛୁଇଁଛି। ସ୍ୱାଧୀନ ଭାରତ ଇତିହାସରେ ଆଜି ପର୍ଯ୍ୟନ୍ତ କୌଣସି ସରକାର ଆସିନାହିଁ, ଯିଏ କି ପେଟ୍ରୋଲକୁ ତାର ଅସଲ ମୂଲ୍ୟ ଦେଇପାରିଛି। ଶ୍ୟାମ ମିଛରେ ନିଜକୁ ପତ୍ରକାର କହି ଭିଡିଓ କରିଥିବା ଉକ୍ତ ପେଟ୍ରୋଲ ପମ୍ପର ମାଲିକ ଏତଲାରେ ଦର୍ଶାଇଛନ୍ତି। ଏତଲା ନ ଦେଲେ


ଶ୍ୟାମ ରଙ୍ଗିଲା

ତେଲ ଟ୍ରାନ୍ସପୋର୍ଟ ବନ୍ଦ କରିଦିଆଯିବ ବୋଲି ପେଟ୍ରୋଲ କମ୍ପାନୀ ପକ୍ଷରୁ ପମ୍ପ ମାଲିକଙ୍କ ଉପରେ ଚାପ ପଡ଼ିଥିବା ଅଭିଯୋଗ ରହିଛି।

# ୫୨ ତିମି ମୃତ



**ଜାକର୍ତ୍ତା, ୨୦।୨:** ଇଣ୍ଡୋନେସିଆ ସମୁଦ୍ର କୂଳରୁ ୫୨ ତିମିର ମୃତଦେହ ମିଳିଛି। ସ୍ଥାନୀୟ ଅଧିକାରୀଙ୍କ ପକ୍ଷରୁ ଶୁକ୍ରବାର ଏ ନେଇ ସୂଚନା ଦିଆଯାଇଛି। ଗୁରୁବାର ଇଣ୍ଡୋନେସିଆର ଇଷ୍ଟ ଜାଭା ପ୍ରାନ୍ତ ମଦୁରା ଆଇଲାଣ୍ଡରେ ଫିନ୍ଡ ପାଇଲଟ୍ ଶ୍ରେଣୀର ତିମିଗୁଡ଼ିକ ସମୁଦ୍ର କୂଳକୁ ଆସିଥିବାବେଳେ ଫସିଯାଇଥିଲେ। ପରେ ସେଠାରେ ତିମି ଉଦ୍ଧାରକାରୀ ଦଳ, ସ୍ୱେଚ୍ଛାସେବୀମାନେ ପହଞ୍ଚି ସେଗୁଡ଼ିକୁ ସମୁଦ୍ର ମଧ୍ୟକୁ ପଠାଇବାକୁ ପ୍ରୟାସ କରିଥିଲେ। ହେଲେ ମାତ୍ର ୩ଟି ତିମି ହିଁ ଜୀବନ୍ତ ପାଣି ମଧ୍ୟକୁ ଯାଇପାରିଥିଲେ। ସମୁଦ୍ର କୂଳକୁ କିପରି ତିମିଗୁଡ଼ିକ ଆସିଲେ ଏବଂ ସେଗୁଡ଼ିକର ମୃତ୍ୟୁର କାରଣ କ'ଣ ତାହା ଜଣାପଡିନାହିଁ। ଏକ ଗ୍ରୁପ୍ ତିମି ମଧ୍ୟରୁ ଗୋଟିଏ ଅସୁସ୍ଥ କିମ୍ବା ଆହତ ଥିବାରୁ ଅନ୍ୟ ତିମିଗୁଡ଼ିକ ଏହାକୁ ଜଗିବାକୁ ପଛେ ପଛେ ଆସିଥାଇପାରନ୍ତି ବୋଲି ବିଭାଗୀୟ ମନ୍ତ୍ରଣାଳୟର ମୁଖପାତ୍ର ଓ୍ୱାହ୍ୟୁ ମୁରୟାଦି କହିଛନ୍ତି। ମୃତ ତିମିର ନମୁନା ସଂଗ୍ରହ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ସ୍ଥାନୀୟ ସରକାରଙ୍କ ପକ୍ଷରୁ କୁହାଯାଇଛି।

# 'ଟିକସ ଛାଡ଼ କରୁ କେନ୍ଦ୍ର'

ନୂଆଦିଲ୍ଲୀ, ୨୦।୨

କ୍ରମାଗତ ତୈଳ ଦର ବୃଦ୍ଧି ପ୍ରତିବାଦରେ ଶନିବାର ବିରୋଧୀ ଦଳ କଂଗ୍ରେସ ବିଭିନ୍ନ ରାଜ୍ୟରେ ରାସ୍ତାକୁ ଓହ୍ଲାଇଛି। ମଧ୍ୟପ୍ରଦେଶରେ ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଅଧାଦିନ ବନ୍ଦ ପାଳନ କରାଯାଇଥିବାବେଳେ ରାଜସ୍ଥାନ ଓ ଦିଲ୍ଲୀରେ ବିକ୍ଷୋଭ କରାଯାଇଛି। ବନ୍ଦ ପାଳନରେ ସହଯୋଗ କରିବା ଲାଗି ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା କମଲ ନାଥ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ଓ ଅନ୍ୟମାନେ ଭୋପାଳରେ ବନ୍ଦ ପାଳନରେ ସାମିଲ ହୋଇଥିଲେ। କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଉତ୍ପାଦ ଶୁଳ୍କ ଛାଡ଼ କରିବାକୁ ଦିଗ୍‌ବିଜୟ ଆହ୍ୱାନ ଦେଇଥିଲେ। ବନ୍ଦ ପାଳନ ବେଳେ ମଧ୍ୟପ୍ରଦେଶର ପୂର୍ବତନ ମନ୍ତ୍ରୀ ପି.ସି. ଶର୍ମାଙ୍କ ସମେତ କେତେଜଣ କଂଗ୍ରେସ ନେତାଙ୍କୁ ପୋଲିସ ଅଟକ ରଖିଥିଲା। ସେଠାରେ ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିଲା।

ରାଜଧାନୀ ଦିଲ୍ଲୀରେ ଯୁବକଂଗ୍ରେସ କର୍ମୀମାନେ ତୈଳ ଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଲ୍‌ପିଜି ଦରବୃଦ୍ଧିର ପ୍ରତିବାଦ ସ୍ୱରୂପ ସେମାନେ ପାରମ୍ପରିକ ଜାଳେଣି କାଠ ଜାଳି


ତୈଳ ଓ ରନ୍ଧନଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ଯୁବ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ତୈଳ ଦର ବୃଦ୍ଧିର ପ୍ରତିବାଦ**
- ରାସ୍ତାକୁ ଓହ୍ଲାଇଲା କଂଗ୍ରେସ
- ଦିଲ୍ଲୀ, ରାଜସ୍ଥାନରେ ବିକ୍ଷୋଭ
- ମଧ୍ୟପ୍ରଦେଶରେ ବନ୍ଦ ପାଳନ

ରୋଷେଇ କରିଥିଲେ। ଏଲ୍‌ପିଜି ସିଲିଣ୍ଡର ପିଛା ଦର ୫୦ ଟଙ୍କା ବଢ଼ିଥିବାରୁ ଏହାର ପ୍ରତିବାଦରେ କଂଗ୍ରେସ ସଦସ୍ୟମାନେ ବିନା ଶାର୍ଟରେ ବିକ୍ଷୋଭ କରିଥିଲେ। ସେହିପରି ରାଜସ୍ଥାନ ରାଜଧାନୀ ଜୟପୁରରେ ପଦଯାତ୍ରା ଓ ଟ୍ରାକ୍ଟର ରାଲି ବାହାରିଥିଲା। ସେଠାରେ କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନ ଓ ତୈଳ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଇଥିଲା।

ଗତ କିଛିଦିନ ହେଲା ପେଟ୍ରୋଲ ଓ ଡିଜେଲ ଦର କ୍ରମାଗତ ଭାବେ ବଢ଼ିଚାଲିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଶନିବାର ଦିଲ୍ଲୀରେ ପେଟ୍ରୋଲ ଦର ୯୦ ଟଙ୍କା ୫୮ ପଇସା ଓ ଡିଜେଲ ୮୦ ଟଙ୍କା ୮୭ ପଇସାରେ ପହଞ୍ଚିଛି। ରାଜସ୍ଥାନ ଓ ମଧ୍ୟପ୍ରଦେଶର କେତେକ ସ୍ଥାନରେ ପେଟ୍ରୋଲ ଦର ୧୦୦ ଟଙ୍କା ଟପିଯାଇଛି। ଦରବୃଦ୍ଧିକୁ ନେଇ ଲୋକେ ଅତିଷ୍ଠ ହୋଇପଡ଼ିଥିବାବେଳେ ଅନେକେ ସୋସିଆଲ ମିଡିଆ ଜରିଆରେ ସେମାନଙ୍କର କ୍ରୋଧ ପ୍ରକାଶ କରିବା ସହ ସରକାରଙ୍କୁ ସମାଲୋଚନା କରୁଛନ୍ତି।

### 'ତୈଳ ଦର ବୃଦ୍ଧି ବିରକ୍ତିକର'

ତୈଳଦର ବୃଦ୍ଧି ବିରକ୍ତିକର ପ୍ରସଙ୍ଗ। ଦର ନ କମିବା ପର୍ଯ୍ୟନ୍ତ ଏହା ଉପରେ କାହାକୁ ବୁଝାଇବାକୁ କୌଣସି ଉତ୍ତର ନାହିଁ। ଉପଭୋକ୍ତାମାନଙ୍କ ପାଇଁ ତୈଳ ଦର ଏକ ଯୁକ୍ତିସଙ୍ଗତ ସ୍ତରକୁ କମାଇବା ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଆଲୋଚନା କରିବା ଆବଶ୍ୟକ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି। କେନ୍ଦ୍ରୀୟ ଓ ରାଜ୍ୟ ଟିକସ ପେଟ୍ରୋଲ ଓ ଡିଜେଲ୍ ଖୁଚୁରା ବିକ୍ରି ମୂଲ୍ୟ ଉପରେ ଯଥାକ୍ରମେ ୬୦ ପ୍ରତିଶତ ଓ ୫୪ ପ୍ରତିଶତ ରହୁଛି।



### ଡ୍ରଗ୍ସ ସହ ଭାଜପା ନେତ୍ରୀ ଗିରଫ



କୋଲକାତା, ୨୦।୨

ଯୁବ ଭାଜପା ନେତ୍ରୀ ପାମେଲା ଗୋସ୍ୱାମୀ ଓ ତାଙ୍କ ବ୍ୟକ୍ତିଗତ ସୁରକ୍ଷାକର୍ମୀଙ୍କୁ ପଶ୍ଚିମବଙ୍ଗ ସାଉଥ୍ କୋଲକାତାର ନୂଆ ଆଲିପୋର ଅଞ୍ଚଳରୁ ଶୁକ୍ରବାର ଗିରଫ କରାଯାଇଛି। ତାଙ୍କ ନିକଟରୁ ପ୍ରାୟ ୧୦ ଲକ୍ଷ ଟଙ୍କାର ଶହେ ଗ୍ରାମର କୋକେନ ଜବତ କରାଯାଇଥିବା ପୋଲିସ ଶନିବାର କହିଛି। ଭାଜପା ଯୁବ ମୋର୍ଚ୍ଚାର ସାଧାରଣ ସମ୍ପାଦକ ଓ ସୁରକ୍ଷାକର୍ମୀ ପ୍ରବୀର କୁମାର ଦେ ଏକ କାର୍‌ରେ ଯାଉଥିବାବେଳେ ପୋଲିସ ଉଭୟଙ୍କୁ ଅଟକାଇଥିଲା। ପାମେଲାଙ୍କ ପର୍ସରୁ କୋକେନ ମିଳିଥିଲା ବୋଲି ପୋଲିସ ସୂଚନା ଦେଇଛି। ଭାଜପାର ଜଣେ ମହିଳା ସଦସ୍ୟ ଡ୍ରଗ୍ସ କାରବାରରେ ଲିପ୍ତ ହେବା ଲଜ୍ଜାଜନକ କଥା ବୋଲି ଶାସକ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ନେତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ କହିଛନ୍ତି। ତେବେ ଟିଏମ୍‌ସି ପକ୍ଷରୁ ଏହା ଭାଜପା ବିରୋଧୀ ଷଡ଼ଯନ୍ତ୍ର ବୋଲି ଭାଜପା ଏମ୍‌ପି ଲକେଟ ଚାଟାର୍ଜୀ କହିଛନ୍ତି।

# ଆର୍ଥିକ ସଙ୍କଟରେ କଂଗ୍ରେସ

ନୂଆଦିଲ୍ଲୀ, ୨୦।୨

୨୦୧୪ ସାଧାରଣ ନିର୍ବାଚନରେ କଂଗ୍ରେସର ନୈରାଶ୍ୟଜନକ ପ୍ରଦର୍ଶନ ପରେ ଏହି ଦଳରେ ଆର୍ଥିକ ସମସ୍ୟା ଦେଖାଦେଇଥିଲା। ଏବେ ଦେଶର ଏହି ସର୍ବପୁରାତନ ଦଳ ଗୁରୁତର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛି। ସଙ୍କଟରୁ ମୁକୁଳିବା ଲାଗି ଭଲ ଦଳୀୟ ସ୍ଥିତି ଥିବା ରାଜ୍ୟଗୁଡ଼ିକୁ ଏସ୍‌ଓଏସ୍ ବାର୍ତ୍ତା ପଠାଯାଉଛି। ଏଆଇସିସି ବୈଠକରେ ଆର୍ଥିକ ସହାୟତା ସମ୍ପର୍କରେ ମୁଖ୍ୟତଃ ଆଲୋଚନା ହୋଇଥିଲା। ଏଥିରେ ନିର୍ଦ୍ଦିଷ୍ଟ କେତେକ ରାଜ୍ୟର କଂଗ୍ରେସ ସଭାପତି ଯୋଗଦେଇଥିଲେ। କଂଗ୍ରେସର ପ୍ରମୁଖ ପରିଚାଳକମାନେ ଗତ ମାସରେ ମହାରାଷ୍ଟ୍ର, ଝାଡ଼ଖଣ୍ଡ,

- ଭଲ ସ୍ଥିତି ଥିବା ରାଜ୍ୟକୁ ପଠାଯାଉଛି ଏସ୍‌ଓଏସ୍
- ଦଳୀୟ ବୈଠକରେ ଆର୍ଥିକ ସ୍ଥିତି ମୁଖ୍ୟ ପ୍ରସଙ୍ଗ

ପଞ୍ଜାବର ମନ୍ତ୍ରୀ ଓ ବରିଷ୍ଠ ନେତୃବୃନ୍ଦଙ୍କୁ ଅଲଗା ଅଲଗା ଭେଟିଥିଲେ।

ଦଳୀୟ ବୈଠକରେ ଆର୍ଥିକ ପ୍ରସଙ୍ଗ ଆଲୋଚନାର ମୁଖ୍ୟ ବିଷୟ ହେଉଥିବା ଜଣାପଡ଼ିଛି। ନେତୃବୃନ୍ଦଙ୍କୁ ଆର୍ଥିକ ସ୍ଥିତି ସମ୍ପର୍କରେ ଅବଗତ କରାଯିବା ସହ ସେମାନଙ୍କୁ ପାଣ୍ଠି ଯୋଗାଡ଼ କରିବାର ଦାୟିତ୍ୱ ନେବାକୁ କୁହାଯାଉଛି। ଆଗକୁ ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ, ଆସାମ ଓ ପୁଦୁଚେରୀରେ ବିଧାନସଭା ନିର୍ବାଚନ ଥିବାବେଳେ କଂଗ୍ରେସକୁ ଅର୍ଥଚିନ୍ତା ଘାରିଛି।

ସେପଟେ ରାଜଧାନୀ ଦିଲ୍ଲୀରେ ଦଳର ନୂଆ ମୁଖ୍ୟାଳୟ ନିର୍ମାଣ ଚାଲିଥିବାରୁ ଏହା ମଧ୍ୟ ଚିନ୍ତା ବଢ଼ାଇଛି। ଉପା ସରକାର କ୍ଷମତାରୁ ଯିବା ପରେ ପାଣ୍ଠି ସଂଗ୍ରହ ବାଧାପ୍ରାପ୍ତ ହୋଇଥିଲା। ଜାତୀୟ ସ୍ତର ସମେତ ବିଭିନ୍ନ ରାଜ୍ୟରେ କଂଗ୍ରେସ ଦୁର୍ବଳ ହେବାରେ ଲାଗିଛି। ଏବେ ଏହି ଦଳ କେବଳ ପଞ୍ଜାବ, ରାଜସ୍ଥାନ ଓ ଛତିଶଗଡ଼ରେ ସରକାରରେ ରହିଛି। ନିର୍ବାଚନ ହେବାକୁ ଥିବା ପୁଡୁଚେରୀରେ ମଧ୍ୟ ଦଳର ସ୍ଥିତି ଭଲ ନାହିଁ। ମହାରାଷ୍ଟ୍ର ଓ ଝାଡ଼ଖଣ୍ଡରେ ଏହି ଦଳ ମେଣ୍ଟ ସରକାରରେ ସାମିଲ ଅଛି। କଂଗ୍ରେସ ଏହାର ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ସହାୟତା ଦେବା ଲାଗି କହିବ ବୋଲି ଯୋଜନା କରୁଛି।


ବିଜୟୱାଡା ବିମାନବନ୍ଦରରେ ଏୟାରଇଣ୍ଡିଆ ଏକ୍ସପ୍ରେସ୍ ବିମାନ ଅବତରଣ ବେଳେ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହେବାରୁ ଏହା ଭାଙ୍ଗିପଡିଛି।

# କେନ୍ଦ୍ର-ରାଜ୍ୟ ସମନ୍ୱୟ ଜରୁରୀ

ନୂଆଦିଲ୍ଲୀ, ୨୦।୨

**ନୀତି ଆୟୋଗ ଗଭର୍ଣ୍ଣିଂ କାଉନସିଲ୍ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ମତ**


ଦେଶର ଆର୍ଥିକ ଅଭିବୃଦ୍ଧିକୁ ଆଗେଇ ନେବାକୁ ହେଲେ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ପରସ୍ପର ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଆବଶ୍ୟକ ବୋଲି ଶନିବାର ନୀତି ଆୟୋଗର ଷଷ୍ଠ ଗଭର୍ଣ୍ଣିଂ କାଉନସିଲ୍ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ସେହିପରି ଭାରତରେ ବ୍ୟବସାୟକୁ ସହଜ କରିବା ଲାଗି ଅପ୍ରଚଳିତ ପୁରୁଣା ଆଇନଗୁଡ଼ିକୁ ରଦ୍ଦ କରାଯିବା ପାଇଁ ପ୍ରଧାନମନ୍ତ୍ରୀ ଯୁକ୍ତି ବାଢ଼ିଥିଲେ। ଘରୋଇ ସେକ୍ଟର ସରକାରଙ୍କ ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମର ଏକ ଅଂଶ। ସେମାନଙ୍କୁ ପୂର୍ଣ୍ଣ ସୁଯୋଗ ଦିଆଯିବା ଆବଶ୍ୟକ। କରୋନା ମହାମାରୀ ସମୟରେ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଏକାଠି କାର୍ଯ୍ୟ କରିବାରୁ ସାରା ଦେଶକୁ ସଫଳତା ମିଳିଲା। ଦେଶ ପ୍ରଗତିର ମୂଳ ହେଉଛି ସମବାୟିକ ସଂଘୀୟବାଦ। ଏହାକୁ ଆହୁରି ଅର୍ଥପୂର୍ଣ୍ଣ ଓ ପ୍ରତିଯୋଗିତାମୂଳକ କରିବା ପାଇଁ ଶନିବାରର ବୈଠକ ଏକ ମାନସମନ୍ଥନ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।



ପ୍ରଯୁକ୍ତିର ବିକାଶ ସହିତ ଅନେକ ନିୟମାବଳୀ ଅକାମୀ ହୋଇପଡ଼ିଲାଣି। ସେଗୁଡ଼ିକୁ ହ୍ରାସ କରିବା ଲାଗି ରାଜ୍ୟଗୁଡ଼ିକ କମିଟି ଗଠନ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ। ଦେଶର ବିକାଶ ଅଭିଯାନରେ ଘରୋଇ ସଂସ୍ଥାଗୁଡ଼ିକୁ ସୁଯୋଗ ଦେବା ସରକାରଙ୍କ କର୍ତ୍ତବ୍ୟ। ଭାରତକୁ କେବଳ ନିଜର ଆବଶ୍ୟକତା ପାଇଁ ନୁହେଁ ବରଂ ସାରା ବିଶ୍ୱ ପାଇଁ ଉତ୍ପାଦନ କରିବ। କୃଷି ସେକ୍ଟରକୁ ପାଣ୍ଠି ଓ ପ୍ରଯୁକ୍ତି ଯୋଗାଇଦେବା ଲାଗି ସଂସ୍କାରର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀ ଯୁକ୍ତି ଦର୍ଶାଇଥିଲେ।

# ୫ ରାଜ୍ୟରେ ବଢ଼ୁଛି ସଂକ୍ରମଣ

ନୂଆଦିଲ୍ଲୀ, ୨୦।୨



**ନିୟମ କଡ଼ାକଡ଼ି ପାଳନ ପାଇଁ କେନ୍ଦ୍ରର ପରାମର୍ଶ**

**ମୁମ୍ବାଇରେ ୧,୩୦୫ ବିଲ୍ଡିଂ ସିଲ୍**

କେରଳ, ମହାରାଷ୍ଟ୍ର, ପଞ୍ଜାବ, ଛତିଶଗଡ଼ ଓ ମଧ୍ୟପ୍ରଦେଶରେ ଦୈନିକ କୋଭିଡ୍ ସଂକ୍ରମଣ ବଢ଼ିଚାଲିଥିବାରୁ କେନ୍ଦ୍ର ସରକାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଥିସହିତ କୋଭିଡ୍ ସୁରକ୍ଷା ନିୟମ କଡ଼ାକଡ଼ି ପାଳନ କରିବା ଲାଗି ସମସ୍ତ ରାଜ୍ୟ ସରକାରଙ୍କୁ କେନ୍ଦ୍ର ପରାମର୍ଶ ଦେଇଛି। ନଭେମ୍ବର-ଡିସେମ୍ବରରେ ଦୈନିକ ସଂକ୍ରମଣ ହ୍ରାସ ସର୍ବନିମ୍ନ ସ୍ତରକୁ ଆସିଥିଲା। ଏହା ପରେ ଜାନୁୟାରୀ ମଧ୍ୟଭାଗରୁ ଦେଶରେ ଟିକାକରଣ ଅଭିଯାନ ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ସ୍ୱାସ୍ଥ୍ୟ କର୍ମୀ ଓ କୋଭିଡ୍ ସମ୍ମୁଖ ଯୋଦ୍ଧାମାନଙ୍କୁ ୧.୦୭ କୋଟିରୁ ଊର୍ଦ୍ଧ୍ୱ ଟିକା ଡୋଜ୍ ଦିଆଗଲାଣି। ଏବେ ୫ ରାଜ୍ୟରେ ସଂକ୍ରମଣ ବୃଦ୍ଧି ପାଇବା ସରକାରଙ୍କ ଚିନ୍ତା ବଢ଼ାଇଦେଇଛି। ମହାରାଷ୍ଟ୍ରରେ ଦୈନିକ ନୂଆ ସଂକ୍ରମଣ ସର୍ବାଧିକ ବୃଦ୍ଧି ପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ସେଠାରେ ୬,୧୧୨ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ପଞ୍ଜାବରେ ମଧ୍ୟ ଗତ ୭ ଦିନ ମଧ୍ୟରେ ସଂକ୍ରମଣ ହାର ବଢ଼ିଥିବା ଦେଖାଯାଇଛି। ଗତ ୨୪ ଘଣ୍ଟାରେ ସେଠାରେ ୩୮୩ ନୂଆ ମାମଲା ସାମ୍ନାକୁ ଆସିଛି। ମୁମ୍ବାଇ, ଅମରାବତୀ ଓ ୟାବତମାଲ୍‌ରେ କେତେକ କଠୋର ପଦକ୍ଷେପ ଗ୍ରହଣ କରାଯାଇଛି। ମୁମ୍ବାଇରେ ୨,୭୪୯ ନୂଆ ମାମଲା ଆସିବା ପରେ ୧,୩୦୫ ଘରକୁ ସିଲ୍ କରିଦିଆଯାଇଛି। ଏହି ବିଲ୍ଡିଂଗୁଡ଼ିକରେ ୭୧,୮୩୮ ଲୋକ ରହୁଥିବା ବ୍ରିହନମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ ପକ୍ଷରୁ କୁହାଯାଇଛି। ହୋମ୍ ଆଇସୋଲେଶନ, ବିବାହ ଓ ଜନସମାବେଶ ନିୟମ ନ ମାନିଲେ ମକଦ୍ଦମାର ସମ୍ମୁଖୀନ ହେବେ ବୋଲି ମୁମ୍ବାଇ ମ୍ୟୁନିସିପାଲ କମିଶନର ଇକ୍‌ବାଲ ସିଂ ଚହଲ କହିଛନ୍ତି। ବିନା ମାସ୍କରେ ଟ୍ରେନ୍ ଯାତ୍ରା କରୁଥିବା ଲୋକଙ୍କୁ ଧରିବା ଲାଗି ସେଠାରେ ମାର୍ଶାଲ ନିଯୁକ୍ତ କରାଯାଇଛି।

ସେହିପରି ମଧ୍ୟପ୍ରଦେଶରେ ଗତ ୧୩ ତାରିଖରୁ ସଂକ୍ରମଣ ବଢ଼ୁଥିବା ଦେଖିବାକୁ ମିଳିଛି। ସେଠାରେ ଦିନକରେ ୨୯୭ ନୂଆ ମାମଲା ଚିହ୍ନଟ ହୋଇଛି। ଗତ ୭ ଦିନ ମଧ୍ୟରେ ଛତିଶଗଡ଼ରେ ମଧ୍ୟ ଅନୁରୂପ ସ୍ଥିତି ଦେଖାଯାଇଛି। ସେଠାରେ ଗତ ୨୪ ଘଣ୍ଟାରେ ୨୫୯ ନୂଆ ମାମଲା ପଞ୍ଜୀକୃତ ହୋଇଛି। ଭୂତାଣୁ ସଂକ୍ରମଣ ଶୃଙ୍ଖଳ ଭାଙ୍ଗିବାକୁ ହେଲେ ପୁଣି ଥରେ ଲକ୍‌ଡାଉନ ସମୟର ନିୟମ କଡ଼ାକଡ଼ି ପାଳନ କରିବାକୁ ହେବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି।

### ଭାରତରେ ଭୂତାଣୁର ୭,୫୬୯ ରୂପ

**ହାଇଦ୍ରାବାଦ, ୨୦।୨:** ସାରା ବିଶ୍ୱରେ କରୋନା ଭୂତାଣୁର ହଜାର ହଜାର ନୂଆ ରୂପ ଦେଖିବାକୁ ମିଳିଛି। ଭୂତାଣୁ ଏଭଳି ରୂପ ବଦଳାଇବାରେ ନିକଟ ଅତୀତରେ ପ୍ରଥମ ଘଟଣା। କେବଳ ଭାରତରେ ମହାମାରୀ ଆରମ୍ଭରୁ ଏପର୍ଯ୍ୟନ୍ତ ଭୂତାଣୁର ୭,୫୬୯ରୁ ଊର୍ଦ୍ଧ୍ୱ ଭାରିଆଣ୍ଟ ଉପରେ ବିଶ୍ଳେଷଣ କରାଯାଇଛି। ହାଇଦ୍ରାବାଦର ସେଣ୍ଟର ଫର୍ ସେଲୁଲାର ଆଣ୍ଡ ମଲିକ୍ୟୁଲାର ବାୟୋଲୋଜି (ସିସିଏମ୍‌ବି) ବୈଜ୍ଞାନିକମାନେ ୫ ହଜାରରୁ ଊର୍ଦ୍ଧ୍ୱ କରୋନା ଭୂତାଣୁ ଭାରିଆଣ୍ଟ ଉପରେ ଅନୁଧ୍ୟାନ କରିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୧,୧୪,୧୫,୬୭୫ | ୨୪,୬୬,୦୫୮ | ୮,୬୨,୬୭,୪୪୦ |
| ଭାରତ | ୧,୦୯,୮୯,୯୮୭ | ୧,୫୬,୩୩୩ | ୧,୦୬,୮୬,୫୫୦ |
| ଓଡ଼ିଶା | ୩,୩୬,୫୭୮ | ୧୯୧୪(+୫୩) | ୩,୩୪,୦୫୩ |

ଶନିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର




ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଶନିବାର ଆଇଆଇଏଲ୍‌ର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଉପସ୍ଥିତ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଉଦୟ ଉମେଶ ଲଲିତ ଓ ଅନ୍ୟ ଅତିଥିମାନେ।

# 'ସବୁ ବୃତ୍ତିରେ ନିରନ୍ତର ଶିକ୍ଷାର ଗୁରୁତ୍ୱ ରହିଛି'

## କିଟ୍‌ରେ ଆଇଆଇଏଲ୍‌ର ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

ଜ୍ଞାନ ଆହରଣ କେବେ ବନ୍ଦ ହେବା ଉଚିତ ନୁହେଁ। ଜୀବନରେ ପରିବର୍ତ୍ତନ ହେଉଛି ଏକମାତ୍ର ସ୍ଥିର। ସମସ୍ତ ପ୍ରକାର ବୃତ୍ତିରେ ନିରନ୍ତର ଶିକ୍ଷାର ଗୁରୁତ୍ୱ ରହିଛି। ଏହା ହେଉଛି ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନର ଏକ ଅଂଶବିଶେଷ ବୋଲି ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଉଦୟ ଉମେଶ ଲଲିତ କହିଛନ୍ତି। ଶନିବାର କିଟ୍ ପରିସରରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ (ଆଇଆଇଏଲ୍)ର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଷ୍ଟିସ୍ ଲଲିତ କହିଛନ୍ତି, ନିରନ୍ତର ଆଇନ ଶିକ୍ଷାର ଧାରା ସୃଷ୍ଟି କରିବାରେ ଆଇଆଇଏଲ୍ ହେଉଛି ପ୍ରଥମ ଅନୁଷ୍ଠାନ। ଏହା ପ୍ରତ୍ୟେକ ବ୍ୟକ୍ତିଙ୍କ କ୍ଷେତ୍ରରେ ନିରନ୍ତର ଶିକ୍ଷା ଲାଭ କରିବାର ଅଭ୍ୟାସ ସୃଷ୍ଟି କରିବ। ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ବିସିଆଇ) ଓ କିଟ୍‌ର ଏହି ମିଳିତ ପ୍ରୟାସକୁ ସେ ଉଚ୍ଚ ପ୍ରଶଂସା କରିଥିଲେ।

ଅନ୍ୟତମ ଅତିଥି ସୁପ୍ରିମ୍‌କୋର୍ଟ ବିଚାରପତି ଜଷ୍ଟିସ୍ ଭୂଷଣ ରାମକ୍ରିଷ୍ଣ ଗଭାଇ କହିଛନ୍ତି, ୧୯୮୮ରେ ବିସିଆଇ ବାଙ୍ଗାଲୋରରେ ପ୍ରଥମ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରି ଆଇନ ଶିକ୍ଷା ମାନ ଓ ଆଇନଜୀବୀଙ୍କ ଦକ୍ଷତାରେ ଆଖିଦୃଶିଆ ପରିବର୍ତ୍ତନ ଆଣିଥିଲା। ସେହିପରି ଆଇଆଇଏଲ୍ ପ୍ରତିଷ୍ଠା ବାର୍ କାଉନ୍‌ସିଲ୍ ଇତିହାସରେ ଏକ ମାଇଲ୍‌ଖୁଣ୍ଟ ହୋଇ ରହିବା ସହ ଏହା ମାଧ୍ୟମରେ ଦେଶରେ ଗୁଣାତ୍ମକ ଆଇନ ଶିକ୍ଷକ ସୃଷ୍ଟି ହୋଇପାରିବେ ବୋଲି ଜଷ୍ଟିସ ଗଭାଇ ଆଶାବ୍ୟକ୍ତ କରିଛନ୍ତି। ସୁପ୍ରିମ୍‌କୋର୍ଟ ବିଚାରପତି ଜଷ୍ଟିସ୍ ଭି. ରାମସୁବ୍ରମଣ୍ୟନ୍ ଯୋଗଦେଇ କହିଛନ୍ତି, ବର୍ତ୍ତମାନ ଦେଶରେ ହଜାରରୁ ଊର୍ଦ୍ଧ୍ୱ ଆଇନ କଲେଜ ରହିଥିବାବେଳେ ପ୍ରତିବର୍ଷ ୨ଲକ୍ଷ ୫୦ ହଜାର ଆଇନ ସ୍ନାତକ ଉତ୍ତୀର୍ଣ୍ଣ ହେଉଛନ୍ତି। ଆଇଆଇଏଲ୍ ଆଇନ ଶିକ୍ଷାବିତ୍ ଓ ଆଇନଜୀବୀଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନର ସେତୁ ପାଲଟିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଭାରତର ବିଶିଷ୍ଟ ଆଇନ ଶିକ୍ଷାବିତ୍ ପ୍ରଫେସର ଏନ୍. ଏଲ୍. ମିତ୍ର ଆଇଆଇଏଲ୍ ପ୍ରତିଷ୍ଠାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ।

କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ଭୁବନେଶ୍ୱରରେ ଆଇଆଇଏଲ୍ ପ୍ରତିଷ୍ଠା ହେବା ଓଡ଼ିଶା ପାଇଁ ଗର୍ବର ବିଷୟ। ବିସିଆଇ ଏଥିପାଇଁ କିଟ୍ ବିଶ୍ୱବିଦ୍ୟାଳୟକୁ ନିଜର ସହଯୋଗୀ ଭାବେ ଗ୍ରହଣ କରିଥିବାରୁ କିଟ୍ ନିଜକୁ ଧନ୍ୟ ମନେକରୁଛି। ଓଡ଼ିଶାର ଆଡ୍‌ଭୋକେଟ୍ ଜେନେରାଲ ତଥା ଓଡ଼ିଶା ବାର୍ କାଉନ୍‌ସିଲ୍ ସ୍ୱତନ୍ତ୍ର କମିଟି ଅଧ୍ୟକ୍ଷ ଅଶୋକ ପରିଜା କହିଛନ୍ତି, ୩ ଦଶନ୍ଧି ମଧ୍ୟରେ ଆଇନ ଶିକ୍ଷା କ୍ଷେତ୍ରରେ ଅନେକ ପରିବର୍ତ୍ତନ ହୋଇଛି। ଆଜିର ଦିନରେ ଇଞ୍ଜିନିୟରିଂ, ମେଡିକାଲ୍ ଓ ମ୍ୟାନେଜମେଣ୍ଟ ଭଳି ଆଇନ ଶିକ୍ଷା ମଧ୍ୟ ଛାତ୍ରୀଛାତ୍ରଙ୍କ ପସନ୍ଦ ପାଲଟିଛି। ବିସିଆଇ ତଥା ବିସିଆଇ ଟ୍ରଷ୍ଟର ଅଧ୍ୟକ୍ଷ ମନନ ମିଶ୍ର ସ୍ୱାଗତ ଭାଷଣ ଓ ଓଡ଼ିଶା ଷ୍ଟେଟ୍ ବାର୍ କାଉନ୍‌ସିଲ୍ ସ୍ପେଶାଲ କମିଟି ସଦସ୍ୟ ତଥା ବରିଷ୍ଠ ଅଧିବକ୍ତା ମାନସ ରଞ୍ଜନ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଓଡ଼ିଶା ଉଚ୍ଚନ୍ୟାୟାଳୟର ବିଚାରପତି, ପୂର୍ବତନ ବିଚାରପତି, ବିସିଆଇ ତଥା ବିସିଆଇ ଟ୍ରଷ୍ଟର କର୍ମକର୍ତ୍ତାଙ୍କ ସମେତ ଦେଶ ବହୁ ବିଶିଷ୍ଟ ଆଇନଜ୍ଞ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ନିରନ୍ତର ଆଇନ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଆଇଆଇଏଲ୍ ଏକ 'ମଡେଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ ଟିଚର୍ସ ଟ୍ରେନିଂ ଓ ରିସର୍ଚ୍ଚ' ଭାବେ କାର୍ଯ୍ୟ କରିବ। ଏହା ଦେଶର ପ୍ରଥମ ଅନୁଷ୍ଠାନ। ଏହାର ପ୍ରତିଷ୍ଠା ନେଇ କିଟ୍ ଓ ବିସିଆଇ ଟ୍ରଷ୍ଟ ମଧ୍ୟରେ ପୂର୍ବରୁ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ଅନୁସାରେ କିଟ୍ ଆବଶ୍ୟକ ଜମି ଯୋଗାଇ ଦେବା ସହ ୧.୫ ଲକ୍ଷ ବର୍ଗଫୁଟ ଜମିରେ ଆଇଆଇଏଲ୍ ଭିତ୍ତିଭୂମି ନିର୍ମାଣର ୪୦ପ୍ରତିଶତ ଖର୍ଚ୍ଚ ବହନ କରିବ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ୩ ମୃତ, ୩ ଗୁରୁତର

ଟାଙ୍ଗୀ (ଡି.ଏନ.ଏ.)/କଟକ ଅଫିସ୍, ୨୦।୨

**କଣ୍ଟେନରରେ ପିଟିହେଲା ଆମ୍ବୁଲାନ୍ସ**
**ବର୍ତ୍ତିଲେ ଶିଶୁରୋଗୀ**
ମେଦିନପୁରରୁ ରୋଗୀ ନେଇ ଏମ୍ସ ଆସୁଥିଲା ଆମ୍ବୁଲାନ୍ସ

କଟକ ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ବଇଁଚୁଆ ଗ୍ରାମ ନିକଟ ୧୬ନଂ. ଜାତୀୟ ରାଜପଥରେ ଶନିବାର ଭୋରରେ ଏକ କଣ୍ଟେନରକୁ ପଛରୁ ଆମ୍ବୁଲାନ୍ସ ଧକ୍କା ଦେଇଛି। ଫଳରେ ଆମ୍ବୁଲାନ୍ସରେ ଥିବା ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଗୁରୁତର ହୋଇଛନ୍ତି। ମୃତକ ହେଲେ ପଶ୍ଚିମବଙ୍ଗ ମେଦିନପୁରର ସେକ୍ ଇକ୍‌ବାଲ ହୁସେନ(୨୮), ସେକ୍ ରମ୍‌ଜାନ୍(୫୮) ଓ ଆମ୍ବୁଲାନ୍ସ ଡ୍ରାଇଭର ସେକ୍ ଟାରିଫ ଅଲ୍ଲୀ(୨୬)। ଗୁରୁତରମାନଙ୍କ ପରିଚୟ ଜଣାପଡିନାହିଁ। ତେବେ ଆମ୍ବୁଲାନ୍ସରେ ଥିବା ଜଣେ ଶିଶୁରୋଗୀ ସୁରକ୍ଷିତ ଥିବା ଜଣାପଡିଛି। ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ରାସ୍ତାରୁ ହଟାଇବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗ ମେଦିନପୁରରୁ ଜଣେ ଶିଶୁ ପାରାଲିସସ୍ ରୋଗୀକୁ ନେଇ ପରିବାରର ୫ ସଦସ୍ୟ ଆମ୍ବୁଲାନ୍ସ(ନଂ.ଡବ୍ଲ୍ୟୁବି୩୩ସି-୬୦୬୮)ରେ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ଆସୁଥିଲେ। ଭୋରରେ ବଇଁଚୁଆ ଗ୍ରାମ ନିକଟ ରାସ୍ତାପାର୍ଶ୍ୱରେ ଛିଡା ହୋଇଥିବା କଣ୍ଟେନର(ନଂ.ଓଡି୦୧କ୍ୟୁ-୪୧୭୩) ପଛରେ ପିଟି ହୋଇଯିବାରୁ ଆମ୍ବୁଲାନ୍ସର ସମ୍ମୁଖ ଭାଗ ଚୂର୍‌ମାର୍ ହୋଇଯାଇଥିଲା। ଘଟଣାସ୍ଥଳରେ ସେକ୍ ଇକ୍‌ବାଲଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ପୋଲିସ ଓ ଏନ୍‌ଏଚ୍‌ଏଆଇ କର୍ମଚାରୀ ଆସିବା ପରେ ଗ୍ୟାସ୍ କଟର ସାହାଯ୍ୟରେ ଆମ୍ବୁଲାନ୍ସର ଡୋର୍‌କୁ କାଟି ଗୁରୁତର ଅବସ୍ଥାରେ ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲେ। ଏଥିସହ ଅନ୍ୟ ୪ ଜଣଙ୍କୁ ଉଦ୍ଧାର କରି କଟକ ବଡ ଡାକ୍ତରଖାନା ପଠାଇଥିଲେ। ସେଠାରେ ସେକ୍ ଟାରିଫ ଓ ସେକ୍ ରମ୍‌ଜାନଙ୍କ ମୃତ୍ୟୁ ଘଟିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଶିଶୁରୋଗୀଟି ସୁରକ୍ଷିତ ଥିବାବେଳେ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଢାବାରେ ବସାଇଥିଲେ। ଖବରପାଇ ଟାଙ୍ଗୀ ଥାନା ଏସ୍‌ଆଇ ଅକ୍ଷୟ କୁମାର ସ୍ୱାଇଁ ପହଞ୍ଚି ଶିଶୁକୁ ନିଜ ହେପାଜତକୁ ନେଇଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ.୨୪/୨୧) ରୁଜୁ ହୋଇ ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରୀ ଅକ୍ଷୟ କୁମାର ସ୍ୱାଇଁ କହିଛନ୍ତି।



ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ।

# ୩୨୦୭ ଏମ୍‌ଏସ୍‌ଏମ୍‌ଇ ୟୁନିଟ୍ ବନ୍ଦ

ଭୁବନେଶ୍ୱର, ୨୦।୨(ବ୍ୟୁରେ)

**କୋଭିଡ୍ ପ୍ରଭାବ**

କୋଭିଡ୍ ମହାମାରୀ କେବଳ ସ୍ୱାସ୍ଥ୍ୟ ନୁହେଁ ଜୀବନ ଜୀବିକାକୁ ମଧ୍ୟ ଛିନ୍ନଛତ୍ର କରିଦେଇଛି। ରାଜ୍ୟର ପ୍ରମୁଖ ନିଯୁକ୍ତି ପ୍ରଦାନ କରୁଥିବା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ) ଗଭୀର ଭାବେ ପ୍ରଭାବିତ ହୋଇଛି। ଶନିବାର ବିଧାନସଭାରେ ଭାଜପା ସଭ୍ୟ ନାଉରୀ ନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି ଯେ ରାଜ୍ୟରେ କରୋନା କାଳରେ ୩୨୦୭ଟି ଏମ୍‌ଏସ୍‌ଏମ୍‌ଇ ୟୁନିଟ୍ ବନ୍ଦହୋଇଛି। ସେଥିରୁ ବାଲେଶ୍ୱର ଜିଲାରେ ସର୍ବାଧିକ ୫୬୭ଟି ୟୁନିଟ୍ ବନ୍ଦ ହୋଇଥିବା ବେଳେ ଗଞ୍ଜାମ ୪୮୪, ସମ୍ବଲପୁର ୩୨୧, ବଲାଙ୍ଗୀର ୨୮୮, ଭୁବନେଶ୍ୱର ୨୮୪, ସୁନ୍ଦରଗଡ ୨୭୨, କଳାହାଣ୍ଡି ୧୮୭, ବୌଦ୍ଧ ୧୮୫, ରାୟଗଡା ୧୭୧, ଝାରସୁଗୁଡା ୧୭୦ ଏବଂ ଭଦ୍ରକରେ ୧୫୭ ଏମ୍‌ଏସ୍‌ଏମ୍‌ଇ ୟୁନିଟ୍ ବନ୍ଦ ରହିଛି। ତେବେ କୋଭିଡ୍ ପ୍ରଭାବିତ ଏମ୍‌ଏସ୍‌ଏମ୍‌ଇ ଗୁଡିକୁ ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ସେଗୁଡିକ ପାଇଁ ୨୮୯ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରାଯାଇଥିବା ମନ୍ତ୍ରୀ କହିଛନ୍ତି।

# ଗୁଜରାଟରେ ଦୁର୍ଘଟଣା: ଓଡ଼ିଆ ମୂର୍ତ୍ତି କାରିଗରଙ୍କ ମୃତ୍ୟୁ


ସଜନାଗଡ଼, ୨୦।୨ (ଡି.ଏନ.ଏ.)

ଗୁଜୁରାଟରେ ଟ୍ରକ ଦୁର୍ଘଟଣା ଘଟି ଓଡ଼ିଆ ପଥର ମୂର୍ତ୍ତି କାରିଗରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମାଧବ ନାଥ (୨୨)। ତାଙ୍କ ଘର ବାଲେଶ୍ୱର ଜିଲା ଔପଦା ବ୍ଲକ କାଣ୍ଡଗରଡ଼ି ପଞ୍ଚାୟତ ଚିନ୍ତାମଣିପୁର ଗ୍ରାମରେ। ଏହି ଖବର ଜଣାପଡିବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ବାଇଧର ନାଥଙ୍କର ଏକମାତ୍ର ପୁଅ ମାଧବ ଗୁଜରାଟର ପଥର ମୂର୍ତ୍ତି କାରିଗର ଭାବେ ପରିବାର ଭରଣପୋଷଣ କରୁଥିଲେ। ତାଙ୍କ ମା'ଙ୍କ ଅସ୍ତ୍ରୋପଚାର ପରେ ଗତ ୧୭ତାରିଖରେ ସେ ଗୁଜରାଟ ଫେରିଯାଇଥିଲେ। ୧୯ତାରିଖରେ କୋଭିଡ ଟେଷ୍ଟ ପରେ କମ୍ପାନୀରେ ଯୋଗ ଦେବା ପାଇଁ ତାଙ୍କୁ କୁହାଯାଇଥିଲା। ଗୁଜରାଟର ଧରମପୁର ମେଡିକାଲକୁ ସେ ବାଇକରେ ତାଙ୍କ ସହଯୋଗୀଙ୍କ ସହିତ ଯାଉଥିବା ବେଳେ ହଠାତ୍ ଏକ ଟ୍ରକ୍ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ମାଧବଙ୍କ ମୃତ୍ୟୁ ହୋଇଯାଇଥିଲା। ତାଙ୍କ ସହଯୋଗୀ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ମେଡିକାଲକୁ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଜଲେଶପଟ୍ଟା ଆଶ୍ରମ ସ୍ୱାମିଜୀଙ୍କୁ ହତ୍ୟା ଧମକ

ଫୁଲବାଣୀ ଅଫିସ/ତୁମୁଡ଼ିବନ୍ଧ, ୨୦।୨(ଡି.ଏନ୍.ଏ.)

କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ବ୍ଲକ ଜଲେଶପଟ୍ଟା ସଂସ୍କୃତ କନ୍ୟାଶ୍ରମ ମୁଖ୍ୟ ସ୍ୱାମିଜୀଙ୍କୁ ଏକ ଅଜଣା ଫୋନ ନମ୍ବରରୁ ଶନିବାର ହତ୍ୟା ଧମକ ମିଳିଛି। ସ୍ୱାମୀ ଜୀବନ ମୁକ୍ତାନନ୍ଦଙ୍କ ମୋବାଇଲ ନଂ.୯୪୩୯୨୨୩୮୪୧କୁ କେହି ଅଜଣା ଦୁର୍ବୃତ୍ତ ଅପରାହ୍ନ ୪ଟାରେ ୯୧୭୮୨୪୬୬୬୩ ନମ୍ବରରୁ ଫୋନ୍ କରିଥିଲେ। ସ୍ୱାମିଜୀ ଫୋନ୍ ଉଠାଇବାପରେ ଆଗାମୀ ୪ଦିନ ମଧ୍ୟରେ ତୁମକୁ ହତ୍ୟା କରାଯିବା ସହ ଆଶ୍ରମକୁ ଉଡାଇ ଦିଆଯିବ ବୋଲି ହିନ୍ଦୀରେ କହିଥିଲେ। ସ୍ୱାମିଜୀ କିଛି କହିବା ପୂର୍ବରୁ ଦୁର୍ବୃତ୍ତ ଜଣକ ଫୋନ୍ କାଟି ଦେଇଥିଲେ। ଏନେଇ ସନ୍ଧ୍ୟାରେ ସ୍ୱାମିଜୀ ଓ ଆଶ୍ରମ କର୍ତ୍ତୃପକ୍ଷ ତୁମୁଡ଼ିବନ୍ଧ ଥାନାରେ ଏତଲା ଦେଇଛନ୍ତି। ଥାନା ଅଧିକାରୀ ବାବା ଶଙ୍କର ସରାଫ ନଂ.୧୧/୨୧ରେ ମାମଲା ରୁଜୁ କରିବା ସହ ଆଶ୍ରମ ଯାଇ ତଦନ୍ତ କରିଛନ୍ତି। ସୂଚନାଥାଉକି, ୨୦୦୮ରେ ଅନୁରୂପ ଭାବେ କେହିଜଣେ ଅଜଣା ବ୍ୟକ୍ତି ତତ୍କାଳୀନ ସ୍ୱାମୀ ଲକ୍ଷ୍ମଣା ନନ୍ଦ ସରସ୍ୱତୀଙ୍କୁ ହତ୍ୟା ଧମକ ଦେଇଥିଲେ। ପରେ କେତେଜଣ ଆତତାୟୀ ଜଲେଶପଟ୍ଟା ଆଶ୍ରମରେ ପଶି ସ୍ୱାମିଜୀଙ୍କ ସମେତ ୫ ସହଯୋଗୀଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ। ଏହା ପରେ ଜିଲାରେ ଦଙ୍ଗା ସୃଷ୍ଟି ହୋଇଥିଲା।


ସ୍ୱାମୀ ଜୀବନ ମୁକ୍ତାନନ୍ଦଜୀ

# ଚାଲୁନି ପାସେଞ୍ଜର ଟ୍ରେନ୍, ବାଢୁଛି ବସ୍ ଭଡ଼ା

ପୁରୀ ଅଫିସ, ୧୯।୨

■ କଲେଜ ଆସିପାରୁନାହାନ୍ତି ଛାତ୍ରୀଛାତ୍ର
■ ପାସେଞ୍ଜର ଚଳାଚଳ ଦାବି ଜୋର ଧରିଲା

କୋଭିଡ୍-୧୯ ସ୍ଥିତିରେ ସୁଧାର ଆସିବା ପରଠାରୁ ଦେଶର ବିଭିନ୍ନ ସ୍ଥାନରେ ପାସେଞ୍ଜର ରେଳସେବା ଆରମ୍ଭ ହେଲାଣି। ହେଲେ ଓଡ଼ିଶା ଦେଇ ଚାଲୁଥିବା ପୂର୍ବତଟ ରେଳପଥ ଅନ୍ତର୍ଗତ ରେଳସେବାରେ ପାସେଞ୍ଜର ସେବା ଏଯାବତ୍ ଆରମ୍ଭ ହୋଇପାରିନି। ଅଳ୍ପ କେତେକ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରୁଛି। ପାସେଞ୍ଜର ଟ୍ରେନ୍ ସେବା ବନ୍ଦ ହେବା ହେତୁ ଏହାର ପ୍ରଭାବ ସିଧାସଳଖ ଭାବେ ସ୍ଥାନୀୟ ଯାତ୍ରୀଙ୍କ ଉପରେ ପଡୁଛି। ପୁରୀ ସହରକୁ ଆସିବା ପାଇଁ ପାସେଞ୍ଜର ସେବା ଚଳାଚଳ କରୁ ନ ଥିବାରୁ ଭୁବନେଶ୍ୱରରୁ ପୁରୀ ମଧ୍ୟରେ ପାସେଞ୍ଜର ଟ୍ରେନରେ ଦୈନିକ ଯିବା ଆସିବା କରୁଥିବା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାତ୍ରୀମାନଙ୍କୁ ଅଧିକ ଭଡ଼ା ଦେଇ ବସ୍ ଯୋଗେ ଯାତାୟାତ କରିବାକୁ ପଡୁଛି। କୋଭିଡ୍ ପୂର୍ବରୁ ପୁରୀକୁ ପାଖାପାଖି ୮ଯୋଡ଼ା ପାସେଞ୍ଜର ଟ୍ରେନ୍ ଚାଲିଥିଲା। ପୁରୀ-ରାଉରକେଲା, ପୁରୀ-ଗୁଣୁପୁର, ପୁରୀ-କଟକ ମେମୁ, ପୁରୀ-ସାନ୍ତରାଗାଛି, ପୁରୀ-ଅନୁଗୋଳ ମେମୁ, ପୁରୀ-ତାଳଚେର ମେମୁ ଓ ୨ଟି ପୁରୀ ଖୋର୍ଦ୍ଧା ପାସେଞ୍ଜର ସେବା ଚାଲୁ ରହିଥିଲା। ମାତ୍ର ଏବେ ଏଥିମଧ୍ୟରୁ କିଛି ବି ଚାଲୁ ନାହିଁ। ବୀରରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, କଣାସ ରୋଡ୍, ଡେଲାଙ୍ଗ, ମୋଟରୀ, ଜେନାପୁର ଭଳି ସ୍ଥାନରୁ ପୁରୀକୁ ଅନେକ ଯାତ୍ରୀ ପାସେଞ୍ଜର ଟ୍ରେନ୍‌ରେ ଯିବାଆସିବା କରନ୍ତି। ଏମାନଙ୍କ ମଧ୍ୟରେ ଅଧିକାଂଶ ସରକାରୀ ଚାକିରିଆ ଓ ଛାତ୍ରୀଛାତ୍ର। ପୁରୀ ଜିଲାରେ ଥିବା କଲେଜଗୁଡ଼ିକ ମଧ୍ୟ ଖୋଲି ସାରିଲାଣି। ଯାହା ଫଳରେ ଛାତ୍ରୀଛାତ୍ରମାନେ ରେଳ ଯୋଗେ ଯାତାୟତ କରିବା ନେଇ ବ୍ୟଗ୍ର। ଜିଲାର ପ୍ରମୁଖ କଲେଜ ସାମନ୍ତ ଚନ୍ଦ୍ର ଶେଖର ମହାବିଦ୍ୟାଳୟକୁ ଗ୍ରାମାଞ୍ଚଳରୁ ଅନେକ ଛାତ୍ରୀଛାତ୍ର ଆସୁଛନ୍ତି। ପୁରୀ-ଅନୁଗୋଳ ମେମୁ ଓ ପୁରୀ-କଟକ ମେମୁ ସେମାନଙ୍କ ପାଇଁ ଏକ ଶୁଳଭ ଓ ସମୟ ଉପଯୋଗୀ ଯାତ୍ରାର ମାଧ୍ୟମ ଥିଲା। ମାତ୍ର ରେଳସେବା ବନ୍ଦ ହେବା ଯୋଗୁଁ ଏମାନେ ମଧ୍ୟ ବାଧ ହୋଇ ବସ୍ ଯୋଗେ ପୁରୀ ଆସୁଛନ୍ତି। ଅପରପକ୍ଷରେ ପୁରୀ କୋର୍ଟ, ପୌରସଂସ୍ଥା ଭଳି ଅନେକ ସରକାରୀ ଅଫିସକୁ ଜିଲାର ଭିନ୍ନ ଭିନ୍ନ ଅଞ୍ଚଳରୁ ଲୋକେ ଏବେ ବସ୍ ଯୋଗେ ଆସୁଛନ୍ତି। ଏମାନେ ପୂର୍ବରୁ ଟ୍ରେନ୍‌କୁ ଯାତାୟତର ମାଧ୍ୟମ ଭାବେ ବାଛିଥିଲେ। ଏନେଇ ପ୍ରତିକ୍ରିୟା ରଖି ସାମନ୍ତ ଚନ୍ଦ୍ର ଶେଖର ମହାବିଦ୍ୟାଳୟର ଛାତ୍ର ବିକାଶ ବଡ଼ଜେନାଙ୍କ କହିବା କଥା ହେଲା, ଟ୍ରେନ୍‌ରେ ଖୁବ୍ କମ୍ ଭଡ଼ା ଦେଇ ଡେଲାଙ୍ଗରୁ କଲେଜ୍ ଆସିପାରୁଥିଲୁ। ମାତ୍ର ଏବେ ଏହି ସୁବିଧା ମିଳୁନି। ପାଠପଢ଼ା ଏବେ ନିୟମିତ ହେଉଥିବାରୁ କଲେଜ କିମ୍ବା କୋଚିଂ ସେଣ୍ଟର ବନ୍ଦ କରିବା ସମ୍ଭବ ନୁହେଁ। ଉଭୟ କଲେଜ ଓ ଟ୍ୟୁସନ୍ ପାଇଁ ପୁରୀ ସହରକୁ ପ୍ରତିଦିନ ଆସିବାକୁ ପଡୁଛି। ପ୍ରତ୍ୟେକ ଦିନ ବସ୍ ଯୋଗେ ଆସିବା କରାଯାଉଥିବାରୁ ବସ୍ ଭଡ଼ା ବାଢୁଛି। ବସ୍ ଯୋଗେ ଆସିବା ସମସ୍ତଙ୍କ ପକ୍ଷେ ସମ୍ଭବ ହେଉ ନ ଥିବାରୁ କଲେଜରେ ଉପସ୍ଥାନ ମଧ୍ୟ କମିଛି। ଅନ୍ୟପକ୍ଷରେ ଏକ୍ସପ୍ରେସ ମଧ୍ୟରେ କେବଳ ନୀଳାଚଳ ଏକ୍ସପ୍ରେସ ଯାହା ସପ୍ତାହକୁ ଥରେ ମାତ୍ର ଚାଲୁଛି ଓ ସାକ୍ଷୀଗୋପାଳଠାରେ ଅଟକୁଛି। ଏହାବ୍ୟତୀତ କୌଣସି ଏକ୍ସପ୍ରେସ୍ ଟ୍ରେନ୍ ପୁରୀରୁ ଖୋର୍ଦ୍ଧାରୋଡ୍ ମଧ୍ୟରେ ଅଟକୁ ନାହିଁ ବୋଲି ବଡ଼ଜେନା କହିଛନ୍ତି।

ଅପରପକ୍ଷରେ ପାସେଞ୍ଜର ରେଳସେବା କେବେ ଆରମ୍ଭ ହେବ ସେନେଇ କୌଣସି ସୂଚନା ନାହିଁ। ପୂର୍ବତଟ ରେଳପଥ ଏନେଇ ନିଷ୍ପତ୍ତି ନେବା ପରେ ପାସେଞ୍ଜର ଚାଲିବା ନେଇ ଥିବା ଅଡୁଆ ତୁଟିବ ବୋଲି ପୁରୀ ରେଳଷ୍ଟେଶନର ଭାରପ୍ରାପ୍ତ ଷ୍ଟେଶନ ମାଷ୍ଟର ବିରେନ୍ଦ୍ର ସିଂ କହିଛନ୍ତି। ସେହିଭଳି ପୂର୍ବତଟ ରେଳପଥର ଜଣେ ବରିଷ୍ଠ ଅଧିକାରୀ ନିଜ ନାମକୁ ଗୋପନ ରଖି କହିଛନ୍ତି, ପାସେଞ୍ଜର ରେଳସେବା ଚାଲୁ କରିବା ନେଇ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଗଲାଣି। ଏନେଇ ରେଲ୍‌ୱେ ବୋର୍ଡକୁ ମଧ୍ୟ ସୂଚନା ଦିଆଯାଇଛି। ତେବେ ରେଲୱେ ବୋର୍ଡ ଓ ପ୍ରଶାସନ ସ୍ତରରେ ଆଲୋଚନା ପରେ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ତଥାପି ପାସେଞ୍ଜର ରେଳସେବା କେବେ ଆରମ୍ଭ ହେବ ସେନେଇ କିଛି କହି ହେବ ନାହିଁ। ଟ୍ରେଡ୍ ୟୁନିୟନ ପକ୍ଷରୁ ମଧ୍ୟ ପାସେଞ୍ଜର ସେବା ଆରମ୍ଭ କରିବା ନେଇ ଦାବି ଆରମ୍ଭ ହୋଇସାରିଛି। ପୂର୍ବତଟ ରେଳପଥ ଟ୍ରେଡ୍ ୟୁନିୟନ୍ ପୁରୀ ଜୋନ୍ ଅତିରିକ୍ତ ସାଧାରଣ ସମ୍ପାଦକ ଅମ୍ରିତ ମିଶ୍ର କହିଛନ୍ତି, ପାସେଞ୍ଜର ରେଳସେବା ଖୁବ୍‌ଶୀଘ୍ର ଆରମ୍ଭ ହେବାର ଆବଶ୍ୟକ ରହିଛି। ସାଧାରଣ ଲୋକେ ପୁରୀ ସହରକୁ ଆସିବା ପାଇଁ ରେଳସେବାକୁ ଆଗ୍ରାଧିକାର ଦିଅନ୍ତି। ଏଣୁ ପାସେଞ୍ଜର ରେଳସେବା ଆରମ୍ଭ ନେଇ ପଦକ୍ଷେପ ନିଆଯିବା ଦରକାର।












## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୧୩ରୁ କଂଗ୍ରେସର ୨ ଦିନିଆ ସଦ୍‌ଭାବନା ପଦଯାତ୍ରା

**ଭୁବନେଶ୍ୱର,୨୦।୨(ବ୍ୟୁରୋ)**

ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକ ପୂର୍ତ୍ତି ଏବଂ ଓଡ଼ିଶା କଂଗ୍ରେସର ୧୦୦ବର୍ଷ ପୂର୍ତ୍ତି ଅବସରରେ ପୁରୀ ଜିଲା କଂଗ୍ରେସ ସେବାଦଳ ପକ୍ଷରୁ ମାର୍ଚ୍ଚ ୧୩ ଓ ୧୪ରେ 'ସଦ୍‌ଭାବନା ପଦଯାତ୍ରା'ର ଆୟୋଜନ କରାଯାଇଛି। ଏହି ଉପଲକ୍ଷେ ୧୩ ତାରିଖ ସକାଳ ୭ଟା ସମୟରେ ପୁରୀ ଜିଲା ଅନ୍ତର୍ଗତ ଗାନ୍ଧୀ ସ୍ମାରକୀପୀଠ ତଥା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ କର୍ମଭୂମି ବେରବୋଇଠାରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଏହି ପଦଯାତ୍ରାକୁ ଉଦ୍‌ଘାଟନ କରିବେ ବୋଲି ପୁରୀ ଜିଲା କଂଗ୍ରେସ ସେବାଦଳ ମୁଖ୍ୟ ସଙ୍ଗଠକ ବିଶ୍ୱକେତନ ହରିଚନ୍ଦନ ମହାପାତ୍ର ସୂଚନା ଦେଇଛନ୍ତି। ଏହାପରେ ଏହି ପଦଯାତ୍ରା ପଟ୍ଟନାୟିକିଆ ଛକ ଦେଇ ଗୋପବନ୍ଧୁଙ୍କ ଜନ୍ମସ୍ଥାନ ସୁଆଣ୍ଡୋରେ ପହଞ୍ଚିବ। ସେହିଦିନ ସନ୍ଧ୍ୟାରେ ଗାନ୍ଧୀ, ଗୋପବନ୍ଧୁ ଓ କଂଗ୍ରେସକୁ ନେଇ ଏକ ସଭା ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ରହିଛି। ମାର୍ଚ୍ଚ ୧୪ ସକାଳ ୮ଟାରେ ପଦଯାତ୍ରା ସୁଆଣ୍ଡୋଠାରୁ ବାହାରି ପୁରୀ ଗାନ୍ଧୀଘାଟଠାରେ ସମାପନ ହେବ।

# ୧୦ମ ଇତିହାସ ବହିର ତ୍ରୁଟି ସଂଶୋଧନ

**ଯାଜପୁର ଟାଉନ,୨୦।୨(ଡି.ଏନ.ଏ.)**

ଦଶମ ଶ୍ରେଣୀ ଇତିହାସ ବହିର କିଛି ତଥ୍ୟ ତ୍ରୁଟିକୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ସଂଶୋଧନ କରିଛି। ଫେବୃୟାରୀ ୧୧ରେ ଏକ ରିଜୁଲ୍ୟୁଶନ୍ କ୍ରମେ ଦଶମ ଶ୍ରେଣୀର ଇତିହାସ ବହିରେ ଥିବା 'ଭାରତରେ ଅସହଯୋଗ ଆନ୍ଦୋଳନ ଓ ଓଡ଼ିଶାରେ ଏହାର ପ୍ରଭାବ' ବିଷୟ ଅନ୍ତର୍ଗତ ପୃଷ୍ଠା-୧୩ର ଶେଷ ପାରାରେ '୧୯୧୯' ମସିହା ବଦଳରେ ତ୍ରୁଟି ସଂଶୋଧନ କରାଯାଇ '୧୯୦୯'ମସିହା କରାଯାଇଛି। ଏତଦ୍‌ବ୍ୟତୀତ ଏହି ପୁସ୍ତକର 'ଭାରତ ଛାଡ଼ ଆନ୍ଦୋଳନ ଏବଂ ଓଡ଼ିଶାରେ ଭୂମିକା' ବିଷୟର ପୃଷ୍ଠା-୩୦ର ଦ୍ୱିତୀୟ ସ୍ତମ୍ଭର ଶେଷ ପାରାରେ ତ୍ରୁଟି ସଂଶୋଧନ କରାଯାଇଛି। ସଂଶୋଧିତ ପାଠରେ ଦର୍ଶାଯାଇଛି 'ଅବିଭକ୍ତ କଟକ ଜିଲା ତଥା ବର୍ତ୍ତମାନର ଯାଜପୁର ଜିଲାର କାଇପଡ଼ାରେ ଏକ ଅମାନୁଷିକ ଘଟଣା ଘଟିଥିଲା। ଗୋପବନ୍ଧୁ ଚୌଧୁରୀ ଓ ରମା ଦେବୀଙ୍କ ଗିରଫ ଖବର ଶୁଣିବା ପରେ ବରୀ ଅଞ୍ଚଳର ଲୋକେ ଅତ୍ୟନ୍ତ ଉତ୍ତ୍ୟକ୍ତ ହୋଇ ୧୯୪୨ ଅଗଷ୍ଟ ୧୭ରେ କାଇପଡ଼ା ଡାକଘରେ ନିଆଁ ଲଗାଇଦେଲେ। ଆନ୍ଦୋଳନ କ୍ରମଶଃ ତୀବ୍ରତର ହେବାରୁ ପୋଲିସ ଡେପୁଟି ସୁପରିନ୍‌ଟେଣ୍ଡେଣ୍ଟ ସେଠାରେ ପହଞ୍ଚି ଲୋକଙ୍କ ଉପରେ ଗୁଳି ଚାଳନା କଲେ। ଏଥିରେ ୪ଜଣ ମୃତ୍ୟୁ ବରଣ କଲେ ଓ ୭ଜଣ ଆହତ ହେଲେ। କାଇପଡ଼ାର ସତ୍ୟାଗ୍ରହୀମାନଙ୍କୁ ଗିରଫ କରି ଯାଜପୁର ନିଆଗଲା। ଯାଜପୁର ଠାରେ ସଭାସମିତି ଉପରେ ନିଷେଧାଜ୍ଞା ଜାରି କରାଗଲା। କିନ୍ତୁ ସରକାରୀ ଆଦେଶ ଅବମାନନା କରି ପ୍ରାୟ ୧୫ଶହ ଲୋକ ଥାନା ଆଡ଼କୁ ଅଗ୍ରସର ହେବାରୁ ପୋଲିସ ଗୁଳିଚାଳନା ଓ ଲୁହା ବୁହା ଗ୍ୟାସ ପ୍ରୟୋଗ କରିଥିଲେ।' ଏଭଳି ପଢ଼ିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦର ସମ୍ପାଦକ ଶ୍ରୀକାନ୍ତ ତରାଇ ବିଜ୍ଞପ୍ତି ସଂଖ୍ୟା ନଂ.୨୭୮ (ସିଲାବସ୍) ୧୫।୦୨।୨୦୨୧ ଅନୁଯାୟୀ ସଂଶୋଧନ କରି ବିଜ୍ଞପ୍ତି ପ୍ରକାଶ କରିଛନ୍ତି।

## କଳାମାଟିଆ ଗ୍ରାମର ନାମ ଉଭାନ

**ବରୀ,୨୦।୨(ଡି.ଏନ.ଏ.)**


ଦଶମ ଶ୍ରେଣୀ ଇତିହାସ ବହିରେ ସଂଶୋଧନ ପରେ ବି ଶହୀଦ ପୀଠ ଯାଜପୁର ଜିଲା ବରୀ ବ୍ଲକ ଅଧୀନ କଳାମାଟିଆ ଗ୍ରାମର ନାମ ସ୍ଥାନ ନ ପାଇବା ଘଟଣାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ଶିକ୍ଷାବିତଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ରକ୍ତତୀର୍ଥ ଭାବେ ପରିଚିତ କଳାମାଟିଆ ଶହୀଦ ପୀଠ ସ୍ୱତନ୍ତ୍ର ଭାବେ ଭାରତ ଇତିହାସର ବହିରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଥିଲେ ହେଁ ଗୁଳିକାଣ୍ଡ ଘଟିଥିବା ସ୍ଥାନଟିକୁ ଶିକ୍ଷା ବିଭାଗ ଇତିହାସ ବହିରେ ଠିକ୍ ଭାବେ ଉଲ୍ଲେଖ ନ କରିବା ଘଟଣା ଶହୀଦଙ୍କ ପ୍ରତି ଅପମାନ ସଦୃଶ ବୋଲି ମତପ୍ରକାଶ ପାଇଛି। ମାଧମିକ ଶିକ୍ଷା ପରିଷଦ ଓଡ଼ିଶା ତରଫରୁ ଭାରତଛାଡ଼ ଆନ୍ଦୋଳନର ଇତିହାସକୁ ପୁନଃସମୀକ୍ଷା କରାଯାଇ ଗୁଳିକାଣ୍ଡ ଘଟି ଶହୀଦ ହୋଇଥିବା ସ୍ଥାନଟିକୁ ଉଲ୍ଲିଖିତ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଶହୀଦ ସ୍ମୃତି ପରିଷଦ ଅଧ୍ୟକ୍ଷ ଶୁକଦେବ ପରିଡ଼ା, ଆଇନଜୀବୀ ବିରଜା ପ୍ରସାଦ ପରିଡ଼ା, ସ୍ମୃତିରଞ୍ଜନ ଧଳ, ଶରତ ଚନ୍ଦ୍ର ପରଡ଼ା, ସମରେନ୍ଦ୍ର ଦାସ, ଦିବାକର ମଲିକ, କେଦାର ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି। ଦଶମ ଶ୍ରେଣୀ ଇତିହାସ ବହିର ପୃଷ୍ଠା ନମ୍ବର ୩୦ ଓ ୩୧ରେ ତ୍ରୁଟିପୂର୍ଣ୍ଣ ତଥ୍ୟ ରହିବା ଯୋଗୁ ଏହାକୁ ସଂଶୋଧନ କରିବା ନିମନ୍ତେ କଳାମାଟିଆ ଶହୀଦ ସ୍ମୃତି ପରିଷଦ ସମେତ ଶିକ୍ଷାବିତମାନେ ଦାବି କରିଆସୁଥିଲେ। ସଂଶୋଧନ ପରେ ବି ଶିକ୍ଷା ବିଭାଗର ଖାମଖିଆଲି ମନୋଭାବ ଯୋଗୁ ପବିତ୍ର ଗହ୍ମାପୂର୍ଣ୍ଣିମା ଦିନ କଳାମାଟିଆଠାରେ ସାଉଁଟି, ସାନନ୍ଦ, ହାଡିବନ୍ଧୁ ଓ ମାୟାଧର ୪ ଜଣ ସଂଗ୍ରାମୀ ଇଂରେଜଙ୍କ ଗୁଳିରେ ଶହୀଦ ହୋଇଥିଲେ। ମାତ୍ର ସେହି ଶହୀଦଙ୍କ ସ୍ମୃତିବହନ କରୁଥିବା ରକ୍ତତୀର୍ଥ କଳାମାଟିଆ ଗ୍ରାମର ନାମ ଦର୍ଶାଯାଇ ନାହିଁ।

## ଅନିୟମିତତା: ୭ ନିଲମ୍ବିତ, ୩ ବହିଷ୍କୃତ

**ଭୁବନେଶ୍ୱର,୨୦।୨(ବ୍ୟୁରୋ)**

ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ରେ ଧାନକିଣାରେ ଅନିୟମିତତା, କାର୍ଯ୍ୟରେ ଗୁରୁତର ଅବହେଳା ଓ ବିଭାଗ ଦ୍ୱାରା ଜାରି ମାର୍ଗଦର୍ଶିକାର ଉଲ୍ଲଂଘନ ଅଭିଯୋଗରେ ୭ଜଣ ନିଲମ୍ବିତ ହୋଇଥିବାବେଳେ ୩ କାର୍ଯ୍ୟରୁ ବହିଷ୍କୃତ ହୋଇଛନ୍ତି। ରାଜ୍ୟ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଦ୍ୱାରା ଅଭିଯୋଗର ତଦନ୍ତ ରିପୋର୍ଟ ଅନୁସାରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିଲମ୍ବିତ କର୍ମଚାରୀମାନେ ହେଲେ ବରଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ଭେଡେନ ପ୍ୟାକ୍ସର ସମ୍ପାଦକ ରବୀନ୍ଦ୍ର କୁମାର ଦାଶ, କାନସିଂଘା ପ୍ୟାକ୍ସର ଭାରପ୍ରାପ୍ତ ସମ୍ପାଦକ କାନ୍ତିଲାଲ ଭୋଇ, ଏମ୍.ଶ୍ରୀଗିଡ଼ା ପ୍ୟାକ୍ସର ସମ୍ପାଦକ ନିର୍ମଳ କୁମାର ଜେନା, ରେମୁଣ୍ଡା ପ୍ୟାକ୍ସର ସମ୍ପାଦକ ଶଶିଭୂଷଣ ସାହୁ, ଗାଇସିଲେଟ ପ୍ୟାକ୍ସର ଭାରପ୍ରାପ୍ତ ସମ୍ପାଦକ ଘନଶ୍ୟାମ ସାହୁ ଓ କୁମ୍ଭାରୀ ପ୍ୟାକ୍ସର ସମ୍ପାଦକ ଗୌରଚନ୍ଦ୍ର ବଧିଆ। କାନସିଂଘା ଧାନ ସଂଗ୍ରହ କେନ୍ଦ୍ର (ପିପିସି)ର ଡାଟାଏଣ୍ଟ୍ରି ଅପରେଟର(ଡିଇଓ) ସନ୍ଦୀପ ସାହୁ, ବୁରୋମୁଣ୍ଡା ପିପିସି ଡିଇଓ ଲିଲୁ ଭୋଇ ଏବଂ ଚାଣ୍ଟିପାଲି ପିପିସିର ଡିଇଓ ପ୍ରେମାନନ୍ଦ ସାହୁଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି। ସେହିପରି ଏମ୍.ଶ୍ରୀଗିଡ଼ା ପ୍ୟାକ୍ସର କିରାଣି ତଥା ପର୍ଚ୍ଚେଜ ଅଫିସର ଦିନେଶ କୁମାର ବାରିକଙ୍କୁ ନିଲମ୍ବନ କରାଯାଇଛି।


# classifieds Everyday
0674-2580101, 2549302



MATRIMONIAL

**BRIDE WANTED**

Caste no bar: Son age 34, Ph.D. in Sociology, Central University, Hyderabad, work in IIT Rookey. 6372748613. D-20013

Handsome brahmin boy 1972/ 5'6" astrologer settled Bhubaneswar. 8917236183, 9938097643. D-69376

Karan: Son age 29, B. Tech ITER, working Bangalore Softewr Company salary 9 lakhs, 7008986005. D-20012

**GROOM WANTED**

Kshatriya, 1988, 5'3", ବୃଷ, M.Sc. Bank Manager, BBSR କନ୍ୟାଙ୍କ ପାଇଁ ଆକାଂକ୍ଷ ବରପାତ୍ର ଆବଶ୍ୟକ। ଯୋଗାଯୋଗ: 8260183201. D-20008

Beautiful Kaibarta girl 1984/ Co-operative Inspector, Bhubaneswar (Caste No Bar). 7735688759, 9238578590. D-69375

Girl age 29 B. Tech MBA MDI Gurgaon work in MNC company at Delhi, salary 20 lakhs, 8144559551. D-20011



**SALE**

Swift D'zire 2016 VDI Diesel, Swift D'zire-2016 (Petrol), Swift D'zire 2009 (Diesel). 7381091234, 9861194627. D-70182



**SALE**

**Bhubaneswar AIIMS Hospital ପାଖରେ 30'road ଥାଇ yellowzone plot sale. 8456850883.** D-70193

2BHK flat Garage Chhak, Bhubaneswar near Sriram Nagar and Samantaraypur market area. 7873492433. D-70224

**3200 Sqft. sthitiban Gharabari corner plot with Boundary Wall near ITER, Panchasakha Nagar, Bhubaneswar. 9958003695, 9861805658.** D-19996

ପ୍ଲଟ୍ ବିକ୍ରିହେବ ଭୁବନେଶ୍ୱର ଉତ୍ତରା KEC କଲେଜ ପାଖ, ଘରବାରି ପାରେଇ ସହିତ। 9178660666. D-70535

**Plot For Sale, 2000sqft. (17nos) Yellowzone infront of Tata ariana, Vipul Garden Backside Mouza- sankarpur, Ghatikia, BBSR. Water & Electricity available NH-5 to 1km per sqft.-1500 Contact: 7381564227.** D-19978

**In Puri, 1BHK flat Immediate Sale with all Amenities also loan Subsidy available. Just Pay 2lakhs. 9437929773.** D-20009

Plot sale 500psqft. with registration gharabari near SOG Chandaka, Bhubaneswar. 8917475780, 9861444497. D-69374

**Demarcated gharabari plot sale Gudiapokhari near KEC Puri road, advance boundarywall 30ft. road electricity. Patta 9238902929, 8763887357.** D-70187

Patia Prasanti Viharରେ sqft. 2400/-, station ପାଖରେ 1800/-, IIT Arugul 300/-ରେ plot କିଣନ୍ତୁ। 7978124465, 7991006699. D-70428

**ଭୁବନେଶ୍ୱର- ପୁରୀ Bypass roadsideରେ ଏବଂ ସୁନ୍ଦରପଦାରେ ଘରବାରି plot 30' ରାସ୍ତାଥାଇ ବିକ୍ରିହେବ। 9556794241.** D-70183

**Plot Bhubaneswar, Aims Patia, Hanspal, Gudiapokhari, Sundarpada, Rangabazar, Rasulgarh. 9853415415** D-19781

ଭୁବନେଶ୍ୱର ପଟିଆ ଷ୍ଟେସନ ପାଖରେ 30' ରାସ୍ତା, boundary ସହିତ sqft.750/- ରୁ 1200/-ରେ ପ୍ଲଟ୍ ନିଅନ୍ତୁ। 9938734349, 9937686826. D-70190

**Ready to move Duplex for sale at DHPL Villa One Kalarahanga. Contact: 9937059891.** D-19937

ମୌ: ଢୋଲ, ଥା/ଜି: କେନ୍ଦ୍ରାପଡ଼ାର ପ୍ଲଟ୍ ନଂ.-୪୩ ଏ୦.୦୬ ଓ ୬୯ ଏ୦ ୧୩.୦୩ କଳଘର ସହ ବିକ୍ରୟ ହେବ। ଉଭୟ ପ୍ଲଟ୍ ଗ୍ରାମ୍ୟ ରାସ୍ତାକୁ ଲାଗିକରି ଅଛି। ଇଚ୍ଛୁକ କ୍ରେତାମାନେ ନିମ୍ନ ଫୋନ୍‌ରେ ଯୋଗାଯୋଗ କରନ୍ତୁ। ମୋ: ୯୮୬୧୨୯୨୫୮୦. ଧ-୬୬୭୮୧

**Residential land with 30feet road available near OEC College, Chhatabar & Gangapatna immediate registration & construction. 7656070001, 8249139982.** D-70177

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,76,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 7894433357. D-70185

**Residential gharabari plot 400meters distance from Puri by-pass (NH-203), Bhubaneswar, Mouza: Koradakanta@ 2100/-persqft. Contact: 8847850277.** D-20006

**ଭୁବନେଶ୍ୱର Balianta Canal roadରେ ଘରବାରି boundary and electricity ସହିତ ମିଳୁଛି। Sqft. 750/- ଯେଉଁମାନେ immediate ଘର କରିବେ Call କରନ୍ତୁ। 9437005434.** D-70184

**Bhubaneswrରୁ 8K.M. Bhingarpur Oxford College, Sudhananda School ପାଖରେ sqft. 550/-residential plot ବିକ୍ରିହେବ। 6372824177, 9437707745.** D-70161

**Gharabari plot Hanspal, Nakhara 6K.M. Trinath Bazar, 2K.M. Bhubaneswar. 7008613186.** D-69372

**6,00,000/- ଟଙ୍କା ଦେଇ Bhubaneswar new Railway station ସାମ୍ନାରେ ଘରବାରି ପ୍ଲଟ୍ କିଣନ୍ତୁ। First possession/ registration. 9937349112.** D-70163

**NH-16ରେ ପିତାପଲ୍ଲୀରେ ଗୃହୋପଯୋଗୀ, ଭୁବନେଶ୍ୱର Sum Hospitalରୁ 7K.M. distance NH-16- Aର କଣ୍ଟାବାଡ଼ରେ free registration, ଘରବାରି boundary, electricity Water supply ସହ ପ୍ଲଟ ମିଳୁଅଛି। 7504861292.** D-19864

**Bhubaneswar AIIMS Hospital and Sum Hospital, Times Gurukul ନିକଟରେ 30' ରାସ୍ତା ଘରବାରି ଇଲେକ୍ଟ୍ରିସିଟି ଥାଇ plot ବିକ୍ରିହେବ। 9937819395.** D-70166

**Ready to move 1BHK at DHPL Villa One Kalarahanga. Cost 2300000/-, Contact- 9937059891.** D-19868

**12000 Sft. IDCO plot for immediate sale at Mancheswar, Bhubaneswar. Buyers please contact - Deepak: 9937329999.** D-69972

ଭୁବନେଶ୍ୱର ଜଟଣୀରାସ୍ତାରେ 1500Sqft. Gharabari Plot 14,00,000/-, Investment Plot 4,50,000/- କାଟେଣୀ, ଡେରାସରେ 9,00,000/-. Rosy - 9938016295. D-70191

**Bhubaneswar, Khordha NH side Pitapalli ନିକଟରେ plot ମିଳୁଛି। 6372852525.** D-70192



Want a dream home on your own plot with engineer's supervision. Contact: 7008268129, 9439143273. D-67585



**4400 Sqft. Hall in First and Second Floor for Office or Commercial on 100ft. Bhimatangi Main Road, Bhubaneswar. 9958003695, 9861805658.** D-19997

Lease for running Hostel with all furniture & other facilities at prime location, Unit-IX 9437057789. D-69971

3BHK flat main road Soubhagyanagar Unit-8, Office, family, Bachelors. 9000004523. D-20010

1500Sft. G+2 area for Shop, Office and Restaurant at Cuttack Puri By pass Near Mangraj point, Bhubaneswar. Contact - 9348194296 / 7978076354. D-69692

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

2BR house at Lingipur Housing Colony, BBSR, Mob: 9337789007, 9437570000. D-48726

Independent accommodation with Garage Indira Colony, Lingipur, Bhubaneswar, Family/ Bachelor/ Student. 7873764243. D-19992



Zen salon and SPA positively health benefits with expert therapeutic & genuinely massage appointment. 7205084157. D-70534

Swarna SPA newly open positively health benefits with expert therapist. 9556978408. D-70533

New opened Saikrupa Panchakarma and Spa, Jointpain, Fullbody Massage. 8984068077. D-65911



SMS sending କାମକରି ଯୁବକ/ଯୁବତୀ, ଗୃହିଣୀମାନେ ମାସିକ 12000/- 35,000/- + Laptop + Mobile + other facilities free (Part/ full time). 9667693638, 9667693639. D-70532


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କଥାରେ ମନ ମୋହିବେ, କିନ୍ତୁ ଖର୍ଚ୍ଚ ପରିମାଣ ବୃଦ୍ଧି ପାଇବାରୁ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସହ କଥା ହେବାକୁ ପଡ଼ିପାରେ। ଭୁଲ୍ ବୁଝାମଣାରୁ ପରିବାରରେ ମତାନ୍ତର ସୃଷ୍ଟି ହେବ। ପାଖ ଲୋକଟିକୁ ସାହାଯ୍ୟ କରିବାକୁ ଯାଇ ପରେ ଅନୁତାପ କରିପାରନ୍ତି।

**ବୃଷ** କର୍ମକ୍ଷେତ୍ରରେ ସାମାନ୍ୟ ବିଶ୍ରାମ କରିବାର ସୁଯୋଗ ପାଇବା କଷ୍ଟକର ହୋଇପାରେ। ବୁଝାମଣା ଅଭାବରୁ ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ। ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ପରିବାରରେ କଳହ ଲାଗିବ। ହାତ ଖାଲି ନରହିଲେ ମଧ୍ୟ ଆଶାନୁରୂପ ପାଇପାରିବେ ନାହିଁ।

**ମିଥୁନ** ମାଙ୍ଗଳିକ କାର୍ଯ୍ୟରେ ସାମୟିକ ସମସ୍ୟା ଦେଖାଦେଲେ ବି ପରେ ତାହା ସଂପନ୍ନ ହେବ। ପରିବାରରେ ମତଭେଦ କାରଣରୁ କଳହ ସୃଷ୍ଟି ହୋଇପାରେ। ପ୍ରତିବନ୍ଧକ କାରଣରୁ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବ। ଫେରନ୍ତା ବାଟରେ ବନ୍ଧୁଙ୍କ ଦେଖା ନ ପାଇ ବ୍ୟସ୍ତ ହେବେ।

**କର୍କଟ** ଆଲୋଚନା ମଧ୍ୟରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ ନ କଲେ ଅସୁବିଧାରେ ପଡ଼ିବେ। କର୍ମକ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି, ବାସ୍ତବରେ ସେପରି କିଛି ହେବନି। ଟେନ୍‌ସନ୍ ବଢ଼ିବା କାରଣରୁ ରକ୍ତଚାପ ମଧ୍ୟ ବଢ଼ିପାରେ।

**ସିଂହ** ବିଶେଷ ଭ୍ରମଣ ହେତୁ ଆକସ୍ମିକ ଭାବରେ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଇଚ୍ଛା ନ ଥାଇ ମଧ୍ୟ ଘର ଅପେକ୍ଷା ବାହାରେ ବେଶୀ ସମୟ କଟାଇବାକୁ ପଡ଼ିପାରେ। ପାରିବାରିକ ଜୀବନରେ ବୁଝାମଣା ନେଇ ସଫଳତା ପାଇବା କଷ୍ଟକର ହେବ। ଦୀର୍ଘ ଦିନରୁ ରହି ଆସିଥିବା ବକେୟା ଟଙ୍କା ଆଜି ପାଇବେ।

**କନ୍ୟା** ଆର୍ଥିକ ଅଭିବୃଦ୍ଧିରୁ କାମରେ ଅଗ୍ରଗତି ଘଟିବ। ସାମାଜିକ ସ୍ତରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ। କହିବାରେ ସଂଯମତା ରକ୍ଷା ନ କଲେ ସମାଲୋଚିତ ହୋଇ ପାରନ୍ତି। ଅଧା କାମ ଶେଷ ପର୍ଯ୍ୟାୟକୁ ଯିବା ସମୟରେ ସମସ୍ୟା ଉପୁଜିବ, କିନ୍ତୁ ଆଲୋଚନା ଦ୍ୱାରା ସମାଧାନ ହେବ।

**ତୁଳା** କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ନ ରହିଲେ ହଜି ଯାଇପାରେ। ବନ୍ଧୁମାନଙ୍କୁ ସୁପରାମର୍ଶ ଏବଂ ଗଠନମୂଳକ ପ୍ରେରଣା ଦେଇ ଆତ୍ମତୃପ୍ତି ଲାଭ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ କାର୍ଯ୍ୟରେ ବାଧା ସୃଷ୍ଟି କରିପାରେ।

**ବିଛା** ଆଜିର କର୍ମକ୍ଷେତ୍ରରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ସବୁ ଭଲ ହେଲେ ମଧ୍ୟ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଦୂରଯାତ୍ରାରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଏଣୁ ସତର୍କ ରହିବା ଉଚିତ।

**ଧନୁ** ଆଜିର କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ନିଜ ନିଜର ସ୍ୱାର୍ଥସାଧନ ମାନସରେ ନିଜ ଲୋକମାନେ ଦାଉ ସାଧିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ସାମୟିକ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ ଓ ପାରିବାରିକ ଅସହଯୋଗରୁ ଦିନତମାମ ଚିନ୍ତିତ ହେବେ।

**ମକର** ସାମାଜିକ ସ୍ତରରେ ସ୍ଥଗିତ କାମକୁ ସମ୍ପୂର୍ଣ୍ଣ କରିବା ପାଇଁ ନିଷ୍ପତ୍ତି ନେବେ। ବିବାଦୀୟ ପରିସ୍ଥିତିରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ସାମାଜିକସ୍ତରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧିପାଇବ।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ଯିବାରୁ ଆଶ୍ୱସ୍ତି ଲାଭ କରିବେ। ପାରିବାରିକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ। ସନ୍ତାନହେତୁକ ଚିନ୍ତା ଦୂର ହେବା ସମ୍ଭାବନା ରହିଛି। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ଇଚ୍ଛା ନଥିଲେ ମଧ୍ୟ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି।

**ମୀନ** ଭୋଗ ବିଳାସର ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ। ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁଁ ଆଗେଇ ଯିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇ କଳହକୁ ନିମନ୍ତ୍ରଣ କରିପାରନ୍ତି। ନୂତନ ନିଯୁକ୍ତି ଖବର ପାଇବାର ସୂଚନା ପାଇ ଖୁସି ହେବେ।

ଆଜି ମାଘ ଶୁକ୍ଳ ନବମୀଯୁକ୍ତ ଦଶମୀ ରବିବାର, ଶ୍ରୀମା'ଙ୍କ ଜୟନ୍ତୀ, ଫେବୃୟାରୀ ୨୧ ତାରିଖ, ବିଶ୍ୱ ମାତୃଭାଷା ଦିବସ, ରାଶି ନକ୍ଷତ୍ର- ଦିବା ଘ.୦୮।୪୨ ଗତେ, ମୃଗଶିରା/ବୃଷ, ମେଷ ରାଶିର ଘାତବାର, ବିଛା ରାଶିର ଘାତଚନ୍ଦ୍ର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୦୧ ଗତେ ଘ.୧୦।୦୫ ମଧ୍ୟେ ଅମୃତବେଳା। ଦିବା ଘ.୦୬।୧୫ ଗତେ ଘ.୦୬।୦୧ ମଧ୍ୟେ, ଘ.୦୧।୦୯ ଗତେ ଘ.୦୧।୫୫ ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ.୦୪।୧୮ ଗତେ ଘ. ୦୫।୫୫ ମଧ୍ୟେ ରାହୁକାଳ।

## ୧୭ ଉତ୍ପାଦକୁ ଜି.ଆଇ. ଟ୍ୟାଗ୍

**ଭୁବନେଶ୍ୱର,୨୦।୨(ବ୍ୟୁରୋ):** ଓଡ଼ିଶା ରସଗୋଲା ସମେତ ରାଜ୍ୟର ୧୭ଟି ଉତ୍ପାଦକୁ ଜିଆଇ ଟ୍ୟାଗ୍ ମିଳିଛି। ବିଜ୍ଞାନ ଓ କାରିଗରିବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶନିବାର ବିଧାନ ସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର କୋଟପାଡ଼ ହାତବୁଣା ଲୁଗା, କୋଣାର୍କ ପଥର କାରୁକାର୍ଯ୍ୟ, ପିପିଲି ଚାନ୍ଦୁଆ, ଓଡ଼ିଶାର ପଟ୍ଟଚିତ୍ର ଇତ୍ୟାଦିକୁ ଜିଆଇ ଟ୍ୟାଗ୍ ମିଳିଛି। ସେହିପରି ସମ୍ବଲପୁର ବାନ୍ଧ ଶାଢ଼ୀ, ବମଖାଇ ପାଟ, ବ୍ରହ୍ମପୁର ପାଟ ଓ ଜୋଡ଼କୁ ମଧ୍ୟ ଜିଆଇ ଟ୍ୟାଗ୍ ମିଳିଛି।



ନିଯୁକ୍ତି ଦାବିରେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକରେ ଶନିବାର କୋଭିଡ୍ କେୟାର ହୋମ୍ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

# କରୋନା: ସତର୍କ କରାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

### ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ

ସାରା ବିଶ୍ୱ ଗତ ବର୍ଷେ ହେଲା ଏକ ଅଭୁତପୂର୍ବ ସଙ୍କଟ ମଧ୍ୟ ଦେଇ ଗତି କରୁଛି। ଏହି ସଙ୍କଟ ପ୍ରତ୍ୟେକ ଦେଶ, ସହର, ଗାଁ ତଥା ବ୍ୟକ୍ତିକୁ ପ୍ରଭାବିତ କରିଛି। ଏହା ପ୍ରତ୍ୟେକଙ୍କ ଜୀବନ ଓ ଜୀବିକାକୁ ମଧ୍ୟ ଭୀଷଣ କ୍ଷତି ପହଞ୍ଚାଇଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବକୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, କୋଭିଡ୍-୧୯ ମହାମାରୀ ସୃଷ୍ଟି କରିଥିବା ଆହ୍ୱାନକୁ ସମ୍ମୁଖୀନ ହେବାରେ ଆମର ବିପର୍ଯ୍ୟୟ ପ୍ରସ୍ତୁତି ତଥା ଜନସାଧାରଣଙ୍କ ସହଯୋଗ ପାଇଁ ରାଜ୍ୟବାସୀଙ୍କୁ ଧନ୍ୟବାଦ। ଏଭଳି ପରିସ୍ଥିତିରେ ଆଗୁଆ ଆକଳନ କରି ଆମ ସରକାର ଦୂରଦୃଷ୍ଟିର ସହ ଅନେକ ଆଗୁଆ ପଦକ୍ଷେପ ନେଇଛନ୍ତି। ଏହା ଥିଲା ଏକ ସମ୍ପୂର୍ଣ୍ଣ ଭିନ୍ନ ଧରଣର ଯୁଦ୍ଧ ଏବଂ ଆମେ ସମସ୍ତେ ଏକ ଅଜଣା ଏବଂ ଅଦୃଶ୍ୟ ଶତ୍ରୁ ବିରୋଧରେ ସଂଗ୍ରାମ କରୁଥିଲୁ। କୋଭିଡ୍‌ର ପ୍ରଥମ ରୋଗୀ ଚିହ୍ନଟ ହେବା ପୂର୍ବରୁ ଏହାକୁ ବିପର୍ଯ୍ୟୟ ବୋଲି ଘୋଷଣା କରିବାରେ ଓଡ଼ିଶା ଖୁବ୍ କମ୍ ରାଜ୍ୟଗୁଡ଼ିକ ମଧ୍ୟରେ ଅନ୍ୟତମ। କୋଭିଡ୍ ମୁକାବିଲା ଲାଗି ପ୍ରଥମେ ଲକ୍‌ଡାଉନ କରି ସଂକ୍ରମଣ ରୋକିବାରେ ଭଲ ପ୍ରଦର୍ଶନ କରିପାରିଥିଲା। ଗରିବ ଲୋକ ଯେପରି ଅସୁବିଧାରେ ନ ପଡିବେ ସେଥିଲାଗି ସେମାନଙ୍କ ଲାଗି ଖାଦ୍ୟ ସାମଗ୍ରୀ, ପେନ୍‌ସନ ଓ ବୃତ୍ତି ଆଦିର ବ୍ୟବସ୍ଥା କରାଯାଇଥିଲା। ଅନେକ ସ୍ଥାନରେ ମାଗଣା ରନ୍ଧାଖାଦ୍ୟ ସହିତ ବୁଲାବିକାଳିଙ୍କ ଭଳି ଅଧିକ ସମ୍ବେଦନଶୀଳ ବର୍ଗଙ୍କ ପାଇଁ ଆର୍ଥିକ ସହାୟତାର ବ୍ୟବସ୍ଥା କରାଯାଇଥିଲା। ସେହିପରି କରୋନା ଚିକିତ୍ସା ଲାଗି ରାଜ୍ୟର ବିଭିନ୍ନ ସ୍ଥାନରେ କୋଭିଡ୍ ଡାକ୍ତରଖାନା କରିବାରେ ଓଡ଼ିଶା ପ୍ରଥମ ରାଜ୍ୟ। ଖୁବ୍ କମ୍ ସମୟ ଭିତରେ ଘରୋଇ ଡାକ୍ତରଖାନା ସହ ମିଶି ରାଜ୍ୟରେ କୋଭିଡ୍ ଡାକ୍ତରଖାନା କରାଯାଇଥିଲା। ୨୦୨୦ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ରାଜ୍ୟରେ ଦ୍ରୁତ ଗତିରେ ଯେପରି ସଂକ୍ରମଣ ବଢୁଥିଲା ସେତେବେଳେ ଲୋକଙ୍କୁ ଭୟଭୀତ ନ ହେଲା ଭଳି ଡାକ୍ତରଖାନା ଏବଂ ଆମ୍ବୁଲାନ୍ସ ଯୋଗାଯାଇଥିଲା। ଓଡ଼ିଶା ବାହାରୁ ଫେରିଥିବା ଲକ୍ଷାଧିକ ଲୋକଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖିବାରେ ସରକାର ସଫଳ ହୋଇଛନ୍ତି। ଏଥିଲାଗି ସରପଞ୍ଚ, ପଞ୍ଚାୟତ ପ୍ରତିନିଧି, ମିଶନ ଶକ୍ତି ମା' ଏବଂ ଆଶାକର୍ମୀଙ୍କ ଭଳି କ୍ଷେତ୍ର କର୍ମଚାରୀମାନେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥିଲେ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ସେତେବେଳେ ରାଜ୍ୟକୁ ଅମ୍ପନ ମହାବାତ୍ୟାର ସମ୍ମୁଖୀନ ମଧ୍ୟ ହେବାକୁ ପଡିଥିଲା। ଲୋକଙ୍କ ସହଯୋଗରେ ଏହାର ସଫଳ ମୁକାବିଲା କରାଯାଇଥିଲା। କୋଭିଡ୍ ପରୀକ୍ଷାଠାରୁ ଆରମ୍ଭକରି ଚିକିତ୍ସା ପର୍ଯ୍ୟନ୍ତ ସବୁକିଛି ସମସ୍ତଙ୍କ ଲାଗି ମାଗଣା ମିଳୁଥିଲା। ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶାରେ ମୃତ୍ୟୁ ସଂଖ୍ୟା କମ୍ ହୋଇପାରିଛି। ମହାମାରୀକୁ ସଫଳ ମୁକାବିଲା ପାଇଁ ଓଡ଼ିଶା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ତଥା ଅନ୍ୟ ଅନୁଷ୍ଠାନଗୁଡ଼ିକ ଦ୍ୱାରା ମଧ୍ୟ ପ୍ରଶଂସିତ ହୋଇଛି। ଏକ ଅନିଶ୍ଚିତ ପରିସ୍ଥିତି ତଥା ସାମାଜିକ ପ୍ରତିବନ୍ଧକରୁ ଆମେ ବର୍ତ୍ତମାନ ଟିକାକରଣରେ ପହଞ୍ଚିଛେ। ଜୀବନ ସ୍ୱାଭାବିକ ହେବା ଆରମ୍ଭ ହୋଇଛି। ଏହି ସମୟରେ ଏଥିରେ ନିଜକୁ ସମ୍ପୂର୍ଣ୍ଣ ନିୟୋଜିତ କରିଥିବା କୋଭିଡ୍ ଯୋଦ୍ଧାମାନଙ୍କୁ ସେ ଧନ୍ୟବାଦ ଦେଇଛନ୍ତି। ଏହି ଯୋଦ୍ଧାଙ୍କ ପରିବାରକୁ ସରକାର ସବୁପ୍ରକାର ସହଯୋଗ ଯୋଗାଇଦେବେ। ମହାରାଷ୍ଟ୍ର ତଥା ଅନ୍ୟ କେତେକ ରାଜ୍ୟରେ ବର୍ତ୍ତମାନ ଯେଭଳି କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ପୁଣି ବୃଦ୍ଧି ପାଉଛି ତାହା ଚିନ୍ତାଜନକ। ତେଣୁ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ବଜାୟ ରଖିବା ଏବଂ କୋଭିଡ୍ ନିୟମାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବା ଲାଗି ରାଜ୍ୟବାସୀଙ୍କୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

# 'ଚଏସ୍'କୁ ସମ୍ମାନ ଦେଉ

**ରାଜ୍ୟରେ ଇଲେକ୍ଟ୍ରୋନିକ୍ସ ପ୍ରଡକ୍ଟସ୍ ଓ ଇଲେକ୍ଟ୍ରିକାଲ ଆପ୍ଲିଏନ୍ସେସ୍ ବିକ୍ରି କ୍ଷେତ୍ରରେ ରାଜ୍ ଇଲେକ୍ଟ୍ରୋନିକ୍ସ ଏକ ବଡ଼ ନାଁ। ଏହି ବ୍ୟବସାୟିକ ପ୍ରତିଷ୍ଠାନ ଗ୍ରାହକଙ୍କୁ ଦୃଷ୍ଟାନ୍ତମୂଳକ ସେବା ପ୍ରଦାନ କରି ଭରସାଯୋଗ୍ୟ ମାର୍କେଟ ଲିଡର ଓ ଟ୍ରେଣ୍ଡ୍‌ସେଟର ପାଲଟିଛି। ଆବଶ୍ୟକତା, ପସନ୍ଦ ଓ ଚାହିଦାକୁ ସମ୍ମାନ ଦେଇ ବ୍ରାଣ୍ଡ୍ ପ୍ରଡକ୍ଟ ଯୋଗାଇବା ଆମର ସର୍ବୋଚ୍ଚ ପ୍ରାଥମିକତା ବୋଲି କୁହନ୍ତି ଏହାର ମ୍ୟାନେଜିଂ ପାର୍ଟନର**

**ପ୍ରକାଶ କୁମାର ବିଶ୍ୱାଳ**



**ବର୍ତ୍ତମାନର ଇଲେକ୍‌ଟ୍ରୋନିକ ରିଟେଲିଂ ବଜାରକୁ କେମିତି ଦେଖୁଛନ୍ତି?**

କରୋନା ଲକ୍‌ଡାଉନ ତୁଳନାରେ ବର୍ତ୍ତମାନ ଗ୍ରାହକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ହେଲେ ମଧ୍ୟବିତ୍ତ ବର୍ଗ ରୋଜଗାରରେ ବିଭିନ୍ନ ସମସ୍ୟା ସାମ୍ନା କରୁଥିବାରୁ ଲୋ-ଏଣ୍ଡ ପ୍ରଡକ୍ଟ ବିକ୍ରି ନିମ୍ନରେ ରହିଛି। ବଛା ବଛା ସେଗ୍‌ମେଣ୍ଟରେ ହାଇ-ଏଣ୍ଡ ପ୍ରଡକ୍ଟ ବିକ୍ରି ଜାରି ରହିଛି। ପାର୍ବଣ ପରଠାରୁ ସ୍ଥିତି ସୁଧୁରିବାରେ ଲାଗିଛି। ଆଗକୁ ବଜାରରେ ସୁଧାର ଆସିଲେ ମାସ୍ ସେଗ୍‌ମେଣ୍ଟ ପ୍ରଡକ୍ଟ ବିକ୍ରି ବଢ଼ିବା ନେଇ ଆଶା ରହିଛି।

**ଇଲେକ୍‌ଟ୍ରୋନିକ୍ସ ପ୍ରଡକ୍ଟ ମୂଲ୍ୟ ବଢ଼ିଯିବା ନେଇ ଆପଣଙ୍କ ମତ କ'ଣ?**

କଞ୍ଚାମାଲ ମୂଲ୍ୟ ବଢୁଥିବାରୁ କମ୍ପାନୀଗୁଡ଼ିକ ବାଧ୍ୟହୋଇ ଇଲେକ୍‌ଟ୍ରୋନିକ୍ସ ପ୍ରଡକ୍ଟ ମୂଲ୍ୟ ବଢ଼ାଉଛନ୍ତି। ଏବେ ଅଧିକ ପ୍ରଡକ୍ଟ ଉପଲବ୍ଧ କରାଇବାରେ ସମସ୍ୟା ଉପୁଜୁଛି। ସବୁ ବର୍ଗର ଇଲେକ୍‌ଟ୍ରୋନିକ୍ସର ପ୍ରଡକ୍ଟ ଦାମ୍ ପ୍ରାୟ ୭ରୁ ୮% ବଢ଼ିବା ନେଇ ଆକଳନ କରାଯାଇଛି। ମାନବ ସମ୍ବଳ ଅଭାବ ଯୋଗୁ ମାନୁଫାକ୍ଚରିଂରେ ସମସ୍ୟା ଉପୁଜୁଛି। ତେଣୁ ମୂଲ୍ୟ ବୃଦ୍ଧି ପୂର୍ବରୁ ଗ୍ରାହକମାନେ ପ୍ରଡକ୍ଟ କିଣିନେବା ଭଲ ହେବ।

**ବଜାରକୁ କରୋନା କିଭଳି ପ୍ରଭାବିତ କରିଛି?**

ମାର୍କେଟକୁ ଶକ୍ତ ଧକ୍କା ଦେଇଛି ମହାମାରୀ। ବଜାର ୧୦ ବର୍ଷ ତଳକୁ ଖସିଗଲା। ସବୁ ପ୍ରକାର ବ୍ୟବସାୟକୁ କ୍ଷତି ସହିବାକୁ ପଡ଼ିଛି। ଲୋକଙ୍କୁ ମଧ୍ୟ ବିଭିନ୍ନ ସମସ୍ୟାର ସାମ୍ନା କରିବାକୁ ପଡୁଛି। ନିଯୁକ୍ତି ହ୍ରାସ, ବେରୋଜଗାରୀ, ବେତନ କମିବା, ଆୟ ହ୍ରାସ ଯୋଗୁ ବଜାରର ଚାହିଦା ଉପରେ ଏହା ଗଭୀର ପ୍ରଭାବ ପକାଇଛି।

### ସ୍ଥିତି ସୁଧୁରିଲେ ମାସ୍ ସେଗ୍‌ମେଣ୍ଟ ପ୍ରଡକ୍ଟ ବିକ୍ରି ବଢ଼ିବ




**ଶୋ'ରୁମର ଗ୍ରାହକ ସେବା ସମ୍ପର୍କରେ କିଛି କହିବେ?**

ଗ୍ରାହକଙ୍କ ସହ ସବୁବେଳେ ଭଲ ସମ୍ପର୍କ ରହିଆସିଛି। ବ୍ୟକ୍ତିଗତ ଭାବେ ଗ୍ରାହକଙ୍କ ସମସ୍ୟା ସମାଧାନକୁ ଗୁରୁତ୍ୱ ଦେଇଥାଏ। ଲକ୍‌ଡାଉନ ପରେ ଗ୍ରାହକଙ୍କ ସହ ଯୋଗସୂତ୍ର ରଖିବାକୁ ବିଭିନ୍ନ ପଦକ୍ଷେପ ନେଇଥିଲୁ। ଆଗକୁ ମଧ୍ୟ ଏଭଳି ଉଦ୍ୟମ ଜାରି ରହିବ। ବର୍ତ୍ତମାନ ୧୭ ଶୋ'ରୁମ୍ ଗ୍ରାହକଙ୍କ ପାଇଁ ଖୋଲିଛି। ଲୋକଙ୍କ ଆବଶ୍ୟକତାକୁ ବୁଝି ବିଭିନ୍ନ ପଦକ୍ଷେପ ନେଉଛୁ। ଅନ୍‌ଲାଇନରେ ମଧ୍ୟ ପେମେଣ୍ଟ ସୁବିଧା କରାଯାଇଛି। କରୋନା କଟକଣାକୁ ଧ୍ୟାନରେ ରଖି ସେବା ଯୋଗାଣ ହେଉଛି।

**ଶୋ'ରୁମରେ କିଛି ସ୍ୱତନ୍ତ୍ର ଅଫର ଏବେ ରହିଛି କି?**

ଗ୍ରାହକ ଶୋ'ରୁମରେ କମ୍ପାନୀ ଅଫର ଲାଭ କରିପାରିବେ। ବିଭିନ୍ନ ସମୟରେ ଅଫର ଡିଜାଇନ କରାଯାଉଛି। ଏହାବାଦ୍ ଫାଇନାନ୍ସ ଅଫର, ୧୦% ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍, ଶୂନ ପ୍ରତିଶତ ଇଣ୍ଟରେଷ୍ଟ, ଜିରୋ ଡାଉନ୍‌ପେମେଣ୍ଟ ସହ ଅନ୍ୟ ସୁବିଧା ଦିଆଯାଉଛି। ଗ୍ରାହକ ବଜାଜ ଫାଇନାନ୍ସ, ଏଚ୍‌ଡିଏଫ୍‌ସି, ଆଇଡିଏଫ୍‌ସି ଏବଂ ଏଚ୍‌ଡିବି ଭଳି ଫାଇନାନ୍ସ କମ୍ପାନୀର ସୁବିଧା ନେଇପାରିବେ। ସେହିଭଳି ହାଇ-ଏଣ୍ଡ ମଡେଲ ଉପରେ କମ୍ପାନୀ ଅଫର ମଧ୍ୟ ରହିଛି।

**ଲକ୍‌ଡାଉନରେ କେମିତି ସମୟ ଅତିବାହିତ କରୁଥିଲେ?**

କରୋନା କଟକଣାକୁ ନଜରରେ ରଖି ଘରେ ରହିବାବେଳେ ଟିଭିରେ ଖବର ଦେଖୁଥିଲି। ମୋବାଇଲ ଫୋନ୍‌ରେ ଲୋକଙ୍କ ସହ ସମ୍ପର୍କରେ ରହୁଥିଲି। ଦେଶ ଦୁନିଆର ଖବର ଟିଭିରେ ଦେଖି ଅପଡେଟ୍ ରହୁଥିଲି। ଏବେ ସ୍ଥିତିରେ ଟିକିଏ ପରିବର୍ତ୍ତନ ଆସିଲାଣି। ଠାକୁର ସମସ୍ତଙ୍କୁ ସୁସ୍ଥ ରଖିଥାନ୍ତୁ। କରୋନା ଶୀଘ୍ର ଚାଲିଯାଉ। ସମସ୍ତଙ୍କର ଉନ୍ନତି କାମନା କରୁଛି।

## କାନାରା ବ୍ୟାଙ୍କରୁ ଲୁଟିନେଲେ ଦେଢ଼ ଲକ୍ଷ



**ନରସିଂହପୁର,୨୦।୨(ସ୍ୱ.ପ୍ର.):** କଟକ ଜିଲା ନରସିଂହପୁର ବ୍ଲକ ଗୋଡ଼ିବନ୍ଧ କାନାରା ବ୍ୟାଙ୍କ ଶାଖାରୁ ଶନିବାର ଅପରାହ୍ନରେ ଡକାୟତି ହୋଇଛି। ୩ ଜଣ ଦୁର୍ବୃତ୍ତ ବ୍ୟାଙ୍କ ଶାଖାରେ ପହଞ୍ଚିଥିଲେ। ୨ ଜଣ ଶାଖା ଭିତରକୁ ପିସ୍ତଲ ନେଇ ପ୍ରବେଶ କରିଥିବା ବେଳେ ଅନ୍ୟ ଜଣେ ବାହାରେ ଅପେକ୍ଷା କରିଥିଲେ। ଦୁର୍ବୃତ୍ତମାନେ କ୍ୟାଶିୟରଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ଏହି ସମୟରେ ବ୍ୟାଙ୍କରେ ଥିବା ଅଳ୍ପ କେତେଜଣ ଗ୍ରାହକ ଏହାର ପ୍ରତିବାଦ କରିଥିଲେ। ଦୁର୍ବୃତ୍ତମାନେ ସେମାନଙ୍କୁ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଆକ୍ରମଣରେ ଆହତ ହୋଇଥିବା ୨ ଜଣଙ୍କୁ କାନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଛି। କାନପୁର ପୋଲିସ ପହଞ୍ଚି ତଦନ୍ତ କରିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରିଛି। ଏହାକୁ ଆଧାର କରି ଖୁବ୍‌ଶୀଘ୍ର ଦୁର୍ବୃତ୍ତମାନଙ୍କୁ ଧରାଯିବ ବୋଲି କାନପୁର ଥାନା ଅଧିକାରିଣୀ ସସ୍ମିତା ରଣା କହିଛନ୍ତି। ରିପୋର୍ଟ ଲେଖା ହେବାବେଳକୁ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

# କେନ୍ଦ୍ରୀୟ ଟିମ୍‌ର ତଦନ୍ତ ଆରମ୍ଭ

### କର୍ଲାପାଟରେ ହାତୀ ମଡ଼କ ଘଟଣା

ଭୁବନେଶ୍ୱର,୨୦।୨(ବ୍ୟୁରୋ)/ ଭବାନୀପାଟଣା(ଡି.ଏନ.ଏ.)

କଳାହାଣ୍ଡିର କର୍ଲାପାଟ ଅଭୟାରଣ୍ୟରେ ୧୪ ଦିନରେ ୬ ହାତୀ ମୃତ୍ୟୁ ଘଟଣାରେ କେନ୍ଦ୍ରୀୟ ଟିମ୍ ତଦନ୍ତ ଆରମ୍ଭ କରିଛି। ୩ଜଣିଆ କେନ୍ଦ୍ରୀୟ ଟିମ୍ ଓଡ଼ିଶାରେ ପହଞ୍ଚିବା ପରେ କଳାହାଣ୍ଡି ଯାଇ ହାତୀ ମୃତ୍ୟୁର କାରଣ ଖୋଜୁଛି। ଏହି ଟିମ୍‌ରେ ଉତ୍ତରପ୍ରଦେଶ ବରେଲିର ସେଣ୍ଟର ଫର୍ ୱାଇଲ୍ଡ ଲାଇଫ୍‌ର ବୈଜ୍ଞାନିକ ଡା. କରିକଲନ ମାଥ୍ୟୁସ, ନ୍ୟାଶନାଲ ଏଲିଫ୍ୟାଣ୍ଟ ସେଣ୍ଟର କୋଅର୍ଡିନେଟର ଡ. ପ୍ରଜ୍ଞା ପି. ପଣ୍ଡା, ଭେଟେରିନାରି କଲେଜ ଆସାମର ମୁଖ୍ୟ ଡା. କେ. କେ. ବର୍ମା ରହିଛନ୍ତି। ସେମାନଙ୍କ ସହିତ ଓୟୁଏଟି ଭେଟେରିନାରି କଲେଜର ସେଣ୍ଟର ଫର୍ ୱାଇଲ୍ଡ ଲାଇଫର ମୁଖ୍ୟ ଡା. ନିରଞ୍ଜନ ସାହୁ, ଜିଲା ଦକ୍ଷିଣ ବନଖଣ୍ଡ ଅଧିକାରୀ ଟି. ଅଶୋକ କୁମାର, ଜିଲା ଭେଟେରିନାରି ଅଧିକାରୀ ଓ ବନ ବିଭାଗ କର୍ମଚାରୀ ସାମିଲ ଅଛନ୍ତି।

ଗୁଆହାଟୀ ଭେଟେରିନାରି କଲେଜର ପଦ୍ମଶ୍ରୀ ଡା. କେକେ ଶର୍ମା ଅସୁସ୍ଥତା ଯୋଗୁ ଏହି ଟିମ୍‌ରେ ଆସି ପାରି ନ ଥିଲେ। କିନ୍ତୁ ଭିଡିଓ କନ୍‌ଫରେନ୍ସ ଜରିଆରେ ବୈଠକରେ ଯୋଗ ଦେଇଥିଲେ। ବୈଠକରେ କେନ୍ଦ୍ରୀୟ ଟିମ୍‌କୁ ସବିଶେଷ ତଥ୍ୟ ପ୍ରଦାନ କରାଯାଇଥିଲା। ଏହି ଟିମ୍ ୪ଦିନ ଧରି ହାତୀ ମୃତ୍ୟୁର କାରଣ ନେଇ ତଦନ୍ତ କରିବା ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଗସ୍ତରୁ ଫେରିବା ପରେ ପୁନର୍ବାର ଆଲୋଚନା ଓ ସମୀକ୍ଷା ହେବ। ଟିମ୍‌ର ରିପୋର୍ଟ ଅନୁଯାୟୀ ସରକାର ଓ ବନବିଭାଗ ହାତୀ ସୁରକ୍ଷା ନେଇ ପଦକ୍ଷେପ ନେବେ।

ଅନ୍ୟପକ୍ଷରେ ପଶୁସମ୍ପଦ ଓ ପ୍ରାଣୀ ଚିକିତ୍ସା ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡା. ପ୍ରତାପ କିଶୋର ଖମାରୀ ଲାବରେଟୋରି ରିପୋର୍ଟରେ ହାତୀ ମୃତ୍ୟୁର କାରଣ ସାହାଣ ଜୀବାଣୁଜନିତ ଏବଂ ସଂକ୍ରମଣ ଯୋଗୁ ହୋଇଥିବା କହିଛନ୍ତି। ଏଥିପାଇଁ ଅଭୟାରଣ୍ୟର ୩୩ଟି ଗାଁର ଗୃହପାଳିତ ପଶୁଙ୍କୁ ମାଗଣା ଟିକାକରଣ ବ୍ୟବସ୍ଥା କରାଯାଇଛି। ଉଲ୍ଲେଖଯୋଗ୍ୟ, ଫେବୃୟାରୀ ୧ରେ କର୍ଲାପାଟରେ ପ୍ରଥମେ ଏକ ହାତୀ ମୃତ୍ୟୁ ହୋଇଥିଲା। ଏହାପରେ ଲଗାତାର ୬ ହାତୀଙ୍କ ମୃତ୍ୟୁ ହୋଇଥିଲା।

## ମା', ପୁଅଙ୍କ ଝୁଲନ୍ତା ମୃତଦେହ ଜବତ

ରାୟଗଡ଼ା ଅଫିସ,୨୦।୨

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନ ଜେକେପୁର ଏସ୍‌ପିଟି କଲୋନୀରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମହିଳା ଏବଂ ତାଙ୍କର ୪ ବର୍ଷର ପୁଅର ଝୁଲନ୍ତା ମୃତଦେହ ଘରୁ ସନ୍ଦେହଜନକ ଅବସ୍ଥାରେ ଜବତ କରାଯାଇଛି।

ସୂଚନା ଅନୁଯାୟୀ, କଲୋନିର ପି. ଦିବ୍ୟାଙ୍କ ସ୍ୱାମୀ ନ ଥିବାବେଳେ ସେ ପୁଅ ସାଇଙ୍କୁ ନେଇ ରହୁଥିଲେ। ଶନିବାର ମା' ଏବଂ ପୁଅଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ଖବର ପାଇ ଚାନ୍ଦିଲି ପୋଲିସ ପହଞ୍ଚି ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଦୁଇ ମୃତଦେହ ଜବତ କରିବା ସହ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଚଳାଇଛି। ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ କୌଣସି ପାରିବାରିକ ବିବାଦକୁ କେନ୍ଦ୍ରକରି ଏପରି ଘଟଣା ଘଟିଥିବା ପୋଲିସ ସନ୍ଦେହ କରୁଛି।

# ବସ୍ତାରୁ ଅଭିଯୁକ୍ତଙ୍କୁ ଗିରଫ କଲା ଦିଲ୍ଲୀ ପୋଲିସ

ବସ୍ତା, ୨୦।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ବାରମାଡ଼ିଆ ଗ୍ରାମରେ ଜନସେବା କେନ୍ଦ୍ର ଖୋଲି ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ହଡପ ସହିତ ବିଭିନ୍ନ କମ୍ପାନୀରୁ ଅନଲାଇନ ସପିଂ କରି ଠକୁଥିବା ଜଣେ ଯୁବକଙ୍କୁ ବସ୍ତା ପୋଲିସ ଗିରଫ କରି ଦିଲ୍ଲୀ ପୋଲିସକୁ ହସ୍ତାନ୍ତର କରିଛି। ତାଙ୍କଠାରୁ ବ୍ୟବହୃତ ସାମଗ୍ରୀ, ଆଧାରକାର୍ଡ, ସିମ୍‌କାର୍ଡ ଆଦି ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଏହି ଗ୍ରାମର ସନ୍ନ୍ୟ ପରିଡ଼ା (୩୫) ବାରମାଡ଼ିଆ ଗ୍ରାମରେ ଏକ ଜନସେବା କେନ୍ଦ୍ର ଖୋଲିବା ସହିତ ସେଠାରେ ଆଧାର ତ୍ରୁଟି ସଂଶୋଧନ, ଅନଲାଇନରେ ଟଙ୍କା ନେଣଦେଣ ସହିତ ଟ୍ରାଭେଲିଂ ଟିକେଟ ଆଦି ଡିଜିଟାଲ ସେବା ଯୋଗାଇ ଆସୁଥିଲେ। ଗତ କିଛିମାସ ପୂର୍ବରୁ ସେ ସ୍ଥାନୀୟ ଗ୍ରାମର ଜଣେ ମହିଳାଙ୍କ ବ୍ୟାଙ୍କ ଅଫ ଇଣ୍ଡିଆ ଆକାଉଣ୍ଟରୁ କୌଶଳକ୍ରମେ ୫୪ହଜାର ଟଙ୍କା ଆତ୍ମସାତ୍ କରିନେଇଥିଲେ। ଏନେଇ ମହିଳାଙ୍କ ପକ୍ଷରୁ ବସ୍ତା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ. ୧୩୭/୨୦) ରୁଜୁ କରି ତଦନ୍ତ ଜାରି ରଖିଥିଲା। ତେବେ ଏହି ଅଭିଯୁକ୍ତ ରାଜ୍ୟ ବାହାରୁ ବିଭିନ୍ନ କମ୍ପାନୀକୁ ଠକିବା ପାଇଁ ବ୍ଲୁ ପ୍ରିଣ୍ଟ ତିଆରି କରି ଯୋଜନା ଆରମ୍ଭ କରିଥିଲା। ଇଣ୍ଟରନେଟ୍ ମାଧ୍ୟମରେ ବିଭିନ୍ନ ଅନଲାଇନ ମାର୍କେଟିଂ ସଂସ୍ଥା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଅଟୋମୋବାଇଲ ପାର୍ଟସ ଭଳି ବିଭିନ୍ନ ସାମଗ୍ରୀ ବୁକିଂ କରି ଡେଲିଭରି ନେବା ସହିତ

### ଅନ୍‌ଲାଇନ୍‌ରେ ଠକେଇ

ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆର ୱେବସାଇଟ ହ୍ୟାକ କରି ନକଲି ପେମେଣ୍ଟ ରସିଦ ବନାଇ ବିଭିନ୍ନ କମ୍ପାନୀକୁ ସେଗୁଡ଼ିକ ପଠାଇ ସାମଗ୍ରୀ ଲୁଟ୍ କରି ନେଉଥିଲେ। ଏହିଭଳି ସେ ବିଭିନ୍ନ ଅନଲାଇନ କମ୍ପାନୀରୁ ଲୁଟ୍ କରୁଥିବା ବେଳେ ଲୁଟ୍‌ର ଶିକାର ହୋଇଥିବା ନରେଡି ଇମ୍ପର୍ଟ ଓ ଏକ୍ସପୋର୍ଟ କମ୍ପାନୀ ଦିଲ୍ଲୀସ୍ଥିତ ଅମର କଲୋନୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଦିଲ୍ଲୀ ପୋଲିସ ତଦନ୍ତ ବେଳେ ଲୁଟେରା ବସ୍ତାର ବୋଲି ଜାଣିବାକୁ ପାଇ ବସ୍ତା ପୋଲିସକୁ ତଦନ୍ତ ଦାୟିତ୍ୱ ଦେଇଥିଲା। ବସ୍ତା ଥାନା ଆଇଆଇସି ଅଶୋକ କୁମାର ନାୟକ ତଦନ୍ତ କରି ସନ୍ନ୍ୟ ପରିଡ଼ାଙ୍କୁ ଗିରଫ କରି ଥାନାକୁ ଆଣି ପଚରାଉଚୁରା କରିଥିଲା। ଅଭିଯୁକ୍ତଙ୍କ ଘରେ ପୋଲିସ ଚଢ଼ାଉ କରି ତାଙ୍କଠାରୁ ୩ଟି ମୋବାଇଲ ଫୋନ, ୩ଟି ଲାପଟପ୍, ଗୋଟିଏ ଆଇପ୍ୟାଡ ଓ ବହୁ ପରିମାଣର କମ୍ପ୍ୟୁଟର, ପ୍ରିଣ୍ଟର, ହାର୍ଡଡିସ୍କ, ଅଟୋମୋବାଇଲ ସାମଗ୍ରୀ, ଶତାଧିକ ସିମ୍ ଓ ଆଧାରକାର୍ଡ ଜବତ କରିଛି। ଅଭିଯୁକ୍ତଜଣକ ବିଭିନ୍ନ ଲୋକଙ୍କ ନାମରେ ଜିଏସ୍‌ଟି କରି ଠକେଇ କରିଥିବା ପୋଲିସ ଜାଣିବାକୁ ପାଇଛି। ଗତ ୩ଦିନ ପୂର୍ବରୁ ଅଭିଯୁକ୍ତ ବ୍ୟାପକ ସାମଗ୍ରୀ ଅର୍ଡର ଦେଇ ଡେଲିଭରି ନେବା ପୂର୍ବରୁ ଗିରଫ କରାଯାଇଥିବା ଆଇଆଇସି ନାୟକ ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବସ୍ତା, କମର୍ଦ୍ଦା ଥାନାରେ ଲୁଟ୍‌ଜନିତ ମାମଲା ରହିଛି। ଦିଲ୍ଲୀ ପୋଲିସ ଶନିବାର ଅଭିଯୁକ୍ତଙ୍କୁ ଜିଲା ସିଜେଏମ୍ କୋର୍ଟରେ ହାଜର କରି ଦିଲ୍ଲୀ ନେଇଯିବ।

# 'ଜମି ଲାଗି ହଜାରେ ବର୍ଷର ସମ୍ପର୍କ ଖରାପ କରନି'

ଭୁବନେଶ୍ୱର,୨୦।୨(ବ୍ୟୁରୋ)

### ସୀମା ବିବାଦ
### ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ ବିରୋଧୀ ଦଳ ନେତାଙ୍କ ଚିଠି

କୋଟିଆ ପ୍ରସଙ୍ଗକୁ ନେଇ ବିବାଦ ଥମିବାର ନାଁ ଧରୁ ନ ଥିବାବେଳେ ଏହାକୁ ନେଇ ବର୍ତ୍ତମାନ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଶନିବାର ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀଙ୍କୁ ଚିଠି ଲେଖିଛନ୍ତି। ପ୍ରଦୀପ୍ତ ଚିଠିରେ ଦର୍ଶାଇଛନ୍ତି ଯେ, ରାୟଗଡ଼ା ଜିଲାର କେତେକ ଗ୍ରାମରେ ବିଜୟନଗରମ ଜିଲା ପ୍ରଶାସନ ନିର୍ବାଚନ ପରିଚାଳନା କରୁଥିବାବେଳେ ଗଞ୍ଜାମ ଓ ଗଜପତି ଜିଲାର କେତେକ ଗ୍ରାମରେ ଶ୍ରୀକାକୁଲମ ଜିଲା ପ୍ରଶାସନ, ମାଲକାନଗିରିର କେତେକ ଗ୍ରାମରେ ବିଶାଖାପାଟଣା ଜିଲା ପ୍ରଶାସନ ଏବଂ କୋରାପୁଟ ଜିଲାର କୋଟିଆ ଅଞ୍ଚଳରେ ବିଜୟନଗରମ ଜିଲା ପ୍ରଶାସନ ବେଆଇନ ଭାବେ ପଞ୍ଚାୟତ ନିର୍ବାଚନ କରୁଛି। ଏହା କେବଳ ସମ୍ବିଧାନ ବିରୋଧୀ ନୁହେଁ, ବରଂ ଭାରତୀୟ ସଂଘୀୟ ବ୍ୟବସ୍ଥାର ମଧ୍ୟ ଅବମାନନା। ୧୯୬୮ରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶର ମଧ୍ୟ ଉଲ୍ଲଂଘନ। ତେଣୁ ତୁରନ୍ତ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ରେଡ୍ଡୀ ଏହାକୁ ଅନୁଧ୍ୟାନ କରିବା ସହିତ ତାଙ୍କ ପ୍ରଶାସନକୁ ଏପରି କରିବାରୁ ରୋକନ୍ତୁ। ଜମି ଲାଗି ଦୁଇ ରାଜ୍ୟ ମଧ୍ୟରେ


ପ୍ରଦୀପ୍ତ କୁମାର ନାଏକ

ଥିବା ହଜାରେ ବର୍ଷର ସମ୍ପର୍କ ଖରାପ ନ କରିବାକୁ ପ୍ରଦୀପ୍ତ ଅନୁରୋଧ କରିଛନ୍ତି।

ପ୍ରଦୀପ୍ତ ଚିଠିରେ ଆହୁରି ଲେଖିଛନ୍ତି, ସର୍ବାଧିକ ଚର୍ଚ୍ଚା ହେଉଛି କୋଟିଆ ବିବାଦ। ଆନ୍ଧ୍ରପ୍ରଦେଶ କୋଟିଆକୁ ନିଜ ଅଞ୍ଚଳ ବୋଲି ଦାବି କରୁଛି, ଯାହା ମୂଲ୍ୟହୀନ। ୧୯୩୬ରୁ କୋଟିଆ ଗ୍ରାମପଞ୍ଚାୟତ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ। ଏହା ଓଡ଼ିଶା ଇତିହାସରେ ରହିଆସିଛି। ୧୯୪୨ରେ ଓଡ଼ିଶା, ବିହାର ଓ ମଧ୍ୟପ୍ରଦେଶ ସରକାରଙ୍କ ମିଳିତ ସର୍ଭେରେ ମଧ୍ୟ ପ୍ରମାଣିତ ରହିଛି। ସେହି ସମୟରେ ସର୍ଭେ କରାଯାଇ କୋଟିଆ ଗ୍ରାମପଞ୍ଚାୟତର ୭ଟି ଗାଁ ଓଡ଼ିଶାର ବୋଲି ନିର୍ଦ୍ଧାରଣ କରାଯାଇଥିଲା। ହେଲେ ଏବେ ଆନ୍ଧ୍ର ପ୍ରଶାସନ ଏଠାରେ ବେଆଇନ ଭାବେ ନିର୍ବାଚନ କରୁଛି। ଆନ୍ଧ୍ର ଏବଂ ଓଡ଼ିଶା ମଧ୍ୟରେ ଭଲ ସାଂସ୍କୃତିକ ସମ୍ପର୍କ ରହିଛି। ଏହି ସମ୍ପର୍କକୁ ଆମେ ଏକାଠି ଆଗକୁ ନେବାର ଆବଶ୍ୟକତା ରହିଛି। ଜମିକୁ ନେଇ ଦୁଇ ରାଜ୍ୟର ସମ୍ପର୍କ ଖରାପ କରିବା ଠିକ୍ ହେବନାହିଁ। ତେଣୁ ଉକ୍ତ ୩ ଜିଲାର ପ୍ରଶାସନିକ ଅଧିକାରୀଙ୍କୁ ସୁପ୍ରିମକୋର୍ଟଙ୍କ ନିୟମକୁ ସମ୍ମାନ ଦେଇ କାମ କରିବାକୁ ରେଡ୍ଡୀ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପ୍ରଦୀପ୍ତ କହିଛନ୍ତି।

# ବଡ଼ଭାଇ ଗୁଳିରେ ସାନ ମୃତ

କୁଚିଣ୍ଡା,୨୦।୨ (ଡି.ଏନ.ଏ.)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅନ୍ତର୍ଗତ ବାମଣ୍ଡାଗଡ ରାଉତିଆପଡାରେ ବଡ଼ଭାଇ ଗୁଳିରେ ସାନଭାଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଧରପାଲ ସିଂ (୪୫)। ସୂଚନା ଅନୁଯାୟୀ ଧରପାଲ ୧୨ବର୍ଷ ପୂର୍ବେ ସ୍ତ୍ରୀଙ୍କୁ ହତ୍ୟାକରି ଫେରାର ଥିବାବେଳେ ୨/୩ଦିନ ହେଲା ଗାଁକୁ ଆସିଥିଲେ। ଏପରିସ୍ଥଳେ ଶୁକ୍ରବାର ସେ ନିଶାସକ୍ତ ଅବସ୍ଥାରେ ମାରିଦେବାକୁ କହି ଗାଁରେ ଘୂରିବୁଲୁଥିଲେ। ସନ୍ଧ୍ୟାରେ ଘରକୁ ଯାଇ କୌଣସି କାରଣରୁ ବଡଭାଇ କରମପାଲ ସିଂକୁ ମାରିଦେବାକୁ ଧମକ ଦେଇଥିଲେ। କାଳେ ତାଙ୍କୁ ମାରିଦେବ ଭାବି କରମପାଲ ଘରେ ଥିବା ବନ୍ଧୁକରେ ଗୁଳି କରିଥିଲେ। ଗୁଳିଟି ଧରପାଲଙ୍କ ପେଟରେ ବାଜିବାରୁ ଟଳି ପଡିଥିଲେ। ପୁନର୍ବାର ବଞ୍ଚିଥିବ ଭାବି କରମପାଲ ଟାଙ୍ଗିଆ ସାହାଯ୍ୟରେ ହାଣି ହତ୍ୟା କରିଥିଲେ। ଶନିବାର ଗାଁର କେତେଜଣ ବ୍ୟକ୍ତି ଏ ନେଇ କୁଚିଣ୍ଡା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନା ପଠାଇଛି। ଏଥିରେ ବ୍ୟବହୃତ ବନ୍ଧୁକ ଓ ଟାଙ୍ଗିଆକୁ ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ କରମପାଲଙ୍କୁ ଅଟକ ରଖାଯାଇଥିବା ପୋଲିସ ସୂଚନା ଦେଇଛି।


ଜବତ ହୋଇଥିବା ବନ୍ଧୁକ ଓ ଟାଙ୍ଗିଆ।

କେବଳ ବାହ୍ୟ ରୂପକୁ ଦେଖି କୌଣସି ଘଟଣାର ବିଚାର କର ନାହିଁ। ସେଗୁଡ଼ିକ ଅନବରତ ଅନ୍ୟ କିଛିକୁ ପ୍ରକାଶ କରିବା ନିମିତ୍ତ ଏକ ଅପାରଗ ପ୍ରଚେଷ୍ଟା ମାତ୍ର କିନ୍ତୁ ତାହା ଭିତରେ ଯେଉଁ ପ୍ରକୃତ ସତ୍ୟ ଥାଏ- ତାହା ତୁମର ଅଗଭୀର ବିଚାର ବୁଦ୍ଧିର ସମ୍ପୂର୍ଣ୍ଣ ଅଗମ୍ୟ। -ଶ୍ରୀମା

# ଉତ୍ତର ଲୋଡ଼ା



**ଆକାର ପଟେଲ**

ପ୍ରଥମ ଥର ପାଇଁ ଭାରତର ଅନେକ ଅଞ୍ଚଳରେ ତେଲ ଦର ୧୦୦ ଟଙ୍କା ଟପିଯାଇଛି। ସମାନ୍ତରାଳ ଭାବେ ସରକାର ଏବେ ସଂଗ୍ରହ କରୁଥିବା ମୋଟ ରାଜସ୍ୱର ୩୩% ଅର୍ଥାତ୍ ତିନି ଭାଗରୁ ଭାଗେ ପାଉଛନ୍ତି ତେଲ ଉପରେ ଲାଗୁ କରାଯାଇଥିବା ଟିକସରୁ। ଭାରତୀୟ ଗ୍ରାହକମାନେ ବ୍ୟବହାର କରୁଥିବା ପେଟ୍ରୋଲ ଏବଂ ଡିଜେଲ ଉପରେ ସର୍ବାଧିକ ହାରରେ ଟିକସ ଦେଉଛନ୍ତି। ଭାରତ ପରେ ଅଧିକ ଟିକସ ଆଦାୟ କରୁଥିବା ତାଲିକାରେ ରହିଛନ୍ତି ସବୁ ୟୁରୋପୀୟ ଦେଶ, ଆମେରିକା ଏବଂ ଜାପାନ। ଅବଶ୍ୟ ଏହି ଦେଶଗୁଡ଼ିକରେ ଗ୍ରାହକମାନେ ଆମଠାରୁ ଭଲରେ ରହିଛନ୍ତି। ବାସ୍ତବତା ହେଉଛି, ଏଠାରେ ସରକାର ଗ୍ରାହକମାନଙ୍କୁ ଅଧିକ କ୍ଷତି ନ ପହଞ୍ଚାଇ ଟିକସ ଆଦାୟ କରୁଛନ୍ତି।

ଭାରତରେ ଅଧିକାଂଶ ଗ୍ରାହକ ଗରିବ। ତେଲ ଉପରେ ଲାଗୁ କରାଯାଇଥିବା ଟିକସ ସମାନ ଭାବେ ଆମକୁ ପ୍ରଭାବିତ କରିବା ସହ ଗରିବମାନଙ୍କର ଭୟଙ୍କର କ୍ଷତି କରୁଛି। ଅଟୋରିକ୍ସା ମାଲିକ ଏବଂ ଉବର ଚାଳକ ତେଲ ଲାଗି ଯେତିକି ଟିକସ ଦେଉଛନ୍ତି କର୍ପୋରେଟ ଏକ୍‌ଜିକ୍ୟୁଟିଭ ଏବଂ ପ୍ରତିଷ୍ଠିତ ଶିଳ୍ପପତିମାନେ ମଧ୍ୟ ସେତିକି ଟିକସ ପ୍ରଦାନ କରୁଛନ୍ତି। ଏହା ଠିକ୍ ନୁହେଁ। ବିଶେଷ କରି ଯେଉଁମାନେ ଅଧିକ ଟିକସ ଦେବାକୁ ସକ୍ଷମ ସେମାନଙ୍କ ଉପରେ ଟିକସ ଲଗାଇବା ଉଚିତ। ଏହା ଆୟକର ଭଳି ପ୍ରତ୍ୟକ୍ଷ ଟିକସ ମାଧ୍ୟମରେ ହେବା ଦରକାର। କିନ୍ତୁ ବିଭିନ୍ନ କାରଣରୁ ଭାରତରେ ଏହା ହୋଇପାରିନାହିଁ। ରିଟର୍ନ ଦାଖଲ କରୁଥିବା ବ୍ୟକ୍ତିମାନଙ୍କ ଆଧାର ବଢ଼ିଥିଲେ ବି ପ୍ରତ୍ୟକ୍ଷ ଟିକସ ବାବଦରେ ମିଳୁଥିବା ଟଙ୍କା ସେହି ଅନୁପାତରେ ବୃଦ୍ଧି ପାଇନାହିଁ। ସାମଗ୍ରୀ ଓ ସେବା ଟିକସ ( ଜିଏସ୍‌ଟି)ରେ ଯାହା ଘଟିଲା ତାହା ତେଲ ଟିକସ ବଢ଼ିବାର ଅନ୍ୟ ଏକ କାରଣ। ଗୁଡ଼ିଏ ଟିକସ ରିପ୍ଲେସ କରି ଏକକ ମାର୍କେଟ ମାଧ୍ୟମରେ ଅର୍ଥ ବ୍ୟବସ୍ଥାକୁ ଆଗକୁ ବଢ଼ାଇବାର ଲକ୍ଷ୍ୟ ଥିଲେ ବି ସେତିକି ରାଜସ୍ୱ ସଂଗ୍ରହ ହୋଇପାରିଲା ନାହିଁ। ବଜାର ବି ବୃଦ୍ଧି ଘଟିନାହିଁ। ବାସ୍ତବରେ ଗତ ୩୬ ମାସରେ ଭାରତୀୟ ଅର୍ଥବ୍ୟବସ୍ଥା ପୂରା ଧିମା ହୋଇଯାଇଛି। ୨୦୧୮ ଜାନୁୟାରୀ ତ୍ରୈମାସିକର ପ୍ରାୟ ୮% ଅଭିବୃଦ୍ଧିରୁ ଖସି ୨୦୨୦ ଜାନୁୟାରୀ ତ୍ରୈମାସିକରେ ପାଖାପାଖି ୩%ରେ ପହଞ୍ଚିଛି। ଏଣୁ ସ୍ୱଳ୍ପ ଅବଧିରେ ଅଭିବୃଦ୍ଧି ଆଶା କରିବା ଭଲ ନୁହେଁ। ସରକାର ସବୁ ଦିଗକୁ ଲକ୍ଷ୍ୟ କରି ତୁରନ୍ତ ବାଟ କରିବା ଉଚିତ, ଯେଉଁଥିରେ ନିଜସ୍ୱ ପାଣ୍ଠି ଯୋଗାଡ଼ କରିପାରିବେ। ଏଣୁ ତେଲ ମାଧ୍ୟମରେ ଏହା ହାସଲ କରିବା ସବୁଠୁ ସହଜ ବାଟ ବୋଲି ମନେକରିଛନ୍ତି।

ମୋଦି କ୍ଷମତାକୁ ଆସିବା ପୂର୍ବରୁ ପେଟ୍ରୋଲ ଏବଂ ଡିଜେଲ ଡିରେଗୁଲେଟେଡ୍ ବା ଅନିୟନ୍ତ୍ରିତ ରହିଥିଲା। ସେତେବେଳେ ବିଶ୍ୱରେ ଅଶୋଧିତ ତୈଳର ମୂଲ୍ୟ ବଢ଼ୁଥିବାବେଳେ ବି ଭାରତ ତା'ଗ୍ରାହକମାନଙ୍କୁ ସବସିଡି ଦେବା ଜାରି ରଖିଥିଲା। ମୁଖ୍ୟତଃ ରାଷ୍ଟ୍ରାୟତ୍ତ ତୈଳ କାରବାରକୁ କ୍ଷତିରେ ରଖି ଏହା କରାଯାଇଥିଲା। ଅଶୋଧିତ ତେଲ ଦର ଯାହା ଥାଉନା କାହିଁକି ଗ୍ରାହକମାନଙ୍କ ସ୍ୱାର୍ଥ ରକ୍ଷା କରାଯାଇଥିଲା। କିନ୍ତୁ ଏବେ ଠିକ ବିପରୀତ ହୋଇଛି। ଅଶୋଧିତ ତେଲ ଦର ଯାହା ହେଉନା କାହିଁକି ସରକାରଙ୍କ ସ୍ୱାର୍ଥ ସୁରକ୍ଷିତ ରହିଛି। ଯଦି ଅଶୋଧିତ ତେଲ ଦର କମେ ସରକାର ଅଧିକ ଲାଭ ପାଆନ୍ତି ଏବଂ ପେଟ୍ରୋଲ ଓ ଡିଜେଲର ଖୁଚୁରା ମୂଲ୍ୟ କମାନ୍ତି ନାହିଁ। ଯଦି ଦର ବଢ଼େ, ସରକାର ଦର ବଢ଼ାନ୍ତି। ଜାଣିବା ଦରକାର ଯେ, ସେତେବେଳେ ଡିରେଗୁଲେଶନର ଏହା ଉଦ୍ଦେଶ୍ୟ ନ ଥିଲା। ପ୍ରଧାନମନ୍ତ୍ରୀ କହନ୍ତି, ତେଲ ଦର ବୃଦ୍ଧି ତାଙ୍କର ଦୋଷ ନୁହେଁ। ପୂର୍ବ ସରକାରଗୁଡ଼ିକ ଅଶୋଧିତ ତେଲ ଆମଦାନୀ ଉପରେ ନିର୍ଭର କରିବା ଯୋଗୁ ଏଭଳି ପରିସ୍ଥିତି ଉପୁଜିଛି ବୋଲି ସେମାନଙ୍କୁ ଦୋଷ ଦେଇଛନ୍ତି। କିନ୍ତୁ ଏବକାର ଆବଶ୍ୟକତା ହେଉଛି ବିକଳ୍ପ ଶକ୍ତି ଉତ୍ସ। ଅଟୋମୋବାଇଲରେ ପେଟ୍ରୋଲ ଓ ଡିଜେଲ ବ୍ୟବହାର କ୍ଷେତ୍ରରେ ଏଯାବତ୍ ଏହା ସମାନ ସ୍ତରକୁ ଆସିପାରିନାହିଁ। ପେଟୋଲ ଏବଂ ଡିଜେଲ ଭାରି ଶକ୍ତି ସମ୍ପନ୍ନ। ପ୍ରାୟ ୫୦କିଲୋ ଇନ୍ଧନରେ ଗୋଟିଏ କାର ୭୦୦ କି.ମି. ଯାଇପାରିବ। ଗୋଟିଏ ଇଲେକ୍ଟ୍ରିକ କାର ଏତିକି ବାଟ ଯିବା ଲାଗି ଅତିକମ୍‌ରେ ୪୫ କିଲୋୱାଟ୍ ଆୱାରର ଲିଥିୟମ ଆଇଅନ ବ୍ୟାଟେରି ପ୍ୟାକ୍ ଦରକାର ପଡ଼େ। ଏହି ବ୍ୟାଟେରିର ମୂଲ୍ୟ ୫୦୦୦ ଆମେରିକୀୟ ଡଲାର, ଯାହା ପାଖାପାଖି ୪ ଲକ୍ଷ ଟଙ୍କା ହେବ। ଏବାବଦରେ ଅନ୍ୟ ସବୁ ମୂଲ୍ୟ ଏବଂ ଗାଡ଼ିର ସର୍ବନିମ୍ନ ମୂଲ୍ୟକୁ ଏକାଠି କଲେ ଗୋଟିଏ ପେଟ୍ରୋଲ ଏବଂ ଡିଜେଲ କାରର ଏବକାର ମୂଲ୍ୟ ୧୦ ଲକ୍ଷ ଟଙ୍କା ପାଖାପାଖି ରହିବ। ଏହା ଭାରତରେ କାର କିଣିବାକୁ ଚାହୁଁଥିବା ଲୋକମାନଙ୍କ ମଧ୍ୟରୁ ତିନି ଚତୁର୍ଥାଂଶ କିମ୍ବା ଏହାଠାରୁ ଅଧିକଙ୍କର ବେଜଟ ବାହାରେ ରହୁଛି। ସମୟାନୁସାରେ ଅଧିକରୁ ଅଧିକ ଦେଶ ଇଲେକ୍ଟ୍ରି ଗାଡ଼ିକୁ ଆପଣାଇଲେ ବ୍ୟାଟେରି ମୂଲ୍ୟ କମିବ। କିନ୍ତୁ ଏହା ଆଜି ହୋଇଯିବ, ଏମିତି ଭାବିବା ଭୁଲ। ଏହା ଅତୀତରେ ହୋଇପାରିଥାଆନ୍ତା ଭାବିବା ବି ଏକବାର ଭୁଲ। ଶେଷ କଥା ହେଉଛି ଭିତ୍ତିଭୂମିର ଆବଶ୍ୟକତା। ଇଲେକ୍ଟ୍ରି କାରର ଲିଥିୟମ ବ୍ୟାଟେରି ଚାର୍ଜ କରିବାକୁ ୧୦ ଘଣ୍ଟା ଲାଗିବ ଓ ଏଥିପାଇଁ ବିଦ୍ୟୁତ ଉପଲବ୍ଧ ହେବା ଭଳି ଗ୍ୟାରେଜ ଦରକାର। ଆମେରିକା, ୟୁରୋପୀୟ ଦେଶ ଏବଂ ଚାଇନାରେ ଡାଇରେକ୍ଟ କରେଣ୍ଟ ଫାଷ୍ଟ ଚାର୍ଜର ନେଟୱର୍କ ସବୁଆଡ଼େ ରହିଛି। ଏହା ପ୍ରାୟ ଅଧ ଘଣ୍ଟାରେ ବ୍ୟାଟେରିକୁ ଚାର୍ଜ କରିବାକୁ ସକ୍ଷମ। ଭାରତରେ ଏଭଳି ନେଟୱର୍କ ନାହିଁ। କାରଣ, ସରକାର ଏହା ନିର୍ମାଣ କରିନାହାନ୍ତି। ସବୁ କାର ଯଦି ଭାରତରେ ଇଲେକ୍ଟ୍ରିକ କାର ପାଲଟିଯାଏ, ତେବେ ସେଗୁଡ଼ିକୁ କେଉଁଠି ଚାର୍ଜ କରାଯିବ, ସେ କଥା ପ୍ରଧାନମନ୍ତ୍ରୀ କହିଲେ ନାହିଁ। ବାସ୍ତବତା ହେଉଛି, ନେହେରୁ କିମ୍ବା ଇନ୍ଦିରା ଅବା ବାଜପେୟୀ ଯାହା କରିଥାଆନ୍ତୁ ନା କାହିଁକି, ଏବେ କିନ୍ତୁ ଆମେ ପେଟ୍ରୋଲ ଏବଂ ଡିଜେଲ ଉପରେ ହିଁ ନିର୍ଭର କରିବା। ତେବେ ସରକାର ଆମଠାରୁ ଏଭଳି ଅତ୍ୟଧିକ ଟିକସ ଆଦାୟ କରିବା ଉଚିତ କି? ଏହି ପ୍ରଶ୍ନର ଉତ୍ତର ଲୋଡ଼ା। ଉତ୍ତର କେବଳ ମୋଦି ଦେଇପାରିବେ, ନେହେରୁ ନୁହନ୍ତି।

Email:aakar.patel@gmail.com

# ମାତୃଭାଷା ପାଠପଢ଼ାର ମାଧ୍ୟମ ହେଉ



**ଇପ୍ସିତା ମହାନ୍ତି**

ସ୍ୱଭାବ କବି ଗଙ୍ଗାଧର ମେହେର ନିଜ କବିତା ଗ୍ରନ୍ଥ ଅର୍ଘ୍ୟଥାଳୀରେ ଲେଖିଛନ୍ତି- ''ଉଚ୍ଚ ହେବା ପାଇଁ କର ଯେବେ ଆଶା/ ଉଚ୍ଚ କର ଆଗ ନିଜ ମାତୃଭାଷା।'' ଏହାର ମର୍ମ କାହାକୁ ଅଛପା ନାହିଁ। ହେଲେ ନିଜ ମାତୃଭାଷା ପ୍ରତି ଲୋକଙ୍କ ବିମୁଖତା ବଢ଼ି ଚାଲିବା ପରିତାପର ବିଷୟ। ବହୁ ମନୋବିଜ୍ଞାନୀ ଓ ଶିକ୍ଷାବିତ୍ ମାତୃଭାଷାର ଗୁରୁତ୍ୱକୁ ଉପଲବ୍ଧି କରି ଏହା ପାଠପଢ଼ାର ମାଧ୍ୟମ ହେବା ଉଚିତ ବୋଲି ମତବ୍ୟକ୍ତ କରିଛନ୍ତି। କାରଣ ଏଭଳି ବ୍ୟବସ୍ଥା ବିଭିନ୍ନ ବିଷୟରେ ପିଲାଙ୍କ ଜିଜ୍ଞାସୁ ମନୋଭାବକୁ ଉଦ୍ରେକ କରାଇବା ସଙ୍ଗେସଙ୍ଗେ ଶିକ୍ଷା ପ୍ରତି ବି ମନସ୍କ କରାଇବ। ସାମଗ୍ରିକ ବିକାଶ କରିବା ସାଥେସାଥେ ପିଲାଏ ପଢ଼ାରେ ମଧ୍ୟ ଉନ୍ନତି କରିବେ। ମାତୃଭାଷାରେ ଅଧ୍ୟୟନ କରି ପିଲାମାନେ ଶୀଘ୍ର ଶିଖନ୍ତି। ଏଥିଯୋଗୁଁ ପିଲାଙ୍କ ସୃଜନଶୀଳତାର ବିକାଶ ଘଟିଥାଏ। ନିଜ ସଂସ୍କୃତିର ଗୌରବ ରକ୍ଷା ପାଇଁ ରହିଥିବା ସମୁଚିତ ମାଧ୍ୟମଗୁଡ଼ିକ ମଧ୍ୟରୁ ମାତୃଭାଷାର ସ୍ଥାନ ସର୍ବାଗ୍ରେ ରହିବ। ବଡ଼କଥା ହେଉଛି, ମାତୃଭାଷା ହିଁ ଅନ୍ୟାନ୍ୟ ଭାଷା ଶିକ୍ଷା କରିବାର ମାଧ୍ୟମ ସାଜିଥାଏ। ଶିକ୍ଷା ଓ ମାତୃଭାଷା ଉପରେ ମହାତ୍ମା ଗାନ୍ଧୀଙ୍କ ଟିପ୍ପଣୀ ବେଶ୍ ପ୍ରଣିଧାନଯୋଗ୍ୟ। ଗାନ୍ଧିଜୀଙ୍କ ମତରେ- ମାତୃଭାଷାକୁ ଛାଡ଼ି ଇଂରାଜୀ ଭାଷାରେ ପଢ଼ାର ମାଧ୍ୟମକୁ ବାଧ୍ୟତାମୂଳକ କରିଦେଇ ପିଲାଙ୍କ ଉପରେ ତା'କୁ ବୋଝ ଭାବେ ଲଦିଦେବା ନିହାତି ଭାବେ କପଟତାପୂର୍ଣ୍ଣ ଭଳି କଥା ହେବ। ଏପରି ହେଲେ ଇଂରାଜୀ ମାଧ୍ୟମରେ ପଢ଼ୁଥିବା ପିଲାଙ୍କ ଉପରେ ଅନାବଶ୍ୟକ ଚାପ ସୃଷ୍ଟି ହେବ। ଏହା ପିଲାଙ୍କୁ ଘୋଷାବିଦ୍ୟା ଓ ନକଲ କରିବା ପ୍ରବୃତ୍ତି ପ୍ରତି ଅତିମାତ୍ରାରେ ପ୍ରୋତ୍ସାହିତ କରିବ, ଯଦ୍ଦ୍ୱାରା ପିଲାମାନଙ୍କର ନିଜସ୍ୱ ମୌଳିକତା ଓ ଚିନ୍ତନ ଶକ୍ତିର ହ୍ରାସ ଘଟିବ।

ଗତବର୍ଷ ଆନ୍ଧ୍ର ସରକାର ନିଜ ପ୍ରଦେଶର ସମସ୍ତ ବିଦ୍ୟାଳୟରେ ଇଂରାଜୀ ମାଧ୍ୟମରେ ଶିକ୍ଷାଦାନ ପାଇଁ ନିଷ୍ପତ୍ତି ନେଇଥିଲେ। ଏହା ଉପରେ ଆନ୍ଧ୍ର ବିଧାନସଭା ୨୦୧୯ ଜାନୁୟାରୀ ୧୯ରେ ମୋହର ଲଗାଇଥିଲା। ସେତେବେଳେ ଏଠାକାର ବିରୋଧୀ ଦଳ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ତୀବ୍ର ବିରୋଧ କରିଥିଲେ। ବିରୋଧୀ ଦଳର କିଛି ନେତା ଆନ୍ଧ୍ରପ୍ରଦେଶ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ବି ହୋଇଥିଲେ। ପିଲାଙ୍କ ଉପରେ ଇଂରାଜୀ ଭାଷାକୁ ଜୋର ଜବରଦସ୍ତି ଲଦିଦେବା ବେଆଇନ ବୋଲି ଆନ୍ଧ୍ରପ୍ରଦେଶ ଉଚ୍ଚ ନ୍ୟାୟାଳୟ ରାୟ ଘୋଷଣା କରିଥିଲେ। ଫଳତଃ ଆନ୍ଧ୍ର ସରକାର ସର୍ବୋଚ୍ଚ ନ୍ୟାୟାଳୟର ଶରଣକୁ ଚାଲିଗଲେ। ସର୍ବୋଚ୍ଚ ନ୍ୟାୟାଳୟ ଯଦିଓ ମାମଲାଟିକୁ ଗ୍ରହଣ କରିଥିଲେ, କିନ୍ତୁ ଆନ୍ଧ୍ରପ୍ରଦେଶ ଉଚ୍ଚ ନ୍ୟାୟାଳୟ ଦେଇଥିବା ରାୟ ଉପରେ ରୋକ ଲଗାଇବା ପାଇଁ ସଫା ମନା କରିଦେଇଥିଲେ। ଏହି କାରଣରୁ ଆନ୍ଧ୍ର ପ୍ରଦେଶରେ ବର୍ତ୍ତମାନ ତେଲୁଗୁ ଓ ହିନ୍ଦୀ ଭାଷାରେ ଶିକ୍ଷାଦାନ ପ୍ରକ୍ରିୟା ଅବ୍ୟାହତ ରହିଛି। ସର୍ବୋଚ୍ଚ ନ୍ୟାୟାଳୟରେ ନିଜ ପକ୍ଷ ରଖି ଆନ୍ଧ୍ର ସରକାର ଯୁକ୍ତି ବାଢ଼ିଥିଲେ ଯେ, ଆନ୍ଧ୍ରର ପିଲାମାନେ ଇଂରାଜୀ ମାଧ୍ୟମରେ ପଢ଼ିଲେ ସେମାନଙ୍କୁ ଦେଶ ବିଦେଶରେ ସୁବିଧାରେ ନିଯୁକ୍ତି ମିଳିଯିବ। ଯାହା ଜଣାପଡୁଥିଲା, ନିଜ ରାଜ୍ୟର ପିଲାଙ୍କ ସ୍ୱାର୍ଥରକ୍ଷା ଉଦ୍ଦେଶ୍ୟରେ ଏଭଳି ଏକ ପ୍ରଗତିଶୀଳ ଚିନ୍ତାଧାରା ରଖି ଆନ୍ଧ୍ର ସରକାର ଏ କଥା କହିଥିଲେ।

ଆନ୍ଧ୍ର ସରକାରଙ୍କ ଏହି ଯୁକ୍ତି ବି ଯଥାର୍ଥ ମନେହୁଏ। କାରଣ ସ୍ୱାଧୀନତା ପରେ ଭାରତରୁ ଇଂରେଜ ସିନା ଚାଲିଗଲେ, ହେଲେ ସ୍ୱାଧୀନତାର ୭୩ ବର୍ଷ ପରେ ମଧ୍ୟ ସେହି ସମୟର ଗୋଲାମି ଆମ ଦେଶରୁ ହଟିନାହିଁ। ଆଜି ବି ଆମ ଭାରତୀୟଙ୍କଠାରେ ସେହିଭଳି ମାନସିକତା ଭରି ରହିଛି। ସରକାରୀ ଓ ବେସରକାରୀ ନିଯୁକ୍ତି କ୍ଷେତ୍ରରେ ଇଂରାଜୀ ମାଧ୍ୟମକୁ ପ୍ରାଥମିକତା ମିଳୁଛି। ଆଜି ବି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ରୂପେ ଇଂରାଜୀ ଭାଷାର ନିୟନ୍ତ୍ରଣରେ ରହିଛି। ସମସ୍ତ ସରକାରୀ କାଗଜାତ, ଦସ୍ତାବିଜ୍‌ଗୁଡ଼ିକର ଚାଷ ଇଂରାଜୀରେ ହିଁ ଚାଲିଛି। ଏକଥା ନିଶ୍ଚିତ ଯେ, ଯେଉଁଦିନ ସରକାରୀ କାର୍ଯ୍ୟକ୍ରମରୁ ଇଂରାଜୀ ବିଦା ହୋଇଯିବ, ସେହିଦିନଠାରୁ ଦେଶର ଇଂରାଜୀ ମାଧ୍ୟମ ବିଦ୍ୟାଳୟଗୁଡ଼ିକ ଦେବାଳିଆ ହୋଇଯିବେ। ଇଂରାଜୀ ଭାଷାର ବହୁଳ ତଥା ଅନାବଶ୍ୟକ ପ୍ରବେଶତା ଯୋଗୁ ଆମ ଦେଶରେ ଘରୋଇ ବିଦ୍ୟାଳୟ ସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଛି।

ବିଦେଶୀ ଓ ଘରୋଇ ସଂସ୍ଥାଙ୍କ ଅର୍ଥରେ ପରିଚାଳିତ କେତେକ ବିଦ୍ୟାଳୟ ଆଜି ଠକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏହା ସ୍ଥାନୀୟ ନେତା ଓ ଅଭିଭାବକଙ୍କ ଦୃଷ୍ଟିଗୋଚର ନ ହେବା ନିହାତି ଭାବେ ଚିନ୍ତାଜନକ ବିଷୟ। ତଥାପି ଇଂରାଜୀ ମାଧ୍ୟମରେ ଶିକ୍ଷାଦାନ ପାଇଁ ନେତାମାନେ ସ୍ୱୟଂର ଇଚ୍ଛାକୁ ପିଲାଙ୍କ ଉପରେ ଲଦିଦେବା ସକାଶେ ଆଗ୍ରହ ରଖୁଛନ୍ତି। ଏଭଳି ନିୟମ ପ୍ରଣୟନ ଦ୍ୱାରା ଶିକ୍ଷାର ଉନ୍ନତି ଯଦି ବଦଳେ, ତାହା ଯେ ବିନାଶର କାରଣ ନ ସାଜିବ ସେ କଥାକୁ ଏମାନେ ବୁଝିପାରୁ ନାହାନ୍ତି। ବାହାରକୁ ଏହା ଏକ ସୁବିଧାଜନକ ଚକମକିଆ ରାଜପଥ ଭଳି ଦୃଶ୍ୟମାନ ହେଉଥିଲେ ମଧ୍ୟ ପ୍ରକୃତପକ୍ଷେ ଏହା ଏକ ଖାଇ ସଦୃଶ। ଏକଥାକୁ ବୁଝିବାରେ ଆମ ନେତାଙ୍କ ସହ ଅଭିଭାବକ ବୃନ୍ଦ ବି ଅସମର୍ଥ। ଏହି ଖାଇରେ ପଡ଼ି ଜୀବନ ହରାଇବା ପୂର୍ବରୁ ଆମେ ଆମ ପିଲାଙ୍କୁ ଏକ ନିଶ୍ଚିତ ମୃତ୍ୟୁମୁଖରୁ ବଞ୍ଚାଇବା ଦରକାର। ଅବଶ୍ୟ ଉଗ୍ର ଆଧୁନିକତା ଓ ଆଭିଜାତ୍ୟ ରୂପକ ଚୁମ୍ବକୀୟ ଶକ୍ତି କେବଳ ଅଭିଭାବକଙ୍କୁ ନୁହେଁ, ସେମାନଙ୍କ ପିଲାଙ୍କୁ ବି ଇଂରାଜୀ ମାଧ୍ୟମ ପ୍ରତି ଆକୃଷ୍ଟ କରି ଚାଲିଛି।

ଦେଶ ସ୍ୱାଧୀନ ପରେ ଆମ ଦେଶରେ ଗୋଟିଏ ପରେ ଗୋଟିଏ ସରକାର ଶାସନ ଭାର ତୁଲାଇ ଆସିଛନ୍ତି। ସମୟର ଆହ୍ୱାନ ଓ ଆବଶ୍ୟକତାକୁ ଦୃଷ୍ଟିଦେଇ ବିଭିନ୍ନ ସମୟରେ ତତ୍କାଳୀନ ସରକାର ଶିକ୍ଷାନୀତି ବି ପ୍ରଣୟନ କରିଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ କୌଣସି ଗୋଟିଏ ବି ସରକାର ଏ ଦିଗରେ ଶତ ପ୍ରତିଶତ ସଫଳତା ହାସଲ କରିପାରି ନାହାନ୍ତି। ଇଂରାଜୀ ଶିଖିବା ପାଇଁ ଯେ ଇଂରାଜୀ ମାଧ୍ୟମରେ ଅନ୍ୟାନ୍ୟ ବିଷୟକୁ ବି ପଢ଼ିବା ଆବଶ୍ୟକ,

**ଅନ୍ତର୍ଜାତୀୟ ମାତୃଭାଷା ଦିବସ ଉପଲକ୍ଷେ**

ଏକଥା ଆଦୌ ଗ୍ରହଣୀୟ ହେଉନାହିଁ। ବିଶ୍ୱ ମାନଚିତ୍ରକୁ ଦୃଷ୍ଟି ନିକ୍ଷେପ କଲେ ଜଣାପଡ଼େ, ମାତୃଭାଷାରେ ବିକଶିତ ନ ଥିବା ଦେଶଗୁଡ଼ିକ ବୈଷୟିକ ମାନଚିତ୍ରରେ ବି ସବୁଠାରୁ ପଛରେ ରହିଛନ୍ତି। ଆଫ୍ରିକୀୟ ମହାଦ୍ୱୀପର ୪୦ରୁ ଊର୍ଦ୍ଧ୍ୱ ଦେଶରେ ନିଜ ମାତୃଭାଷା ବିକଶିତ ହୋଇ ପାରିନାହିଁ। ତେଣୁ ଏ ସବୁ ଦେଶ ଆଜି ବିକାଶଠାରୁ ବହୁ ଦୂରରେ। ନିଜ ମାତୃଭାଷା ପ୍ରତି ସମର୍ପିତ ଥିବା ଜାପାନ ଓ ଇସ୍ରାଏଲ୍ ଭଳି ଦେଶ କେବଳ ଆମ ପାଇଁ ନୁହେଁ, ସମଗ୍ର ବିଶ୍ୱ ପାଇଁ ଉଦାହରଣ ପାଲଟିଛନ୍ତି। ବିଶ୍ୱର ବିଭିନ୍ନ ଭାଷାରେ ଲିଖିତ ଗବେଷଣାତ୍ମକ ତଥା ଅଧ୍ୟୟନ ପତ୍ରକୁ ଜାପାନୀ ଭାଷାରେ ଅନୁବାଦ କରି ସେଠାକାର ଅନୁସନ୍ଧାନ କ୍ଷେତ୍ରରେ ଅଧ୍ୟୟନରତ ବିଦ୍ୱାନ୍ ଗବେଷକଙ୍କୁ ଯୋଗାଇ ଦିଆଯାଇଥାଏ। ଏଥିପାଇଁ ହିଁ ବୈଷୟିକ କ୍ଷେତ୍ରରେ ଜାପାନ ଆଜି ବହୁ ଉପରେ। ଇତିମଧ୍ୟରେ ବିଶ୍ୱ ମାନଚିତ୍ରରୁ ଅନେକ ଭାଷା ଲୋପ ପାଇ ସାରିଲାଣି। ଇସ୍ରାଏଲର ହିବ୍ରୁ ନାମକ ଭାଷା କେବେଠାରୁ ନିଜର ସତ୍ତା ହରାଇ ସାରନ୍ତାଣି। କେବଳ ଇସ୍ରାଏଲ୍‌ବାସୀଙ୍କ ପ୍ରତିବଦ୍ଧତା ଯୋଗୁ ତାହା ବଞ୍ଚି ରହିଛି। ପୁଣି ହିବ୍ରୁ ଇସ୍ରାଏଲ୍‌ର ରାଷ୍ଟ୍ରୀୟ ଭାଷା ରୂପେ ମାନ୍ୟତା ଲାଭ କରିଛି। ଭାଷାର ଏକତା ଓ ନିଜ ମାତୃଭାଷାକୁ ଭଲ ପାଇବାର ଜ୍ୱଳନ୍ତ ଉଦାହରଣ ଇସ୍ରାଏଲ୍‌ଠାରୁ କିଏ ଅଧିକ ହୋଇ ନ ପାରେ। ଦୁନିଆର କୌଣସି ଗୋଟିଏ ବି ଉନ୍ନତ ଓ ଶକ୍ତିଶାଳୀ ଦେଶ ନିଜ ପିଲାଙ୍କୁ ବିଦେଶୀ ଭାଷାରେ ଶିକ୍ଷାଦାନ କରନ୍ତି ନାହିଁ। ତେଣୁ ଏଭଳି ନୀତି ଆମ ଦେଶ ଭାରତ ପାଇଁ ନିହାତି ଭାବେ ଏକ ବିଡ଼ମ୍ବନାର ବିଷୟ। ଆମ ଦେଶରେ ପିଲାଙ୍କୁ ଇଂରାଜୀ ମାଧ୍ୟମରେ ପଢ଼ିବା ପାଇଁ କେତେକ ବିଦ୍ୟାଳୟ ଧାର୍ଯ୍ୟ କରିଛନ୍ତି। ଏଭଳି ବାଧ୍ୟତାମୂଳକ ତଥା ଅନିବାର୍ଯ୍ୟ ଭାବେ ଇଂରାଜୀ ମାଧ୍ୟମରେ ପଢ଼ାଇବା ଦ୍ୱାରା ବହୁ ସଂଖ୍ୟକ ପିଲା ଅନ୍ୟାନ୍ୟ ବିଷୟରେ ଅସଫଳ ହେଉଥିବା ଦେଖିବାକୁ ମିଳୁଛି। ମୋଟାମୋଟି ଭାବେ ଏଭଳି ବ୍ୟବସ୍ଥା ପିଲାଙ୍କ ସାମଗ୍ରିକ ବିକାଶ ଦିଗରେ ପ୍ରତିବନ୍ଧକ ସାଜୁଛି।

ଇଂରାଜୀ ହେଉଛି ଏକ ଅନ୍ତର୍ଜାତୀୟ ଭାଷା, ଯାହା ସମଗ୍ର ଦୁନିଆକୁ ବାନ୍ଧି ରଖିବାରେ ସମର୍ଥ। ତେଣୁ ଆଜିର ଏହି ପ୍ରତିଯୋଗିତାପୂର୍ଣ୍ଣ ଦୁନିଆରେ ଇଂରାଜୀ ଭଳି ବିଦେଶୀ ଭାଷା ଶିଖିବା ନିହାତି ଜରୁରୀ। ନଚେତ୍ ପିଲାମାନଙ୍କ ଜ୍ଞାନର ପରିବ୍ୟାପ୍ତ ହୋଇପାରିବ ନାହିଁ। ପିଲାଙ୍କ ଚିନ୍ତାଧାରା ଗୋଟିଏ ଭୌଗୋଳିକ ପରିସୀମା ମଧ୍ୟରେ ସୀମିତ ହୋଇ ରହିଯିବ। ପିଲାଙ୍କ ସୃଜନଶୀଳତା ବି ପ୍ରସ୍ଫୁଟିତ ହୋଇପାରିବ ନାହିଁ। ପିଲାମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତାରେ ପଛରେ ପଡ଼ିଯିବେ। ତେଣୁ ଇଂରାଜୀ ଭଳି ବିଦେଶୀ ଭାଷାରେ ପଢ଼ିବା ପାଇଁ ବିଦ୍ୟାଳୟମାନଙ୍କରେ ଉତ୍ତମ ସୁବିଧା ରହିବା ଆବଶ୍ୟକ। ପଢ଼ା ଆରମ୍ଭରୁ ଇଂରାଜୀକୁ କେବଳ ଏକ ବିଷୟ ଭାବେ ପଢ଼ାଯିବା ଉତ୍ତମ ହେବ। ପରବର୍ତ୍ତୀ ସମୟରେ ୧୦ମ ଶ୍ରେଣୀ ପରେ ଏହା ପଢ଼ାର ମାଧ୍ୟମ ହେବା ଦରକାର। କିନ୍ତୁ ଏହା ବାଧ୍ୟତାମୂଳକ ନ ହୋଇ ଇଚ୍ଛାଧୀନ ହେଲେ ସର୍ବୋତ୍ତମ ଫଳ ଆଣିଦେବ। ଅବଶ୍ୟ ଆମ ଦେଶର ନୂତନ ଶିକ୍ଷାନୀତିରେ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ନିଜ ସ୍ଥାନୀୟ ତଥା ଆଞ୍ଚଳିକ ଭାଷା କିମ୍ବା ମାତୃଭାଷାରେ ଶିକ୍ଷାଦାନ ପାଇଁ କୁହାଯାଇଛି, ଏହା କିନ୍ତୁ ପର୍ଯ୍ୟାପ୍ତ ହେବନାହିଁ। ତେଣୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏ ନେଇ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା ଦରକାର, ଯଦ୍ଦ୍ୱାରା ଇଂରାଜୀ ଭଳି ବିଦେଶୀ ଭାଷା ମାଧ୍ୟମରେ ବିଦ୍ୟାଳୟମାନଙ୍କରେ ପାଠପଢ଼ା ପାଇଁ ଯେଉଁ ପ୍ରୟାସ ଚାଲିଛି, ସେଥିରେ ପୂର୍ଣ୍ଣଚ୍ଛେଦ ଲାଗିପାରିବ। ଏହି ପରିପ୍ରେକ୍ଷୀରେ ପ୍ରସିଦ୍ଧ ଉର୍ଦ୍ଦୁ କବି ଆକବର ଇଲାହାବାଦୀଙ୍କ- ''ହରିଣଙ୍କ ଉପରେ ଘାସ ଲଦିବା ବନ୍ଦ କରାଯାଉ'' ଉକ୍ତିଟି ଅନେକ ପ୍ରାସଙ୍ଗିକତା ବହନ କରୁଥିବା ମନେ ହେଉଛି।

lmohanty.1991@gmail.com
ବୈପାରୀଗୁଡ଼ା, କୋରାପୁଟ
ମୋ- ୬୩୭୦୬୭୯୪୦୫

# ମଙ୍ଗଳର ମାର୍ଗଦର୍ଶିକା

**ବ୍ୟକ୍ତିତ୍ୱ**



ସ୍ୱାତୀ ମୋହନ

ମଙ୍ଗଳ ମାଟିରେ ପର୍ସିଭରେନ୍ସ ରୋଭର ୧୮ ଫେବୃୟାରୀ ୨୦୨୧ରେ ପହଞ୍ଚି ଆମେରିକାର ମହାକାଶ ସଂସ୍ଥା ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ୍ ସ୍ପେଶ୍ ଆଡମିନିଷ୍ଟ୍ରେଶନ (ନାସା)ର ସଫଳତା ପୃଷ୍ଠାରେ ଯୋଡ଼ିଛି ଏକ ନୂଆ ଫର୍ଦ୍ଦ। ତେବେ ଏହାର ଦିନକ ପରେ ସୋସିଆଲ ମିଡିଆରେ ଟ୍ରେଣ୍ଡ୍ କରିଥିବା 'ଦି ଲାଣ୍ଡିଂ ଆଣ୍ଡ୍ ହର୍ ବିନ୍ଦି' ଯାହାଙ୍କ ପେଜ୍‌ରେ ନୂଆ ପ୍ରଶଂସକଙ୍କୁ ସାମିଲ କରିଥିବା ଦେଖିବାକୁ ମିଳିଛି, ସେ ହେଉଛନ୍ତି ଏହି ଅଭିଯାନର ନେତୃତ୍ୱ ନେଇଥିବା ଭାରତୀୟ ବଂଶୋଦ୍ଭବ ଆମେରିକୀୟ ବୈଜ୍ଞାନିକ ଡ. ସ୍ୱାତୀ ମୋହନ। ମିଶନକୁ ପରିଚାଳନା କରିବା ସହ ଏହାକୁ ମାର୍ଗଦର୍ଶନ ଦେଇଥିବାରୁ ତାଙ୍କୁ ଚାରିଆଡୁ ଶୁଭେଚ୍ଛା ମିଳିବାରେ ଲାଗିଛି। ମଥାରେ ବିନ୍ଦି ଲଗା ଫଟୋଟି ସୋସିଆଲ ମିଡିଆରେ ଦେଖିବାକୁ ମିଳିବା ପରେ ଅନେକ ପ୍ରଶଂସକ ସେହି ବିଷୟରେ ଜାଣିବାକୁ ଚାହିଁଥିଲେ। ଗୋଟେ ମିଶନରେ ସଫଳ ହେବା ପରେ ତାହା ତାଙ୍କୁ ଟିକେ ସଜେଇ ହେବା ପାଇଁ ସୁଯୋଗ ଦିଏ। ପ୍ରତ୍ୟେକ ଦିନ ସେ ବିନ୍ଦି ଲଗାନ୍ତି ନାହିଁ, କିନ୍ତୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହେଲେ ତାହାକୁ ଲଗାଇବାକୁ ଭଲ ପାଆନ୍ତି ବୋଲି କହିଛନ୍ତି। ବିଜ୍ଞାନ ଭଳି ଏକ ଗବେଷଣାତ୍ମକ ବିଷୟରେ ଗଭୀର ମନୋନିବେଶ କରୁଥିବା ବୈଜ୍ଞାନିକ ସାଧାରଣ ଜୀବନରେ କେତେ ସରଳ ଭାବେ ଜୀବନକୁ ଭାବି ପାରିଥାଆନ୍ତି ଏଥିରୁ ବୁଝି ହୋଇଯାଉଛି। ବିଜ୍ଞାନମନସ୍କ ଯୁବପିଢ଼ି ପାଇଁ ଏବେ ସ୍ୱାତୀ ପ୍ରେରଣାର ଉତ୍ସ ପାଲଟିଥିବାରୁ ତାଙ୍କ ବ୍ୟକ୍ତିତ୍ୱ ବିଶ୍ୱବ୍ୟାପୀ ଚର୍ଚ୍ଚାକୁ ଆସିଛି।

କର୍ନାଟକ ବାଙ୍ଗାଲୋରରେ ଜନ୍ମିତ ସ୍ୱାତୀଙ୍କୁ ଯେତେବେଳେ ଏକ ବର୍ଷ ବୟସ ହୋଇଥିଲା ତାଙ୍କ ମାତାପିତା ଆମେରିକା ଚାଲିଯାଇଥିଲେ। ୱାଶିଂଟନ ଡିସି ଓ ଭର୍ଜିନିଆରେ ସେ ବଢ଼ିଥିଲେ। ସର୍ବଦା ମାତାପିତା ଶିକ୍ଷାକୁ ଗୁରୁତ୍ୱ ଦେଉଥିବାରୁ ସେ ପଢ଼ାରେ ପ୍ରାରମ୍ଭରୁ ଭଲ କରିଆସିଥିଲେ। ବିଜ୍ଞାନ ତାଙ୍କ ପସନ୍ଦର ବିଷୟ ପାଲଟି ଯାଇଥିଲା। ଜଣେ ଶିଶୁ ବିଶେଷଜ୍ଞ ହେବାକୁ ପିଲା ବେଳେ ଭାବିଥିଲେ। ହେଲେ ସେ ୯ ବର୍ଷର ହୋଇଥିବା ବେଳେ ଟେଲିଭିଜନରେ 'ଷ୍ଟାର ଟେକ୍' ଶୋ ଦେଖିବା ପରେ ମହାକାଶ ବିଜ୍ଞାନ ପ୍ରତି ଆକୃଷ୍ଟ ହୋଇଥିଲେ। ଏହା ପରେ ତାଙ୍କ ଶିକ୍ଷା ଦିଗ ବଦଳାଇଥିଲା। ୧୬ ବର୍ଷ ହେଲା ବେଳେ ସେ ପଦାର୍ଥ ବିଜ୍ଞାନ ଶ୍ରେଣୀରେ ଯୋଗଦେଇ ମହାକାଶ ବିଜ୍ଞାନୀ ହେବା ପାଇଁ ଇଞ୍ଜିନିୟରିଂ ପଢ଼ିଥିଲେ। ସେ କର୍ନେଲ ୟୁନିଭର୍ସିଟିରୁ ମେକାନିକାଲ ଓ ଏରୋସ୍ପେସ୍ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ପରେ ମାସାଚ୍ୟୁସେଟ୍‌ସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏମ୍‌ଆଇଟି)ରୁ ଏରୋନଟିକ୍ସ ଓ ଆଷ୍ଟ୍ରୋନଟିକସରେ ସ୍ନାତକୋତ୍ତର ଏବଂ ପିଏଚ୍‌ଡି କରିଥିଲେ।

ନିଜ ଜୀବନରେ ସଫଳତା ପାଇଁ ସେ ପରିବାରର କାର୍ଯ୍ୟ ନୀତି (ୱାର୍କ ଏଥିକ୍) ଏବଂ ଶିକ୍ଷା ପ୍ରତି ଅଙ୍ଗୀକାରବଦ୍ଧତାକୁ ଗୁରୁତ୍ୱ ଦେଇଆସିଛନ୍ତି ବୋଲି କହିଛନ୍ତି। ମାତାପିତା ବିଜ୍ଞାନ ଓ ବୈଷୟିକ ବିଷୟ ପଢ଼ି ବଡ଼ ହୋଇଥିବାରୁ ସେହି ଦିଗରେ ବଢ଼ିବା ପାଇଁ ସେ ଉତ୍ସାହିତ ହୋଇଥିଲେ ବୋଲି କହିଛନ୍ତି। ନାସାରେ ଯୋଗ ଦେବା ପରେ ମଙ୍ଗଳ ମିଶନ ପାଇଁ ତାଙ୍କୁ ଯେତେବେଳେ ଦାୟିତ୍ୱ ଦିଆଗଲା ସେ ତାହାକୁ ପୂରଣ କରିବା ସକାଶେ ଲାଗି ପଡ଼ିଥିଲେ। ଗୋଟେ ସିରିୟସ୍ ରିସର୍ଚ୍ଚରେ ମନୋନିବେଶ କରିଥିଲେ ହେଁ ଟିମ୍ ୱାର୍କକୁ ବେଗବାନ କରିବା ଲାଗି ସେ ଭାରତୀୟ ପରମ୍ପରା 'ଦୀପାବଳି' ପାଳନ କରିଥାଆନ୍ତି ବୋଲି କହିଛନ୍ତି। କାରଣ ଆମେରିକାରେ ଯେଉଁ ବିବିଧତା ରହିଛି, ସେଥିରେ ଏକତା ଆଣିବା ପାଇଁ ଏଭଳି ଚିନ୍ତାଧାରା ଜରୁରୀ ଥାଏ ବୋଲି ସେ ଉପଲବ୍ଧି କରିଛନ୍ତି। ତେଣୁ ଆଜିର ସଫଳତା ପାଇଁ ସେ ଏହାର ଶ୍ରେୟ ଟିମ୍‌କୁ ଦେଇଛନ୍ତି। ପର୍ସିଭରେନ୍ସ ବା ଅଧ୍ୟବସାୟ ଥିଲେ ସିଦ୍ଧି ସମ୍ଭବ ବୋଲି ସେ ଦେଖାଇ ଦେଇଛନ୍ତି।

କାଲିଫର୍ନିଆରେ ସ୍ୱାମୀ ଓ ଦୁଇ ସନ୍ତାନଙ୍କ ସହ ରହୁଥିବା ସ୍ୱାତୀ ଭାରତୀୟ ହିନ୍ଦୁ ହୋଇଥିବାରୁ ତାଙ୍କ ମାତୃଭାଷା ପ୍ରତି ରହିଛି ପ୍ରଗାଢ଼ ସମ୍ମାନ। ଘରେ ପରିବାରବର୍ଗଙ୍କ ସହ ସେ କନ୍ନଡ଼ରେ କଥା ହେଇଥାଆନ୍ତି। ଅସଂଖ୍ୟ ଭାରତୀୟ ଯୁବତୀଯୁବକଙ୍କୁ ବାର୍ତ୍ତା ଦେଇ ସେ କହିଛନ୍ତି ''ତୁମେ ସର୍ବଦା ତୁମ ଅଭିଳାଷକୁ ଅନୁସରଣ କର। ପ୍ରତି ମୁହୂର୍ତ୍ତରେ ଯାହା ତୁମକୁ ଆନ୍ଦୋଳିତ କରୁଛି, ସେଥିରୁ ଅଧିକ ଶିକ୍ଷା ନିଅ। ଆଜି ନାସାରେ ସେ ଯାହା କରିପାରିଛନ୍ତି, ସ୍ୱପ୍ନରେ ଭାବି ନ ଥିଲେ। ଅଧ୍ୟୟନ ଓ ଅନ୍ୱେଷଣ ଜାରି ରଖିଲେ ତୁମକୁ ମଧ୍ୟ ନିଶ୍ଚୟ ସଫଳତା ମିଳିବ।''

**-ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ମାତ୍ର ୧୬ ବର୍ଷ ବୟସରେ ଉତ୍ତରପ୍ରଦେଶର ସମୀରା ଜଲାନ୍‌ଙ୍କ କାର୍ଯ୍ୟ ଅନ୍ୟମାନଙ୍କୁ ବେଶ୍ ପ୍ରଭାବିତ କରିପାରିଛି। ସମୀରାଙ୍କ ଘର ଗୋରଖପୁରରେ। ତାମିଲନାଡୁର ଇଣ୍ଟରନ୍ୟାଶନାଲ ସ୍କୁଲ ଅଫ୍ କୋଡାଇକେନାଲରେ ୧୦ମ ଶ୍ରେଣୀରେ ପଢୁଛନ୍ତି। ଲକ୍‌ଡାଉନ ସମୟରେ ଘରକୁ ଆସି କମ୍ ଦିନରେ ପିନ୍‌ଥ୍ରେଡ ସଂସ୍ଥା ଗଢ଼ି ତା' ମାଧ୍ୟମରେ ଅଦରକାରୀ ପୋଷାକରୁ ବିଭିନ୍ନ ଆକର୍ଷଣୀୟ ଜିନିଷ ତିଆରି କରୁଛନ୍ତି। ସ୍ଥାନୀୟ ଗ୍ରାମୀଣ ମହିଳାମାନଙ୍କୁ ଏ ସମ୍ପର୍କରେ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ରୋଜଗାରକ୍ଷମ କରାଇପାରିଛନ୍ତି। ଏପରି କି ସମୀରା କୋଭିଡ୍ ମହାମାରୀରେ ସ୍କୁଲ ବନ୍ଦଥିଲାବେଳେ ବହୁ ପିଲାଙ୍କୁ ସିଲାଇ ଶିକ୍ଷା ଦେଇଛନ୍ତି। ପିନ୍‌ଥ୍ରେଡରେ ମାସ୍କ, ହଟ୍ ୱାଟର ବ୍ୟାଗ୍, ପୋଟଳି ବ୍ୟାଗ୍, ଲାପଟପ୍ କଭର, ଶୁକଭର, ଲଣ୍ଡ୍ରି ବ୍ୟାଗ ଆଦି ତିଆରି କରାଯାଉଛି। ସେପ୍ଟେମ୍ବର ୨୦୨୦ରେ ପିନ୍‌ଥ୍ରେଡ ତା'ର ପ୍ରଥମ ଉତ୍ପାଦ ତିଆରି କରିବା ପରେ ସମୀରା ସେଗୁଡ଼ିକୁ ତାଙ୍କ ବନ୍ଧୁ ଓ ପରିବାରକୁ ଦେଇଥିଲେ। ତା'ପରଠାରୁ ପିନ୍‌ଥ୍ରେଡ ଏବେ ସୁଦ୍ଧା ୧.୨ ଲକ୍ଷ ଟଙ୍କା ଆୟ କରିପାରିଛି ଏବଂ ଏହାର ମହିଳା ସଦସ୍ୟମାନେ ସପ୍ତାହକୁ ୭୦୦ ଟଙ୍କା ଯାଏ ରୋଜଗାର କରିପାରୁଛନ୍ତି। ସେମାନେ ଦିନକୁ ମାତ୍ର ଦୁଇଘଣ୍ଟା କାମ କରୁଛନ୍ତି। ଶିକ୍ଷା ସହ ଏହି କାର୍ଯ୍ୟ ଜାରି ରଖିବେ ବୋଲି କହିଛନ୍ତି ସମୀରା।

## ୨୫ ବର୍ଷ ତଳର ଧରିତ୍ରୀ

**୨୧ ଫେବୃୟାରୀ ୧୯୯୬**

- ଚେଚେନିଆରୁ ପ୍ରାୟ ୧୦,୦୦୦ ସୈନ୍ୟଙ୍କ ପ୍ରତ୍ୟାହାର କରିନେବା ପାଇଁ ହୋଇଥିବା ଦାବି ରାଷ୍ଟ୍ରପତି ୟେଲଟ୍‌ସିନ୍ ଅଗ୍ରାହ୍ୟ କରିଦେଇଛନ୍ତି।
- ମଧ୍ୟପ୍ରଦେଶ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ବରିଷ୍ଠ କଂଗ୍ରେସ ନେତା ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଦ୍ୟାଚରଣ ଶୁକ୍ଳାଙ୍କର ନିର୍ବାଚନକୁ ଅସିଦ୍ଧ ଘୋଷଣା କରିଛନ୍ତି।

## ଚିରନ୍ତନୀ

ଜୀବନ-ବେଳା ପରେ ଖେଳିଲା କେତେ ବୀଚି
ଲାଗିଲା ନବ ନବ ଆଘାତ
ପାରିବି ନାହିଁ କହି ସକଳ ଆଜି ଫେଇ
ଗୋପନ କଥା ଆରେ ସଙ୍ଗାତ !

(ବ୍ୟାଖ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 4 | C | | E | 7 | | | 1 | | B | | |
| | | | | | | | | | 0 | | | 3 | 7 | 6 |
| | A | | 9 | | 5 | | | | | | 3 | | | 4 |
| | 9 | | | | | | | | | 7 | | | | 1 |
| | | | | 6 | 1 | | C | | E | | | D | | |
| | | 6 | D | | 0 | B | | | | | | 7 | | 5 |
| | | | B | | | 5 | | | 4 | | C | | | 3 |
| 5 | | | | 4 | A | | | | B | | | C | | 2 |
| 2 | D | 8 | | 7 | | | | | 6 | | | | 1 | |
| | 0 | | 1 | 9 | 2 | 4 | | | | | E | | | |
| 8 | | | | 1 | | | | | 2 | | | | | 9 |
| 6 | | 7 | 3 | | 8 | 9 | | E | | | | | | |
| B | 5 | | A | | | 2 | | | | | 0 | | | 8 |
| | 4 | | E | | | | B | A | | | | | | |
| C | | 0 | | | | | | | | 6 | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 4 | 7 | 1 | 5 | 0 | A | 2 | B | 8 | 9 | 6 | 3 | E | D |
| A | 9 | 6 | 3 | 4 | 8 | 7 | 1 | D | 5 | C | E | 2 | B | 0 |
| 5 | B | 8 | E | 6 | C | 0 | 9 | 3 | D | 2 | A | 1 | 7 | 4 |
| 0 | 3 | E | 9 | D | 2 | 4 | 5 | C | 1 | 7 | B | 8 | A | 6 |
| 2 | 1 | D | B | A | 7 | E | 6 | 8 | 0 | 3 | 4 | 5 | C | 9 |
| 8 | A | 1 | 6 | 9 | 3 | C | 7 | 4 | 2 | B | D | E | 0 | 5 |
| D | 5 | 9 | C | 8 | B | 2 | E | 0 | 4 | 1 | 7 | 6 | 3 | A |
| 6 | C | B | 0 | 2 | 4 | D | 8 | A | 3 | E | 5 | 7 | 9 | 1 |
| 3 | 7 | 0 | A | 1 | E | 6 | B | 5 | C | 8 | 9 | D | 4 | 2 |
| 4 | E | 2 | D | 7 | 5 | 9 | 3 | 1 | A | 6 | 0 | B | 8 | C |
| 1 | D | 5 | 7 | C | 9 | 8 | 4 | 2 | B | 0 | 3 | A | 6 | E |
| E | 8 | 4 | 5 | 0 | D | B | C | 7 | 6 | A | 1 | 9 | 2 | 3 |
| 9 | 0 | C | 2 | B | 1 | 3 | A | 6 | E | D | 8 | 4 | 5 | 7 |
| B | 6 | 3 | 4 | E | A | 1 | 0 | 9 | 7 | 5 | 2 | C | D | 8 |
| 7 | 2 | A | 8 | 3 | 6 | 5 | D | E | 9 | 4 | C | 0 | 1 | B |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଜମି ପଟ୍ଟା ପ୍ରଦାନ କରାଯାଉ

ମହାଶୟ,

ବର୍ତ୍ତମାନ କିଛି ବର୍ଷ ହେବ ଓଡ଼ିଶା ସରକାରଙ୍କ ସମସ୍ତ ଜମିର ନିର୍ମଳ ପଟ୍ଟା ପ୍ରଦାନ ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ତିନି ପୁରୁଷ ବା ତା'ଆଗରୁ ଭାଇ ଭାଗୁଆଳି ଜମି ଏକା ପଟ୍ଟାରେ ଥିବା ଯୋଗୁ ତାହା ଚାଷୀର ସରକାରୀ କ୍ଷେତ୍ରରେ ଅସୁବିଧା ହେଉଛି। ସମ୍ପୃକ୍ତ ଅଧିକାରୀମାନେ ଜାଣିଶୁଣି ଆଳ ଦେଖାଇ ତା' ସମସ୍ତ ଭାଇ ଓ ଭଉଣୀମାନଙ୍କ ନାମରେ ଜମି ପଟ୍ଟା ବନ୍ଦୋବସ୍ତ କରୁନାହାନ୍ତି। ଏହାର ନମୁନା ସ୍ୱରୂପ ମୋ ଜେଜେବାପା କୁକୁଡ଼ାଖଣ୍ଡି ତହସିଲ (ସେତେବେଳେ ବ୍ରହ୍ମପୁର) ଅନ୍ତର୍ଗତ ବଉଳ ଖୋଡି ସର୍କଲର ଭୁଡୁକା ମଉଜାର ପଟ୍ଟା ନମ୍ବର ୨୬୪ ଓ ୫୩ର କିଛି କିଛି ଜମି କିଣି ଚାଷବାସ ଓ ସିସ୍ତୁ ବାନ୍ଧିଆସୁଅଛୁ। ତା' ପରେ ମୋର ବାପା ଓ ମା' ମଧ୍ୟ। ବର୍ତ୍ତମାନ ଆମ ବାପା ମା'ଙ୍କ ଦେହାନ୍ତ ପରେ ଆମେ ଦୁଇ ଭାଇ ବୟସ ୬୪ ଓ ୬୨ ବର୍ଷରେ ଭିନ୍ନ ହୋଇ ସବୁ ଜମି ନିଜ ନିଜ ନାମରେ ପଟ୍ଟା କରିବାକୁ ଗଲାବେଳେ ଉପରୋକ୍ତ ଦର୍ଶାଯାଇଥିବା ଜମିର ପଟ୍ଟା ବିକ୍ରି କରିଥିବା ଲୋକଙ୍କ ନାମରେ ଅଛି। ତା'ର କ୍ରୟ ଦସ୍ତାବିଜ୍ କିମ୍ବା କୌଣସି କାଗଜପତ୍ର ଆମ ପାଖରେ କିମ୍ବା ସବ୍‌ରେଜିଷ୍ଟ୍ରାର ଅଫିସରେ କାହାର କୌଣସି ନିଦର୍ଶନ ବାହାରି ନାହିଁ। କେବଳ ଆମ ପାଖରେ ବାନ୍ଧୁଥିବା ସିସ୍ତୁ ବା ଜମିକର ପାଉତିମାନ ରହିଛି। ଏହା ତା'ର ପ୍ରମାଣ ଅଟେ। ଏହାର ପଟ୍ଟା ପ୍ରଦାନ ସକାଶେ ଓଡ଼ିଶା ରାଜସ୍ୱ କମିଶନ, କଟକ, ଦକ୍ଷିଣାଞ୍ଚଳ କମିଶନର ବ୍ରହ୍ମପୁର ଓ ଜିଲାପାଳ ଛତ୍ରପୁର ଏବଂ ସ୍ଥାନୀୟ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ। ତାହା ସ୍ଥାନୀୟ ଆର୍‌ଆଇଙ୍କ ଜରିଆରେ ତଦନ୍ତ କରି ସେହି ପୁରୁଣା କଥା କ୍ରୟ ଦସ୍ତାବିଜ୍ ଦେଖାଅ, ପଟ୍ଟା ହେବ କହି ଚାଲିଗଲେ। କିଛି ପରାମର୍ଶ ମିଳିଲା ନାହିଁ। ଯଦି ଏପରି ଜମିର ପଟ୍ଟା ନ ହୁଏ ତେବେ ସେ ଚାଷୀର ଆବଶ୍ୟକବେଳେ ସରକାରୀ କାର୍ଯ୍ୟରେ କିମ୍ବା ନିଜର ଅସୁବିଧାବେଳେ କିଣାବିକା ନ ହୋଇ ହୀନସ୍ତା ଭୋଗ କରିବ। ଏଥିପ୍ରତି ଧ୍ୟାନ ଦିଆଯାଉ।

ଅଦଲ ବାବାଜୀ, ବଡ଼ଖଣ୍ଡି, କଞ୍ଚୁରୁ, ଗଞ୍ଜାମ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଲଦାଖରେ ଓଡ଼ିଆ ଯବାନ ଶହୀଦ ଆଜି ପହଞ୍ଚିବ ମରଶରୀର

ଧର୍ମଶାଳା,(ଡି.ଏନ.ଏ.): ଦେଶ ପାଇଁ ଲଢ଼େଇ କରି ଶହୀଦ ହୋଇଛନ୍ତି ଜଣେ ଓଡ଼ିଆ ଯବାନ। ସେ ହେଲେ ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ କ୍ଷେତ୍ରପାଳ ଗ୍ରାମର ସ୍ୱର୍ଗତ ଯଦୁନାଥ ସାମଲଙ୍କ ସାନ ପୁଅ ଶଶାଙ୍କ। ଶଶାଙ୍କ ୯ବର୍ଷ ଧରି ଭାରତୀୟ ସ୍ଥଳସେନାରେ ଯବାନ ଭାବେ କାର୍ଯ୍ୟ କରିଆସୁଥିଲେ। ଲଦାଖରେ ସେ ଡ୍ୟୁଟିରେ ଥିବା ବେଳେ ଶତ୍ରୁପକ୍ଷଙ୍କ ଗୁଳିମାଡ଼ରେ ଶହୀଦ ହୋଇଛନ୍ତି। ଏସମ୍ପର୍କରେ ଶୁକ୍ରବାର ସନ୍ଧ୍ୟାରେ ତାଙ୍କ ବଡ଼ ଭାଇଙ୍କୁ ଫୋନ ଯୋଗେ ସୂଚନା ଦିଆଯାଇଛି। ଶଶାଙ୍କ ୪ ବର୍ଷ ତଳେ ବିବାହ କରିଥିବା ବେଳେ ତାଙ୍କର ଏକ ଦେଢ଼ ବର୍ଷର ଶିଶୁପୁତ୍ର ରହିଛି। ରବିବାର ସନ୍ଧ୍ୟାରେ ତାଙ୍କ ମରଶରୀର ଗ୍ରାମରେ ପହଞ୍ଚିବ।

# ମଧୁଶଯ୍ୟା ପୂର୍ବରୁ ମଶାଣି

- ନବବଧୂଙ୍କ ଆତ୍ମହତ୍ୟା
- ୧୭ ତାରିଖରେ ହୋଇଥିଲା ବିବାହ
- ଝୁଲନ୍ତା ଅବସ୍ଥାରେ ମିଳିଲା ମୃତଦେହ

**ଢେଙ୍କାନାଳ ଅଫିସ, ୨୦।୨**

ଆଖିରେ ଆଖିଏ ସ୍ୱପ୍ନ, ମନରେ ଅସୁମାରୀ ଆଶା ନେଇ ମାତ୍ର ୩ଦିନ ତଳେ ଆରମ୍ଭ କରିଥିଲେ ନୂଆ ଜୀବନ। ଲିଭି ନ ଥିଲା ପାଦର ଅଳତା କି ଫିକା ପଡ଼ି ନ ଥିଲା ହାତର ମେହେନ୍ଦି। ହେଲେ ସବୁ କିଛି ଓଲଟପାଲଟ ହୋଇଗଲା। ଚତୁର୍ଥୀ ହୋମ ଜଳିବା ଆଗରୁ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଲେ ନବବଧୂ। ଝୁଲନ୍ତା ଅବସ୍ଥାରେ ବନ୍ଦ କୋଠାରିରୁ ମିଳିଲା ମୃତଦେହ। ସୁହାସିନୀ ସାଜି ମଧୁଶଯ୍ୟାରୁ ମଶାଣିକୁ ଗଲା ନବ ବିବାହିତାଙ୍କ ମୃତଦେହ। ଢେଙ୍କାନାଳ ସଦର ଥାନା ବିଦାବନ୍ଧ ଗ୍ରାମରେ ଶନିବାର ଘଟିଥିବା ଏଭଳି ଏକ ଦୁଃଖଦ ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ହିନ୍ଦୋଳ ଥାନା କଲଣ୍ଡା ଗ୍ରାମର ହରିହର ନାୟକଙ୍କ ଝିଅ ଝରଣା ବିଦାବନ୍ଧ ଗ୍ରାମର ମୁରଲୀଧର ନାୟକଙ୍କ ବଡ଼ପୁଅ ମଦନମୋହନଙ୍କୁ ଗତ ୧୭ତାରିଖରେ ବିବାହ କରିଥିଲେ। ଶନିବାର ଥିଲା ଚତୁର୍ଥୀ। ସକାଳୁ ଝରଣା ଉଠି ନ ଥିଲେ। ପରିବାର ଲୋକେ କବାଟ ପିଟି ଥିଲେ ମଧ୍ୟ ପ୍ରକୋଷ୍ଠରୁ କୌଣସି ଉତ୍ତର ମିଳି ନ ଥିଲା। ସ୍ୱାମୀ ମଦନମୋହନ ଏବଂ ପରିବାରର ଅନ୍ୟ ସଦସ୍ୟ କବାଟ ଭାଙ୍ଗି ଭିତରେ ପଶିବା ବେଳକୁ ଝରଣାଙ୍କ ମୃତଦେହ ଫ୍ୟାନ୍‌ରେ ଝୁଲୁଥିଲା। ସେ ନିଜ ଶାଢ଼ିରେ ଆତ୍ମହତ୍ୟା କରିଥିଲେ। ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା।

ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ପାଇ ସଦର ଥାନା ପୋଲିସ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏ ସଂକ୍ରାନ୍ତରେ ନଂ. ୯/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଝରଣାଙ୍କ ବାପା ହରିହର ନାୟକଙ୍କ କହିବା କଥା, ୧୦ମ ଶ୍ରେଣୀରେ ପଢୁଥିବାବେଳେ ଝିଅଙ୍କ ମୁଣ୍ଡଦୋଷ ବାହାରିଥିଲା। ମଝିରେ ମଝିରେ ସେ ହିତାହିତ ଜ୍ଞାନ ହରାଇ ବସୁଥିଲେ। ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ତାଙ୍କର ଚିକିତ୍ସା କରାଯାଇଥିଲା। ୧୨ ଦିନ ତଳେ ବିବାହ ପ୍ରସ୍ତାବ ଆସିବାରୁ ସମସ୍ୟା ବିଷୟରେ ବରପକ୍ଷଙ୍କୁ ନ ଜଣାଇ ଝିଅଙ୍କ ବିବାହ କରିଦେଇଥିଲୁ। ଏଥିରେ ଶାଶୁଘର ପକ୍ଷର କେହି ଦାୟୀ ନୁହନ୍ତି ବୋଲି ହରିହର ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ଏ ସଂକ୍ରାନ୍ତରେ ମଦନମୋହନ କୁହନ୍ତି, ଶନିବାର ବିବାହର ଚତୁର୍ଥୀ ଥିଲା। ସେ ଝିଅଙ୍କ ସହ କଥାବାର୍ତ୍ତା ମଧ୍ୟ କରିନାହାନ୍ତି। ଏଭଳି ଘଟଣା କାହିଁକି ଘଟିଲା ସେ ସମ୍ପର୍କରେ କିଛି କହିପାରିବେ ନାହିଁ ବୋଲି ସେ ସୂଚନା ଦେଇଛନ୍ତି।

# ପରଲୋକରେ ଦେବାନନ୍ଦ

**ଜୀବନ ସଂଗ୍ରାମରେ ହାରିଗଲେ ସ୍ୱାଧୀନତା ସଂଗ୍ରାମୀ**

**ସମ୍ବଲପୁର,୨୦।୨(ବ୍ୟୁରୋ)**



ସ୍ୱାଧୀନତା ସଂଗ୍ରାମୀ ଦେବାନନ୍ଦ ଗୁପ୍ତା।

ଜୀବନ ସଂଗ୍ରାମରେ ହାରିଯାଇଛନ୍ତି ସ୍ୱାଧୀନତା ସଂଗ୍ରାମୀ ଦେବାନନ୍ଦ ଗୁପ୍ତା। ସମ୍ବଲପୁରର ବୁର୍ଲା ଭିମ୍‌ସାରରେ ଚିକିତ୍ସାଧୀନ ଅବସ୍ଥାରେ ୯୫ ବର୍ଷ ବୟସରେ ଶନିବାର ତାଙ୍କର ପରଲୋକ ଘଟିଛି। ଶେଷଶଯ୍ୟା ନିକଟରେ ପୋଷ୍ୟ ଭାବେ ଗ୍ରହଣ କରିଥିବା ଭାଇଙ୍କ ଝିଅ ନୀରୁପ୍ରଭା ଗୁପ୍ତା, ଜ୍ୱାଇଁ ପ୍ରଫୁଲ୍ଲ ମହାନା ଉପସ୍ଥିତ ଥିଲେ। ଖବର ପାଇ ଜିଲା ପ୍ରଶାସନର ବହୁ ଅଧିକାରୀ, ସାମାଜିକ କର୍ମୀ, ରାଜନେତା ତାଙ୍କ ଶେଷଦର୍ଶନ କରିଥିଲେ।

୧୯୨୬ରେ ହୀରାକୁଦର ପଟ୍ଟାପାଲି ଗ୍ରାମରେ ଦେବାନନ୍ଦଙ୍କ ଜନ୍ମ। ହୀରାକୁଦ ଡ୍ୟାମ୍ ଯୋଗୁ ସେ ବିସ୍ଥାପିତ ହୋଇ ମାନେଶ୍ୱର ବ୍ଲକ ମୁରା (କଲମି) ଗ୍ରାମକୁ ଆସି ପରିବାର ସହ ରହୁଥିଲେ। ୭ବର୍ଷ ତଳେ ସ୍ତ୍ରୀ ମାଧବୀ ଆରପାରିକୁ ଚାଲିଯିବା ପରେ ସେ ଅସହାୟ ହୋଇପଡିଥିଲେ। କଲମି ଗ୍ରାମକୁ ଆସି ଝିଅଜ୍ୱାଇଁଙ୍କ ପାଖରେ ଆଶ୍ରୟ ନେଉଥିଲେ। ୧୯୪୨ରେ ମହାତ୍ମା ଗାନ୍ଧୀଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ସେ ଭାରତଛାଡ଼ ଆନ୍ଦୋଳନରେ ଯୋଗଦେଇଥିଲେ। କଂଗ୍ରେସର କାର୍ଯ୍ୟକାରୀ ସଦସ୍ୟ ହରେକୃଷ୍ଣ ମହତାବଙ୍କୁ ମହମ୍ମଦ ଦୁର୍ଗଠାରେ ଅଟକ ରଖାଗଲା। ରାଜ୍ୟର ବଛା ବଛା ନେତାଙ୍କୁ ଜେଲରେ ପୂରାଇ ଦିଆଗଲା। ଏହାକୁ ନେଇ ପୁରପଲ୍ଲୀରେ ବିଦ୍ରୋହ ଆରମ୍ଭ ହେଲା। ସେ ସମୟରେ ଦେବାନନ୍ଦ ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଲପଙ୍ଗା ଛକରେ ପୋଲିସ ଗିରଫ କରି ତାଙ୍କୁ ଝାରସୁଗୁଡ଼ା ଜେଲକୁ ନେଇଯାଇଥିଲା। ୨୦୧୮ ଅଗଷ୍ଟ ମାସରେ ଦେବାନନ୍ଦ ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ। ୨୦୨୦ରେ କ୍ରାନ୍ତିଦିବସ ଅବସରରେ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ସଂକ୍ଷେପରେ

### ପୃଥକ ଦୁର୍ଘଟଣାରେ ୩ ମୃତ

**ବାଲିଗୁଡ଼ା/ଖଜୁରିପଡ଼ା/ବଲସକୁମ୍ପା, ୨୦।୨.(ଡି.ଏନ.ଏ.):** କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅଞ୍ଚଳରେ ଏକ ବାଇକ ଗଛରେ ପିଟି ହେବାରୁ ୨ଜଣ ଓ ଖଜୁରିପଡା ଥାନା ଅଞ୍ଚଳରେ ଏକ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଛି। ଦାନୁଙ୍ଗିଆର ରିବିୟାନ, ଅନନ୍ତ ମାଝୀ ଓ ଅନ୍ୟଜଣେ ଏକ ବାଇକ୍‌ରେ ଶନିବାର ବାଲିଗୁଡ଼ା ଆସୁଥିଲେ। ପୁରୁଣା ବାଟାଗୁଡ଼ା ନିକଟରେ ବାଇକ୍‌ଟି ଏକ ଗଛରେ ପିଟି ହୋଇଯାଇଥିଲା। ରିବିୟାନ ଓ ଅନ୍ୟ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଅନନ୍ତଙ୍କୁ ପୋଲିସ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛି। ଅନ୍ୟଜଣେ ମୃତକଙ୍କ ପରିଚୟ ମିଳିପାରିନାହିଁ।

ସେହିପରି ଖଜୁରିପଡା ଥାନା ରାଇଖୋଲ ସନ୍ଧିପୁଲଠାରେ ଶୁକ୍ରବାର ରାତିରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟିଁଗ୍ରାପଙ୍ଗା ପଞ୍ଚାୟତ କଲାଡ଼ି ଗାଁର ବାଦଲ ପ୍ରଧାନ। ବାଦଲ ବାଇକ୍ ନେଇ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା।

### ଘାଟିରେ ବସ୍ ଓଲଟିଲା: ଜଣେ ଗୁରୁତର, ୬ ଆହତ



**ଦାରିଙ୍ଗବାଡ଼ି,୨୦।୨(ଡି.ଏନ.ଏ):** କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଦୁର୍ଗମ ଅଞ୍ଚଳ ପେଟାରବାଡ଼ି ଘାଟିରେ ଶନିବାର ସନ୍ଧ୍ୟାରେ ଏକ ବସ୍ ଓଲଟି ପଡିବାରୁ ୭ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ବୃଦ୍ଧ ଡେକ୍ରା ପ୍ରଧାନ(୭୦)ଙ୍କ ଅବସ୍ଥା ଗୁରୁତର ରହିଛି। ଅନ୍ୟ ୬ଜଣ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବାବେଳେ ଡେକ୍ରାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ରାଇକିଆ ଠାରୁ ଦାରିଙ୍ଗବାଡ଼ି ଦେଇ କୋଟଗଡ଼ ବ୍ଲକ ରାଣିପାଙ୍ଗାକୁ ବସ୍‌ଟି ଯାଉଥିଲା। ଦାରିଙ୍ଗବାଡ଼ିରୁ ପ୍ରାୟ୧୫ କିଲୋମିଟର ଯିବାପରେ ପର୍ଡ଼ମାହା ପଞ୍ଚାୟତ ପେଟାରବାଡ଼ି ଘାଟି ବୁଲାଣୀରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଦାରିଙ୍ଗବାଡ଼ି ଆଇଆଇସି କୌଶିକ ମାଝୀ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ।

### ମଦପିଇ ଗ୍ରାମବାସୀଙ୍କୁ ଫାଣ୍ଡି ଅଧିକାରୀଙ୍କ ମାଡ଼ ଅଭିଯୋଗ

**ଭିଡିଓ ଭାଇରାଲ**

**ନବରଙ୍ଗପୁର/ନନ୍ଦାହାଣ୍ଡି,୨୦।୨(ବି.ପ୍ର./ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ସରୁଗୁଡା ଗାଁରେ ଶୁକ୍ରବାର ରାତି ପ୍ରାୟ ୮ଟା.୩୦ରେ ଦୋକାନ ବନ୍ଦ କରି ଘରକୁ ଯାଉଥିବା ବ୍ୟବସାୟୀ ଓ ପାଖରେ ଥିବା କେତେଜଣ ଲୋକଙ୍କୁ ଡଙ୍ଗରଭେଜା ଫାଣ୍ଡି ଅଧିକାରୀ ଠଣ ସୁନ୍ଦର ପ୍ରଧାନ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ନିଶାସକ୍ତ ଅବସ୍ଥାରେ ଫାଣ୍ଡି ଅଧିକାରୀ ଏପରି କରିଥିବା ସୁରୁଗୁଡ଼ା ଗ୍ରାମବାସୀ କହିଛନ୍ତି। ଏବେ ସୋସିଆଲ ମିଡିଆରେ ଏହି ଘଟଣାର ଭିଡିଓ ଭାଇରାଲ ହେବାରେ ଲାଗିଛି। ସୂଚନା ଅନୁଯାୟୀ, ଫାଣ୍ଡି ଅଧିକାରୀ ପ୍ରଧାନ ଶୁକ୍ରବାର ରାତିରେ ସୁରୁଗୁଡା ଗ୍ରାମର କିଛି ଯୁବକଙ୍କୁ ନିସ୍ତୁକ ମାଡ଼ ମାରିବା ସହ ଗାଳିଗୁଲଜ କରିଥିଲେ। କିଛି ଭୁଲ୍ ନ ଥାଇ କାହିଁକି ମାଡ଼ ମାରିଲ ବୋଲି କହି ଗ୍ରାମବାସୀ ତାଙ୍କୁ ଘେରିଥିଲେ। ସମସ୍ତ ଘଟଣାକୁ କେହି ଜଣେ ରେକର୍ଡିଂ କରି ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିଛନ୍ତି। ଫାଣ୍ଡି ଅଧିକାରୀଙ୍କ ଏହି ଦୃଶ୍ୟକୁ ଲୋକେ ତୀବ୍ର ନିନ୍ଦା କରିଛନ୍ତ। ଗତ କିଛିଦିନ ଧରି ରାସ୍ତାରେ ରାତିରେ ଲୁଟ୍‌ତରାଜ ଚାଲଛି। ଏହାକୁ ନେଇ ପାଟ୍ରୋଲିଂ କରୁଥିଲି। ଉକ୍ତ ବ୍ୟକ୍ତିମାନଙ୍କ କାର୍ଯ୍ୟକଳାପରେ ସନ୍ଦେହ ହେବାରୁ ତାଙ୍କୁ ପଚାରିବା ସମୟରେ କେହି ଭିଡିଓ କରି ଭାଇରାଲ କରିଥାଇପାରନ୍ତି। ସେ ମଦ୍ୟପାନ କରିଥିବା କଥା ମିଥ୍ୟା ବୋଲି ଡଙ୍ଗରଭେଜା ଫାଣ୍ଡି ଅଧିକାରୀ କହିଛନ୍ତି।

# ସମ୍ବଲପୁର ଡିଭିଜନରୁ ଗଲା କେରେଜାଙ୍ଗ ଷ୍ଟେଶନ

- ବାର୍ଷିକ ୨୫୦ କୋଟି କ୍ଷତି
- ରେଳ ମନ୍ତ୍ରଣାଳୟ ନିଷ୍ପତ୍ତିକୁ ନିନ୍ଦା

**ସମ୍ବଲପୁର,୨୦।୨(ବ୍ୟୁରୋ)**




ସମ୍ବଲପୁର ରେଳ ଡିଭିଜନ ଅଫିସ।

ସମ୍ବଲପୁର ରେଳ ଡିଭିଜନ ଅଧୀନରେ ଥିବା ଅନୁଗୋଳ ଜିଲାର କେରେଜାଙ୍ଗ ଷ୍ଟେଶନ ଖୋର୍ଦ୍ଧା ଡିଭିଜନକୁ ଚାଲିଯାଇଛି। କେନ୍ଦ୍ର ରେଳ ମନ୍ତ୍ରଣାଳୟ ପକ୍ଷରୁ ଫେବୃୟାରୀ ୧୫ ତାରିଖରେ ଏହି ନିଷ୍ପତ୍ତି ନିଆଯାଇଛି। ଏହା ଦ୍ୱାରା ସମ୍ବଲପୁର ଡିଭିଜନ ବାର୍ଷିକ ୨୫୦ କୋଟି ଟଙ୍କା କ୍ଷତି ସହିବ। କେନ୍ଦ୍ର ସରକାରଙ୍କ ଏଭଳି ନିଷ୍ପତ୍ତି ଓ ରାଜ୍ୟ ସରକାରଙ୍କ ସହମତିକୁ ସାଧାରଣରେ ନିନ୍ଦା କରାଯାଉଛି। ପୂର୍ବରୁ ମଧ୍ୟ ୨୦୧୧ ମସିହାରେ ଛତିଶଗଡ ମୋଦିରହସୁଦଠାରେ ଥିବା ଷ୍ଟେଶନକୁ ରାୟପୁର ଡିଭିଜନ ଅଧୀନକୁ ନିଆଯାଇଥିଲା।

ମୁଖ୍ୟ ମାନବସମ୍ବଳ ଅଧିକାରୀ (ସିପିଆରଓ) କେ.କେ. ଖାଡ଼ଙ୍ଗା କହିଛନ୍ତି, କେରେଜାଙ୍ଗ ଷ୍ଟେଶନକୁ ସମ୍ବଲପୁର ଡିଭିଜନରୁ ଖୋର୍ଦ୍ଧା ଡିଭିଜନକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ରେଳ ବୋର୍ଡ ନିଷ୍ପତ୍ତି ନେଇଛି। ଫେବୃୟାରୀ ୧୫ରେ ଚୂଡାନ୍ତ ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି। ମିଳିଥିବା ସୂଚନା ମୁତାବକ ସମ୍ବଲପୁର ରେଳ ଡିଭିଜନ ଅଧୀନରେ ବାର୍ଷିକ ପ୍ରାୟ ୧ ହଜାର କୋଟି ଟଙ୍କା ଲାଭ ହୋଇଥାଏ। ସେଥିମଧ୍ୟରୁ ପ୍ରାୟ ୨୫ ପ୍ରତିଶତ ଲାଭ କେବଳ କେରେଜାଙ୍ଗ ଷ୍ଟେଶନରୁ ଆଦାୟ ହୋଇଥାଏ। ଏହି ଷ୍ଟେଶନକୁ ଜିନ୍ଦଲ ପାୱାର ଷ୍ଟିଲ୍ ଓ ଅନ୍ୟାନ୍ୟ କମ୍ପାନୀ ମାଲ ପରିବହନ କରିବାରେ ବ୍ୟବହାର କରିଥାନ୍ତି। ଏହାସହ ସେଠାରେ ଷ୍ଟକ୍ ୟାର୍ଡ ମଧ୍ୟ କରନ୍ତି। ଫଳରେ ରେଳ ବିଭାଗକୁ ଅଧିକ ଆୟ ହୋଇଥାଏ। ମାଲବାହୀ ଓ ଅନ୍ୟ ଯାତ୍ରୀବାହୀ ଟ୍ରେନ ମଧ୍ୟ ରହଣି କରିଥାନ୍ତି। ସମ୍ବଲପୁର ଡିଭିଜନ ଅଫିସରୁ କେରେଜାଙ୍ଗ ଷ୍ଟେଶନର ଦୂରତା ୧୩୦ କି.ମି.। ହେଲେ ଖୋର୍ଦ୍ଧା ଡିଭିଜନରୁ ଉକ୍ତ ଷ୍ଟେଶନ ପ୍ରାୟ ୨୦୦ କିମି ଦୂର ହେବ। ଡିଭିଜନ ଅଫିସକୁ ଅଧିକ ଦୂର ହେଉଥିଲେ ମଧ୍ୟ ଚକ୍ରାନ୍ତ କରି ଏଭଳି ନିଷ୍ପତ୍ତି ନିଆଯାଇଥିବା ଅଭିଯୋଗ ହେଉଛି। ବୁଦ୍ଧିଜୀବୀ ଦୀପକ ପଣ୍ଡା କହନ୍ତି, ଏହା ଦ୍ୱାରା ସମ୍ବଲପୁର ରେଳ ଡିଭିଜନର ଆର୍ଥିକ ଓ ଅନ୍ୟ ସ୍ଥିତି ହ୍ରାସ ପାଇବ। ଖୋର୍ଦ୍ଧା ରେଳ ଡିଭିଜନକୁ ଉନ୍ନତି କରିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ପୂର୍ବତନ ଏମ୍‌ପି ଭବାନୀ ହୋତା କହିଛନ୍ତି, ହୀନ ଉଦ୍ଦେଶ୍ୟ ନେଇ ଏଭଳି ଚକ୍ରାନ୍ତ କରାଯାଉଛି। ଖୋର୍ଦ୍ଧା ଡିଭିଜନର ରାଜସ୍ୱ ବୃଦ୍ଧି ପାଇଁ ସମ୍ବଲପୁର ଡିଭିଜନକୁ ଡଳିତଳାନ୍ତ କରାଯାଉଛି। ସମ୍ବଲପୁର ଡିଭିଜନ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏଥିରେ ଆହୁରି ଡିଭିଜନ ସାମିଲ କରି ଉନ୍ନତି କରିବା କଥା। ହେଲେ ସରକାରଙ୍କ କମ୍ପାନୀ ପ୍ରୀତି ଓ ଖାମଖିଆଲି ମନୋଭାବ ଯୋଗୁ ସମ୍ବଲପୁର ଡିଭିଜନକୁ କ୍ଷତି ପହଞ୍ଚିବ। ଏହାକୁ ଶୀଘ୍ର ବାତିଲ କରାଯାଉ, ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ କରାଯିବ।

## ୨୪୫୨ ମେଡିକାଲ ଅଫିସର ନିଯୁକ୍ତି ପାଇଁ ଓପିଏସ୍‌ସିର ବିଜ୍ଞପ୍ତି

**ଭୁବନେଶ୍ୱର, ୨୦।୨(ବ୍ୟୁରୋ)**

ରାଜ୍ୟରେ ୨,୪୫୨ ମେଡିକାଲ ଅଫିସର ନିଯୁକ୍ତ ହେବେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ଥିବା ଓଡ଼ିଶା ମେଡିକାଲ ଏବଂ ସ୍ୱାସ୍ଥ୍ୟ ସେବା କ୍ୟାଡରର ଏହି ପଦବୀ ପାଇଁ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଓପିଏସ୍‌ସି ଗ୍ରୁପ୍-ଏ (ଜୁନିୟର ଶାଖା)ରେ ମେଡିକାଲ୍ ଅଫିସର (ଆସିଷ୍ଟାଣ୍ଟ ସର୍ଜନ) ପଦବୀରେ ନିଯୁକ୍ତି ପାଇଁ ଏମ୍‌ବିବିଏସ୍ ଡିଗ୍ରୀ ହାସଲ କରିଥିବା ଯୋଗ୍ୟ ପ୍ରାର୍ଥୀଙ୍କଠାରୁ ଅନ୍‌ଲାଇନ ଆବେଦନ ଆମନ୍ତ୍ରଣ କରାଯାଇଛି। ପଞ୍ଜୀକରଣ, ପୁନଃପଞ୍ଜୀକରଣ ଓ ପରୀକ୍ଷା ଫି' ପ୍ରଦାନର ଲିଙ୍କ୍ ଆସନ୍ତା ୨୬ ତାରିଖରୁ ମାର୍ଚ୍ଚ ୨୫ ପର୍ଯ୍ୟନ୍ତ ଉପଲବ୍ଧ ହେବ। ମାର୍ଚ୍ଚ ୨୫ ଅନ୍‌ଲାଇନ୍ ଆବେଦନ ଦାଖଲର ଶେଷ ତାରିଖ ଥିବାବେଳେ ପଞ୍ଜୀକୃତ ଅନଲାଇନ୍ ଆବେଦନ ପାଇଁ ଏପ୍ରିଲ୍ ୬ ତାରିଖ ରହିଛି। ଅଧିକ ବିବରଣୀ ପାଇଁ ଆବେଦନକାରୀ https://www.opsc.gov.in/Public/OPSC/Default.aspxରେ ଦେଖିପାରିବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

# ଦୁର୍ଘଟଣାରେ ୪ ମୃତ

**ବାରିପଦା ଅଫିସ/ଠାକୁରମୁଣ୍ଡା/ଚିତ୍ରଡା, ୨୦।୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲାର ପୃଥକ ସ୍ଥାନରେ ଶନିବାର ଦୁର୍ଘଟଣା ଘଟି ୪ଜଣଙ୍କ ମୃତ୍ୟୁ ହୋଇଛି। କରଞ୍ଜିଆ ଥାନା ଅଧୀନ ୫୩ନଂ. ଜାତୀୟ ରାଜପଥ କେନ୍ଦୁମୁଣ୍ଡି ନିକଟରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ମୋରଡା ଥାନା ଅଧୀନ ୬୧ନଂ. ରାଜ୍ୟ ରାଜପଥ ଝିଙ୍କିଡ଼ିଆ ବଜାରରୁ ୧କି.ମି. ଦୂରରେ ଅନ୍ୟ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଖୁଣ୍ଟାକଟା ଗ୍ରାମର ଶମ୍ଭୁନାଥ ମହାନ୍ତ ଓ ଧାତକିବେଡା ଗ୍ରାମର ଚିତ୍ରସେନ ମହାନ୍ତ। ଅନ୍ୟ ୨ଜଣଙ୍କ ପରିଚୟ ମିଳିନାହିଁ। ଶନିବାର ସନ୍ଧ୍ୟା ୫ଟାରେ ଶମ୍ଭୁନାଥ ଓ ଚିତ୍ରସେନ ବାଇକ୍‌ରେ କରଞ୍ଜିଆରୁ ନିଜ ଗ୍ରାମକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ପିକଅପ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ପିକ୍‌ଅପ୍‌କୁ ଅଟକ ରଖି ପୋଲିସ ଜିମା ଦେଇଛନ୍ତି। ସେହିପରି ରାତି ୧୦ଟା ବେଳେ ବାରିପଦାରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ କାର୍ ଝିଙ୍କିଡ଼ିଆ ବାଙ୍କ ରାସ୍ତାରେ ରାସଗୋବିନ୍ଦପୁର ଆଡୁ ଆସୁଥିବା ଏକ ବାଇକ ସହିତ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ବାଇକ ସମ୍ପୂର୍ଣ୍ଣ ଜଳିଯାଇଥିଲା। ବାଇକରେ ଥିବା ଦୁଇଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ।

## ବନ୍ୟଜନ୍ତୁ ଆକ୍ରମଣରେ ୨୮ ଛେଳି ମୃତ

**ଆଠମଲ୍ଲିକ,୨୦।୨(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ରେଞ୍ଜ ଅନ୍ତର୍ଗତ ଖଇରମୁଣ୍ଡା ପାହାଡ଼ ଉପରୁ ଗତ ଶୁକ୍ରବାର ୨୮ ଛେଳିଙ୍କ ମୃତଦେହ ମିଳିଛି। ବନ୍ୟଜନ୍ତୁ ଆକ୍ରମଣରେ ଛେଳିଙ୍କ ମୃତ୍ୟୁ ଘଟିଥିବା ବନ ବିଭାଗ କହିଛି। ଅଏଡା ପଞ୍ଚାୟତ କୁରୁଗାଁର ଟିକୁ ଦେହୁରୀ ଗତ ୧୫ ତାରିଖରେ ଖଇରମୁଣ୍ଡା ପାହାଡ଼ ତଳି ଅଞ୍ଚଳକୁ ଛେଳି ଗୋଠ ଧରି ଚରାଇବାକୁ ଯାଇଥିଲେ। ପଲରୁ ଅଲଗା ହୋଇ ୨୮ଟି ଛେଳି ପାହାଡ଼ ଉପରକୁ ପଳାଇ ଯାଇଥିଲେ। ଟିକୁ ଅନ୍ୟ ଛେଳିଙ୍କୁ ଧରି ଘରକୁ ଫେରିଆସିଥିଲେ। ଘଟଣା ପରଠାରୁ ଗ୍ରାମବାସୀଙ୍କ ସହାୟତାରେ ହଜିଯାଇଥିବା ଛେଳିଗୁଡ଼ିକୁ ଖୋଜିବାକୁ ଉଦ୍ୟମ ଜାରି ରଖିଥିଲେ। ଗତ ଶୁକ୍ରବାର ପାହାଡ଼ ଉପରେ ଥିବା ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଛେଳିଗୁଡିକର ମୃତଦେହ ଏଣେତେଣେ ପଡ଼ିଥିବା ଦେଖିବାକୁ ମିଳିଥିଲା।




ମଣ୍ଡି ସମସ୍ୟା ନେଇ ବିଧାନସଭା ପରିସରରେ ଭାଜପା ବିଧାୟକମାନେ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଆବଶ୍ୟକ ହେଲେ ଲକ୍‌ଡାଉନ୍

- ରାଜ୍ୟ ବାହାରୁ ଆସୁଥିବା ଲୋକଙ୍କ ଉପରେ ନଜର
- ଲକ୍ଷଣ ଦେଖିଲେ ତୁରନ୍ତ ଜଣାଇବାକୁ ଡିଏମ୍‌ଇଟିଙ୍କ ପରାମର୍ଶ

**ଭୁବନେଶ୍ୱର, ୨୦।୨(ବ୍ୟୁରୋ)**

ପୁଣି ଚିନ୍ତା ବଢ଼ାଇଲାଣି କରୋନା। ମହାରାଷ୍ଟ୍ରରେ କରୋନା ସ୍ଥିତି ଭୟଙ୍କର ହେବାପରେ ଓଡ଼ିଶାରେ ମଧ୍ୟ ଏନେଇ ତତ୍ପରତା ଦେଖାଦେଲାଣି। ଶୁକ୍ରବାର ରାଜ୍ୟ ସରକାର ସତର୍କତା ଜାରି କରିଥିବାବେଳେ ଶନିବାର ପ୍ରତିକ୍ରିୟା ରଖିଛନ୍ତି ଡିଏମ୍‌ଇଟି ପ୍ରଫେସର ସିବିକେ ମହାନ୍ତି। ଓଡ଼ିଶାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମ୍ ରହିଛି। ବର୍ତ୍ତମାନର ସ୍ଥିତି ନିୟନ୍ତ୍ରଣରେ ଥିବାରୁ ଲକ୍‌ଡାଉନ୍ ଆବଶ୍ୟକ ନାହିଁ। କିନ୍ତୁ ଆବଶ୍ୟକ ପଡ଼ିଲେ ଭବିଷ୍ୟତରେ ଲକ୍‌ଡାଉନ୍ କରାଯାଇପାରେ। ଏବେ ବ୍ରିଟେନ ଷ୍ଟ୍ରେନ୍ ଚିହ୍ନଟ ପରେ ମହାରାଷ୍ଟ୍ର, କେରଳ ଓ କର୍ଣ୍ଣାଟକରେ କଟକଣା ଜାରି ହୋଇଛି। ଓଡ଼ିଶାକୁ ଷ୍ଟ୍ରେନ୍ ଆସିବା ସମ୍ଭାବନାକୁ ଏଡାଇ ଦେଇ ହେଉନି। ତେଣୁ ଆମକୁ ଆଗୁଆ ସତର୍କ ରହିବାକୁ ହେବ। ଲୋକେ ନିଜେ ସଚେତନ ରହିଲେ ଲକ୍‌ଡାଉନ୍ ଏଡ଼ାଇ ହେବ। ସର୍ଭେଲାନ୍ସ ଟିମ୍ ରାଜ୍ୟ ବାହାରୁ ଆସୁଥିବା ଲୋକଙ୍କ ଉପରେ ନଜର ରଖିଛି। କିନ୍ତୁ ୪ କୋଟି ଲୋକଙ୍କ ପାଖକୁ ଯାଇ ହେବନି। ତେଣୁ ଯେଉଁ ଲୋକଙ୍କ ଭିତରେ କିଛି ଲକ୍ଷଣ ଦେଖାଯାଉଛି, ସେମାନେ ନିଜେ ଜଣାନ୍ତୁ ଓ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ବୋଲି ଡିଏମ୍‌ଇଟି କହିଛନ୍ତି।

ସୂଚନାଯୋଗ୍ୟ, କରୋନା ସଂକ୍ରମଣ ଯେପରି ପୁଣି ନ ବଢ଼ିବ ସେଥିପାଇଁ ସତର୍କ ହୋଇଛନ୍ତି ରାଜ୍ୟ ସରକାର। ରାଜ୍ୟରେ କଡ଼ାକଡ଼ି ଭାବେ କରୋନା କଟକଣା ପାଳନ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଶୁକ୍ରବାର ରାଜ୍ୟର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ପୋଲିସ କମିଶନର, ଡିସିପି, ଏସପି ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ପରଠୁ ସବୁଠି ତତ୍ପରତା ପ୍ରକାଶ ପାଇଛି।

## ନନ୍ଦନକାନନରେ ବିଶ୍ୱ ବଜ୍ରକାପ୍ତା ଦିବସ

**ବାରଙ୍ଗ,୨୦।୨(ଡି.ଏନ୍.ଏ.)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଶନିବାର ବିଶ୍ୱ ବଜ୍ରକାପ୍ତା ଦିବସ ପାଳିତ ହୋଇଯାଇଛି। ଏଥିରେ ନନ୍ଦନକାନନ ଉପନିର୍ଦ୍ଦେଶକ ବିମଳ ପ୍ରସନ୍ନ ଆଚାର୍ଯ୍ୟ ଅତିଥିଭାବେ ଯୋଗଦେଇଥିଲେ। ସହକାରୀ ନିର୍ଦ୍ଦେଶକ ଅମୂଲ୍ୟ କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଦିବସ ଉପଲକ୍ଷେ ପର୍ଯ୍ୟଟକମାନଙ୍କୁ ସଚେତନ କରିବା ସହ ବିଶ୍ୱରେ ବିଲୁପ୍ତପ୍ରାୟ ବଜ୍ରକାପ୍ତାଙ୍କର ସୁରକ୍ଷା ପାଇଁ ବାର୍ତ୍ତା ଦିଆଯାଇଥିଲା। ଏହିଅବସରରେ ନନ୍ଦନକାନନକୁ ଆସିଥିବା ପର୍ଯ୍ୟଟକମାନଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା କରାଯାଇ କୃତୀ ପର୍ଯ୍ୟଟକଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏବେ ନନ୍ଦନକାନନରେ ବଜ୍ରକାପ୍ତାଙ୍କ ସଂଖ୍ୟା ୨୫ ଥିବାବେଳେ ପ୍ରଜନନ କେନ୍ଦ୍ରରେ ୨୪ଟି ଓ ରାତ୍ରିଚର ଜୀବଙ୍କ ଘରେ ଗୋଟିଏ ବଜ୍ରକାପ୍ତା ରହି ପର୍ଯ୍ୟଟକଙ୍କ ମନୋରଞ୍ଜନର ଖୋରାକ ସାଜିଛି।

**ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ବଲାଙ୍ଗୀର**

**ବିଜ୍ଞାପନ**

ପତ୍ର ସଂଖ୍ୟା: ୩୪୦୦ ତାରିଖ: ୦୬।୦୨।୨୦୨୧

ଏତଦ୍ଵାରା ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ବଲାଙ୍ଗୀରର ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଜଣାଇ ଦିଆଯାଉଛି କି, ଆସନ୍ତା ତା୨୬।୦୨।୨୦୨୧ରିଖ ପୂର୍ବାହ୍ନ ଘ୧୦.୩୦ ସମୟରେ ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ସଭା ଗୃହଠାରେ ବ୍ୟାଙ୍କର ୫୯ତମ ବାର୍ଷିକ ସାଧାରଣ ସଭା ନିମ୍ନଲିଖିତ କାର୍ଯ୍ୟସୂଚୀ ମତେ ଅନୁଷ୍ଠିତ ହେବାର ସ୍ଥିରୀକୃତ ହୋଇଅଛି।

ଉକ୍ତ ସଭାରେ ଯୋଗଦାନ ପୂର୍ବକ ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ।

**ବି.ଦ୍ର.:** ସାଧାରଣ ସଭାରେ ଯୋଗଦାନ କରିବା ପାଇଁ ସମିତିର କ୍ଷମତାପ୍ରାପ୍ତ ପ୍ରତିନିଧି ସମିତି ନିର୍ଦ୍ଧାରଣର ଅବିକଳ ନକଲ ସାଙ୍ଗରେ ଆଣିବାକୁ ଅନୁରୋଧ।

**କାର୍ଯ୍ୟସୂଚୀ:**

୧. ପ୍ରଶାସକଙ୍କ ଦ୍ୱାରା ସ୍ୱାଗତ ଭାଷଣ।
୨. ଗତ ୫୮ତମ ସାଧାରଣ ସଭାରେ ଗୃହୀତ ନିର୍ଦ୍ଧାରଣଗୁଡ଼ିକ ପଠନ ଓ ଦୃଢ଼ୀକରଣ।
୩. ବ୍ୟାଙ୍କର ୨୦୧୯-୨୦ ବର୍ଷର ସମୀକ୍ଷା ପତ୍ର ପଠନ ଓ ଦୃଢ଼ୀକରଣ।
୪. ବ୍ୟାଙ୍କର ୨୦୨୧-୨୨ ଆର୍ଥିକ ବର୍ଷର କାର୍ଯ୍ୟକ୍ରମ ଓ ବଜେଟ ଅନୁମୋଦନ।
୫. ବ୍ୟାଙ୍କର ଉପବିଧି ସଂଶୋଧନ ପାଇଁ ଆଲୋଚନା
୬. ଅନ୍ୟାନ୍ୟ (ପ୍ରଶାସକଙ୍କ ଅନୁମତି କ୍ରମେ)।

**ବ୍ୟାଙ୍କର ପ୍ରଶାସକଙ୍କ ଆଦେଶ କ୍ରମେ**
**ସ୍ୱା./- (ଶ୍ରୀ ରବୀନ୍ଦ୍ର କୁମାର ସାହୁ)**
**ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ**
**ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ବଲାଙ୍ଗୀର**

# ସମ୍ଭାବ୍ୟ କରୋନା ସଂକ୍ରମଣ ନେଇ ସତର୍କତା

**ନିର୍ଦ୍ଦେଶନାମା ଜାରି କଲେ ଗଞ୍ଜାମ ଜିଲାପାଳ**

**ଛତ୍ରପୁର,୨୦।୨(ଡି.ଏନ୍.ଏ.)**

ସମ୍ଭାବ୍ୟ କରୋନା ସଂକ୍ରମଣ ରୋକିବାକୁ ରାଜ୍ୟ ସରକାର ଗଞ୍ଜାମ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶନିବାର ଗଞ୍ଜାମବାସୀଙ୍କ ପାଇଁ ଏକ ଗାଇଡଲାଇନ୍ ଜାରି କରିଛନ୍ତି। କିଭଳି ଗଞ୍ଜାମରେ କରୋନା ବ୍ୟାପିବାକୁ ଦିଆଯିବ ନାହିଁ, ସେ ଉପରେ ଗୁରୁତ୍ୱାରୋପ କରି ଖିଲାପକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସହ ଏନ୍‌ଫୋର୍ସମେଣ୍ଟକୁ କଡ଼ାକଡ଼ି କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାର୍କେଟ, ଧାର୍ମିକ ଅନୁଷ୍ଠାନରେ କିଭଳି ଜନଗହଳି ବ୍ୟାପିବନି, ସେ ଉପରେ ପଦକ୍ଷେପ ନେବାକୁ କୁହାଯାଇଛି। ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ମାସ୍କ ଚେକିଂ ପଏଣ୍ଟ ସ୍ଥାପନ କରିବାକୁ କୁହାଯିବା ସହ ତହସିଲଦାର, ଏନ୍‌ଏସି ନିର୍ବାହୀ ଅଧିକାରୀ, ବିଡିଓମାନେ ସ୍ଥାନୀୟ ଥାନାଧିକାରୀଙ୍କ ସହଯୋଗରେ ଲୋକମାନେ ମାସ୍କ ପିନ୍ଧିଛନ୍ତି କି ନାହିଁ ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଗଞ୍ଜାମର ସମସ୍ତ ଜନସାଧାରଣ, ବ୍ୟବସାୟୀ, ସରକାରୀ ଓ ବେସରକାରୀ ଅନୁଷ୍ଠାନର ଅଧିକାରୀ ଏବଂ କର୍ମଚାରୀ ମାସ୍କ ପିନ୍ଧିବା ସହ ସାନିଟାଇଜର ବ୍ୟବହାର କରିବାକୁ ଜିଲାପାଳ ବାଧ୍ୟତାମୂଳକ କରିଛନ୍ତି। କୋଭିଡ୍ ପଜିଟିଭ ଲୋକଙ୍କ ଆକ୍ଟିଭ୍ କଣ୍ଟାକ୍ଟ ଟ୍ରେସିଂ ଓ ସେମାନଙ୍କର ଟ୍ରାଭେଲ ହିଷ୍ଟ୍ରି ଉପରେ ତଥ୍ୟ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ଥିବା ବ୍ୟବସାୟୀ ଓ ଦୋକାନୀମାନେ ସାମାଜିକ ଦୂରତା, ମାସ୍କ ପରିଧାନ କରିବା ସମେତ ପଞ୍ଚସୂତ୍ରୀ ନିୟମ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାର ଖିଲାପ କଲେ ଉକ୍ତ ଦୋକାନୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BALASORE**
**"e" Procurement Notice for Road Work**
**Identification No.- Online Tender- Road N.C.B. No. 284 for 2020-21**

By E_Mail/e-Despatch
E_Mail ID : serw_balasore@yahoo.in
Ph-No-06782/260318
Balia,Balasore

Letter No. 652 /WE, Date 18.02.2021

No.O-118:- 1. Name of the work :- Road work. 2. Total No. of work :- 01 No. (One). 3. Estimated Cost :- Rs.343.91 lakhs (Approximately). 4. Eligible Class of Contractor : - 'A' Class & special (of Odisha P.W.D.) or relevant class of other licensing authorities (as per annexure). 5. Period of Completion :- 11 (Eleven) calendar months for the work.

6. Other details :-

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in O/o S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical bid | Financial bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Balasore | NCB No.284 | Dt.23.02.2021 at 11.00 A.M. | Dt.09.03.2021 upto 5.00 P.M. | Dt.08.03.21 upto 5.00 P.M. | Dt.10.03.2021 at 11.00 A.M. | Will be intimated later |

Further details can be seen from the website : www.tendersodisha.gov.in

**Sd./- Er.P. K.Sahoo, Superintending Engineer, R.W. Circle, Balasore**

OIPR-25105/11/0019/2021

**ଜେଲ ଗଲେ ଉଦ୍ୟାନ ବିଭାଗ ଅଧିକାରୀ**

**ବ୍ରହ୍ମପୁର ଅଫିସ:** କ୍ଷେତ୍ର ଯାଞ୍ଚ ରିପୋର୍ଟ ପ୍ରସ୍ତୁତ ପାଇଁ ପୂର୍ଣ୍ଣଚନ୍ଦ୍ର ପାତ୍ର ନାମକ ଜଣେ ଚାଷୀଙ୍କଠାରୁ ଶୁକ୍ରବାର ବୁଗୁଡା ବ୍ଲକ ଉଦ୍ୟାନ ବିଭାଗ ଅଧିକାରୀ ଉମାଚରଣ ବେହେରା ୨୬ ହଜାର ଟଙ୍କା ଲାଞ୍ଚ ନେବାବେଳେ ବ୍ରହ୍ମପୁର ଭିଜିଲାନ୍ସ ଟିମ୍ କାବୁକରି ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ। ମାମଲା ନଂ.୨/୨୧ରେ ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପରେ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସୁବ୍ରତ କୁମାର ମହାନ୍ତି ଅଭିଯୁକ୍ତ ଉମାଚରଣଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିବା ଭିଜିଲାନ୍ସ ଏସ୍‌ପି ଅନିଲ କୁମାର ପାତ୍ର ସୂଚନା ଦେଇଛନ୍ତି।

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ଭଲିବଲ୍ ଟୁର୍ନାମେଣ୍ଟ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ-ଭାସ୍କର ରେସିଡେନ୍ସି ଆପାର୍ଟମେଣ୍ଟ (ନୂଆ ବସ୍‌ଷ୍ଟାଣ୍ଡ), ସମୟ-ପୂର୍ବାହ୍ନ ୧୦.୪୫
- ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ-ସାମନ୍ତରା ଏକାଡେମୀ, ସମୟ-ପୂର୍ବାହ୍ନ ୧୦.୩୦ ମିନିଟ୍।
- ବିଜୁ ଜନତା ଦଳ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ-ଲାଞ୍ଜିପଲୀ ସମୟ-ପୂର୍ବାହ୍ନ ୯.୩୦ମିନିଟ୍
- ଗଞ୍ଜାମ ଚାମ୍ବର ଅଫ୍ କମର୍ସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ସ୍ଥାନ-କମଳାବାରୀ ସାହି। ସମୟ-ପୂର୍ବାହ୍ନ ୯ଟା।

## ସଂକ୍ଷେପରେ

### ଠାକୁର ବିଜେ ହେଲେ ଗାଈଚିରାରେ

**ବେଗୁନିଆପଡା,୨୦।୨(ଡି.ଏନ୍.ଏ.):** ବେଗୁନିଆପଡ଼ା ବ୍ଲକ ସୁମଣ୍ଡଳ ଗ୍ରାମରେ ଶନିବାର ଗାଈଚିରା ପୋଖରୀରୁ ଠାକୁରଙ୍କ ଦର୍ଶନ ମିଳିଛି। ପୋଖରୀରୁ ଏକ ନାଗ ମୂର୍ତ୍ତି, କୁମ୍ଭା ଦୁଇଟି, ମୟୂର ପିଞ୍ଛ, ଏକ ପିତଳ ଥାଳି ମିଳିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଏହି ଗ୍ରାମର ମିଥୁନ ପ୍ରଧାନ ଦୀର୍ଘ ଦିନ ହେଲା ମହାମାୟୀଙ୍କୁ ପୂଜାର୍ଚ୍ଚନ କରି ଆସୁଥିଲେ। ଗାଈଚିରାରେ ମା' କାଳି ରହିଥିବା ସ୍ୱପ୍ନରେ ଅନେକ ଥର ଦେଖିବା ସହ ଲୋକଙ୍କୁ ମଧ କହିଥିଲେ। ସେ କହିବା ପ୍ରକାରେ, ସକାଳେ କେତେଜଣ ମହିଳାଙ୍କ ସହ ମିଥୁନ୍ ମହାମାୟୀଙ୍କ ପୂଜା ନିମନ୍ତେ ଜଳ ଆଣିବାକୁ ପୋଖରୀକୁ ଯାଇଥିଲେ। ହଠାତ୍ ସେ ପାଣି ମଧକୁ ପଶିଯାଇ ଚେତାଶୂନ୍ୟ ହୋଇ ପଡିଥିଲେ। ପାଖରେ ଥିବା ମହିଳାମାନେ ତାଙ୍କୁ ଉଠାଇ ପାଣି ଛିଞ୍ଚିବା ପରେ ଏଠାରେ କ'ଣ ଅଛି ଖୋଜ ବୋଲି ମିଥୁନ୍ କହିଥିଲେ। ପରେ ସେଠାରୁ ଉକ୍ତ ଜିନିଷ ମିଳିବା ସହ ଏକ ଭୟଙ୍କର ଗର୍ଜନ ହେବା ସହ ପାଣି ଲହଡା ମାରିଥିଲା। ପରେ ଉକ୍ତ ମୂର୍ତ୍ତି ଧରି ପୋଖରୀ ହିଡରେ ରଖି ଲୋକମାନେ ପୂଜାର୍ଚ୍ଚନା କରିଥିଲେ।

### ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ବ୍ଲକ ଅଫିସ ଏକାଦଶ ବିଜୟୀ

**ଦିଗପହଣ୍ଡି,୨୦।୨(ଡି.ଏନ୍.ଏ.):** ଦିଗପହଣ୍ଡିସ୍ଥିତ ବଡ଼ଖେମୁଣ୍ଡି ହାଇସ୍କୁଲ ଖେଳପଡ଼ିଆଠାରେ ଶନିବାର ସ୍ଥାନୀୟ ବ୍ଲକ ଅଫିସ କ୍ରିକେଟ ଏକାଦଶ ଟିମ ଏବଂ ବିଇଓ ଅଫିସ କ୍ରିକେଟ ଏକାଦଶ ଟିମ ମଧରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଏକଦିବସୀୟ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଫିସ ଏକାଦଶ ବିଜୟୀ ହୋଇଛି। ବିଇଓ ଅଫିସ ଏକାଦଶ ୧୫ ଓଭରରେ ୧୦୭ ରନ କରିଥିବା ବେଳେ ଜବାବରେ ବ୍ଲକ ଅଫିସ ଏକାଦଶ ୧୦ ଓଭରରେ ୨ ଉଇକେଟ ବିନିମୟରେ ୧୦୮ ରନ କରି ବିଜୟୀ ହୋଇଥିଲା। ମ୍ୟାଚରେ ଜିତେନ୍ଦ୍ର ସାବତ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ଘୋଷଣା କରାଯାଇଥିଲା। ଶେଷରେ ପୁରସ୍କାର ବିତରଣ ଉତ୍ସବରେ ବିଡିଓ ହଳଧର ଶବର, ବିଇଓ ବସନ୍ତ କୁମାର ପଣ୍ଡା, ଆଇନଜୀବୀ ହରପ୍ରସାଦ ରଥ, ଏବିଇଓ ରସାନନ୍ଦ ଘଡ଼େଇ, ବାଳା ମାଝୀ, ଶ୍ରୀନିବାସ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉଭୟ ଟିମର ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ଶିକ୍ଷକ ଏମ୍. ଗୌରାଙ୍ଗ ଅମ୍ପାୟାର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ।

### ଅବସରକାଳୀନ ଭତ୍ତା ପ୍ରଦାନ କାର୍ଯ୍ୟକ୍ରମ

**ରାୟଗଡ଼(ଗଜପତି),୨୦।୨:** ରାୟଗଡ଼ ବିଇଓଙ୍କ କାର୍ଯ୍ୟାଳୟରେ ଅବସରକାଳୀନ ଭତ୍ତା ପ୍ରଦାନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଇଓ ମନୋରଞ୍ଜନ ସେଠୀଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ମନୋରଞ୍ଜନ ଦଳାଇ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଏସ୍. ପାପା ରାଓ, ଧନେଶ୍ୱର କହଁର, ରାୟଗଡ଼ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଏସ୍. ମଣିମାଳା ପ୍ରମୁଖ ମଞ୍ଚାସୀନ ଥିଲେ। ଆସନ୍ତା ୨୮ ତାରିଖରେ ଅବସର ନେବାକୁ ଥିବା କଇଁପୁର ପଞ୍ଚାୟତ ରାଇସିଙ୍ଗି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀଳାମ୍ବର ବେହେରାଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଅବସର ପୂର୍ବରୁ ପେନ୍‌ସନ, ଗ୍ରାଚ୍ୟୁଟି ଓ କମ୍ୟୁଟେଶନ ଜିଲା ଶିକ୍ଷାଧିକାରୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ସହାୟକ ସୁମନ୍ତ କାର୍ଯ୍ୟୀ ଓ କନିଷ୍ଠ ସହାୟକ ଅମିତ୍ କୁମାର ସ୍ୱାଇଁ ପରିଚାଳନା କରିଥିଲେ।

# ସୀମା ବିବାଦ ପ୍ରତି ଦୃଷ୍ଟି ଦିଅନ୍ତୁ ସରକାର

**ଉତ୍କଳ ସମ୍ମିଳନୀର ଖବରଦାତା ସମ୍ମିଳନୀ**

- ଗଜପତି ଓ ସୀତା ସାଗରରୁ ଜଳନେଇ ମଧ ଟଙ୍କାଟିଏ ଦେଉନାହିଁ ଆନ୍ଧ୍ର
- କଳିଙ୍ଗଦଳା ବନ୍ଧ ନିର୍ମାଣ ସରିଛି, ମିଳିନି କ୍ଷତିପୂରଣ

**ପାରଳାଖେମୁଣ୍ଡି,୨୦।୨(ଡି.ଏନ୍.ଏ.)**

ଗଜପତି ଜିଲା ଓଡିଶାର ଦକ୍ଷିଣ ଉପାନ୍ତରେ ଅବସ୍ଥିତ। ଏହାର ଦକ୍ଷିଣ ସୀମାରେ ଅବସ୍ଥିତ ୬୫ ମୌଜା ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ ସୀମା ସହ ଲାଗି ରହିଛି। ପାରଳାଖେମୁଣ୍ଡିରୁ ଜମିଦାରୀ ଉଚ୍ଛେଦ ପରେ ଏହି ମୌଜା ଗୁଡିକ ମଧ୍ୟରୁ ଅନେକ ମୌଜା ସହ ସୀମା ବିବାଦ ଲାଗିରହିଥିଲା। ଇତିମଧରେ ଆନ୍ଧ୍ର ସହ ଆପୋଷ ବୁଝାମଣାରେ ବହୁ ସମସ୍ୟାର ସମାଧାନ ହୋଇଥିଲେ ମଧ ହାଡୁଭାଙ୍ଗି, ଭେଙ୍କଟାପୁର, ଗୁଡିଖୁଡି, ନାଲାବାଣ୍ଟୁ, ଚେରୁଗୁଡି ପ୍ରଭୃତି ମୌଜାରେ ସୀମା ବିବାଦ ଲାଗି ରହିଛି। ମାତ୍ର ସରକାରୀ ଭାବେ କେବଳ ଭେଙ୍କଟାପୁର ଏବଂ ନାଲାବାଣ୍ଟୁ ମୌଜାରେ ବିବାଦ ଥିବା କୁହାଯାଉଛି।

ଉତ୍କଳ ସମ୍ମିଳନୀ ରାଜ୍ୟ ଉପ ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଆବାହକତ୍ୱରେ ପାରଳାଖେମୁଣ୍ଡିଠାରେ ଶୁକ୍ରବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପସଭାପତି ମହାପାତ୍ର କହିଛନ୍ତି, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଗୋଲ୍ ଟେବୁଲ ବୈଠକ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅତିଥି।

ପାଇଁ ଯେଉଁ ୧୨ ଜଣ ଅଂଶଗ୍ରହଣ କରିଥିଲେ ସେମାନଙ୍କ ମଧ୍ୟରୁ ୯ଜଣ ଦକ୍ଷିଣ ଓଡ଼ିଶାର। ହେଲେ ସରକାରୀ ସ୍ତରରେ ଦକ୍ଷିଣ ଓଡିଶା ପାଇଁ ସବୁବେଳେ ଅବହେଳା ପ୍ରଦର୍ଶନ କରାଯାଇଛି। ଯାହାର ପ୍ରତିଫଳନ କେବଳ ଗଜପତି ନୁହେଁ ଗଞ୍ଜାମ, ରାୟଗଡ଼ା, କୋରାପୁଟ, ମାଲକାନଗିରି ଇତ୍ୟାଦି ଅଞ୍ଚଳରେ ଦେଖାଦେଇଥିବା ସୀମା ବିବାଦର ଜ୍ୱଳନ୍ତ ଉଦାହରଣ ବୋଲି ସେ କହିଛନ୍ତି।

ରାୟଗଡ଼ ତହସିଲର ଗଙ୍ଗାବାଡ଼ ଗ୍ରାମପଞ୍ଚାୟତ ଅଧୀନ ଗୁଡ଼ିଖୁଡ଼ି ମୌଜା ସୀମା ମଧରେ ଆନ୍ଧ୍ର ପ୍ରଦେଶ କଳିଙ୍ଗଦଳା ନାମରେ ଏକ ବିଶାଳ ମାଟିବନ୍ଧ ନିର୍ମାଣ କରିଛି। ଏହି ବନ୍ଧ ନିର୍ମାଣବେଳେ ଓଡ଼ିଶା ଓ ଆନ୍ଧ୍ର ପୋଲିସ ୧୯୯୧-୯୨ରେ ମୁହାଁମୁହିଁ ହୋଇଥିଲେ। ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକ ସରଜମିନ ଅନୁଧାନ କରିବାକୁ ଆସିଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏଥିରେ ହସ୍ତକ୍ଷେପ କରି ତତ୍କାଳୀନ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏନ୍. ଟି. ରାମାରାଓଙ୍କ ସହ ବିବାଦର ସମାଧାନ ପାଇଁ ଏକ ବୁଝାମଣା କରିବାରୁ ସମସ୍ୟାର ସମାଧାନ ହୋଇଥିଲା।

ଯେଉଁ ସର୍ତ୍ତରେ ବିଜୁବାବୁ ବୁଝାମଣା କରିଥିଲେ ତାହା ହେଲା, ବିବାଦୀୟ ଜମିକୁ ଆପାତତଃ ଓଡ଼ିଶାର ବୋଲି ଆନ୍ଧ୍ର ସ୍ୱୀକାରୋକ୍ତି, ମାମଲା ସର୍ବୋଚ୍ଚ ନ୍ୟାୟାଳୟରେ ଥିବାରୁ କୋର୍ଟ ଆନ୍ଧ୍ର ସପକ୍ଷରେ ଗଲେ ବିବାଦୀୟ ଅଞ୍ଚଳ ଆନ୍ଧ୍ର ମାଲିକାନାକୁ ଯିବ, ସମ୍ପୃକ୍ତ ବିବାଦୀୟ ଜମି ପାଇଁ ଆନ୍ଧ୍ର ଓଡ଼ିଶା ସହ ଚୁକ୍ତିବଦ୍ଧ ହୋଇ ବର୍ତ୍ତମାନ ପାଇଁ ଲିଜ୍ ବାବଦ ଟଙ୍କା ଓ ବୁଡିବାକୁଥିବା ଜଙ୍ଗଲପାଇଁ କ୍ଷତିପୂରଣ ଦାଖଲ କରିବ। ଯଦି ଉଚ୍ଚ ନ୍ୟାୟାଳୟ ଓଡ଼ିଶା ସପକ୍ଷରେ ନ୍ୟାୟ ଦିଅନ୍ତି ଓଡ଼ିଶା ଆନ୍ଧ୍ରରୁ ଉକ୍ତ ଚୁକ୍ତି ବାବଦରେ ପାଇଥିବା ଲିଜ୍ ଟଙ୍କା ବା କ୍ଷତିପୂରଣ ଆଉ ଫେରାଇବ ନାହିଁ। ଆନ୍ଧ୍ର ପ୍ରଦେଶ ଉକ୍ତ ଚୁକ୍ତି ଆଧାରରେ ନିର୍ମାଣ କାର୍ଯ୍ୟ କରିବ ଓ ଓଡ଼ିଶା ସେଥିରେ ଆପତ୍ତି କରିବ ନାହିଁ ଉପସଭାପତି ମହାପାତ୍ର କହିଛନ୍ତି। ବୁଝାମଣା ଅନୁସାରେ ଆନ୍ଧ୍ର କଳିଙ୍ଗଦଳା ପ୍ରକଳ୍ପର ନିର୍ମାଣ ଏକ ଦଶନ୍ଧି ହେଲା ସମ୍ପୂର୍ଣ୍ଣ କରିସାରିଥିଲେ ସୁଦ୍ଧା ଚୁକ୍ତି ମୁତାବକ ଓଡ଼ିଶାକୁ ଅର୍ଥ ପୈଠ କରି ନଥିବା ଜଣାଯାଏ। ଚୁକ୍ତି ସ୍ୱାକ୍ଷରିତ ହେଲା କି ନାହିଁ ତାହା ମଧ ଅଗୋଚର। ସ୍ୱତନ୍ତ୍ର ଓଡ଼ିଶା ଗଠନ ବେଳେ ଓଡ଼ିଶାରେ ଅବସ୍ଥିତ ଗଜପତି ସାଗର ଓ ସୀତା ସାଗର ଆଦିର ଆଇ-କଟ୍ ଏରିଆ (ଜଳସେଚିତ ଅଞ୍ଚଳ) ଆନ୍ଧ୍ର ସୀମା ମଧରେ ରହିଯିବାରୁ ସମ୍ପୃକ୍ତ ଜମିରୁ ଆନ୍ଧ୍ର ସରକାର ଜଳକର ଆଦାୟ କରିବ ଏବଂ ଜଳାଶୟ ରକ୍ଷଣାବେକ୍ଷଣ ପାଇଁ ଅର୍ଥ ଓଡ଼ିଶା ସରକାରଙ୍କୁ ପ୍ରତିବର୍ଷ ପ୍ରଦାନ କରିବାକୁ ବୁଝାମଣା ହୋଇଥିଲା। ମାତ୍ର ଆନ୍ଧ୍ର ଜଳକର ଆଦାୟ କରୁଥିଲେ ମଧ ରକ୍ଷଣାବେକ୍ଷଣ ପାଇଁ ଟଙ୍କାଟିଏ ମିଳୁନାହିଁ। ତେଣୁ ସରକାର ଯଥାଶୀଘ୍ର ଅନୁସନ୍ଧାନ କରି ଆବଶ୍ୟକୀୟ ପଦକ୍ଷେପ ନେବା ପୂର୍ବକ ଓଡ଼ିଶାର ସ୍ୱାର୍ଥ ଓ ସ୍ୱାଭିମାନ ରକ୍ଷା କରିବାକୁ ଉତ୍କଳ ସମ୍ମିଳନୀ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି। ସମ୍ମିଳନୀରେ ଅନ୍ୟମାନଙ୍କ ମଧରେ ଗୌରଚନ୍ଦ୍ର ପଣ୍ଡା, ଉମା ରଥ, ବିନୋଦ ଚନ୍ଦ୍ର ଜେନା, ଆଶାଲତା ପାଣିଗ୍ରାହୀ, ଜଗଦୀଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତଥିଲେ।

## ବନ୍ଦ ଥିବା ମହଙ୍ଗା ଭତ୍ତା ପ୍ରଦାନ ଦାବି

**ବ୍ରହ୍ମପୁର ଅଫିସ୍,୨୦।୨**

କରୋନା ମହାମାରୀ ଯୋଗୁ ଗରିବ, ସ୍ୱଳ୍ପ ପେନ୍‌ସନଭୋଗୀ, ନିମ୍ନ ଓ ମଧ୍ୟବିତ୍ତ ପରିବାର ଲୋକେ ବର୍ତ୍ତମାନ ଅର୍ଥନୈତିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କରୋନା ଯୋଗୁ ବିଭିନ୍ନ ସରକାରୀ କର୍ମଚାରୀଙ୍କ ବନ୍ଦ ହୋଇ ରହିଥିବା ମହଙ୍ଗା ଭତ୍ତା ତୁରନ୍ତ ପ୍ରଦାନ କରିବା ପାଇଁ ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ପକ୍ଷରୁ ଦାବି ହୋଇଛି। ବଜାର ଦର ଅହେତୁକ ବୃଦ୍ଧି ଯୋଗୁ ନିମ୍ନ ମଧ୍ୟବିତ୍ତ ପରିବାରଙ୍କ ଜୀବନ ଓ ଜୀବିକା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ସଂଘ କହିଛି। ଅନ୍ୟପଟେ ସରକାର ବଜାର ଦର ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି। ଫଳରେ ଲାଭଖୋର ବ୍ୟବସାୟୀ ଅସାଧୁ ଉପାୟରେ ଅର୍ଥ ଶୋଷଣରେ ବ୍ୟସ୍ତ ରହିଥିବା ସଂଘ ଅଭିଯୋଗ କରିଛି। ସରକାର ନିମ୍ନ ମଧ୍ୟବିତ୍ତ ପରିବାର ଓ କମ୍ ପେନ୍‌ସନ୍ ଭୋଗୀଙ୍କୁ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ନିମନ୍ତେ କଣ୍ଟ୍ରୋଲଭୁକ୍ତ କରାଯିବାକୁ ସଂଘ ଦାବି କରିଛି। ଅନ୍ୟପଟେ ରାଜ୍ୟ ସରକାର ୨୦୨୦ ଜାନୁୟାରୀ ମାସରୁ ମହଙ୍ଗା ଭତ୍ତା ବନ୍ଦକରି ଦେଇଛନ୍ତି। ସରକାର ବନ୍ଦ ହୋଇ ରହିଥିବା ମହଙ୍ଗା ଭତ୍ତା ପ୍ରଦାନ ନେଇ ଶୀଘ୍ର ଘୋଷଣା କରିବା ପାଇଁ ସଂଘ ରାଜ୍ୟ ସମ୍ପାଦକ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ଜିଲା ସମ୍ପାଦକ ରାଜେନ୍ଦ୍ର ପଣ୍ଡା, କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସାହୁ ପ୍ରମୁଖ ଦାବି କରିଛନ୍ତି।

# ଟାଟା କମ୍ପାନୀ ଅଧିଗ୍ରହଣ କରିଥିବା ଜମି ଫେରସ୍ତ ଦାବି



ଆଇଏନଟିୟୁସି ଗଞ୍ଜାମ ଶାଖା ବୈଠକରେ ଉପସ୍ଥିତ ନେତାମାନେ ।

**ଆଇଏନ୍‌ଟିୟୁସି ବୈଠକ**

- ବିଜେଡି ଶାସନରେ ଶ୍ରମିକ, କୃଷକଙ୍କ ବିକାଶ ବାଧାପ୍ରାପ୍ତ
- ମାର୍ଚ୍ଚ ୨ରେ ଜିଲା ଶ୍ରମ ଅଫିସ ଘେରାଉ ଚେତାବନୀ

**ବ୍ରହ୍ମପୁର ଅଫିସ,୨୦।୨**

ଆଇଏନ୍‌ଟିୟୁସି (ରାଷ୍ଟ୍ରୀୟ ମଜଦୁର କଂଗ୍ରେସ) ଗଞ୍ଜାମ ଜିଲା ଶାଖାର ବୈଠକ ବ୍ରହ୍ମପୁରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ନବୀନ ପଟ୍ଟନାୟକଙ୍କ ୨୧ ବର୍ଷ ସରକାରରେ ଗଞ୍ଜାମ ଜିଲାରେ ଶ୍ରମିକ ଓ କୃଷକଙ୍କ ବିକାଶ ବାଧାପ୍ରାପ୍ତ ହୋଇଛି। ଶିକ୍ଷା ଓ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଥିବା ଅଭିଯୋଗ କରାଯାଇଛି। ଏହାର ପ୍ରତିବାଦରେ ମାର୍ଚ୍ଚ ୨ରେ ଜିଲା ଶ୍ରମ ଅଫିସ ଘେରାଉ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଜିଲା ସଭାପତି ପୀତବାସ ପଣ୍ଡା ଅଧକ୍ଷତା କରିଥିଲେ। ଆଇଏନଟିୟୁସି ରାଜ୍ୟ ସଭାପତି ରାମଚନ୍ଦ୍ର ଖୁଣ୍ଟିଆ ଯୋଗ ଦେଇଥିଲେ।

ବୈଠକରେ ଜିଲାର ୫ ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରମିକ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଇଥିବାରୁ ସେମାନଙ୍କୁ ଗଞ୍ଜାମରେ ନିୟମିତ କାମଧନ୍ଦା ଯୋଗାଇବାରେ ସରକାରଙ୍କ ବିଫଳତା ପଦାରେ ପଡ଼ିଥିବା ସମାଲୋଚନା କରାଯାଇଥିଲା। ଅଚଳ ଅବସ୍ଥାରେ ଥିବା ଆସିକା ସୂତାକଳକୁ କାର୍ଯ୍ୟକ୍ଷମ କରାଯାଇନଥିବା ଏବଂ ଚାଷୀଙ୍କ ଉତ୍ପାଦିତ ବିଭିନ୍ନ ଫସଲ ସଂରକ୍ଷଣ ପାଇଁ ଆବଶ୍ୟକ ଶୀତଳ ଭଣ୍ଡାର ନିର୍ମାଣ ପ୍ରତି ଆଖି ବୁଜି ଦିଆଯାଇଥିବା କଟାକ୍ଷ କରାଯାଇଛି।

ଚଳିତ ବର୍ଷ ସମଗ୍ର ଜିଲାରେ ଧାନର ଅଭାବୀ ବିକ୍ରି ଅବ୍ୟାହତ ରହିଥିବା ଏବଂ ସରକାରୀ ମଣ୍ଡି ଗୁଡ଼ିକରେ ଧାନ ବିକ୍ରି କରିନପାରି ଶହ ଶହ ଚାଷୀ ଶୋଷଣର ଶୀକାର ହୋଇଥିବା କୁହାଯାଇଛି। ଗୋପାଳପୁର ବନ୍ଦର ଭିତ୍ତିକ ବୃହତ୍ତ ଇସ୍ପାତ କାରଖାନା ପ୍ରତିଷ୍ଠା ଆଳରେ ଦୁଇ ଦଶନ୍ଧି ତଳେ ଟାଟା କମ୍ପାନୀ ଅଧିଗ୍ରହଣ କରିଥିବା ୩ ହଜାରରୁ ଅଧିକ ଏକର ଜମି ପଡ଼ିଆ ପଡ଼ିଥିବାରୁ ସେହି ଜମି ସମ୍ପୃକ୍ତ ଚାଷୀଙ୍କୁ ଫେରସ୍ତ ପାଇଁ ଆଇଏନଟିୟୁସି ଆଉ ଏକ ଦାବି କରିଛି। କେନ୍ଦ୍ର ସରକାରଙ୍କ ୩ ନୂଆ କୃଷି ଆଇନ ଅବିଳମ୍ବେ ପ୍ରତ୍ୟାହୃତ, ଶ୍ରମିକ ଶୋଷଣ ନୀତି ବନ୍ଦ, ଶୀତଳାପଲ୍ଲୀରେ ପ୍ରସ୍ତାବିତ ରେଳ ୱାଗନ କାରଖାନା ସ୍ଥାପନ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି।

ବୈଠକରେ ପୂର୍ବତନ ବିଧାୟକ ତ୍ରିନାଥ ବେହେରା, ଆଇଏନ୍‌ଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ କିଶୋର ଜେନାଙ୍କ ସମେତ ମଦନ ଧଳ, ପ୍ରମୋଦ କୁମାର ଜେନା, ଭୋକାଲି ସେଠୀ, ଉଦୟ ପାଣିଗ୍ରାହୀ, ସ୍ମିତମୟୀ ପଟ୍ଟନାୟକ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଅନୁବନ୍ଧିତ ବିଭିନ୍ନ ଶ୍ରମିକ ସଂଗଠନ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଚେକ୍ ବାଉନ୍ସ ମାମଲା ଅଭିଯୁକ୍ତଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ

**ବ୍ରହ୍ମପୁର ଅଫିସ,୨୦।୨**

ଚେକ୍‌ବାଉନ୍ସ ମାମଲାର ଶୁଣାଣି ବେଳେ କୋର୍ଟରେ ଅନୁପସ୍ଥିତ ରହିବା ଯୋଗୁ ବଡ଼ବଜାର ଥାନା ଅନ୍ତର୍ଗତ ପ୍ରେମନଗର ୪ର୍ଥ ଲେନ୍‌ର ପି.କୋଟେଶ୍ୱର ରାଓ ସୁବୁଦ୍ଧିଙ୍କ ବିରୋଧରେ ବ୍ରହ୍ମପୁର ଏସ୍‌ଡିଜେଏମ୍ ଶନିବାର ଜାମିନବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ଜାରି କରିଛନ୍ତି। ଘଟଣାରୁ ପ୍ରକାଶ, ୨୦୧୧ରେ ଗାନ୍ଧୀନଗରରେ ରହୁଥିବା ଡ. ତାରାଚରଣ ପାଢ଼ୀଙ୍କଠାରୁ ଘର ତିଆରି ପାଇଁ କୋଟେଶ୍ୱର ୪ଲକ୍ଷ ଟଙ୍କା ଧାର ନେଇଥିଲେ। ଟଙ୍କା ଫେରସ୍ତ ବେଳେ କୋଟେଶ୍ୱର ଦୁଇଟି ଚେକ୍ ଦେଇଥିଲେ। ହେଲେ ଆକାଉଣ୍ଟରେ ଟଙ୍କା ନ ଥିବାରୁ ତାହା ବାଉନ୍ସ ହୋଇଯାଇଥିଲା। ପରେ ଡ. ପାଢ଼ୀ ଓକିଲ ନୋଟିସ୍ ପଠାଇଥିଲେ। ଏହାସତ୍ତ୍ୱେ ମଧ କୋଟେଶ୍ୱର ଟଙ୍କା ଫେରସ୍ତ କରି ନ ଥିଲେ। ପରେ ପାଢ଼ୀ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ମାମଲା ରୁଜୁ କରିଥିଲେ। ଏହାର ବିଚାର କରି କୋର୍ଟ ଅଭିଯୁକ୍ତ କୋଟେଶ୍ୱରଙ୍କୁ ୬ମାସ ଜେଲ ଦଣ୍ଡରେ ଦଣ୍ଡିତ କରିଥିଲେ। ଏହା ବିରୋଧରେ କୋଟେଶ୍ୱର ଜିଲା ଜଜ୍ କୋର୍ଟ ଓ ପରେ ହାଇକୋର୍ଟରେ ଅପିଲ କରିଥିଲେ। ହାଇକୋର୍ଟ ଏହାର ଶୁଣାଣି କରି ଟଙ୍କା ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଅଭିଯୁକ୍ତ କୋଟେଶ୍ୱର ଟଙ୍କା ଫେରସ୍ତ କରି ନ ଥିଲେ କି ବିଚାର ବେଳେ କୋର୍ଟରେ ହାଜର ହୋଇ ନ ଥିଲେ। ଏଣୁ ତାଙ୍କ ନାମରେ କୋର୍ଟ ଏନ୍‌ବିଡବ୍ଲ୍ୟୁ ଜାରି କରିଛନ୍ତି। ଆବେଦନକାରୀ ଡ. ପାଢ଼ୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀନାରାୟଣ ପତି ମାମଲା ପରିଚାଳନା କରିଥିଲେ।

## ବୁଗୁଡ଼ା କୋର୍ଟ ଏଏସ୍ଆଇ ଗିରଫ

**ମାଜିଷ୍ଟ୍ରେଟଙ୍କ ଜାଲ୍ ଦସ୍ତଖତରେ ଅଭିଯୁକ୍ତଙ୍କୁ ବେଲ୍ ମିଳିବା ଘଟଣା**

**ବୁଗୁଡ଼ା,୨୦।୨(ଡି.ଏନ.ଏ.)**

ମାଜିଷ୍ଟ୍ରେଟଙ୍କ ଜାଲ୍ ଦସ୍ତଖତ କରି ଅଭିଯୁକ୍ତକୁ ବେଲ୍‌ରେ ଛାଡିବା ଘଟଣାରେ ଗଞ୍ଜାମ ଜିଲା ବୁଗୁଡ଼ା ଜେଏମ୍‌ଏଫ୍‌ସି କୋର୍ଟ ଏଏସ୍ଆଇ ସୂର୍ଯ୍ୟ ନାରାୟଣ ବେହେରାଙ୍କୁ ବୁଗୁଡା ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ବୁଗୁଡ଼ା କୋର୍ଟ ମାଜିଷ୍ଟ୍ରେଟ ସୋନାଲି ଅପରାଜିତା ଗୁରୁବାର ଏଫ୍ଆଇଆର୍ ଦେବାପରେ ନଂ.୫୮/୨୧ରେ ମାମଲା ରୁଜୁ ହୋଇଥିଲା। ଜଣେ ହତ୍ୟା ଉଦ୍ୟମ ଅଭିଯୁକ୍ତଙ୍କୁ ଝିଅ ବାହାଘର ପାଇଁ ଭଞ୍ଜନଗର ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟ ବେଲ୍ ଦେଇଥିଲେ। ଅର୍ଡରଟି ବୁଗୁଡ଼ା ଜେଏମ୍‌ଏଫ୍‌ସି କୋର୍ଟକୁ ଆସିଥିଲା। ମାଜିଷ୍ଟ୍ରେଟ ସୋନାଲି ଅପରାଜିତା ଛୁଟିରେ ଥିବାରୁ ଆସ୍କା କୋର୍ଟ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିଲେ। ଏଏସ୍ଆଇ ବେହେରା ବେଲ ଅର୍ଡରରେ ମାଜିଷ୍ଟ୍ରେଟଙ୍କ ନକଲି ଦସ୍ତଖତ କରି ପଠାଇ ଦେଇଥିଲେ। ଏଥିରେ ଅଭିଯୁକ୍ତ ଜେଲରୁ ବାହାରିଥିଲେ।

## ଆଇଆର୍‌ଇଏଲ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



ସ୍ୱାସ୍ଥ୍ୟ ଶିବିରରେ ଡାକ୍ତର ଓ ଅନ୍ୟମାନେ।

**ଛତ୍ରପୁର ୨୦।୨ (ଡି.ଏନ.ଏ.)**

ଆଇଆରଇଏଲ (ଇଣ୍ଡିଆ) ଲିମିଟେଡ, ଓସ୍‌କମ ତରଫରୁ ଗୋଷ୍ଠୀଗତ ସାମାଜିକ ଦାୟିତ୍ୱ ଆନୁକୂଲ୍ୟରେ ବି.ତୋଟାପଲ୍ଲୀ ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ ଚମାଖଣ୍ଡି ପଞ୍ଚାୟତ ଲୋକଙ୍କ ଲାଗି ଏକ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ସରକାରଙ୍କ ଦ୍ୱାରା ଜାରି କୋଭିଡ୍-୧୯ ନିୟମ ମୁତାବକ ପରିସରକୁ ବିଶୋଧନ କରାଯାଇଥିଲା। ପ୍ରାୟ ୨୫୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ଔଷଧ ପ୍ରଦାନ କରିବା ସହ ମାସ୍କ ଏବଂ ସାନିଟାଇଜ୍ ସାମଗ୍ରୀ ବଣ୍ଟନ କରାଯାଇଥିଲା। ପୁଷ୍ଟି ସାଧନ ନିମନ୍ତେ ସମସ୍ତଙ୍କୁ କ୍ଷୀର ବଣ୍ଟନ କରାଯାଇଥିଲା। ଶିବିର ଡାକ୍ତର ଅର୍ଦ୍ଧେନ୍ଦୁ ପାଲ, ଡାକ୍ତର ପ୍ରମିଳା ମିଶ୍ରଙ୍କ ତତ୍ତ୍ୱାଧାନରେ ଏବଂ ଫାର୍ମାସିଷ୍ଟ ଆର.କେ.ପାତ୍ର, ଟି.ଏଚ.ଆଚାର୍ଯ୍ୟ, କେ.ସି.ପ୍ରଧାନ ଓ ଠିକା ଷ୍ଟାଫନର୍ସ ଗୀତାଞ୍ଜଳି ପହି, ସୁଶ୍ରୀ ସସ୍ମିତା ନାୟକ ପ୍ରମୁଖ ସହଯୋଗ କରିଥିଲେ। ସମ୍ପଦ ବିଭାଗ ଉପମହାପ୍ରବନ୍ଧକ ଗତିକୃଷ୍ଣ ନାୟକ, କମାଣ୍ଡର ଆଶିଷ କୁଳଶ୍ରେଷ୍ଠ, ଶ୍ୟାମ ସୁନ୍ଦର ମଲ୍ଲିକ ଏବଂ ପ୍ରଭାତ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ମହାପ୍ରବନ୍ଧକ ତଥା ଓସ୍‌କମ୍ ମୁଖ୍ୟ ଏ.ଜେ.ଜନାର୍ଦ୍ଦନନ ପରିଦର୍ଶନରେ ଆସିଥିଲେ। ସ୍ଥାନୀୟ ସରପଞ୍ଚ ସୁସ୍ମିତା ପ୍ରଧାନ ଏବଂ ଅଙ୍ଗନୱାଡି କର୍ମୀ କାମିନୀ ଶତପଥୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ସମ୍ପଦ ବିଭାଗ ତରଫରୁ ଦୀପକ ମିଶ୍ର, ମନୋଜ ନାୟକ, ସୁରେଶ ଚନ୍ଦ୍ର ପାତ୍ର, ସୁଶ୍ରୀ ସୃଜନ ପଣ୍ଡା, ଅଜୟ କୁମାର ବେହେରା ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ସ୍କାଉଟ୍ ଓ ଗାଇଡ୍‌ର ସମୁଦ୍ର ବେଳାଭୂମି ସଫେଇ

**୫ ଜିଲାରୁ ୨୩୦ ଛାତ୍ରୀଛାତ୍ର ସାମିଲ**

**ଛତ୍ରପୁର,୨୦।୨(ଡି.ଏନ.ଏ.)**

ଛତ୍ରପୁର ବ୍ଲକ ଅଗସ୍ତିନୂଆଗାଁ ନିକଟସ୍ଥ ନୋଳିଆନୂଆଗାଁ ସମୁଦ୍ର ବେଳାଭୂମିରେ ଓଡ଼ିଶା ରାଜ୍ୟ ସ୍କାଉଟ୍ ଓ ଗାଇଡ୍ ପକ୍ଷରୁ ଶନିବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ଏହାର ଶୁଭାରମ୍ଭ କରିଥିଲେ। ଏଥିରେ ଗଞ୍ଜାମ, ଗଜପତି, ଖୋର୍ଦ୍ଧା, ପୁରୀ ଓ ନୟାଗଡ ସମେତ ୫ ଜିଲାରୁ ମୋଟ ୨୩୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ୧୯ ରୁ ୨୨ ତାରିଖ ପର୍ଯ୍ୟନ୍ତ ହେବ। ଯାହା ନୋଳିଆ ନୂଆଗାଁରୁ ଶୁଭାରମ୍ଭ ହୋଇ ଗୋପାଳପୁର ବେଳାଭୂମିରେ ଶେଷ ହେବ। କାର୍ଯ୍ୟକ୍ରମରେ ଡିପିସି ବିନିତା ସେନାପତି, ଛତ୍ରପୁର ବିଇଓ ଅବିନାଶ ଶତପଥୀ, ଗଞ୍ଜାମ ବିଇଓ ତ୍ରିଲୋଚନ ତ୍ରିପାଠୀ, ଅଗସ୍ତିନୂଆଗାଁ ସରପଞ୍ଚ ପି. ସୀମାଦ୍ରି, ଶାରୀରିକ ଶିକ୍ଷା ନିରୀକ୍ଷକ ତଥା ଜିଲା ସମ୍ପାଦକ ଭାଗୀରଥି ସ୍ୱାଇଁ, ମିହିର ରଞ୍ଜନ ପଟ୍ଟନାୟକ, ପ୍ରଧାନ ଶିକ୍ଷକ ପଞ୍ଚାନନ ରଥଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ



ସଂଘର କର୍ମକର୍ତ୍ତା ଏବଂ ସଦସ୍ୟ।

**ଫୁଲବାଣୀ ଅଫିସ, ୨୦।୨**

କନ୍ଧମାଳ ଜିଲା ପାନୀୟ ଜଳ ଯୋଗାଣ ପମ୍ପ ଚାଳକ ଓ ଏସିଏମ୍ (ନଳକୂପ ମରାମତି) ସଂଘର ଏକ ବୈଠକ କ.ନୂଆଗାଁ ବ୍ଲକ ସାରଙ୍ଗଗଡ ପଞ୍ଚାୟତ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ନିରଞ୍ଜନ ମହାନନ୍ଦ, ମୁଖ୍ୟ ଉପଦେଷ୍ଟା ବୈଦ୍ୟନାଥ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଦୀର୍ଘ ଦିନ ଧରି ସଂଘର ଦାବି ପୂରଣ ହେଉ ନ ଥିବାରୁ ଆଗାମୀ ଦିନରେ ଆନ୍ଦୋଳନ କରାଯିବାକୁ ନିଷ୍ପତି ହୋଇଥିଲା। ବୈଠକରେ ଶତାଧିକ ସ୍ୱାବଲମ୍ବୀ କାରିଗର ଉପସ୍ଥିତ ରହି ଦୀର୍ଘବର୍ଷ ଧରି ମାସକୁ ମାତ୍ର ୨ହଜାର ଟଙ୍କାରେ କାମ କରି ଆସୁଥିଲେ ହେଁ ଆମର ପାରିଶ୍ରମିକ ବଢ଼ା ଯାଉନାହିଁ। ସରକାଙ୍କ ନିକଟରେ ପାରିଶ୍ରମିକ ବୃଦ୍ଧି ଏବଂ ସ୍ଥାୟୀ ନିଯୁକ୍ତି ପାଇଁ ବାରମ୍ବାର ଦାବି କଲେ ମଧ ଆମ କଥାକୁ ଗୁରୁତ୍ୱ ଦିଆଯାଉନାହିଁ। ତେଣୁ ଆଗାମୀ ଦିନରେ ଆନ୍ଦୋଳନ କରି ସରକାରଙ୍କୁ ଜାଗ୍ରତ କରିବାକୁ ସମସ୍ତେ ମତ ରଖିଥିଲେ। ଦାବି ପୂରଣ ନହେବାଯାଏ ଆନ୍ଦୋଳନ ଜାରି ରଖିବାକୁ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧରେ ସଂଘ ଉପ ସଭାପତି ସୁରେନ୍ଦ୍ର ବିନ୍ଧାଣୀଙ୍କ ସମେତ ସଂଘର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଗଞ୍ଜାମରେ ଦୁର୍ବଳ ହୋଇଛି ବାମପନ୍ଥୀ ସଂଗଠନ

**କୃଷକ, ଶ୍ରମିକଙ୍କ ପାଇଁ ଲଢ଼େଇ କରୁଛି ଦୁଇ କମ୍ୟୁନିଷ୍ଟ ପାର୍ଟି**

**ବ୍ରହ୍ମପୁର ଅଫିସ,୨୦।୨**

ଗଞ୍ଜାମରେ ବାମପନ୍ଥୀ ସଂଗଠନ କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। ଅତୀତରେ ଏହି ଜିଲାରେ ମୁଖ୍ୟତଃ କଂଗ୍ରେସ ଓ କମ୍ୟୁନିଷ୍ଟଙ୍କ ମଧରେ ନିର୍ବାଚନୀ ଲଢ଼େଇ ଜୋରଦାର ହୋଇଥିବାର ବହୁ ଦୃଷ୍ଟାନ୍ତ ରହିଛି। ପରବର୍ତ୍ତୀ ପର୍ଯ୍ୟାୟରେ ଜନତା ଦଳ, ବିଜୁ ଜନତା ଦଳର ଶକ୍ତି ବୃଦ୍ଧି ଯୋଗୁ କଂଗ୍ରେସ ଓ କମ୍ୟୁନିଷ୍ଟ ପାର୍ଟି ଟକ୍କର ଦେଇପାରିନାହିଁ।

ସୂଚନାଯୋଗ୍ୟ, ୧୯୫୧-୫୨ ପ୍ରଥମ ଲୋକ ସଭା ନିର୍ବାଚନରେ ବ୍ରହ୍ମପୁର (ଅତୀତର ଗଞ୍ଜାମ) ଆସନରୁ କମ୍ୟୁନିଷ୍ଟ ପ୍ରାର୍ଥୀ ସ୍ୱର୍ଗତ ବିଜୟ ଚନ୍ଦ୍ର ଦାସ ନିର୍ବାଚିତ ହୋଇଥିଲେ। ସେତେବେଳେ ଏହି ଜିଲାରେ ଘୁମୁସର ତଥା ବର୍ତ୍ତମାନର ଆସିକା ଲୋକ ସଭା ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ସ୍ୱର୍ଗତ ଉମା ଚରଣ ପଟ୍ଟନାୟକ ଜିତିଥିଲେ। ସ୍ୱାଧୀନତା ପରବର୍ତ୍ତୀ ପ୍ରଥମରେ ହୋଇଥିବା ଗଞ୍ଜାମର ଦୁଇଟିଯାକ ଲୋକ ସଭା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ପରାଜିତ ହୋଇଥିଲେ।

ଅପରପକ୍ଷରେ ବିଧାନସଭା ନିର୍ବାଚନରେ ମଧ ତତ୍କାଳୀନ ବଡ଼ଖେମୁଣ୍ଡି (ବର୍ତ୍ତମାନର ଦିଗପହଣ୍ଡି) ଓ ଭଞ୍ଜନଗର ନିର୍ବାଚନ ମଣ୍ଡଳୀରୁ କମ୍ୟୁନିଷ୍ଟ ପ୍ରାର୍ଥୀ ଗୋବିନ୍ଦ ପ୍ରଧାନ ନିର୍ବାଚିତ ହୋଇଥିଲେ। ଆସିକାରୁ ବରିଷ୍ଠ କମ୍ୟୁନିଷ୍ଟ ନେତା ସ୍ୱର୍ଗତ ହରିହର ଦାସ ବହୁବାର ଜିତିଥିବା ବେଳେ କବିସୂର୍ଯ୍ୟନଗରରୁ ସ୍ୱର୍ଗତ ଦଣ୍ଡପାଣି ସ୍ୱାଇଁ ଥରେ, ସ୍ୱର୍ଗତ ସଦାନନ୍ଦ ମହାନ୍ତି ଦୁଇଥର ଏବଂ ନିତ୍ୟାନନ୍ଦ ପ୍ରଧାନ ମଧ ୨ଥର ନିର୍ବାଚିତ ହୋଇଥିଲେ। ସେହିପରି ଛତ୍ରପୁର ନିର୍ବାଚନ ମଣ୍ଡଳୀରୁ ସ୍ୱର୍ଗତ ଲକ୍ଷ୍ମଣ ମହାପାତ୍ର ୩ ଥର, ସ୍ୱର୍ଗତ ବିଶ୍ୱନାଥ ସାହୁ ୨ଥର, ଏନ୍. ନାରାୟଣ ରେଡ୍ଡୀ, ପର୍ଶୁରାମ ପଣ୍ଡା ଓ ଆଦିକନ୍ଦ ସେଠୀ ଥରେ ଲେଖାଏ ଜିତି କମ୍ୟୁନିଷ୍ଟ ବିଧାୟକ ହୋଇଥିଲେ। ୧୯୯୦ ବିଧାନସଭା ନିର୍ବାଚନରେ ଆସିକା ଆସନରୁ ବରିଷ୍ଠ କମ୍ୟୁନିଷ୍ଟ ନେତା ଦ୍ୟୁତିକୃଷ୍ଣ ପଣ୍ଡା ନିର୍ବାଚିତ ହୋଇଥିଲେ। ୧୯୭୧ ଲୋକ ସଭା ନିର୍ବାଚନରେ ମଧ ଦ୍ୟୁତିକୃଷ୍ଣ ଆସିକା ନିର୍ବାଚନ ମଣ୍ଡଳୀ (ତତ୍କାଳୀନ ଭଞ୍ଜନଗର)ରୁ ଏମ୍‌ପି ହୋଇଥିଲେ।

ଅତୀତର କମ୍ୟୁନିଷ୍ଟ ପାର୍ଟି ବିଭାଜିତ ହୋଇ ସିପିଆଇ ଓ ସିପିଏମ୍ ହୋଇଛି। ଏହି ଜିଲାରେ ବିଭିନ୍ନ ସମୟରେ ହୋଇଥିବା ଲୋକ ସଭା ଓ ବିଧାନସଭା ନିର୍ବାଚନରେ ସିପିଏମ୍ ପ୍ରାର୍ଥୀମାନେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ମଧ ନିର୍ବାଚିତ ହୋଇନାହାନ୍ତି। କେବଳ ସିପିଆଇ ପ୍ରାର୍ଥୀମାନେ ବିଧାନସଭା ଓ ଲୋକ ସଭାକୁ ନିର୍ବାଚିତ ହୋଇଥିବା ରେକର୍ଡ ଅଛି। ଦୁଇ କମ୍ୟୁନିଷ୍ଟ ପାର୍ଟିର ସଂଗଠନ ଜିଲାରେ ଅଛି ଏବଂ ଚାଷୀ, ଶ୍ରମିକ ଓ ମେହନତି ଜନତାର ସ୍ୱାର୍ଥ ଲାଗି ଲଢ଼େଇ କରାଯାଉଛି। ୨୦୧୯ ଲୋକ ସଭା ନିର୍ବାଚନରେ କଂଗ୍ରେସ ସହ ମେଣ୍ଟ କରି ଆସିକା ଆସନରୁ ସିପିଆଇ ନେତା ରାମକୃଷ୍ଣ ପଣ୍ଡା ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ବିଜେଡିର ପ୍ରମିଳା ବିଶୋୟୀ ୫ ଲକ୍ଷ ୫୨ ହଜାର ୭୪୯, ଭାଜପା ପ୍ରାର୍ଥୀ ଅନିତା ପ୍ରିୟଦର୍ଶିନୀ ୩ ଲକ୍ଷ ୪୮ ହଜାର ୦୪୨ ଭୋଟ ପାଇଥିବା ବେଳେ ରାମକୃଷ୍ଣ ମାତ୍ର ୫୯ ହଜାର ୯୭୮ ଭୋଟ ପାଇ ତୃତୀୟ ସ୍ଥାନରେ ରହିଲେ। ସେହିପରି କଂଗ୍ରେସ ସହ ମେଣ୍ଟ ହୋଇ ଛତ୍ରପୁର ବିଧାନସଭା କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ସିପିଆଇର ପ୍ରଦୀପ ସେଠୀ। ସେ ମଧ ତୃତୀୟ ସ୍ଥାନରେ ଥିଲେ। ଏହିସବୁ କାରଣରୁ ଗଞ୍ଜାମ ଜିଲାରେ କମ୍ୟୁନିଷ୍ଟ ତଥା ବାମପନ୍ଥୀ ସଂଗଠନ କ୍ରମଶଃ ଦୁର୍ବଳ ହେଉଥିବା ପ୍ରମାଣିତ ହୋଇଛି।

**ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ**

**ଦିଗପହଣ୍ଡି,(ଡି.ଏନ.ଏ.):** ଦିଗପହଣ୍ଡି ତହସିଲ ଅଧୀନ କଇଠଖଣ୍ଡି ଗ୍ରାମରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ରାଜସ୍ୱ ନିରୀକ୍ଷକ ଫକୀରମୋହନ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଦିଗପହଣ୍ଡି ବିଡିଓ ହଳଧର ଶବର, ସରପଞ୍ଚ ପ୍ରତିନିଧି କୀର୍ତ୍ତିଚନ୍ଦ୍ର ଗୌଡ଼, ପୂର୍ବତନ ସମିତିସଭ୍ୟ ସତ୍ୟ ନାରାୟଣ ରଥ, ରାଜସ୍ୱ ସୁପରଭାଇଜର ବାବୁ ସେଠୀ ଏବଂ ଅଙ୍ଗନୱାଡି ସୁପରଭାଇଜର ଲିଜା ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୮ ଜଣଙ୍କୁ ବିଭିନ୍ନ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା।

# ୱାର୍ଡ ସଭା କରି ସମସ୍ୟା ସମାଧାନ କର

- ୬୧୦ ପ୍ରଧାନ ଶିକ୍ଷକଙ୍କୁ ସ୍ମାର୍ଟ କ୍ଲାସ୍ ପ୍ରଶିକ୍ଷଣ ନିଷ୍ପତ୍ତି
- ସାଇକେଲ ଯୋଗେ ସଫେଇ କାର୍ଯ୍ୟ ତଦାରଖ
- ନିର୍ମାଣ ହେବ ୨୮୧ ଅତ୍ୟାଧୁନିକ ମିଶନ ଶକ୍ତି ଗୃହ
- ପ୍ରତି ଅଞ୍ଚଳରେ ଇନ୍‌ଡୋର ଷ୍ଟାଡିୟମ, ଖେଳ ପଡ଼ିଆ

**ଛତ୍ରପୁର, ୨୦।୨(ଡି.ଏନ.ଏ.)**

ଗଞ୍ଜାମ ଜିଲାର ସମସ୍ତ ୱାର୍ଡରେ ସଭା ଆୟୋଜନ କରି ସେଥିରେ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ କିମ୍ବା ତାଙ୍କ ପ୍ରତିନିଧି ଉପସ୍ଥିତ ରହି ସ୍ଥାନୀୟ ଅଞ୍ଚଳବାସୀଙ୍କ ସମସ୍ୟା ସମାଧାନ କରନ୍ତୁ। ଏହା ୱାର୍ଡର ଖୋଲା ସ୍ଥାନରେ ଆୟୋଜନ କରାଯାଇ ଲୋକଙ୍କ ସହିତ ଆଲୋଚନା ମାଧ୍ୟମରେ ସମସ୍ୟା ସମାଧାନ ହେବା ଫଳରେ ଅଞ୍ଚଳର ବିକାଶ ହୋଇପାରିବ ବୋଲି ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶନିବାର ଅନୁଷ୍ଠିତ ଭିଡିଓ କନ୍‌ଫରେନ୍ସରେ ଅବଗତ କରାଇଥିଲେ।
ମିଶନ ଶକ୍ତି ଗୃହ, ପରିଚୟ, ବସ୍ତି ତାଲିକା ପ୍ରଗତି, ସ୍ୱଚ୍ଛ ସର୍ବେକ୍ଷଣ, ମୁଖ୍ୟମନ୍ତ୍ରୀ ସ୍ୱଚ୍ଛ ପୁରସ୍କାର, ମୋ ଖତ ବିକ୍ରିବଟା, ପରିମଳ ବ୍ୟବସ୍ଥା, ମୋ ୱାର୍ଡ ସଭା, ପ୍ରାତଃ ସମୟରେ ସାଇକେଲରେ ଯାତ୍ରା କରି ପରିମଳ ବ୍ୟବସ୍ଥା ଯାଞ୍ଚ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରଗତି, ବିଜ୍ଞାପିତ ଅଞ୍ଚଳରେ ଅବସ୍ଥିତ ଅଙ୍ଗନୱାଡି ଗୃହ ଓ ସ୍କୁଲର ଉନ୍ନତି ଇତ୍ୟାଦି ବିଷୟ ନେଇ ଆଲୋଚନା ହୋଇଥିଲା। ସହରାଞ୍ଚଳର ଜୀବନ ଜୀବିକା ଯୋଜନାର କାର୍ଯ୍ୟକାରିତାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମୀକ୍ଷା କରାଯିବ। ଉକ୍ତ ଯୋଜନାରେ ହିତାଧିକାରୀଗଣ କିଭଳି ଅଧିକରୁ ଅଧିକ ସମ୍ପୃକ୍ତ ହେବେ ଓ ସେମାନଙ୍କ ଜୀବନ ଜୀବିକାର ମାର୍ଗ ସୁଗମ ହୋଇପାରିବ ସେ ସେଗୁଡିକୁ ତ୍ୱରାନ୍ୱିତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥି ଲାଗି ମିଳିତ କମିଟି ଦ୍ୱାରା ଜାଗା ଚିହ୍ନଟ ପ୍ରକ୍ରିୟା ଶେଷ କରନ୍ତୁ। ପ୍ରତି ମିଶନ ଶକ୍ତି ଗୃହ ପିଛା ୬ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ସେଥି ଲାଗି ସମ୍ପୃକ୍ତ ଅଧିକାରୀ ଦୃଷ୍ଟି ଦେବାକୁ କୁହାଯାଇଛି। ପୌର ପରିଷଦ କିମ୍ବା ପୌରାଞ୍ଚଳରେ ଥିବା ପ୍ରାଇମେରି ସ୍କୁଲ ଓ ହାଇସ୍କୁଲଗୁଡିକର ରକ୍ଷଣାବେକ୍ଷଣ, ମରାମତି ସ୍ଥାନୀୟ ଅଞ୍ଚଳର ଅଧିକାରୀ କରିବେ। ସମ୍ପୃକ୍ତ ଅଞ୍ଚଳର କାର୍ଯ୍ୟନିର୍ବାହୀ ଅଧିକାରୀ ଏହି ଦାୟିତ୍ୱ ନିର୍ବାହ କରିବେ। ଏଥି ଲାଗି ସରକାରଙ୍କଠାରେ ପ୍ରସ୍ତାବ ରଖିବାକୁ ଜିଲାପାଳ ଜଣାଇଥିଲେ। ଜିଲାର ପ୍ରତି ଅଞ୍ଚଳରେ ଇନ୍‌ଡୋର ଷ୍ଟାଡିୟମ ଓ କ୍ରିକେଟ ଖେଳ ପଡିଆ ଲାଗି ଜାଗା ଚିହ୍ନଟ କାର୍ଯ୍ୟ ଶେଷ କରିବାକୁ ସମ୍ପୃକ୍ତ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।
ପାଇପ୍ ଜଳ ଯୋଗାଣ ଲାଗି ପାଇପ ସଂଯୋଗ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ସ୍ୱଚ୍ଛ ସଫେଇ ପୁରସ୍କାର ଲାଗି ପ୍ରତି ୱାର୍ଡରେ ସର୍ବେକ୍ଷଣ କରାଯିବ। ମଇଳାବିହୀନ ସହର, ସୁନ୍ଦର ପରିସ୍ରାଗାର ନିର୍ମାଣ ସହିତ କାନ୍ଥବାଡରେ ବିନା ଅନୁମତିରେ ପୋଷ୍ଟର ନ ଲଗାଇବା ଦିଗରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ତତ୍ପରତା ପ୍ରକାଶ କରିବାକୁ କୁହାଯାଇଛି। ମୋ ସରକାର ସେଲ୍‌ରୁ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଜ ଆଡୁ ଲୋକଙ୍କ ସମସ୍ୟା ସମ୍ପର୍କରେ ଟେଲିଫୋନ ଯୋଗେ କଥା ହୁଅନ୍ତୁ ଏବଂ ସମସ୍ୟା ସମାଧାନ କରନ୍ତୁ। ପ୍ରତ୍ୟହ ପୂର୍ବାହ୍ନ ୫ଟାରୁ ୭ଟା ମଧ୍ୟରେ ସାଇକେଲ ଯୋଗେ ଭ୍ରମଣ କରି ସଫେଇ କାର୍ଯ୍ୟ ତଦାରଖ କରନ୍ତୁ। ଜିଲାର ୬୧୦ ପ୍ରଧାନ ଶିକ୍ଷକଙ୍କୁ ସ୍ମାର୍ଟ କ୍ଲାସ ସମ୍ପର୍କିତ ପ୍ରଶିକ୍ଷଣ ଦିଆଯିବ। ଶିକ୍ଷକ ନିଜ ପାଖରେ ଲାପ୍‌ଟପ୍ ରଖି ପାୱାର ପ୍ରେଜେଣ୍ଟେଶନ ଦ୍ୱାରା ଶିକ୍ଷାଦାନ କରିବେ। ଏ ଦିଗରେ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସରକାରଙ୍କଠାରେ ପ୍ରସ୍ତାବ ରଖିବାକୁ ଜିଲାପାଳ ଜଣାଇଥିଲେ। ଖବରକାଗଜରେ ପ୍ରକାଶିତ ଜିଲାର ସମସ୍ୟା ସମ୍ପର୍କିତ କଟିଂ ସମ୍ପୃକ୍ତ ଉପଜିଲାପାଳ ଏବଂ ଅଧିକାରୀମାନଙ୍କୁ ଜିଲାସ୍ତରରୁ ପ୍ରେରଣ କରାଯାଉଛି। ସେଗୁଡିକର ସମସ୍ୟା ସମାଧାନ ସହିତ ସମ୍ପୂର୍ଣ୍ଣ ତଥ୍ୟ ଜିଲାପାଳଙ୍କ ଅବଗତି ନିମନ୍ତେ ପ୍ରେରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।


ଭିଡିଓ କନ୍‌ଫରେନ୍ସିଂରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

## ସଂକ୍ଷେପରେ

### ୟୁନିସେଫ୍‌ର ପ୍ରତିନିଧି ଦଳଙ୍କ ଡୁରା ହାଇସ୍କୁଲ ପରିଦର୍ଶନ

**ଗୋପାଳପୁର,୨୦।୨:** ରଙ୍ଗେଇଲୁଣ୍ଡା ବ୍ଲକ ଡୁରା ସ୍ଥିତ ନ୍ୟାସନାଲ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ଛାତ୍ରୀଛାତ୍ରମାନେ କ୍ୟାରିୟର ପାଇଁ କେଉଁ ଦିଗରେ ଚୟନ କରିବେ ସେ ନେଇ ଏକ କର୍ମଶାଳାର ଶନିବାର ଆୟୋଜନ ହୋଇଥିଲା। ଭୁବନେଶ୍ୱର ୟୁନିସେଫର ରାଜ୍ୟ ମୁଖ୍ୟ ଶିକ୍ଷା ବିଶେଷଜ୍ଞ ଲଳିତା ପଟ୍ଟନାୟକ ଏବଂ ଶିକ୍ଷା ପରାମର୍ଶଦାତା ଜୟାଜ୍ୟୋତି ପଣ୍ଡା ଉକ୍ତ ବିଦ୍ୟାଳୟ ପରିଦର୍ଶନରେ ଆସି ମୋବାଇଲ୍ ଦ୍ୱାରା କ୍ୟାରିୟର ପୋର୍ଟାଲର ପଞ୍ଜୀକରଣ ଓ ବ୍ୟବହାର ବିଷୟରେ ବୁଝାଇଥିଲେ। ଏଥିରେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଡ.ପ୍ରଭାତୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଡ.ମହାପାତ୍ର ମଧୁ ଆପ୍ ଏବଂ ଦୀକ୍ଷା ଆପର ବ୍ୟବହାର ବିଷୟରେ ପିଲାମାନଙ୍କୁ ଜଣାଇଥିଲେ। ବିଦ୍ୟାଳୟର ୯୨ଜଣ ଛାତ୍ରୀଛାତ୍ର କ୍ୟାରିୟର ପୋର୍ଟାଲରେ ପଞ୍ଜୀକରଣ କରି ନିଜର ଭବିଷ୍ୟତ ଗଠନରେ ସହାୟକ ହୋଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବି.ଏରେୟା ରେଡ୍ଡୀ, ଶିକ୍ଷୟିତ୍ରୀ ନିର୍ମଳା ଦାସ, ଦୀପ୍ତିମୟୀ ପଟ୍ଟନାୟକ, ଗୀତାଞ୍ଜଳି ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

### ଶେରଗଡ଼ ଥାନା ଅଧୀନକୁ ଆସିଲା ୪୭ ଗ୍ରାମ

**ଶେରଗଡ,୨୦।୨(ଡି.ଏନ୍.ଏ.):** ଶେରଗଡ ବ୍ଲକର ବହୁଦିନରର ଦାବି ପୂରଣ କରିଛି ରାଜ୍ୟ ଗୃହ ବିଭାଗ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ଗୃହ ବିଭାଗ ପତ୍ର ସଂଖ୍ୟା-୬୬୫୩ ତା-୧୭।୨।୨୦୨୧ ପ୍ରକାରେ ମୋଟ ୪୭ ଗ୍ରାମ ଶେରଗଡ ଥାନା ଅଧୀନକୁ ଆସିଛି। ସେଥିମଧ୍ୟରେ କୁମାରପାଣି ପଞ୍ଚାୟତର ୩ ଗ୍ରାମ, କରଡାକଣା ପଞ୍ଚାୟତର ୧୪, ବରମୁଣ୍ଡଳୀର ପଞ୍ଚାୟତର ୫, ବନ୍ଧାଗୁଡାର ୭, ମହୁପଦରର ୫, କୁଲାଗଡର ୩, ଖିରିଡାର ୫, କୁରୁଳାର ୩ ଓ ଠୁରୁବୁରାଇର ୨ ଗ୍ରାମ ରହିଛି। ଏ ସମ୍ପର୍କରେ ଶେରଗଡ଼ ଥାନାକୁ ଅବଗତ କରାଯାଇଛି।

### ୱାର୍ଡ କମିଟି ବୈଠକ

**ଆସିକା,୨୦।୨(ଡି.ଏନ.ଏ.):** ଆସିକା ଏନ୍‌ଏସି ୧୮ନଂ. ୱାର୍ଡ ରଘୁନାଥନଗରସ୍ଥିତ ରଘୁନାଥ ମନ୍ଦିର ପରିସରରେ ୱାର୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରସନ୍ନ ଟେଟେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୱାର୍ଡ ଅଫିସର କିଶୋର ଚନ୍ଦ୍ର ପାଣିଗ୍ରାହୀ, କନିଷ୍ଠ ଯନ୍ତ୍ରୀ ଲକ୍ଷ୍ମୀ ସିଂ, କନିଷ୍ଠ ପରିମଳ ଅଧିକାରୀ ଦିପ୍ତୀରାଣୀ ସାହୁ, ସଂପୃକ୍ତ ୱାର୍ଡର ବରିଷ୍ଠ ନାଗରିକ ଅଜିତ ପଟ୍ଟନାୟକ, ସୁରେନ୍ଦ୍ର ପାତ୍ରଙ୍କ ସମେତ ୱାର୍ଡ କମିଟି ସଦସ୍ୟ ଯୋଗଦେଇଥିଲେ। ଏହି ଅବସରରେ ୱାର୍ଡର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ପରିମଳ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ତେବେ ପୂର୍ବ ବୈଠକରେ ଗୃହୀତ ପ୍ରସ୍ତାବକୁ ଏନଏସି ପକ୍ଷରୁ ଏ ଯାଏ କାର୍ଯ୍ୟକାରୀ କରାଯାଇ ନ ଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା।

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

**ଦିଗପହଣ୍ଡି,୨୦।୨(ଡି.ଏନ.ଏ.):** ଦିଗପହଣ୍ଡି-ବ୍ରହ୍ମପୁର ରାସ୍ତାର ଗୋକର୍ଣ୍ଣପୁର ଶିଳ୍ପ ତାଲିମ କେନ୍ଦ୍ର ନିକଟରେ ଶୁକ୍ରବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣ ଯୁବକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବ୍ରହ୍ମପୁର ସଦର ଥାନା ବାଳକୃଷ୍ଣପୁର ଗ୍ରାମର ସନ୍ତୋଷ ସାହୁ (୨୭), ସାନବ୍ରାହ୍ମଣ ସାହିର ବାବୁଲି ପ୍ରଧାନ (୨୬)। ସନ୍ତୋଷ କୌଣସି କାମରେ ପାଟପୁର ଆସି ଅପରାହ୍ନରେ ନିଜ ଗାଁକୁ ବାଇକ୍ ଯୋଗେ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ବାବୁଲିଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ଉଭୟ ଗୁରୁତରଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ବ୍ରହ୍ମପୁର ବଡ଼ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି।

### ନୂତନ ଟ୍ରେଜେରି ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

**କାଶୀନଗର,୨୦।୨:** କାଶୀନଗର ସବ୍‌ଟ୍ରେଜେରୀରେ ଟ୍ରେଜେରୀ ଅଧିକାରୀ ପଦବୀ ଦୀର୍ଘଦିନ ହେଲା ଖାଲି ରହିଥିଲା। ସ୍ଥାନୀୟ ତହସିଲଦାର ଉକ୍ତ କାର୍ଯ୍ୟ ସମ୍ପାଦନ କରୁଥିଲେ। ନୂତନ ଟ୍ରେଜେରୀ ଅଧିକାରୀ ଭାବେ ସତ୍ୟନାରାୟଣ ଭୂୟାଁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଫଳରେ ପେନ୍‌ସନଭୋଗୀ, ଦରମା ସହ ଟ୍ରେଜରୀ ଦେଣନେଣ କାର୍ଯ୍ୟ ସୂଚାରୁ ରୂପେ ହୋଇପାରିବ ବୋଲି ଆଶା କରାଯାଉଛି।

## କଳାକାରମାନଙ୍କ ସଚେତନ କାର୍ଯ୍ୟକ୍ରମ

**କ.ନୂଆଗାଁ,୨୦।୨(ଡି.ଏନ୍.ଏ.)**

କନ୍ଧମାଳ ଜିଲାର ବିଭିନ୍ନ ବ୍ଲକର କଳାକାରମାନଙ୍କୁ ନେଇ କ.ନୂଆଗାଁ ଜନ ବିକାଶ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକର ସୁରୁବାଲିରେ ଥିବା ପ୍ରଶାନ୍ତି ସାଂସ୍କୃତିକ ସମ୍ବଳ କେନ୍ଦ୍ରଠାରେ ଜିଲାର ପାରମ୍ପରିକ କଳାକାର, ବାଉଁଶ କାରିଗର, ବେତ କାରିଗର, ବଢ଼େଇ ଓ ଡୋକ୍ରା କାରିଗର ଭଳି ଜିଲାର ପ୍ରତ୍ୟେକ ବ୍ଲକରୁ ୫ ଜଣ ଲେଖାଏ ଆସିଥିଲେ। ଏହି କାର୍ଯ୍ୟକ୍ରମରେ ଆଇଟିଡିଏ ବଳିଗୁଡ଼ାରୁ ଚନ୍ଦ୍ରକାନ୍ତ ନାୟକ, ଡିଆଇସି ଫୁଲବାଣୀ ତରଫରୁ ଆଇପିଓ ବାଲିଗୁଡ଼ାର ଜଶୋବନ୍ତ ମାଝୀ ଓ ଜିଲା ଲୋକକଳାକାର ସଂଘର ସଭାପତି ଅକ୍ଷୟ କୁମାର କର୍ଣ୍ଣ ଉପସ୍ଥିତ କଳାକାରମାନଙ୍କୁ ସରକାରୀ ଯୋଜନା ବିଷୟରେ ବୁଝାଇ ଥିଲେ। କାର୍ଯ୍ୟକ୍ରମରେ ଜନ ବିକାଶ କର୍ମୀ ସଦାନନ୍ଦ ପରାସେଟ ଅତିଥି ଓ କଳାକାରମାନଙ୍କୁ ସ୍ୱାଗତ କରି ପରିଚୟ ପ୍ରଦାନ କରିଥିବା ବେଳେ ସ୍ୱେଚ୍ଛାସେବୀ ନରେଶ କୁମାର ରଣଜିତ, ସୁଧାକର ନାୟକ, ଧୀରେନ୍ଦ୍ର ପ୍ରଧାନ, ମନ୍ଦାକିନି ଦିଗାଲ ଓ ମିନାକ୍ଷୀ ନାୟକ ସହଯୋଗ କରିଥିଲେ।

## ସେମିଫାଇନାଲରେ ପାୟୋନିୟର ବେଗୁନିଆପଡ଼ା

**ବିଜୟାନନ୍ଦ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

**ଭଞ୍ଜନଗର,୨୦।୨(ଡି.ଏନ.ଏ)**

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଚାଲିଥିବା ବିଜୟାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ଶନିବାର ହୋଇଥିଲା। ଏଥିରେ ବେଗୁନିଆପଡ଼ା ଜିତି ଦ୍ୱିତୀୟଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ବାବା ପାତାଳେଶ୍ୱର କ୍ରିକେଟ କ୍ଲବ ଚାଟୁଳା ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୩୯ ରନ କରିଥିଲା। ପାୟୋନିୟର କ୍ରିକେଟ କ୍ଲବ ବେଗୁନିଆପଡ଼ା ଦ୍ୱିତୀୟ ବ୍ୟାଟିଂ କରି ୩ ଉଇକେଟ ବିନିମୟରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ଥିଲା। ଦଳପକ୍ଷରୁ ଆଦିତ୍ୟ ସର୍ବାଧିକ ୫୩ରନ୍ କରିଥିବାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସୁଶିଲ ମିଶ୍ର, ବିଭୁତି ଭୂଷଣ ପୋଲେଇ ଆମ୍ପାୟାର ଥିବାବେଳେ ସ୍କୋରର ଦାୟିତ୍ୱରେ ସୁନିଲ ଗୌଡ଼ ଓ ରାଜେଶ ବେହେରା ଥିଲା।


ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

## ମନ୍ଦିରରେ ଗରୁଡ଼ ପକ୍ଷୀ



**ହିଞ୍ଜିଳିକାଟୁ,୨୦।୨(ଡି.ଏନ୍.ଏ.):** ହିଞ୍ଜିଳିକାଟୁ ବ୍ଲକ ବାଦିଆମ୍ବ ଗାଁ ହନୁମାନ ମନ୍ଦିରରେ ଗରୁଡ଼ ପକ୍ଷୀକୁ ଦେଖି ଲୋକେ ପୂଜାର୍ଚ୍ଚନା ଆରମ୍ଭ କରିଛନ୍ତି। ଏକ ଧଳା ରଙ୍ଗର ବିରଳ ଗରୁଡ଼ ପକ୍ଷୀ ଶନିବାର ସକାଳେ ବାଦିଆମ୍ବଗାଁ ତଳସାହି ହନୁମାନ ମନ୍ଦିରକୁ ପଶିଆସିଥିଲା। ମନ୍ଦିର ପୂଜକ ଓ କିଛି ବ୍ୟକ୍ତି ଏହାଦେଖି ଶୁଭ ସୂଚନା ବୋଲି ପ୍ରକାଶ କରିଥିଲେ। ଖବର ପ୍ରଚାର ପରେ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା।

## ବିଇଡି ତାଲିମପ୍ରାପ୍ତ ଶିକ୍ଷକଙ୍କ ଟିଜିଟି ଦରମା ଦାବି

**ଆସିକା,୨୦।୨ (ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଜିଲାପରିଷଦ ବିଇଡି ଶିକ୍ଷକ ସଂଘର ଏକ ବୈଠକ ଶନିବାର ଆସିକା ଏନ୍‌ଏସି ପୁଡୁଗେଶ୍ୱରପଲ୍ଲୀସ୍ଥିତ ପୁଡୁଗେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ରାମନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଂଘକୁ ତୃଣମୂଳସ୍ତରରୁ ସୁଦୃଢ କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରାଥମିକ ତଥା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କର୍ତ୍ତବ୍ୟରତ ଜିଲାପରିଷଦ ବିଇଡି ଶିକ୍ଷକମାନଙ୍କୁ ଟିଜିଟି ଦରମା ପ୍ରଦାନ ନିମନ୍ତେ ବୈଠକରେ ଦାବି ଉପସ୍ଥାପନ କରାଯାଇଥିଲା। ଏଥିସହ କୋଭିଡ ନିୟମ ମୁତାବକ ବର୍ତ୍ତମାନ ବିଭିନ୍ନ ଉଚ୍ଚବିଦ୍ୟାଳୟରେ ଶହେଦିନ ଧରି ନବମ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରି ଆସୁଥିବା ଏହି ଯୋଗ୍ୟତାଧାରୀ ଶିକ୍ଷକଙ୍କୁ ଟିଜିଟି ଦରମା ପ୍ରଦାନ ସହ ଉଚ୍ଚ ବିଦ୍ୟାଳୟରେ ଅବସ୍ଥାପିତ କରିବାକୁ ଦାବି କରାଯାଇଥିଲା। ଦାବିସମୂହକୁ ଜିଲା ଶିକ୍ଷାଧିକାରୀଙ୍କ ଜରିଆରେ ସରକାରଙ୍କ ନିକଟରେ ଉପସ୍ଥାପନ ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶିକ୍ଷକମାନଙ୍କ ଏହି ନ୍ୟାୟସଙ୍ଗତ ଦାବି ପୂରଣ ଦିଗରେ କାଳବିଳମ୍ବ କଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବୈଠକରେ ଗୃହୀତ ପ୍ରସ୍ତାବ ମୁତାବକ ଦୃଢ ଚେତାବନୀ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରତାପ ଚନ୍ଦ୍ର ବେହେରା, ଦିଲ୍ଲୀପ ପୋଲାଇ, ସରୋଜ କୁମାର ନାୟକ, ସନ୍ତୋଷ କୁମାର ବେହେରାଙ୍କ ସମେତ ଜିଲାର ୨୨ ବ୍ଲକର ବ୍ଲକସ୍ତରୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଉନ୍ନତ ବଳଦଟଣା କୃଷି ଯନ୍ତ୍ରପାତି ମେଳା

**ହିଞ୍ଜିଳିକାଟୁ,୨୦।୨(ଡି.ଏନ୍.ଏ.)**

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ପଶୁ ଶକ୍ତିର ସଦୁପଯୋଗ ସମ୍ବନ୍ଧୀୟ ସର୍ବ ଭାରତୀୟ ସଂଯୋଜିତ ଗବେଷଣା ପ୍ରକଳ୍ପ ଓ ହର୍ଷ ଟ୍ରଷ୍ଟ ଆଇଟିସି ମିଶନ ସୁନେହରା କଲର ମିଳିତ ଉଦ୍ୟମରେ ହିଞ୍ଜିଳିକାଟୁ ବ୍ଲକ ପଲ୍ଲୀପଦ୍ମନାଭପୁର ଗ୍ରାମଠାରେ ବଳଦଟଣା ଉନ୍ନତ କୃଷି ଯନ୍ତ୍ରପାତି ସମ୍ବନ୍ଧୀୟ କୃଷକ ମେଳା ବୁଧବାର ଆୟୋଜନ କରାଯାଇଥିଲା। ପ୍ରକଳ୍ପର ଗବେଷଣା ଯନ୍ତ୍ରୀ ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁ ଉପସ୍ଥିତ ଚାଷୀମାନଙ୍କୁ ପ୍ରକଳ୍ପ ତରଫରୁ ବିକଶିତ ଉନ୍ନତ କୃଷି ଯନ୍ତ୍ରପାତି ଯଥା ଓୟୁଏଟିର ମୋଡ ପତ୍ର ଲଙ୍ଗଳ, ଉନ୍ନତ ଜୁଆଳି, ମଞ୍ଜିବୁଣା ଯନ୍ତ୍ର, କାଦୁଅ କରିବା ଯନ୍ତ୍ର ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୨ର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡାକ୍ତର ସୁସ୍ମିତା ମହାନ୍ତି, କୀଟତତ୍ତ୍ୱ ବୈଜ୍ଞାନିକ ସନ୍ଦୀପ ମହାନ୍ତି, ବେସରକାରୀ ସଂସ୍ଥା ହର୍ଷ ଟ୍ରଷ୍ଟ ଆଇଟିସି ମିଶନ ସୁନେହରା କଲର ସଂଯୋଜକ ଶଶିକାନ୍ତ ବେହେରା, ସୂର୍ଯ୍ୟ ନାୟକ ଓ ଗଙ୍ଗାଧର ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇ ଉନ୍ନତ କୃଷି ଯନ୍ତ୍ରପାତି ବ୍ୟବହାର ଦ୍ୱାରା କମ୍ ସମୟରେ, ସୁବିଧାରେ,କମ୍ ଖର୍ଚ୍ଚରେ ବିଭିନ୍ନ ଚାଷକାମ କରାଯାଇପାରିବ ବୋଲି ମତ ପ୍ରକାଶ କରିଥିଲେ। କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟ ଚତୁର୍ଥ ବର୍ଷ ଛାତ୍ରୀଛାତ୍ର ଯୋଗଦେଇ ଉପସ୍ଥିତ ଚାଷୀମାନଙ୍କ ସହ କୃଷି ଯାନ୍ତ୍ରିକୀକରଣ ଉପଯୋଗିତା ବିଷୟରେ ଆଲୋଚନା କରିଥିଲେ।

## ମନ ମୋହିଲା ନଟିଆ କମେଡି

**ବୁଦ୍ଧୀଦୀପ ଗୁରୁକୁଳ ସ୍କୁଲ ଉଦ୍‌ଘାଟିତ**


ଛୋଟ ପିଲାଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

**ଗଞ୍ଜାମ,୨୦।୨(ଡି.ଏନ.ଏ.)**

ଗଞ୍ଜାମ ସହରସ୍ଥିତ ବଡ଼ବଜାରଠାରେ ବୁଦ୍ଧିଦୀପ ଗୁରୁକୁଳ ପ୍ଲେ ସ୍କୁଲ ଉଦ୍‌ଘାଟନ ଉତ୍ସବ ଅବସରରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉମାକାନ୍ତ ବେହେରାଙ୍କ ସଂଯୋଜନାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ସାଜିଥିଲେ ହାସ୍ୟ ଅଭିନେତା ସ୍ମୃତିରଞ୍ଜନ ମହାନ୍ତି ଓରଫ ନଟିଆ। ଛତ୍ରପୁର ବଚ୍‌ପନ ସ୍କୁଲ ପ୍ରିନ୍ସପାଲ ସଙ୍ଗୀତା ଶର୍ମାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସୋନମ ପଲାଇ ଯୋଗଦେଇଥିଲେ। ମୁଖ୍ୟବକ୍ତା ରୂପେ ଗଞ୍ଜାମ ଥାନାଧିକାରୀ ଦିଲୀପ କୁମାର ସାହୁ, ସମ୍ମାନିତ ଅତିଥି ରୂପେ ଓଏସ୍ଏଲ୍‌ର କମର୍ସିଆଲ ନିର୍ଦ୍ଦେଶକ ମନମୋହନ ମହାରଣା ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଇଂ. ଗଜେନ୍ଦ୍ର କୁମାର ତରାଇ ବିଦ୍ୟାଳୟ ସମ୍ପର୍କରେ ସୂଚନା ଦେବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଏସଏମ୍ ପରିଚାଳକ ଶବର କୁମାର ତରାଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଇଂ. ସୁଧାଂଶୁ ଶେଖର ତରାଇଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ହନୁମାନ ମୂର୍ତ୍ତି ପ୍ରତିଷ୍ଠା ଉତ୍ସବ

**ବୁଗୁଡ଼ା,୨୦।୨(ଡି.ଏନ୍.ଏ.)**

ତିଳସପ୍ତମୀରେ ସ୍ଥାନୀୟ ସୋମନାଥ ମନ୍ଦିର ପରିସରରେ ୨୪ ଫୁଟ ଉଚ୍ଚତା ବିଶିଷ୍ଟ ହନୁମାନଙ୍କ ମୂର୍ତ୍ତି ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାତଃକାଳରେ କଳସ ଯାତ୍ରା, ପୂର୍ବାହ୍ନରେ ସୂର୍ଯ୍ୟପୂଜା, ହୋମ, ପୂଜାପାଠ, ଘୃତଯଜ୍ଞ ଓ ଅନ୍ନଯଜ୍ଞ ହୋଇଥିଲା। ପୁରୋହିତ ଦଣ୍ଡପାଣି ଦାଶ, ମନୋଜ କୁମାର ଦାଶ, ପ୍ରଭାକର ପାଣି ପ୍ରମୁଖ ଠାକୁରଙ୍କ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ମନ୍ଦିର କମିଟି ସଭାପତି ଉମା ଚରଣ ପଟ୍ଟନାୟକ, ସୁରେଶ ଚନ୍ଦ୍ର ପଣ୍ଡା, ଅରୁଣ ପାଣିଗ୍ରାହୀ, ରବୀନ୍ଦ୍ର ପଣ୍ଡା, ବାପୁଜୀ ପାତ୍ର ଓ ଭିକାରୀ ଜେନା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଉତ୍ସବରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

## କୋମଣ୍ଡା ଚାମ୍ପିୟନ, ଦେଓଗାଁ ରନର୍ସଅପ୍

**ମା' ଠାକୁରାଣୀ ଭଲିବଲ ଟୁର୍ଣ୍ଣାମେଣ୍ଟ**

**ବୁଗୁଡ଼ା,୨୦।୨(ଡି.ଏନ୍.ଏ.)**

ବୁଗୁଡ଼ା ବ୍ଲକ କରସିଙ୍ଗିରେ ଚାଲିଥିବା ମା' ଠାକୁରାଣୀ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର କୋମଣ୍ଡା ଓ ଦେଓଗାଁ ଟିମ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। କୋମଣ୍ଡା ଟିମ୍ ଦେଓଗାଁ ଟିମକୁ ୨-୧ ସେଟରେ ପରାଜିତ କରି ଚାମ୍ପିୟନ ହୋଇଛି। ମା' ଠାକୁରାଣୀ କ୍ଲବର ସଭାପତି ସନ୍ଦିପ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ରୂପେ ଘୁମୁସର ଜିଲା ଭାଜପା ସଭାପତି ଗୋକୁଳାନନ୍ଦ ମଲ୍ଲିକ ଏବଂ ସମ୍ମାନିତ ଅତିଥି ରୂପେ କରଚୁଲି ମଣ୍ଡଳ ଭାଜପା ସଭାପତି ବିଷ୍ଣୁ ଚରଣ ପ୍ରଧାନ, ବନରକ୍ଷୀ ବାଳକୃଷ୍ଣ ପାଣିଗ୍ରାହୀ, ରାଧାକୃଷ୍ଣ ବାରିକ, ପୂର୍ବତନ ସରପଞ୍ଚ ପ୍ରମୋଦ ଚନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥି କୋମଣ୍ଡା ଦଳକୁ ଚାମ୍ପିୟନ ଟ୍ରଫି ଓ ଦେଓଗାଁ ଟିମ୍‌କୁ ରନର୍ସଅପ୍ ସିଲ୍ଡ ପ୍ରଦାନ କରିଥିଲେ। ଦେବରାଜ ସେନାପତି, ରିଙ୍କୁ ବାରିକ, ସୋନୁ ପ୍ରଧାନ, ଅରୁଣ ନାୟକ, ବାବୁଲା ସେନାପତି ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।


ବିଜେତା ଦଳକୁ ଅତିଥି ଚାମ୍ପିୟନ ଟ୍ରଫି ପ୍ରଦାନ କରୁଛନ୍ତି।

## ୫.୧୫ କୁଇଣ୍ଟାଲ ଗଞ୍ଜେଇ ଜବତ, ୬ ଗିରଫ



ଜବତ ଗଞ୍ଜେଇ ସହ ଗିରଫ ଯୁବକ।

**ଫୁଲବାଣୀ ଅଫିସ, ୨୦।୨**


କନ୍ଧମାଳରୁ ବାଙ୍ଗାଲୋରକୁ ଚାଲାଣ ହେବାକୁ ଥିବା ୫କୁଇଣ୍ଟାଲ ୧୫କେଜି ଗଞ୍ଜେଇ ଜବତ କରିଛି ଗୋଚ୍ଛାପଡା ପୋଲିସ। ଘଟଣାରେ ସମ୍ପୃକ୍ତ ୬ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମାଷ୍ଟରମାଇଣ୍ଡ ବାଙ୍ଗାଲୋରର ଶକ୍ତି ଭେଲ୍. ଡି ଓ ଉଷାଗାଡୁର ସରୋଜ କହଁର, ଭାଗିରଥି କହଁର, ଗଣେଶ୍ୱର କହଁର, କାର୍ତ୍ତିକେଶ୍ୱର କହଁର, ଧ୍ରୁବ ଚରଣ କହଁର। ୨ଜଣ ଏହି ଘଟଣାରେ ଏବେ ବି ଫେରାର ଅଛନ୍ତି। ଗୋଚ୍ଛାପଡା ଥାନାଧିକାରୀ ତୃପ୍ତି ରଞ୍ଜନ ନାୟକ ସୂଚନା ପାଇ ସଦଳବଳ ଉଷାଗାଡୁ ଅଞ୍ଚଳରେ ଚଢ଼ାଉ କରିଥିଲେ। ସେଠାରୁ ଅଖାରେ ଭର୍ତ୍ତି ହୋଇ ବାଙ୍ଗାଲୋର ଚାଲାଣ ହେବାକୁ ଥିବା ଗଞ୍ଜେଇ ଜବତ କରିବା ସହ ନଂ. ୧୬/୨୧ରେ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲେ।

### ମାନବାଧିକାର କର୍ମୀ ଆଳରେ ଗଞ୍ଜେଇ ଚାଲାଣ

**୨୨୬ କେଜି ଗଞ୍ଜେଇ ଜବତ, ୭ ଗିରଫ**

**ଆର.ଉଦୟଗିରି,(ଡି.ଏନ.ଏ.)**

ଗଜପତି ଜିଲା ମୋହନା, ଅଡବା ଓ ଆର୍.ଉଦୟଗିରି ପୋଲିସ ବିଭିନ୍ନ ସ୍ଥାନରେ ଶୁକ୍ରବାର ଚଢାଉ କରି ୨୨୬ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ୭ଜଣଙ୍କୁ ଗିରଫ କରିବା ସହ ଜଣେ ନାବାଳକକୁ ଅଟକ ରଖାଯାଉଛି। ଅଭିଯୁକ୍ତମାନେ ନିଜକୁ ମାନବାଧିକାର ସଦସ୍ୟ କହି ଗଞ୍ଜେଇ ଚାଲାଣ କରୁଥିଲେ ବୋଲି ଆର୍.ଉଦୟଗିରି ଏସ୍‌ଡିପିଓ ଦିଲ୍ଲୀପ କୁମାର ନାୟକ କହିଛନ୍ତି।
ଗଜପତି ଏସ୍‌ପି ତପନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ମୋହନା ଥାନାଧିକାରୀ ସୁଜିତ ନାୟକ କମଳାପୁର ଛକରେ ଯାଞ୍ଚବେଳେ ଏକ ସ୍କର୍ପିଓ(ନଂ-ବିଆର୍ ୫୨ବି-୬୮୫୯)ରୁ ୯୨ କେଜି ଗଞ୍ଜେଇ ମିଳିଥିଲା। ଏଥିରେ ସମ୍ପୃକ୍ତ ବିହାର ରୋହତସି ଜିଲାର ପୁଷ୍ପେନ୍ଦ୍ର କୁମାର ସିଂ, ଦିଣ୍ଡେଶ୍ୱରୀ ସିଂ ଓ ପଙ୍କଜ କୁମାର ଗୁପ୍ତଙ୍କୁ ଗିରଫ କରିଥିଲେ। ସେହିପରି ଏକ କାର୍‌ରୁ ୪୧ କେଜି ୬୦୦ ଗ୍ରାମ ଗଞ୍ଜେଇ ଜବତ ସହ ଆର୍.ଉଦୟଗିରି ଥାନା ରୁଡିଙ୍ଗିଆ ଗାଁର ପରମାନନ୍ଦ ନାୟକ ଓ ଗୁମିଗୁଡା ଗାଁର ଜୀବିତ ଗମାଙ୍ଗଙ୍କୁ ଗିରଫ କରାଯାଇଥିଲା। ଏହି ଘଟଣାରେ ଜଣେ ନାବାଳକଙ୍କୁ ଅଟକ ରଖାଯାଉଛି। ଆର୍.ଉଦୟଗିରି ଥାନା କାଟଙ୍ଗପଡା ଛକରେ ଏକ କାର୍ (ନଂ.ଜେଏଚ୍୧୧ଜି -୪୦୪୯)ରୁ ୯୨କେଜି ୬୫୦ଗ୍ରାମ ଗଞ୍ଜେଇ ଜବତ ସହ ବିହାର ବୈଶାଳୀ ଜିଲାର ଚନ୍ଦନ କୁମାର ଯାଦବ ଓ ପାଟଣା ଜିଲାର ସନ୍ତୋଷ କୁମାରଙ୍କୁ ଗିରଫ କରାଯାଇଛି। ୩ ପୃଥକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା କହିଛନ୍ତି ଏସଡିପିଓ। ସମସ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି।





# ସୀମା ବିବାଦ




୧୯୬୮ରୁ ୨୦୨୧

# କୋଟିଆ



## ବିତର୍କ ବଳୟରେ ୩ ଗ୍ରାମ

ଓଡ଼ିଶା–ଆନ୍ଧ୍ରପ୍ରଦେଶ

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ସୀମାନ୍ତ କୋଟିଆ ପଞ୍ଚାୟତର ୩ ଗ୍ରାମକୁ ନେଇ ଓଡ଼ିଶା ଏବଂ ଆନ୍ଧ୍ର ମଧ୍ୟରେ ବିବାଦ ଉପୁଜିଛି। ଏହି ସବୁ ଗ୍ରାମରେ ସେଠାକାର ସରକାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ କରିବା ଘଟଣା ଏବେ ସର୍ବୋଚ୍ଚ ନ୍ୟାୟାଳୟ ଦେଖିସାରିଲାଣି। ଏହାକୁ ନେଇ ଓଡ଼ିଶା ସରକାର, ସ୍ଥାନୀୟ ଜିଲା ଓ ବ୍ଲକ ପ୍ରଶାସନର ଭୂମିକାକୁ ନେଇ ଉଠିଛି ପ୍ରଶ୍ନ। ତେବେ ରାଜ୍ୟ ସରକାରଙ୍କ କୋଟିଆ ଅଞ୍ଚଳ ପ୍ରତି ଦୀର୍ଘ ବର୍ଷର ଅବହେଳା ଓ ଅଣଦେଖା ଯୋଗୁ ଏବେ ସେଠାରେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସାଧାରଣରେ କୁହାଯାଉଛି।

ସୂଚନାନୁଯାୟୀ କୋଟିଆ ପଞ୍ଚାୟତକୁ ନେଇ ଉଭୟ ଓଡ଼ିଶା ଏବଂ ଆନ୍ଧ୍ର ମଧ୍ୟରେ ୧୯୬୦–୬୧ରୁ ବିବାଦ ଆରମ୍ଭ ହୋଇଛି। ୧୯୬୭–୬୮ରେ ଦୁଇ ରାଜ୍ୟର ପୋଲିସଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ବନ୍ଧୁକ ଉଠିବା ପରେ ଏହାକୁ ଦୃଷ୍ଟିରେ ରଖି ଉଭୟ ରାଜ୍ୟର ଯଥା କୋରାପୁଟ ଜିଲାପାଳ ଓ ଶ୍ରୀକାକୁଳମ ଜିଲାପାଳଙ୍କ ମଧ୍ୟରେ ଏକ ମିଳିତ ବୈଠକ ହୋଇଥିଲା। ଉକ୍ତ ବୈଠକର ନିଷ୍ପତ୍ତି ଅନୁସାରେ ଉଭୟ ରାଜ୍ୟ ସରକାରଙ୍କ ପକ୍ଷରୁ ପୋଲିସ କାର୍ଯ୍ୟାଳୟ ବା ଫାଣ୍ଡି ସ୍ଥାପନ କରି ଶାନ୍ତି ବଜାୟ ରଖିବାକୁ ଉଦ୍ୟମ କରାଯାଇଥିଲେ ସୁଦ୍ଧା ଦୁଇ ରାଜ୍ୟ ମଧ୍ୟରେ ବିବାଦ ଉଗ୍ରରୂପ ନେଇଥିଲା। ଫଳରେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ସିଂଦେଓଙ୍କ ପକ୍ଷରୁ ୧୯୬୮ରେ ସୁପ୍ରିମକୋର୍ଟରେ ୨ଟି କେସ୍ କରାଯାଇଥିଲା। କୋଟିଆ ପଞ୍ଚାୟତକୁ ନେଇ କେସ୍ ନଂ.୧୦/୬୮ ଓ ଅନ୍ୟତମ ପର୍ଯ୍ୟଟନସ୍ଥଳୀ ବୋରାକୁ ନେଇ କେସ୍ ନଂ. ୧୧/୬୮ରେ ମାମଲା ରୁଜୁ ହୋଇଥିଲା। ବୋରା ପର୍ଯ୍ୟଟନସ୍ଥଳୀ ନନ୍ଦପୁର ବ୍ଲକ ସୀମାନ୍ତରେ ଅବସ୍ଥିତ। ଏହା ଏବେ ଆନ୍ଧ୍ରର ବିଶାଖାପାଟଣା ଜିଲାରେ ରହିଛି। ମାମଲା ରୁଜୁ ପରେ ସୁପ୍ରିମକୋର୍ଟ ୨୦୦୨ରେ ଜୟପୁର ସେସନ୍ସ କୋର୍ଟ ମାଧ୍ୟମରେ ଉଭୟ ରାଜ୍ୟକୁ ରେକର୍ଡ ମାଗିଥିଲେ। ରିପୋର୍ଟ ଅନୁଯାୟୀ ୨୦୦୬ରେ ସୁପ୍ରିମକୋର୍ଟ ଉଭୟ ରାଜ୍ୟ ଉପରେ ସ୍ଥିତାବସ୍ଥା ଜାରି କରିଥିଲେ। ତେବେ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ ପାଳନରେ ଉଭୟ ରାଜ୍ୟର ସରକାର ଅଣଦେଖା କରି ଚାଲିଥିବାରୁ ଏବେ ଏପରି ବିବାଦ ସୃଷ୍ଟି ହୋଇଥିବା ଅନେକ ବୁଦ୍ଧିଜୀବୀ ମତ ଦେଉଛନ୍ତି।

ଅନ୍ୟପକ୍ଷରେ କୋଟିଆ ବ୍ରିଟିଶ ଅମଳରେ ପଟ୍ଟାଙ୍ଗୀ ଫିରିଙ୍ଗା ରୂପେ ପରିଚିତ ଥିଲା। ପୂର୍ବରୁ ଶ୍ରୀକାକୁଳମ ଜିଲାରେ ଥିବା କୋଟିଆ ଏବେ ବିଜୟନଗରମ୍ ଜିଲାରେ ରହିଛି। କୋଟିଆ ୪୦ଟି ଗ୍ରାମକୁ ନେଇ ପଞ୍ଚାୟତ ମାନ୍ୟତା ପାଇଥିବାବେଳେ ସେଥିରେ ୨୮ଟି ରାଜସ୍ୱ ଗ୍ରାମ ରହିଛି। ଏହି ୨୮ ରାଜସ୍ୱ ଗ୍ରାମ ମଧ୍ୟରୁ ୨୧ଟି ବିବାଦୀୟ ତଥା ଅନ୍ ସର୍ଭେ ଗ୍ରାମ ରୂପେ ରହିଛି। ତେଣୁ ଉକ୍ତ ଗ୍ରାମଗୁଡ଼ିକରେ ଆନ୍ଧ୍ର ସରକାର ବିଭିନ୍ନ ସମୟରେ ସରକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇ ସେମାନଙ୍କୁ ଲୋଭ ଦେଖାଉଛନ୍ତି। ୧୯୬୮ରୁ ୨୧ଟି ବିବାଦୀୟ ରାଜସ୍ୱ ଗ୍ରାମ ମଧ୍ୟରୁ ୩ଟି ଗ୍ରାମ ତଳ ଗଞ୍ଜେଇପଦର, ଫଗୁଣସିନେରି ଓ ଫାଟୁସିନେରି ଗ୍ରାମକୁ ଆନ୍ଧ୍ର ୩ଟି ପଞ୍ଚାୟତର ମାନ୍ୟତା ଦେଇ ଏଠାରେ ଜଣେ ଲେଖାଏ ପ୍ରତିନିଧି ମନୋନୀତ କରି ଆସୁଥିଲା। ମାତ୍ର ଏହି ମନୋନୀତ ବ୍ୟକ୍ତିଙ୍କ କାର୍ଯ୍ୟକଳାପରେ ସ୍ଥାନୀୟ ଅଞ୍ଚଳର ଲୋକେ ଅସନ୍ତୋଷ ପ୍ରକାଶକରି ଆନ୍ଧ୍ର ସରକାରଙ୍କ ନିକଟରେ ନିର୍ବାଚନ କରିବା ଲାଗି ପ୍ରସ୍ତାବ ଦେଇଥିଲେ। ପଞ୍ଚାୟତ ବାସିନ୍ଦାଙ୍କ ଉକ୍ତ ପ୍ରସ୍ତାବକୁ ଦୃଷ୍ଟିରେ ରଖି ପ୍ରଥମ ଥର ପାଇଁ ଆନ୍ଧ୍ର ସରକାର ଏହି ୩ ପଞ୍ଚାୟତରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ କରିବାକୁ ପଦକ୍ଷେପ ନେଇଥିଲେ। ଏନେଇ ବିଜ୍ଞପ୍ତି ଜାରି କରି ନାମାଙ୍କନପତ୍ର ଦାଖଲ ତାରିଖ ଘୋଷଣା କରିଥିଲେ। ଗୋଟିଏ ପଞ୍ଚାୟତ ଫାଟୁସିନେରିରେ ଗତ ୧୩ରେ ନିର୍ବାଚନ ହୋଇ ସିଧାରାପୋକାମି (ହିମିରିକା) ସରପଞ୍ଚ ନିର୍ବାଚିତ ହୋଇଛନ୍ତି। ଅନ୍ୟ ୨ ପଞ୍ଚାୟତ ତଳ ଗଞ୍ଜେଇପଦର, ଫଗୁଣସିନେରି ପାଇଁ ସରପଞ୍ଚ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହାପରେ ରାଜନୈତିକ ସମାଲୋଚନାର ଶିକାର ହୋଇ ଓଡ଼ିଶା ସରକାର ପୁଣି ଥରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଆନ୍ଧ୍ରର ଏହି ନିର୍ବାଚନକୁ ସ୍ଥଗିତ ରଖିବା ପାଇଁ ଉଦ୍ୟମ କରିଛି। ଉକ୍ତ ଆବେଦନକୁ ଗ୍ରହଣ କରି କୋର୍ଟ ଆନ୍ଧ୍ର ସରକାରଙ୍କୁ




ରିପୋର୍ଟ ତଲବ କରିବା ପରେ ବିଜୟନଗରମ୍ ଜିଲାପାଳ ଜବାବ ଦାଖଲ କରିଛନ୍ତି। ତେବେ ଉକ୍ତ ଜବାବର ପ୍ରତିଉତ୍ତର ଦେବାପାଇଁ ଅଦାଲତ ଏବେ ଓଡ଼ିଶାକୁ ୪ସପ୍ତାହ ସମୟ ଦେଇଛନ୍ତି। ତେବେ ଓଡ଼ିଶା ସରକାର କି' ଉତ୍ତର ଦେଉଛନ୍ତି ତାଉପରେ ସମସ୍ତଙ୍କ ନଜର ରହିଛି।

ଓଡ଼ିଶା ସରକାର କୋଟିଆ ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ନିକଟରେ ଦୁଇଟି ପର୍ଯ୍ୟାୟରେ ୧୮୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଆରମ୍ଭ କରି ପଞ୍ଚାୟତବାସୀଙ୍କ ନିକଟତର ହେବାକୁ ଚେଷ୍ଟା କରୁଛନ୍ତି। ମାତ୍ର ପଞ୍ଚାୟତବାସୀ ଏହାକୁ ଗ୍ରହଣ କରିପାରୁ ନାହାନ୍ତି, ଯାହାକି ନିକଟରେ ହୋଇଥିବା ଆନ୍ଧ୍ର ନିର୍ବାଚନରେ ସେମାନଙ୍କ ମତଦାନରୁ ଏହା ସ୍ପଷ୍ଟ ହେଉଛି। ଯେ ପର୍ଯ୍ୟନ୍ତ କୋଟିଆ ଅଞ୍ଚଳର ବାସିନ୍ଦାଙ୍କ ଜୀବନଜୀବିକା ପ୍ରତି ଓଡ଼ିଶା ସରକାର ଚିନ୍ତା କରିନାହାନ୍ତି ସେ ପର୍ଯ୍ୟନ୍ତ କୋଟିଆରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇଥିବା ଆମେ ମନେକରିବୁ ନାହିଁ ବୋଲି ପଞ୍ଚାୟତବାସୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ପଟ୍ଟାଙ୍ଗୀ ବ୍ଲକ ପ୍ରଶାସନ ପକ୍ଷରୁ ୨୧ଟି ବିବାଦୀୟ ଗ୍ରାମରେ ୬୧ଟି ପ୍ରକଳ୍ପ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ଷ୍ଟ୍ରିଟ୍ ଲାଇଟ୍, ରାସ୍ତା ନିର୍ମାଣ, ମଣ୍ଡପ, ବିଜୁ ପକ୍କାଘର, କମ୍ୟୁନିଟି ହଲ୍ ଆଦି ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୨୯୦.୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୭୨ ହଜାର ୫୬୫ ଶ୍ରମ ଦିବସ ସୃଷ୍ଟି କରାଯାଇ ଶ୍ରମିକମାନଙ୍କ ସଞ୍ଚୟ ଖାତାକୁ ୧ କୋଟି ୫୦ ଲକ୍ଷ ୨୦ ହଜାର ୯୩୫ ଟଙ୍କା ପଠାଯାଇଥିବା ବ୍ଲକ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଛି ।

**– ଶରତ କୁମାର ଧଳ, ପଟ୍ଟାଙ୍ଗୀ**

### ଲୋକଙ୍କ ହାତକୁ କାମ ଦେଲେ ଆନ୍ଧ୍ରରୁ ମୁହଁ ଫେରାଇବେ



"କୋଟିଆ ଓଡ଼ିଶାରେ ରହିଛି, ରହିବ ସତ୍ୟ, ମାତ୍ର କୋଟିଆ ଗ୍ରାମପୁଞ୍ଜର ଅଧିବାସୀମାନେ ସେମାନଙ୍କ ମୌଳିକ ସୁବିଧା ସବୁ ଅଧିକ ପରିମାଣରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ପାଖରୁ ପାଉଥିବାରୁ ସେମାନେ ସେହି ସରକାରଙ୍କ ପ୍ରତି ଢଳିଯାଉଛନ୍ତି। ଆମ ଓଡ଼ିଶା ସରକାର ମଧ କୋଟିଆ ପଞ୍ଚାୟତରେ ବ୍ୟାପକ ଉନ୍ନୟନମୂଳକ କାର୍ଯ୍ୟ କରି ଲୋକଙ୍କ ହାତକୁ କାମ ଦେଲେ ସେମାନେ ଆନ୍ଧ୍ରରୁ ମୁହଁ ଫେରାଇ ଆଣିବେ। ଅନ୍ୟପକ୍ଷରେ ଏହି ବିବାଦ ନେଇ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ପାରସ୍ପରିକ ଆଲୋଚନା ହେଲେ ସମସ୍ୟାର ସୁଫଳ ମିଳିବ। ସର୍ବୋଚ୍ଚ ନ୍ୟାୟାଳୟକୁ ଏହି ମାମଲା ଯାଇଥିବାରୁ ଓଡ଼ିଶାକୁ ଉପଯୁକ୍ତ ନ୍ୟାୟ ମିଳିବ ବୋଲି ଆଶା ରହିଛି।

**-ରବି ଶତପଥୀ, ଅଧ୍ୟାପକ, ନନ୍ଦପୁର କଲେଜ, କୋରାପୁଟ**

### କେନ୍ଦ୍ର ସରକାରଙ୍କ ସହ ତୁରନ୍ତ ଆଲୋଚନା ହେଉ



"ଓଡ଼ିଶା ସୀମାନ୍ତ କୋରାପୁଟର କୋଟିଆ ବିବାଦ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତୁରନ୍ତ କେନ୍ଦ୍ର ସରକାର, ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସହ ଆଲୋଚନା କରନ୍ତୁ। ଆର୍‌ଡିସିଙ୍କ ମାଧ୍ୟମରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ରହିଛି। ଉକ୍ତ ଅଞ୍ଚଳରେ ବସବାସ କରୁଥିବା ନାଗରିକଙ୍କ ପାଖରେ ଆଧାର କାର୍ଡ, ଭୋଟର ପ୍ରମାଣ ପତ୍ରଭଳି କୌଣସି ନକଲି ପରିଚୟପତ୍ର ଥିଲେ, ଏନେଇ ତୁରନ୍ତ କେନ୍ଦ୍ର ସରକାରଙ୍କ ଗୋଚରକୁ ଅଣାଯିବା ଆବଶ୍ୟକ। ସେମାନଙ୍କୁ ପାଣି, ବିଦ୍ୟୁତ୍, ରାସ୍ତା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି ମୌଳିକ ସୁବିଧା ଯୋଗାଇ ଦିଆଯାଉ। ଉକ୍ତ ଅଞ୍ଚଳର ଜିଲା ପ୍ରଶାସନ ନିୟମିତ ସମର୍ଥନ ଓ ନଜର ରଖିବା ଆବଶ୍ୟକ। ସମ୍ପୃକ୍ତ ଅଞ୍ଚଳର ଲୋକଙ୍କୁ ମାଗଣାରେ ଓଡ଼ିଆ ଖବରକାଗଜ ବଣ୍ଟନର ବ୍ୟବସ୍ଥା କରାଯାଉ।

**- ଡ. ନରେନ୍ଦ୍ର କୁମାର ରଥ, ପ୍ରାଧାପକ ତଥା ଗବେଷକ,ଆଦିବାସୀ ବିଶ୍ଳେଷଣାତ୍ମକ କେନ୍ଦ୍ର।**

### ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି

"ମୋ ମତରେ କୋଟିଆ ଅଞ୍ଚଳ ପ୍ରତି ସରକାର ସର୍ବଦା ଧାନ ଦେଲେ ସେହି ସୀମାନ୍ତ ଅଞ୍ଚଳର ଲୋକେ ସରକାରଙ୍କ ନିକଟତର ହେବେ। ନିଜର ସୁବିଧା ଅସୁବିଧା ସରକାରଙ୍କୁ ପ୍ରଶାସନ ମାଧ୍ୟମରେ ଜଣାଇ ଉପକୃତ ହେବେ। କୋଟିଆ ଜନଜାତି ଯେପରି ସହଜରେ ସରକାରଙ୍କ ବିଭିନ୍ନ ଯୋଜନାରୁ ଲାଭ ପାଇପାରିବେ ସେଥିପ୍ରତି ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବା ଦରକାର। ଅଞ୍ଚଳ ପାଇଁ ରାଜ୍ୟ ସରକାର କେତେକ ବିଶେଷ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ । ସରକାରୀ ଅଧିକାରୀମାନେ ସେମାନଙ୍କୁ ନିଜର ଭାବି ସେମାନଙ୍କ ଉନ୍ନତି ପାଇଁ କାର୍ଯ୍ୟ କଲେ ଏହି ସମସ୍ୟା ବହୁମାତ୍ରାରେ ସମାଧାନ ହୋଇପାରିବ।



**-ଗୋପୀନାଥ ପ୍ରଧାନ, ଇଗ୍ନୋ ସଂଯୋଜକ, କୋରାପୁଟ**

### କୌଣସି ପ୍ରକାର ସାଲିସ କରାଯିବା ଅନୁଚିତ



"କୋଟିଆ ପ୍ରସଙ୍ଗରେ କୌଣସି ପ୍ରକାର ସାଲିସ କରାଯିବା ଅନୁଚିତ। ଓଡ଼ିଶା ସରକାର ଏବଂ ଜିଲା ପ୍ରଶାସନ କୋଟିଆର ସର୍ବାଙ୍ଗୀନ ବିକାଶ ଲାଗି ପ୍ରୟାସ ଜାରି ରଖିବା ଉଚିତ। ଆନ୍ଧ୍ର ପ୍ରଶାସନ ଯେଉଁଭଳି ଚକ୍ରାନ୍ତ କରି କୋଟିଆକୁ ନିଜର କରିନେବାକୁ ଉଦ୍ୟମ କରୁଛି ତାକୁ ଆମ ସରକାର କଳେବଳେ କୌଶଳରେ ନିଜ ଆୟତ୍ତକୁ ଆଣନ୍ତୁ। ଏବେ କୋଟିଆ ଯଦି ହାତରୁ ଯିବ ତେବେ ଆଗାମୀ ଦିନରେ ଆନ୍ଧ୍ର ଆମର ଅନ୍ୟ ସୀମାନ୍ତ ଗ୍ରାମ ଉପରେ ନଜର ପକାଇବ। ଆନ୍ଧ୍ର କୋଟିଆ ସୀମାନ୍ତବାସୀଙ୍କୁ ଯାହା ସହାୟତା ଦେଉଛି ଓଡ଼ିଶା ସରକାର ତା'ଠାରୁ ଯଥେଷ୍ଟ ଅଧିକ ଲୋକଙ୍କୁ ସହାୟତା ଦେଇ ସେଠାରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରନ୍ତୁ।

**-ପ୍ରଭାତ ମହାପାତ୍ର, ଶିକ୍ଷକ, କୋରାପୁଟ**

### ଜିଲା ପ୍ରଶାସନ ଲୋକଙ୍କ ସୁଖଦୁଃଖରେ ଭାଗୀଦାର ହେଉ



"କୋରାପୁଟ ଜିଲାର ସୀମାନ୍ତ କୋଟିଆରେ ସର୍ବାଙ୍ଗୀନ ବିକାଶ କରିବା ସହ ଜିଲା ପ୍ରଶାସନ ସେଠାକୁ ଯାଇ ଲୋକଙ୍କ ସହିତ ସୁଖ ଦୁଃଖରେ ଭାଗୀଦାର ହେବା ଦରକାର। ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନାରେ ସ୍ଥାନୀୟ ଲୋକଙ୍କୁ ସାମିଲ କରିବାର ଆବଶ୍ୟକତା ରହିଛି। ତା'ହେଲେ କୋଟିଆ ସବୁଦିନ ପାଇଁ ଆମର ହୋଇ ରହିବ ଏଥିରେ ସନ୍ଦେହ ନାହିଁ।

**-ଲଳିତ ପଟ୍ଟନାୟକ, ସମ୍ପାଦକ ବିଲାପୁଟ ଜଗନ୍ନାଥ ମନ୍ଦିର, କୋରାପୁଟ**



ଓଡ଼ିଶା–ପଶ୍ଚିମବଙ୍ଗ ସୀମାନ୍ତ ଉଦୟପୁର ବେଳାଭୂମି।

ଓଡ଼ିଶା–ପଶ୍ଚିମବଙ୍ଗ

## ସୀମା ସୁରକ୍ଷା ଲାଗି ସ୍ୱତନ୍ତ୍ର କାର୍ଯ୍ୟାଳୟ ଖୋଲାଯାଉ

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ୍‌ର ଉଦୟପୁର ବେଳାଭୂମି ଏବଂ ସାହାବାଜିପୁର ପଞ୍ଚାୟତକୁ ନେଇ ଓଡ଼ିଶା–ପଶ୍ଚିମବଙ୍ଗ ମଧ୍ୟରେ ରହିଛି ସୀମା ବିବାଦ। ପଶ୍ଚିମବଙ୍ଗର ଦୀଘାକୁ ଏହି ପଥ ଦେଇ ଲୋକେ ଯାତାୟତ କରିଥାନ୍ତି । ବିଭିନ୍ନ ସମୟରେ ପଶ୍ଚିମବଙ୍ଗ ପଟରୁ ଜାଣିଶୁଣି ବିବାଦ ସୃଷ୍ଟି କରାଯାଏ। ଏହି ସ୍ଥାନ ଆମର କହି ପଡୋଶୀ ରାଜ୍ୟ ପକ୍ଷରୁ ସାଇନବୋର୍ଡ ଖୁଣ୍ଟି ପୋତାଯାଏ। ପରେ ତାହାକୁ ସ୍ଥାନୀୟ ଲୋକେ ଉପାଡି ଦେଇଥାନ୍ତି। ତେବେ ୨୦୧୮ରେ ପଶ୍ଚିମବଙ୍ଗ ପକ୍ଷରୁ ଏକ ବିରାଟ ସାଇନ୍‌ବୋର୍ଡ ସାହାବାଜିପୁର ସୀମାରେ ନିର୍ମାଣ କରାଯାଇଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳ ଲୋକେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଭୋଗରାଇ, ଜଳେଶ୍ୱର, ବାଲିଆପାଳ ଉତ୍କଳ ସମ୍ମିଳନୀ ଶାଖା ସହିତ ସାଗର ସାଥୀ କ୍ଲବ ପକ୍ଷରୁ ରାଜ୍ୟ ସରକାରଙ୍କୁ ଏ ବିଷୟରେ ଅବଗତ କରାଯାଇଥିଲା। ରାଜ୍ୟ ସରକାରଙ୍କ ସହଯୋଗକ୍ରମେ ସ୍ଥାନୀୟଲୋକେ ପଶ୍ଚିମବଙ୍ଗର ସେହି ସାଇନବୋର୍ଡକୁ ଭାଙ୍ଗି ଦେଇଥିଲେ। ଏହି ସମସ୍ୟା ସମାଧାନ ସମ୍ପର୍କରେ ଉତ୍କଳ ସମ୍ମିଳନୀ ରାଜ୍ୟ ସଭାପତି ପ୍ରଫେସର ଅଦ୍ୱୈତ କୁମାର ପାତ୍ର କୁହନ୍ତି 'ପ୍ରାକୃତିକ ଦୁର୍ବିପାକ ନିୟନ୍ତ୍ରଣ ପ୍ରକୋଷ୍ଠ ଭଳି ସୀମା ସମସ୍ୟା ସମାଧାନ ପ୍ରକୋଷ୍ଠ ଗଢ଼ାଯାଉ। ଏଥି ନିମନ୍ତେ ସ୍ୱତନ୍ତ୍ର ସଚିବ ପାହ୍ୟାର ଜଣେ ଅଫିସରଙ୍କୁ ନିଯୁକ୍ତି ଦିଆଯାଉ। ସେ ସ୍ୱାଧୀନ ଭାବରେ ଆମ ରାଜ୍ୟ ତଥା ପଡ଼ୋଶୀ ରାଜ୍ୟର ଆରଡିସି, ଜିଲାପାଳଙ୍କ ସହ ଆଲୋଚନା କରି ଏହାର ସମାଧାନର ବାଟ ପ୍ରସ୍ତୁତ କରିବେ। ଏଥିସହ କେବିକେ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଭଳି ସୀମା ବିକାଶ ପରିଷଦ ଗଢ଼ାଯାଉ। ସୀମାନ୍ତ ଜିଲାରେ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଏବଂ ଡିଏଫ୍‌ଓ(ଡିଭିଜନାଲ ଫରେଷ୍ଟ ଅଫିସର) ଭାବେ ଓଡ଼ିଆଙ୍କୁ ନିଯୁକ୍ତି ଦେବା ଲାଗି ୧୦ ବର୍ଷ ହେଲା ଉତ୍କଳ ସମ୍ମିଳନୀ ଦାବି କରି ଆସୁଛି। ତେବେ ଉଦୟପୁର ଓ ସାହାବାଜିପୁରରେ ସୀମା ସୁରକ୍ଷା ଲାଗି ଏକ ସ୍ୱତନ୍ତ୍ର କାର୍ଯ୍ୟାଳୟ ଖୋଲାଯାଉ। ଏଠାରେ ଜଣେ ପ୍ରଥମ ଶ୍ରେଣୀ ଅଫିସରଙ୍କୁ ନିଯୁକ୍ତି ସହ ଏଥିପାଇଁ ସ୍ୱତନ୍ତ୍ର ବଜେଟ୍ ବ୍ୟବସ୍ଥା ହେବା ଆବଶ୍ୟକ ବୋଲି ସେ କୁହନ୍ତି।

**– ପ୍ରଦୀପ ଦାସ, ଭୋଗରାଇ**

ଓଡ଼ିଶା–ଝାଡ଼ଖଣ୍ଡ



## ସୀମା ନିର୍ଦ୍ଧାରଣ ଜରୁରୀ

କେନ୍ଦୁଝର ଜିଲା ଚମ୍ପୁଆ ଓ ଯୋଡ଼ା ବ୍ଲକର କେତେକ ଗ୍ରାମକୁ ନେଇ ଓଡ଼ିଶା ଓ ଝାଡ଼ଖଣ୍ଡ ମଧ୍ୟରେ ବିବାଦ ରହିଛି। ବିଭିନ୍ନ ସମୟରେ ଚମ୍ପୁଆ ବ୍ଲକର କୁଟାରୀପଶି ପଞ୍ଚାୟତର କଙ୍କଡ଼ାପାଟ, କୁଡାପି, ନୟାକୃଷ୍ଣପୁର, ପୁରୁଷୋତ୍ତମପୁର ଆଦି ଗ୍ରାମରେ ବିବାଦ ଦେଖାଦେଉଛି । ସୀମା ନିର୍ଦ୍ଧାରଣ ନ ହେବାରୁ ଏହାର ଫାଇଦା ନେଇ ପଡ଼ୋଶୀ ରାଜ୍ୟର ଅଣଓଡ଼ିଆ ଲୋକେ କେତେକ ସ୍ଥାନରେ ଅନୁପ୍ରବେଶ କରି ବସତି ସ୍ଥାପନ କରୁଛନ୍ତି। ସୀମାରେ ଥିବା ବଣପାହାଡ଼ ତଥା ଖଣିରୁ ଚୋରି ମଧ କରୁଛନ୍ତି । ଏହି ସମସ୍ୟାର ସମାଧାନ ଲାଗି ସୀମା ନିର୍ଦ୍ଧାରଣ ଜରୁରୀ। ଏଥିପାଇଁ ସରକାରୀ ସ୍ତରରେ ଏକ ସଂସ୍ଥା ଗଠନ କରାଯାଉ। ଏହାରି ମାଧ୍ୟମରେ ଉଭୟ ରାଜ୍ୟର ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ହେଉ। ମାପଚୁପ ପରେ ସୀମା ନିର୍ଦ୍ଧାରଣ ହେବା ସହ ଏହାର ସୁରକ୍ଷା ବ୍ୟବସ୍ଥା କରାଯିବା ବି ଦରକାର ବୋଲି କୁହନ୍ତି କେନ୍ଦୁଝର ଜିଲା ଚମ୍ପୁଆସ୍ଥିତ ସର୍ବ ଭାରତୀୟ ଓଡ଼ିଆ ସମାଜ ସଂସ୍ଥାପକ ସୁଭାଷ ବେହେରା।

**-ନରେଶ ପଟ୍ଟନାୟକ/ ମହେଶ୍ୱର ଦାସ**



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲାଜ ନାହିଁ ଲାଜୋଇ**
**ଦଦରା ହାଣ୍ଡିକି ପାଳ ଚିମୁଳା**
**କୁଲା ଢାଉଁ ଢାଉଁ ବଜାଇ ।**

ଅଲାଜୁକ, ତା'ର ମୁହଁକୁ ଲାଜସରମ ନ ଥାଏ । ପ୍ରତ୍ୟେକ କଥାକୁ ସେ ଫୁତକାରରେ ଉଡ଼ାଇ ଦେଇଥାଏ । ଯିଏ ଯେତେ କହିଲେ ମଧ୍ୟ ତାର ପ୍ରଭାବ ତା' ଉପରେ ପଡିପାରି ନ ଥାଏ । ଅଲାଜୁକ, ବେହିଆ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

**ନୁଖୁରା ମୁଣ୍ଡରେ ମହଣ**
**ବୁଢୀ ସୁନ୍ଦର ଦେଖିବ କଅଣ ।**

ସୌନ୍ଦର୍ଯ୍ୟ ପ୍ରତି ନାରୀ ମନରେ ରହିଥାଏ ଅହେତୁକ ଦୁର୍ବଳତା । ବୟସ ଯେତେ ବଢି ବଢି ଯାଉଥିଲେ ମଧ୍ୟ ସୌନ୍ଦର୍ଯ୍ୟକୁ ନେଇ ନାରୀ ମନରେ ରହିଥିବା ଆଗ୍ରହ କେବେ କମି ପାରି ନ ଥାଏ । ଉତ୍ତୀର୍ଣ୍ଣ ବୟସରେ ଉପନୀତ ହୋଇଥିବା ମହିଳାଙ୍କ ସାଜସଜ୍ଜା ପ୍ରତି ରହିଥିବା ସଉକକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ମ୍ୟାନ୍‌ମାରରେ ସାମରିକ ସରକାରଙ୍କ ଦମନ ଲୀଳା

ନାପିଡାଉ, ୨୦।୨

ମ୍ୟାନ୍‌ମାରରେ ବିଦ୍ରୋହ ବଳରେ ନିର୍ବାଚିତ ସରକାରଙ୍କୁ ହଟାଇ କ୍ଷମତା ଦଖଲ କରିଥିବା ସାମରିକ ସରକାର ଦେଶର ଗଣତନ୍ତ୍ର ସପକ୍ଷବାଦୀ ବିକ୍ଷୋଭକାରୀଙ୍କ ଉପରେ ଦମନଲୀଳା ଆରମ୍ଭ କରିଛନ୍ତି । ମାଣ୍ଡଲେର ୟାଦାନାରପୋନ୍ ଡକ୍‌ଠାରେ ବିକ୍ଷୋଭକାରୀଙ୍କ ଉପରେ ସାମରିକ ଦମନର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ପ୍ରସାରିତ ହୋଇଛି । ସେଠାରେ ପୋଲିସ ବିକ୍ଷୋଭକାରୀଙ୍କ ଉପରକୁ ଗୁଳି ଚଳାଇଥିଲା । ଶୁକ୍ରବାର ପୋଲିସ ଗୁଳିରେ




ପ୍ରାଣ ହରାଇଥିବା ଜଣେ ବିକ୍ଷୋଭକାରୀ ମହିଳାଙ୍କୁ ଶନିବାର ଦୁଇଟି ସହରରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି । ୟାଙ୍ଗୁନ୍‌ଠାରେ ଏକ ସ୍ମାରକୀ ନିର୍ମାଣ କରାଯାଇଛି । ସେଠାରେ ମୃତ ମ୍ୟା ଥ୍ୱେଟ୍ ଖିନ୍‌ଙ୍କ ଫଟୋ ତଳେ ହଜାର ହଜାର ବିକ୍ଷୋଭକାରୀ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାରୁ.....

### ପେଟ୍ରୋଲ ୪.୩୧, ...

ମିଳିଥିବା ସୂଚନା ଅନୁସାରେ ଶନିବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୩୯ ପଇସା ଏବଂ ଡିଜେଲ ଉପରେ ୪୦ ପଇସା ବୃଦ୍ଧି ପାଇଛି । ଫଳରେ ଏଠାରେ ପେଟ୍ରୋଲ ଦର ୯୧.୩୦ ଟଙ୍କା ହୋଇଥିବାବେଳେ ଡିଜେଲ ଦର ୮୮.୨୪ ଟଙ୍କାରେ ପହଞ୍ଚିଛି । ଅନ୍ୟପକ୍ଷରେ ନୂଆଦିଲ୍ଲୀରେ ପେଟ୍ରୋଲ ଉପରେ ୩୯ ପଇସା ଏବଂ ଡିଜେଲରେ ୩୭ ପଇସା ବୃଦ୍ଧି ପାଇଥିବା ଜଣାପଡ଼ିଛି । ଏହି ଦର ବୃଦ୍ଧି ଫଳରେ ସେଠାରେ ପେଟ୍ରୋଲ ଦର ଲିଟର ପିଛା ୯୦.୫୮ ଟଙ୍କା ଓ ଡିଜେଲ ଦର ଲିଟର ପିଛା ୮୦.୯୭ ଟଙ୍କାରେ ପହଞ୍ଚିଛି । ସେହିଭଳି ଦେଶର ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଦର ଲିଟର ପିଛା ଯଥାକ୍ରମେ ୯୨.୫୯ ଟଙ୍କା, ୯୧.୭୮ ଟଙ୍କା ଏବଂ ୯୭ ଟଙ୍କାରେ ପହଞ୍ଚିଛି । ସେହିପରି ଏହିସବୁ ମେଟ୍ରୋ ସହରରେ ଡିଜେଲ ଦର ଲିଟର ପିଛା ୮୫.୯୮ ଟଙ୍କା, ୮୪.୫୬ ଟଙ୍କା ଏବଂ ୮୮. ୦୬ ଟଙ୍କାରେ ବିକ୍ରି କରାଯାଉଥିବା ଜଣାପଡ଼ିଛି ।

ବର୍ତ୍ତମାନ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ହ୍ରାସ ପାଇବା ଆରମ୍ଭ କରିଛି । ଏହି ସମୟରେ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଯଥାଶୀଘ୍ର ତେଲ ଉପରେ ଲାଗୁ କରୁଥିବା ସରକାରୀ ଶୁଳ୍କର ପରିମାଣକୁ ହ୍ରାସ କରିବା ସହ ଦର ବୃଦ୍ଧି ଉପରେ ରୋକ ଲଗାଇଲେ ଖାଉଟି ଉପକୃତ ହୋଇପାରିବେ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି । ଚଳିତ ବର୍ଷ ୨ୟ ସପ୍ତାହରେ ତେଲ ଦର ବଢ଼ିବା ଆରମ୍ଭ କରିଥିଲା । ଜାନୁୟାରୀ ୬ରୁ ଫେବୃୟାରୀ ୧୮ ମଧ୍ୟରେ ମୋଟ ୨୪ ଥର ଦର ବଢ଼ିସାରିଲାଣି । ଏହି ସମୟ ମଧ୍ୟରେ ପେଟ୍ରୋଲ ଲିଟର ପିଛା ୬.୯୦ ଟଙ୍କା ଏବଂ ଡିଜେଲ ୭.୩୮ ଟଙ୍କା ମହଙ୍ଗା ହୋଇଥିବା ତେଲ କମ୍ପାନୀଗୁଡିକ ପକ୍ଷରୁ ସୂଚନା ମିଳିଛି ।

### ମନ୍ତ୍ରୀଙ୍କ ବିବୃତିକୁ ...

ବିଷ୍ଣୁ ଚରଣ ସେଠୀ, ମୁକେଶ ମହାଲିଙ୍ଗ, ନାଉରୀ ନାୟକ, ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ଗୃହର ମଧ୍ୟଭାଗରେ ହଇଚଗୋଳ କରିଥିଲେ । ସେହିପରି କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି, ମହମ୍ମଦ ମୋକିମ, ଅଧିରାଜ ପାଣିଗ୍ରାହୀ, ରମେଶ ଚନ୍ଦ୍ର ଜେନା, ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂ ସାଲୁଜା ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ପାଟିତୁଣ୍ଡ କରିଥିଲେ । ହାତରେ ବ୍ୟାନର ଧରି ଆମର ଦାବି ସରକାର ତୁମେ ମାନିନିଅ ମାନିନିଅ ବୋଲି ନାରାବାଜି ଦେଇଥିଲେ । ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାଚସ୍ପତି ବିରୋଧୀ ସଦସ୍ୟମାନଙ୍କୁ ଯେତେ ବୁଝାଇଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ପଡି ନ ଥିଲା । ହଇଚଗୋଳ ମଧ୍ୟରେ ବାଚସ୍ପତି ଗୋଟିଏ ପରେ ଗୋଟିଏ ପ୍ରଶ୍ନକର୍ତ୍ତାଙ୍କ ନାମ ଡାକି ଚାଲିଥିଲେ । ୧୨ ଜଣ ପ୍ରଶ୍ନକର୍ତ୍ତାଙ୍କ ନାମ ଡାକିଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ କେତେଜଣ ହଇଚଗୋଳରେ ମାତିଥିବା ବେଳେ ଅନ୍ୟ କେତେଜଣ ଅନୁପସ୍ଥିତ ଥିଲେ । ଶେଷରେ ବାଚସ୍ପତି ବିଜେଡି ସଭ୍ୟ ସୁଧୀର ସାମଲ ପଚାରିଥିବା ୪୪ ନମ୍ବର ପ୍ରଶ୍ନ ନିକଟରେ ଅଟକିଥିଲେ । ବିଜ୍ଞାନ ଓ କାରିଗରି ମନ୍ତ୍ରୀଙ୍କୁ ଉତ୍ତର ଦେବାକୁ ଡାକିଥିଲେ । ମନ୍ତ୍ରୀ ଉତ୍ତର ଦେବାକୁ ଛିଡା ହେବା ବେଳକୁ ପ୍ରବଳ ହଇଚଗୋଳକୁ ଦେଖି ବାଚସ୍ପତି ଗୃହକୁ ମାତ୍ର ୩ ମିନିଟ୍ ପରେ ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ଯାଏ ମୁଲତବୀ ଘୋଷଣା କରିଥିଲେ ।

୧୧ଟା ୩୦ ମିନିଟ୍‌ରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା । ବିରୋଧୀ ହଇଚଗୋଳ ଆରମ୍ଭ କରିଥିଲେ । ତେବେ ସମବାୟ ମନ୍ତ୍ରୀ ଗୃହରେ ବିବୃତି ଦେବାକୁ ଥିବାରୁ କିଛି ସମୟ ପାଇଁ ବିରୋଧୀଙ୍କ ସ୍ୱର ନୀରବି ଯାଇଥିଲା । ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ ଚଳିତ ଖରିଫ ଧାନ ସଂଗ୍ରହ ୨୦୨୦ ନଭେମ୍ବରରୁ କଳାହାଣ୍ଡି ଓ ବରଗଡ଼ ଜିଲ୍ଲାରୁ ଆରମ୍ଭ ହୋଇଛି । ଏବେ ସୁଦ୍ଧା ରାଜ୍ୟର ସମସ୍ତ ଜିଲ୍ଲାରେ ଧାନ କିଣା ଚାଲିଛି । ଧାନ କ୍ରୟର ୭ ଦିନ ପୂର୍ବରୁ ପଞ୍ଜୀକୃତ ଚାଷୀଙ୍କୁ କ୍ରୟ ତାରିଖ ଓ ପରିମାଣ ସମ୍ପର୍କରେ ଜଣାଇ ଦିଆଯାଉଛି । କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କଠାରୁ ଅଗ୍ରାଧିକାର ଭିତ୍ତିରେ ଧାନ କିଣା ଯାଉଛି । ଗତ ଖରିଫ ତୁଳନାରେ ଚଳିତ ବର୍ଷ ଅଧିକ ୨୦ ପ୍ରତିଶତ କ୍ଷୁଦ୍ର ଓ ୨୫ ପ୍ରତିଶତ ନାମମାତ୍ର ଚାଷୀଙ୍କ ଠାରୁ ଧାନ କିଣା ହେଉଛି । ସମସ୍ତ ବୈଧ ଟୋକନ ଅନୁଯାୟୀ ଧାନ କ୍ରୟ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । କେନ୍ଦ୍ର ସରକାରଙ୍କ ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ୧୮୬୮ ଟଙ୍କାରେ କିଣା ହେଉଛି । ୨୦୨୧ ଫେବୃୟାରୀ ୧୯ ତାରିଖ ସୁଦ୍ଧା ରାଜ୍ୟରେ ମୋଟ ୫୩.୦୩ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଛି । ଗତ ଖରିଫରେ ଏହି ସମୟ ସୁଦ୍ଧା ୪୫.୬୧ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଥିଲା । ବର୍ତ୍ତମାନ ସୁଦ୍ଧା ୨୧ ପ୍ରତିଶତ ଅଧିକ ଧାନ ସଂଗ୍ରହ କରାଯାଇଛି । ୨୦୧୯-୨୦ ଖରିଫରେ ମୋଟ ୫୩.୩୧ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଥିଲା ବୋଲି ମନ୍ତ୍ରୀ କହିଛନ୍ତି । ଏ ପର୍ଯ୍ୟନ୍ତ ୯.୯୩ ଲକ୍ଷ ଚାଷୀ ଧାନ ବିକ୍ରିକରିଛନ୍ତି । ତେବେ ଗତ ବର୍ଷ ଏହି ସମୟ ସୁଦ୍ଧା ୮.୨୩ ଲକ୍ଷ ଚାଷୀ ଧାନ ବିକ୍ରୟ କରିଥିଲେ । ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ସମୁଦାୟ ୯.୫୬ ଲକ୍ଷ ଚାଷୀ ଧାନ ବିକ୍ରି କରିଥିଲେ । ଖରିଫ ଋତୁ ପାଇଁ ଜଳସେଚନ ଜମିର ଏକର ପିଛା ୧୯ କୁଇଣ୍ଟାଲ ଏବଂ ଅଣଜଳସେଚିତ ଜମିର ଏକର ପ୍ରତି ୧୩ କୁଇଣ୍ଟାଲ ହିସାବରେ ଧାନ କିଣା ଯାଉଛି । ଅନ୍‌ଲାଇନ ଜରିଆରେ ଚାଷୀଙ୍କ ଖାତାକୁ ୧୦ ହଜାର ୨୮୧ କୋଟି ଟଙ୍କା ଯାଇଛି । ଧାନ ସଂଗ୍ରହ କାର୍ଯ୍ୟ ଆସନ୍ତା ମାର୍ଚ୍ଚ ୩୧ ତାରିଖରେ ଶେଷ ହେବ । ଏଥର ଧାନ କିଣା ସର୍ବକାଳୀନ ରେକର୍ଡ ଛୁଇଁବ ବୋଲି ମନ୍ତ୍ରୀ କହିଥିଲେ । ତେବେ ମନ୍ତ୍ରୀଙ୍କ ଉତ୍ତରରେ ସନ୍ତୁଷ୍ଟ ନ ହୋଇ ବିରୋଧୀ ସଦସ୍ୟମାନେ ପୁଣି ହଇଚଗୋଳ କରିଥିଲେ । ବାଚସ୍ପତି ଗୃହକୁ ୧୧ଟା ୩୫ ମିନିଟରୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ । ଅପରାହ୍ନରେ ମଧ୍ୟ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇପାରି ନ ଥିଲା । ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ ମନ୍ତ୍ରୀଙ୍କ ଉତ୍ତରକୁ ଚିରି ଫିଙ୍ଗି ଦେଇଥିଲେ । ମଣ୍ଡି ସମସ୍ୟା ନେଇ ଭାଜପା ସଦସ୍ୟ ମୋହନ ମାଝି, ଜୟନାରାୟଣ ମିଶ୍ର, କଂଗ୍ରେସ ସଭ୍ୟ ନରସିଂହ ମିଶ୍ର , ସନ୍ତୋଷ ସିଂ ସାଲୁଜା, ତାରା ପ୍ରସାଦ ବାହିନୀପତି ଉଦବେଗ ପ୍ରକାଶ କରିଥିଲେ । ବାଚସ୍ପତି ଗୃହକୁ ସ୍ୱାଭାବିକ କରିବାକୁ ସର୍ବଦଳୀୟ ବୈଠକ ଡାକିଥିଲେ । ଶେଷରେ ବିରୋଧୀଙ୍କ ଦାବି ଆଗରେ ସରକାରଙ୍କୁ ନଇଁବାକୁ ପଡିଲା । ସୋମବାର ଧାନ ସଂଗ୍ରହ ଓ ମଣ୍ଡି ସମସ୍ୟା ନେଇ ଗୃହରେ ୨ ଘଣ୍ଟା ଆଲୋଚନା ହେବ ବୋଲି ବାଚସ୍ପତି ଘୋଷଣା କରିଥିଲେ । ଶେଷରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା । ରାଜ୍ୟପାଳଙ୍କ ଅଭିଭାଷଣ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା ।

### ନିର୍ବାଚିତ ସରକାରଙ୍କୁ ...

ପ୍ରବେଶିକା ପରୀକ୍ଷା ପଦ୍ଧତିରେ ପରିବର୍ତ୍ତନ ଆଣିବାକୁ ସେ ପ୍ରସ୍ତାବ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ସବୁ ପରୀକ୍ଷା ପ୍ରଣାଳୀର ପୁନଃ ମୂଲ୍ୟାୟନ ହେବା ଦରକାର । ମେଧା ଓ ଗୁଣାତ୍ମକ ଶିକ୍ଷା ଉପରେ ଫୋକସ୍ କରିବାକୁ ହେବ ଯେପରିକି ପିଲାମାନଙ୍କୁ ବହୁ ଟଙ୍କା ବ୍ୟୟ କରି କୋଚିଂ କ୍ଲାସ କରିବାକୁ ପଡ଼ିବ ନାହିଁ । ଏହା ଆଗାମୀ ଦିନରେ ମେଧାକୁ ନଷ୍ଟ କରିବା ସହ ଗ୍ରାମାଞ୍ଚଳରେ ରହୁଥିବା ଲକ୍ଷ ଲକ୍ଷ ପିଲାଙ୍କ ପ୍ରତି ଅନ୍ୟାୟ ହେବ । ଆଗାମୀ ଦିନରେ ଏହା ଭୟଙ୍କର ପରିସ୍ଥିତି ସୃଷ୍ଟି କରିବା ଆଶଙ୍କା ରହିଛି । ନୀତି ଆୟୋଗ ଏହା ଉପରେ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ନବୀନ କହିଛନ୍ତି । ଜଳବାୟୁ ପରିବର୍ତ୍ତନ, ନୂତନ ବୈଷୟିକ ଜ୍ଞାନକୌଶଳ, ନୂତନ ବିଶ୍ୱ ଅର୍ଥ ବ୍ୟବସ୍ଥା ପାଇଁ ଦେଶରେ ଆଗାମୀ ଦିନରେ ନୀତି ଆୟୋଗ ଏ ଦିଗରେ କାର୍ଯ୍ୟ କରିବା ଆବଶ୍ୟକ । ନୀତି ଆୟୋଗ ପ୍ରତ୍ୟେକ ପ୍ରସ୍ତାବଗୁଡିକ ଉପରେ କି କାର୍ଯ୍ୟକ୍ରମ ଗ୍ରହଣ କରିଛି ତାହା ସମସ୍ତଙ୍କୁ ଜଣାଇବା ଦରକାର । ଫଳରେ ବୈଠକରେ ହେଉଥିବା ଆଲୋଚନା ଫଳପ୍ରଦ ହେବା ସହ ଅର୍ଥଯୁକ୍ତ ଓ ଆକ୍ସନ ଓରିଏଣ୍ଟେଡ୍ ହୋଇପାରିବ ।

୧୯୭୮ରୁ ବିଭିନ୍ନ ରାଜ୍ୟ ପକ୍ଷରୁ ଅନୁସୂଚିତ ଜନଜାତିଙ୍କ ସମସ୍ୟା ନେଇ ଅନେକ ପ୍ରସ୍ତାବ ଦିଆଯାଇଛି । ତାହା ଏବେ ସୁଦ୍ଧା ପଡିରହିଛି । ଏହା ଜନଜାତିଙ୍କ ପ୍ରତି ଅନ୍ୟାୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମହାମାରୀ କରୋନା ଯେଉଁ ଆହ୍ୱାନ ସୃଷ୍ଟି କରିଛି ତା'ର ମିଳିତ ମୁକାବିଲା ହେବା ଆବଶ୍ୟକ । ଆମେରିକା ଓ ୟୁରୋପୀୟ ଦେଶଗୁଡିକରେ ଏହାର ଅଭାବ ଦେଖାଦେଇଥିଲା । ଆମ ଦେଶରେ ମିଳିତ ଉଦ୍ୟମ ଜରୁରୀ । ସଂଘୀୟ ବ୍ୟବସ୍ଥାରେ ସଂକୀର୍ଣ୍ଣ ରାଜନୀତିରୁ ଉର୍ଦ୍ଧ୍ୱକୁ ଉଠି ସାଧାରଣ ଲୋକଙ୍କୁ ପ୍ରଭାବିତ କରୁଥିବା ବିଭିନ୍ନ ଜଟିଳ ପ୍ରସଙ୍ଗରେ ମିଳିତ ପ୍ରୟାସକୁ ହିଁ ଇତିହାସ ମନେରଖିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

### ବିକ୍ଷୋଭ ଯଦି ଦେଶଦ୍ରୋହ, ...

କୌଣସି ପ୍ରମାଣ ନାହିଁ । ଅତିରିକ୍ତ ସେସନ୍ସ ଜଜ୍ ଧର୍ମେନ୍ଦ୍ର ରାଣା ଜାମିନ ଆବେଦନର ଶୁଣାଣି କରୁଥିବାବେଳେ ଦିଲ୍ଲୀ ପୋଲିସ ପାଇଁ ପ୍ରତିନିଧିତ୍ୱ କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ କହିଥିଲେ, ଦିଶା ଅନ୍ୟ ଦୁଇ ଅଭିଯୁକ୍ତଙ୍କ ଉପରକୁ ଦୋଷ ଖସାଇବାକୁ ଉଦ୍ୟମ କରୁଥିବାରୁ ସେମାନଙ୍କୁ ମୁହାଁମୁହିଁ ଜେରା କରାଯିବା ଆବଶ୍ୟକ । ତେଣୁ ଜଳବାୟୁ କର୍ମୀଙ୍କୁ ଜାମିନରେ ଛଡ଼ାଗଲେ ହାଜତ ଜେରାର ଉଦ୍ଦେଶ୍ୟ ପୂରଣ ହେବନାହିଁ ବୋଲି ସେ ଦର୍ଶାଇଥିଲେ ।


**WATCO**
**OFFICE OF THE MANAGING DIRECTOR, WATCO.**
Ground Floor, Unnati Bhawan, H.B. Colony, Satyanagar, Bhubaneswar-751007, Odisha, India
Telefax: +91-674-2391444
E-mail: mail@watcoodisha.in, md@watcoodisha.in
**INVITATION FOR BID (IFB)**
**Bid Identification No. WATCO(W)-17/2020-21 Dtd.18.02.2021**
No.C-489:- **WATCO No.601 Date: 18.02.2021**

| | | | |
|---|---|---|---|
| 1 | Name of the work | : | Provision of Ultra filtration System at 42MLD WTP, Puri for achievement of optimum water quality. |
| 2 | Estimated cost | : | Rs.706.45 lakhs |
| 3 | Period of completion | : | 04 (Four) months |
| 4 | Date & time of availability of bid document in the portal | : | From 11.00 A.M. to Dt.23.02.2021 to 5.00 P.M. of 09.03.2021 |
| 5 | Last date / time of receipt of bids in the portal | : | 5.00 P.M. of 09.03.2021 |
| 6 | Date & time of opening of technical bids | : | 12.30 P.M. of 10.03.2021 |
| 7 | Name and address of the officer inviting bid | : | Managing Director, WATCO, Telefax- 0674-2391444, E-mail: mail@watcoodisha.in, md@watcoodisha.in |
| 8 | The bidders have to participate in ONLINE bidding only | | |

Further details can be seen from the website www.tendersodisha.gov.in
**Sd./- Managing Director, WATCO**
OIPR-13083/11/0019/2021

**GOVERNMENT OF ODISHA**
**DEPARTMENT OF WATER RESOURCES**
Office of the Superintending Engineer, Mechanical Circle, Bhubaneswar
Email Address: semechcircle104@gmail.com
Lr. No. 330 dt.19.2.2021
**1st Corrigendum to e-Procurement Notice- Bid Identification No.- SEM/MDB-17/2020-21, Bid Identification No.- SEM/MDB-18/2020-21, Bid Identification No.- SEM/MDB-19/2020-21**
**No. A-607:-** Due to some technical problem the **Bid Identification No.- SEM/MDB-17(B)/2020-21, Bid Identification No.- SEM/MDB-18(A)/2020-21, Bid Identification No.- SEM/MDB-18(B)/2020-21, Bid Identification No.- SEM/MDB-19(A)/2020-21, Bid Identification No.- SEM/MDB19(B)/2020-21** could not be uploaded in due time. So the Bid publish date, seek clarification Date will be 22.02.2021 instead of 19.02.2021, Bid closing time will be 03.03.2021 instead of 01.03.2021, Bid opening time will be 04.02.2021 instead of 02.02.2021.
**All other terms and conditions remain unaltered.**
**Sd./- Superintending Engineer**
**OIPR-32405/11/0004/2021** **Mechanical Circle, Bhubaneswar**

**OFFICE OF THE**
**MUNICIPAL COUNCIL, TITILAGARH**
**No. 344** **Dtd.18.02.2021**
**EXPRESSION OF INTEREST**
No. C-492: Executive Officer, on behalf of Titilagarh Municipality, Dist.- Balangir invites sealed quotation in plain paper from Registered/Experienced/Reputed Consultant/Architects having valid Income Tax and GST Registration Certificate for the work.
1. **Preparation of DPR for construction of Hatpada Market Complex in Ward No. 14.**

**The quotationer should furnish their rates in % of rate over the cost of DPR.**
Preference shall be given to those consultant who has already rendered similar type of services to various urban local bodies of Odisha State Government. The quotation paper along with all documents shall be received in the Office of the Executive Officer, Titilagarh Municipality through Regd. Post/Speed Post or by person on or before date 25.02.2021 upto 1.00 P.M. and the same will be opened on 26.02.2021 at 11.00 A.M. in the present of the quotationer or their authorized representative in the Office of the undersigned. The quotation received beyond the schedule date and time will not be considered at all.
The undersigned reserves the right to accept/cancel/reject any or all the quotations without assigning any reason thereof.
**Sd./- Executive Officer**
**Titilagarh Municipality**
**OIPR-13095/11/0005/2021**

**TENDER CALL NOTICE**
**Bid Identification No. - Medical Supdt.scbmch-Gas-3998/2020-21**
**Email ID: scbsuperintendent@gmail.com**
**(For Medicinal Gases)**
No. E-582: Sealed tenders in two bid system (Technical & Financial) separately are invited from registered manufacturers/authorized agents/dealers, for empanelment of firms, for refilling of Medicinal Gases **(Oxygen, Nitrous Oxide, Nitrogen GAS & Carbon Dioxide Gas)** in various types of cylinders and repair of defective cylinders for a period of 1 (one) year only. The bidders should furnish their Technical and Financial proposal in two separate envelopes superscribed with "TENDER FOR PROCUREMENT OF MEDICINAL GASES". The tender should reach at the Office of the undersigned through Registered Post/Speed Post only. The last date of receipt of tender paper is **Dt.16.03.2021 by 4 P.M.** Date of opening of Technicla Bid is on **Dt.17.03.2021 at 4 P.M.** The approximate cost of the Gases to be procured in one year is around **Rs.3,00,00,000 (Three crores)**. Tender documents containing details of the General terms and conditions can be had from the Central Store on all working days between **10 A.M. to 4 P.M.** on submission of Xerox copy of money receipt of a non-refundable amount of **Rs.2000/-** (Rupees two thousand) only, deposited at the Accounts Section of the Office of the undersigned or downloaded from the website **www.scbmch.nic.in** after depositing a sum of **Rs.2000/- (Rupees two thousand) only**, in shape of DD in favour of the Superintendent, SCB Medical College Hospital, Cuttack, at any Nationalized Bank, towards the cost of tender paper.
**Sd./- Medical Superintendent**
**SCB Medical College Hospital, Cuttack**
**OIPR-10011/11/0026/2021**

**ODISHA PUBLIC SERVICE COMMISSION**
**ADVERTISEMENT No. 10 of 2020-21**
**Recruitment to the Posts of Scientific Officer in Group - B in the State Forensic Science Service Organization under Home Department**
**Website: http://opsc.gov.in**
No. D-173: Online applications are invited from the prospective candidates through the proforma application to be made available on the website of the Commission **(http://opsc.gov.in)** for recruitment to 22 (Twenty two) posts of Scientific Officer (Group - B) in the State Forensic Science Service Organization under Home Department in the scale of pay of 44,900/- in Level 10, Cell - 1 Pay Matrix of ORSP Rules, 2017 with usual Dearness and other allowances as may be sanctioned by the Government of Odisha from time to time.
**2. VACANCY POSITION:**
As per requisition furnished by the Government of Odisha in Home Department, out of a Total of 22 (6-w) vacancies, 13 (4-w) vacancies are reserved for UR category, 01 vacancy is reserved for SC Category, 06 (02-w) vacancies are reserved for ST category & 02 vacancies are reserved for SCBC category.
**3. AGE:**
A candidate must have attained the age of 21 (twenty one) years and must not be above the age of 32 (thrity two) years on the 1st day of January 2021 i.e. he/she must have been born not earlier than 2nd January, 1989 and not later than 1st January, 2000.
**4. EDUCATIONAL QUALIFICATION:**
A candidate must possess a Master's Degree from a recognized University in Chemistry/Physics/Zoology and must have secured a minimum of 60% of the aggregate marks.
**5. EXAMINATION FEE:**
A candidate is required to pay a non-refundable and non-adjustable fee of **Rs.400/- (Rupees for hundred) only. Candidates belonging to Scheduled Caste and Scheduled Tribe of Odisha and person with Disability (whose permanent disability is 40% and more) are exempted from payment of this fee.**
**The link for registration/re-registration and payment of examination fees shall be available from 04.03.2021 to 05.04.2021 (Note: 12.04.2021 is the last date for submission of Registered Online Application).**
The candidates are advised to visit the website of the Commission at **http://opsc.gov.in for detailed information for applying to the above post.**
**Cuttack** **Sd./- Secretary**
**Date: 19.02.21** **Odisha Public Service Commission**
**Cuttack**
**OIPR-12002/11/0076/2021**

**OFFICE OF THE EXECUTIVE ENGINEER, LIFT IRRIGATION DIVISION, DHENKANAL**
**e-TENDER NOTICE**
**Bid Identification No. EE DKL (OLIC) 07/2020-21 / 18.02.2021**
**No. CAD-1305:-** Revival work of 14 Nos. RL & CL Projects under Dhenkanal, Hindol, Odapada, Gondia, Kamakhyanagar & Parjang Block of Dhenkanal District.

| | | | |
|---|---|---|---|
| 1. | **Execution of revival works of LIP under Dhenkanal, Hindol, Odapada, Gondia, Kamakhyanagar & Parjang Blocks of Dhenkanal District.** | | |
| 2. | Cost of Projects | - | 11.00 lakhs to 26.00 lakhs |
| 3. | Class of contractors | - | Valid Civil 'D' to 'B' Class only. |
| 4. | Availability of Bid in portal | - | 24.02.21 to 06.03.21 up to 5.30 P.M. |
| 5. | Bid conference | - | On 01.03.21 during office hour in the office of Executive Engineer. |
| 6. | Bid Opening | - | 08.03.21 at 11 A.M (Technical), Financial and Bid opening / Cover-II to be declared after technical evaluation. |

**Mandatory instruction :-**
**The bidders are requested to go through the DTCN including points below No. 01 & 02 before bidding in portal or else the bidders must not have any claim on rejection.**
1. The bidders who have awarded the works vide this office previous Tender Call Notice all previous but not started or not completed are debarred to participate in the Bid.
2. Completion report of the works under all previous T.C. must be certified by the concern J.E. & A.E. which will be scanned in the portal failing which the bidding will be out rightly rejected.

**Sd./- Er. G.C. Behera**
**OIPR-32141/11/0006/2021** **Executive Engineer, L.I. Divn., Dhenkanal.**

**OFFICE OF THE PROJECT DIRECTOR, WATERSHEDS, CUTTACK**
**Email- pdws.cuttack@gmail.com**
**SHORT TENDER CALL NOTICE**
**No. A-602:-** The Project Director, Watersheds, Cuttack invites sealed tender on plain paper from intending bidders for collection of nuts and apples from the Cashew Plantation over 247.80 Ha. located inside Soil Conservation Demonstration Centre,Biswanahakani in the district of Cuttack during the year 2021 harvesting season on 03.03.2021 at or before 2 P.M. The tender will be opened by the Chairman of the Tender Committee on the same day at 3 P.M in presence of members of Tender Committee and the Tenderers or their representatives in the office of the Project Director, Watersheds-Cum-Deputy Director, Soil Conservation, Cuttack located at Kanika Road, Cuttack-8.The Tenderers should quote the price of the auction value of Cashew Plantation for collection of nuts and apples and an amount equal to 10% of the quoted value should be deposited along with the tender in shape of Bank draft/Banker's cheque payable at Cuttack in favour of the Project Director, Watersheds-Cum-Deputy Director, Soil Conservation, Cuttack towards earnest money. Tenders should be sent through **Registered post or Speed post** duly superscribed with "**TENDER FOR COLLECTION OF RAW CASHEW NUTS & APPLES FROM THE PLANTATION AT BISWANAHAKANI**" and should be addressed to the Project Director, Watersheds-Cum-Deputy Director, Soil Conservation, Cuttack, Kanika Road, P.O.-Tulasipur, Cuttack- 753008. **No hand delivery or courier delivery will be accepted.**
On acceptance of the tender, successful tenderer will have to deposit 10% towards security deposit and 50% of the tender value after adjusting the E.M.D. on the same day. The balance quoted amount alongwith the GST as applicable over the total tender value is to be deposited within a week after which the work order will be issued, failing which the tenderer will have no right to collect nuts and apples from the said plantation and the order will be automatically cancelled with forfeiting of deposited earnest money.
**The intending tenderers are advised to take registration under the GST acts to avoid double taxations on sale of cashew nuts.** Other detail of terms and conditions can be ascertained from the office of the undersigned during office hours.
The department will not be responsible for any natural calamity. The competent authority reserves the right to accept or reject the tender without assigning any reason thereof. The department also reserves the right to collect seed & nuts from the Elite Cashew Plants marked in the plantation.
**(Subhas Chandra Biswal)**
OIPR-01040/11/0001/2021 **Project Director, Watersheds, Cuttack**

**OFFICE OF THE**
**CHIEF CONSERVATOR OF FORESTS, SAMBALPUR (KENDU LEAVES) CIRCLE**
Motijharan, Sambalpur, Pin- 768001
Ph/Fax No.- 0663-2412953, E-mail:- ccfklsbp@gmail.com
Advertisement No. 208/Date: 18.02.2021
**SHORT TENDER NOTICE FOR HIRING OF PRIVATE VEHICLES**
**No. MM-157:-** Sealed Tenders are invited from interested Service Providers / Travel Agencies (Registered) for providing Scorpio (preferably Model S-10 or S-11) / Bolero/Mahindra Max diesel Models of vehicles (Number, Duration and places of engagement mentioned in the tender document) for official use to be engaged during 2021 K.L.Crop. Year on hiring at different places within the State of Odisha on the terms and conditions mentioned in the Standard Bidding Document. Detailed terms and conditions and number of vehicles to be engaged can be obtained from the Divisional Forest Officers (K.L.) Sambalpur, Rairakhol, Deogarh, Kuchinda, Jharsuguda and Rourkela Division during office hour. The last date of submission of Tender at respective Divisional Offices where vehicle is to be engaged is 03/03/2021 Up to 5.00 P.M. The tenders are to be opened on the same day at 5.00 P.M.
**Sd./- Chief Conservator of Forests,**
**OIPR-08114/11/0001/2021** **Sambalpur (KL) Circle**

**OFFICE OF THE**
**CHIEF CONSERVATOR OF FORESTS, SAMBALPUR (KENDU LEAVES) CIRCLE**
Motijharan, Sambalpur- 768001
Ph/Fax- 0663-2412953, E-mail:- ccfklsbp@gmail.com
**Tender Call Notice**
**No. 215 /2KL- 09 /2021 Date.18.02.2021**
**Engagement of Service Provider for Services of Data Entry Operator & Computer Programmer during 2021 (K.L.) Crop Year.**
**No. MM-158:-** Sealed tenders are invited from reputed manpower agencies / Service Providers to provide the services of Data Entry Operators / Computer Programmer for a period of one year for placement in different field units of Kenduleaf Divisions and Circle Office under Sambalpur Kendu Leaf Circle as per Government of Odisha, Finance Department Guidelines.
The detail information for outsourcing of the services of aforesaid post has been given in the Tender Document obtained in person from O/O the Chief Conservator of Forests, Sambalpur Kendu Leaf Circle, Sambalpur on any working day between 11.00 A.M. to 5.00 P.M. on payment of Rs.300/- (Rupees three hundred) only in shape of D.D. drawn in favour of the Chief Conservator of Forests, Sambalpur (K.L.) Circle in any Nationalised Bank payable at Sambalpur. The tender offer in sealed cover should be superscribed as "Offer for service of DEO / Computer Programmer" to be sent either by speed post / Registered Post to the CHIEF CONSERVATOR OF FORESTS, SAMBALPUR (K.L.) CIRCLE. The detail address is available in the Tender document. The last date and time for submission of Tender documents is 15.03.2021 by 5.00 P.M. and shall be opened by the Authorised officer in the O/O the Chief Conservator of Forests, Sambalpur (K.L.) Circle on the same day in presence of service providers or their authorised representative. Offer received beyond the stipulated time / date and without EMD will not be entertained.
**Sd./- Chief Conservator of Forests,**
**OIPR-08114/11/0002/2021** **Sambalpur (KL) Circle**

See Career Appointment on every Wednesday & Saturday

**NOTICE INVITING TENDER**
**OFFICE OF THE MUNICIPAL COUNCIL, NAYAGARH**
**NAYAGARH (ODISHA), PIN - 752069**
**No. C-496** **e-Mail: nacnayagarh@yahoo.co.in**
**Tender Call Notice No. 681 Dt.10.02.2021**
**E-Procurement Notice No. MUNLNGR-4/2020-21**

| | | | |
|---|---|---|---|
| 1 | Name of the Work | : | Civil Works |
| 2 | No. of Works | : | 01 No. |
| 3 | Value of Work | : | Rs.1,05,35,839/- |
| 4 | Class of Contractor | : | B & A |
| 5 | Period of Completion | : | 180 days |
| 6 | Date of Publication | : | 12.02.2021 |
| 7 | Date and time of availability of document in the portal | : | From Dt.13.02.2021 at 10.00 A.M. to Dt.23.02.2021 upto 5.00 P.M. |
| 8 | Last date/time for receipt of bids in portal | : | Dt.23.02.2021 upto 5.00 P.M. |
| 9 | Last date of submission of original documents in this office | : | On or before 25.02.2021 upto 5.00 P.M. by Registered Post/ Speed Post/Drop Box available at Municipal Office |
| 10 | Date and time of opening of Technical Bid | : | Dt.26.02.2021 at 11.00 A.M. at Municipality Office, Nayagarh |
| 11 | Date and time of opening of Financial Bid | : | Dt.01.03.2021 at 11.00 A.M. at Municipality Office, Nayagarh |
| 12 | Name and address of the Officer Inviting Bid | : | Sd./- Executive Officer, Nayagarh Municipality |

Further details can be seen from e-Procurement portal **https://tendersodisha.gov.in.**
**OIPR-13134/11/0001/2021**

# ଓସାକାଙ୍କୁ ଚତୁର୍ଥ ଗ୍ରାଣ୍ଡସ୍ଲାମ୍ ଟାଇଟଲ


ମହିଳା ସିଙ୍ଗଲ୍ସ ଟ୍ରଫି ସହ ନାଓମି ଓସାକା।

**ଅଷ୍ଟ୍ରେଲିଆନ୍ ଓପନ୍**

ମେଲବୋର୍ନ,୨୦।୨(ଏପି)

ଜାପାନ ମହିଳା ଟେନିସ ତାରକା ନାଓମି ଓସାକା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଶନିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍‌ରେ ତୃତୀୟ ସିଡ୍ ମାନ୍ୟତା ପାଇଥିବା ଓସାକା ୬-୪, ୬-୩ ସିଧାସଳଖ ସେଟ୍‌ରେ ୨୨ତମ ସିଡ୍ ଆମେରିକାର ଜେନିଫର ବ୍ରାଡିଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ଏଥିସହିତ ସେ ଦ୍ୱିତୀୟଥର ପାଇଁ ଅଷ୍ଟ୍ରେଲିଆନ୍ ଓପନ ଟାଇଟଲ ହାସଲ କରିଛନ୍ତି ଓ କ୍ୟାରିୟରରେ ମୋଟ ଚତୁର୍ଥ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ୨୩ ବର୍ଷୀୟା ଓସାକା ଜାପାନରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ମାତ୍ର ୩ ବର୍ଷରେ ତାଙ୍କ ପରିବାର ସହିତ ଆମେରିକା ଚାଲିଯାଇଥିଲେ। ଅନ୍ୟପଟେ ୨୫ ବର୍ଷୀୟ ବ୍ରାଡି ପ୍ରଥମଥର ପାଇଁ ଗ୍ରାଣ୍ଡସ୍ଲାମ ଫାଇନାଲ ଖେଳିଥିଲେ ଓ ଏଥିରେ ପରାସ୍ତ ହୋଇ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି।

ଫାଇନାଲ ମ୍ୟାଚ ଦେଖିବାକୁ ୭,୫୦୦ ଦର୍ଶକ ଷ୍ଟାଡିୟମରେ ଉପସ୍ଥିତ ଥିଲେ। ଏବେ ଖେଳ ଜାରି ରଖିଥିବା ମହିଳା ଖେଳାଳିଙ୍କ ମଧ୍ୟରେ ସେରେନା ୱିଲିୟମ୍ସ ଓ ତାଙ୍କ ଭଉଣୀ ଓସାକାଙ୍କଠାରୁ ଅଧିକ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ସେରେନା ୨୩ ଓ ଭେନସ ୭ଟି ଗ୍ରାଣ୍ଡସ୍ଲାମ ଜିତିଛନ୍ତି। ସ୍ଥାନୀୟ ରଡ ଲାଭର ଏରିନାରେ ଶନିବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଓସାକା ଅତି ସହଜରେ ସିଧା ସଳଖ ସେଟ୍‌ରେ ବିଜୟ ହାସଲ କରିଥିଲେ।

୨୦୨୦ରେ ଏପି ଫିମେଲ ଆଥ୍‌ଲେଟ ଅଫ୍ ଦି ଇୟର ବିବେଚିତ ହୋଇଥିବା ଓସାକା ଏଥିସହ କ୍ରମାଗତ ୨୧ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି ଓ ଏହି ବିଜୟଧାରାକୁ ବଜାୟ ରଖିଛନ୍ତି। ଏହାପୂର୍ବରୁ ଓସାକା ୨୦୧୯ରେ ମଧ୍ୟ ଅଷ୍ଟ୍ରେଲିଆନ ଓପନ୍ ଟାଇଟଲ ହାସଲ କରିଥିଲେ। ସେ ମଧ୍ୟ ୨୦୧୮ ଓ ୨୦୨୦ରେ ୟୁଏସ୍ ଓପନ୍ ଟାଇଟଲ ଜିତିଥିଲେ। ନିଜ ପ୍ରଦର୍ଶନରେ ଓସାକା ଖୁସି ଜାହିର କରିଛନ୍ତି।

ଏହା ପୂର୍ବରୁ ଓସାକା ସେମିଫାଇନାଲରେ ୧୦ ସିଡ୍ ଅଭିଜ୍ଞ ଆମେରିକୀୟ ତାରକା ସେରେନା ୱିଲିୟମ୍ସଙ୍କୁ ୬-୩, ୬-୪ ସେଟ୍‌ରେ ହରାଇ ଫାଇନାଲକୁ ଉଠିଥିଲେ। ସେହିପରି କ୍ୱାର୍ଟରରେ ସେ ଚାଇନିଜ ତାଇପେଇର ସୁ- ୱେଇ ସିଏଙ୍କୁ ୬-୨, ୬-୨ ସେଟ୍‌ରେ ହରାଇଥିଲେ। ଚତୁର୍ଥ ରାଉଣ୍ଡ ମୁକାବିଲାରେ ଓସାକା ୧୪ତମ ସିଡ୍ ସ୍ପେନ୍‌ର ଗାର୍ବାଇନ ମୁଗୁରୁଜାଙ୍କୁ ୪-୬, ୬-୪, ୭-୫ ସେଟ୍‌ରେ ହରାଇଥିଲେ। ସାରା ଟୁର୍ନାମେଣ୍ଟରେ ଓସାକା ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରିଥିଲେ। ଏଥି ସହିତ ସେ ଭବିଷ୍ୟତର ସୁପରଷ୍ଟାର ବୋଲି ନିଜକୁ ପ୍ରମାଣିତ କରିଛନ୍ତି।


## ଜୋକୋଭିଚ୍-ମେଡ୍‌ଭେଡେଭ ଫାଇନାଲ ଆଜି

ମେଲବୋର୍ନ,୨୦।୨(ଏପି)

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନ୍‌ରେ ନାଓମି ଓସାକା ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଥିବା ବେଳେ ରବିବାର ପୁରୁଷ ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍ ଆୟୋଜନ ହେବ। ଟାଇଟଲ ପାଇଁ ଏହି ମୁକାବିଲାରେ ଟପ୍ ସିଡ୍ ନୋଭାକ ଜୋକୋଭିଚ୍ ଓ ଚତୁର୍ଥ ସିଡ୍ ରୁଷିଆର ଡାନିଲ ମେଡ୍‌ଭେଡେଭ ମୁହାଁମୁହିଁ ହେବେ। ଏଥିସହିତ ଜୋକୋଭିଚ୍ କ୍ୟାରିୟରର ୧୮ତମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ ଲକ୍ଷ୍ୟରେ ରହିଛନ୍ତି। ପୂର୍ବରୁ ଜୋକୋଭିଚ୍ ଅଷ୍ଟ୍ରେଲିଆନ ଓପନ୍‌ରେ ଅଷ୍ଟମଥର ପାଇଁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ତେଣୁ ରେକର୍ଡ ଓ ଅଭିଜ୍ଞତା ଦୃଷ୍ଟିକୋଣରୁ ଜୋକୋଭିଚ୍ ଫେଭରାଇଟ୍ ମନେ ହେଉଛନ୍ତି। ତେବେ ମେଡ୍‌ଭେଡେଭ ବିପର୍ଯ୍ୟୟର କ୍ଷମତା ରଖୁଛନ୍ତି। ତେଣୁ ରବିବାର ଏହି ଟାଇଟଲ ମୁକାବିଲା ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

## ମିକ୍ସଡ୍ ଡବଲ୍ସ: ବାର୍‌ବୋରା- ରାଜୀବ ଚାମ୍ପିୟନ

ମେଲବୋର୍ନ,୨୦।୨


ମିକ୍ସଡ୍ ଡବଲ୍ସ ଟ୍ରଫି ସହ ରାଜୀବ ରାମ ଓ ବାରବୋରା କ୍ରେଜ୍‌ସିକୋଭା।

ଅଷ୍ଟ୍ରେଲିଆନ ଓପନ ମିକ୍ସଡ ଡବଲ୍ସ ଇଭେଣ୍ଟରେ ଏଥର ଚେକ୍ ଗଣରାଜ୍ୟର ବାରବୋରା କ୍ରେଜ୍‌ସିକୋଭା ଓ ଆମେରିକାର ରାଜୀବ ରାମ ଚାମ୍ପିୟନ ହୋଇଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଷଷ୍ଠ ସିଡ୍ ଏହି ଯୋଡି ୬-୧, ୬-୪ ସେଟ୍‌ରେ ଅତି ସହଜରେ ସ୍ଥାନୀୟ ୱାଇଲ୍ଡ କାର୍ଡ ଯୋଡି ସାମନ୍ଥା ଷ୍ଟୋସୁର ଓ ମାଥ୍ୟୁ ଏବେଡେନଙ୍କୁ ହରାଇ ଟାଇଟଲ ହାସଲ କରିଛନ୍ତି। ଷ୍ଟୋସୁର ପୂର୍ବରୁ ୨୦୧୧ରେ ୟୁଏସ୍ ଓପନ ସିଙ୍ଗଲ୍ସ ଟାଇଟଲ ହାସଲ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ସମ୍ପୂର୍ଣ୍ଣ ରୂପେ ପ୍ରଭାବ ବିସ୍ତାର କରି ଏହି ଚେକ୍ ଓ ଆମେରିକା ଯୋଡି ମାତ୍ର ୫୯ ମିନିଟ୍‌ରେ ମ୍ୟାଚ୍ ହାତେଇ ନେଇଥିଲେ। ଏଥି ସହିତ କ୍ରେଜସିକୋଭା ମେଲବୋର୍ନରେ କ୍ରମାଗତ ତୃତୀୟ ମିକ୍ସଡ ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ସେ ୨୦୧୯ରେ ରାଜୀବ ଓ ଗତବର୍ଷ ନିକୋଲ ମେକ୍‌ଟିକଙ୍କ ସହିତ ଅଷ୍ଟ୍ରେଲିଆନ ଓପନ୍ ଟାଇଟଲ ହାସଲ କରିଥିଲେ। ସେ ମଧ୍ୟ ଶୁକ୍ରବାର ନିଜ ଦେଶର କାଟେରିନା ସିନିଆକୋଭାଙ୍କ ସହ ମହିଳା ଡବଲ୍ସ ଫାଇନାଲରେ ପ୍ରବେଶ କରିଥିଲେ ଓ ଏଲିସ୍ ମେର୍ଟେନ୍ସ ଏବଂ ଅରିନା ସାବାଲେଙ୍କାଙ୍କଠାରୁ ପରାସ୍ତ ହୋଇ ରନର୍ସ ଅପ୍ ହୋଇଥିଲେ।

## ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିଲେ ପଠାନ୍


ସ୍ୱର୍ଣ୍ଣପଦକ ସହ ଅଲ୍‌ଫିୟା ପଠାନ(ଡାହାଣ)।

**ମଣ୍ଟେନେଗ୍ରୋ ବକ୍ସିଂ ମିଟ୍**

ନୂଆଦିଲ୍ଲୀ, ୨୦।୨ (ପି.ଟି.)

ମଣ୍ଟେନିଗ୍ରୋସ୍ଥିତ ବଡ୍‌ଭାଠାରେ ଚାଲିଥିବା ୩୦ତମ ଆଡ୍ରିଆଟିକ୍ ପର୍ଲ ଟୁର୍ନାମେଣ୍ଟରେ ଭାରତର ମହିଳା ବକ୍ସରମାନେ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି। ଅଲ୍‌ଫିୟା ପଠାନ (୮୧+କେଜି) ଦେଶ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଆଣିଦେଇଛନ୍ତି। ବେବିରୋଜିସାନା ଚାନୁ (୫୧କେଜି), ବିନ୍‌କା (୬୦କେଜି), ଅରୁନ୍ଧତୀ (୬୯କେଜି) ଓ ସାନାମାଚା ଚାନୁ (୭୫କେଜି) ସେମାନଙ୍କ କାଟେଗୋରିରେ ଫାଇନାଲରେ ପ୍ରବେଶ କରିଛନ୍ତି। ଚମତ୍କାର ଫିଟ୍‌ନେସ୍ ଓ ଫର୍ମରେ ଥିବା ୨୦୧୯ ଏସିଆନ ଜୁନିୟର ଗର୍ଲ୍ସ ଚାମ୍ପିୟନ ଅଲ୍‌ଫିୟା ମଲଡୋଭାର ଡାରିଆ କୋଜୋରେଭ୍‌ଙ୍କ ବିପକ୍ଷ ମୁକାବିଲାକୁ ୫-୦ରେ ସହଜରେ ଜିତିନେଇଥିଲେ। ବାଉଟରେ ସେ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରିଥିଲେ। ନାଗପୁରର ଅଲ୍‌ଫିୟା କୋଜୋରେଭଙ୍କୁ କୌଣସି ସୁଯୋଗ ନ ଦେଇ ପଞ୍ଚ୍ ପରେ ପଞ୍ଚ ମାରିଚାଲିଥିଲେ।

## ୟୁନିଟ୍-୬ ଆଥଲେଟିକ୍ ଆସୋସିଏଶନର ବୈଠକ

ଭୁବନେଶ୍ୱର, ୨୦।୨ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ୟୁନିଟ୍-୬ ଆଥଲେଟିକ୍ ଆସୋସିଏଶନ କାର୍ଯ୍ୟକାରିଣୀ ସମିତିର ଗୁରୁତ୍ୱପୂର୍ଣ୍ଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ୨୦୨୦-୨୧ ଆର୍ଥିକବର୍ଷ ଆୟବ୍ୟୟର ବିବରଣୀ ଏବଂ ଆସନ୍ତା ଗ୍ରୀଷ୍ମକାଳୀନ ଫୁଟ୍‌ବଲ ତାଲିମ ଶିବିରର ଯୋଜନା ଓ ବ୍ୟୟ ଅଟକଳ ସମ୍ପର୍କରେ ଏପ୍ରିଲ ମାସ ବୈଠକରେ ଆଲୋଚନା ହେବା ଲାଗି ସ୍ଥିର ହୋଇଥିଲା। ଚଳିତବର୍ଷର ସର୍ବଭାରତୀୟ ଟାଟା-ଉତ୍କଳିକା ଫୁଟ୍‌ବଲ ଟୁର୍ନାମେଣ୍ଟର ଆୟୋଜନ ନେଇ ବୈଠକରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ସରକାରଙ୍କ କୋଭିଡ୍ ନିୟମ କଡ଼ାକଡ଼ି ହେବା ଖବର ଆଧାରରେ ଏହି ଟୁର୍ନାମେଣ୍ଟକୁ ବର୍ତ୍ତମାନ ସ୍ଥଗିତ ରଖିବା ଲାଗି ସ୍ଥିର କରାଯାଇଥିଲା। ଏହାଛଡ଼ା ଆସୋସିଏଶନ ବିରୋଧୀ କାର୍ଯ୍ୟକଳାପ ଅଭିଯୋଗରେ ଉପସଭାପତି ପ୍ରଫୁଲ୍ଲ କୁମାର ମିଶ୍ର ଏବଂ ସଭ୍ୟ ପ୍ରଶାନ୍ତ କୁମାର ପ୍ରଧାନଙ୍କୁ ତୁରନ୍ତ ନିଲମ୍ବନ ସାଙ୍ଗକୁ କାରଣଦର୍ଶାଅ ନୋଟିସ ଜାରି କରିବା ଲାଗି ସର୍ବସମ୍ମତି ନିଷ୍ପତ୍ତି ନିଆଯାଇଥିଲା। ଆବଶ୍ୟକ ପଦକ୍ଷେପ ନେବାକୁ ଆସୋସିଏଶନର ସମ୍ପାଦକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

## ଓଡ଼ିଶା ଦଳଗତ ଚାମ୍ପିୟନ


ପୁରସ୍କାର ଗ୍ରହଣ କରୁଛି ଦଳଗତ ଚାମ୍ପିୟନ ଓଡ଼ିଶା।

**ଅଖିଳ ଭାରତୀୟ ଡାକ ଚେସ୍ ପ୍ରତିଯୋଗିତା**

ଭୁବନେଶ୍ୱର ୨୦।୨ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟର ଅନ୍ତର୍ଜାତୀୟ ଚେସ୍ ହଲ୍ ପରିସରରେ ଚାଲିଥିବା ୩୫ତମ ଅଖିଳ ଭାରତୀୟ ଡାକ ଚେସ୍ ପ୍ରତିଯୋଗିତା ଶନିବାର ଶେଷ ହୋଇଛି। ଉଦ୍‌ଯାପନୀ ସମାରୋହରେ ଡାକ ସେବା ବୋର୍ଡର ସଦସ୍ୟ ଡ. ସନ୍ତୋଷ କୁମାର କମିଳା ମୁଖ୍ୟଅତିଥି, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଥମ ମହିଳା କୁଳପତି ପ୍ରଫେସର ଡ. ସବିତା ଆଚାର୍ଯ୍ୟ ଓ ଅନ୍ତର୍ଜାତୀୟ ଚେସ୍ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଦଳଗତ ଇଭେଣ୍ଟରେ ଓଡ଼ିଶା ଦଳ ଚାମ୍ପିୟନ, ତାମିଲନାଡୁ ଓ ରାଜସ୍ଥାନ ଉଭୟେ ରନର୍ସ ଅପ୍ ହୋଇଥିଲେ। ବ୍ୟକ୍ତିଗତ ଇଭେଣ୍ଟରେ ଓଡ଼ିଶାର ଉତ୍କଳ ରଞ୍ଜନ ସାହୁ ଚାମ୍ପିୟନ୍ ଏବଂ ତାମିଲନାଡୁ ଦଳର ପି. ମହେଶ୍ୱରନ୍ ଓ ଉତ୍ତର ପ୍ରଦେଶ ଦଳର ଶୈଳେନ୍ଦ୍ର କେ. ବାଜପେୟୀ ରନର୍ସ ଅପ୍ ହୋଇଥିଲେ। ବୋର୍ଡ ବିଜେତା ଭାବରେ ୧ମ ବୋର୍ଡରେ ତାମିଲନାଡୁର ଏସ୍. ନରେନ୍ଦ୍ର କୁମାର, ୨ୟ ବୋର୍ଡରେ ହିମାଚଳ ପ୍ରଦେଶର ବିଜୟ କୁମାର, ୩ୟ ବୋର୍ଡରେ ଝାଡ଼ଖଣ୍ଡର ବିକାଶ କୁମାର ସିହ୍ନା, ୪ର୍ଥ ବୋର୍ଡରେ ଓଡ଼ିଶାର ମନୋଜ କୁମାର ପାଣିଗ୍ରାହୀ, ୫ମ ବୋର୍ଡରେ ଦିଲ୍ଲୀର ସୋନୀ କ୍ରିଷ୍ଣନ ପୁରସ୍କୃତ ହୋଇଥିଲେ।

ଓଡ଼ିଶା ପରିମଣ୍ଡଳର ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ କର୍ଣ୍ଣେଲ ଜଳେଶ୍ୱର କହଁର ସ୍ୱାଗତ ଭାଷଣ ଦେଇଥିଲେ। ଏହି ପ୍ରତିଯୋଗିତାକୁ ନୀହାର ରଞ୍ଜନ ସାସମଲ (ଚିଫ୍ ଆର୍ବିଟର), ତାପସ ରଞ୍ଜନ ମହାନ୍ତି (ଡେପୁଟି ଆର୍ବିଟର) ଓ ଜ୍ୟୋତି ଶଙ୍କର ନନ୍ଦ (ଡେପୁଟି ଆର୍ବିଟର) ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ୧୭ଟି ଡାକ ପରିମଣ୍ଡଳରୁ ୭୯ ଜଣ ଖେଳାଳି ଭାଗ ନେଇଥିଲେ, ଯେଉଁମାନଙ୍କ ମଧ୍ୟରେ ୪୧ ଜଣ ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ଚେସ୍ ଖେଳାଳି ଥିଲେ। ଓଡ଼ିଶାରୁ ପ୍ରତିଭାବାନ୍ ଉତ୍କଳ ରଞ୍ଜନ ସାହୁ, ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର, ମନୋଜ ପାଣିଗ୍ରାହୀ, ସାରଦା ପ୍ରସନ୍ନ ନାୟକ, ତପନ କୁମାର ତ୍ରିପାଠୀ ଏବଂ ମ୍ୟାନେଜର ଅଜୟ ନାୟକ ପ୍ରମୁଖ ଭାଗ ନେଇଥିଲେ।

## ୟୁରୋପ ଟୁର୍‌ରେ ପୁରୁଷ ହକି ଦଳ

ନୂଆଦିଲ୍ଲୀ, ୨୦।୨ (ପି.ଟି.)

ଚଳିତ ମାସରେ ଜର୍ମାନୀ ଓ ବେଲଜିୟମ ଟୁର୍ ସହ ଭାରତର ପୁରୁଷ ହକି ଦଳ ଏହାର ଅଲିମ୍ପିକ ପ୍ରସ୍ତୁତି ଆରମ୍ଭ କରିବ। କରୋନା ମହାମାରୀ ଯୋଗୁ ଗତ ମାର୍ଚ୍ଚ ମାସରୁ ସମଗ୍ର ବିଶ୍ୱରେ କ୍ରୀଡ଼ା କାର୍ଯ୍ୟକଳାପ ବନ୍ଦ ରହିଥିଲା। ଏହି ଟୁର୍ ସହ ଭାରତୀୟ ପୁରୁଷ ଦଳ ଏହାର ଅନ୍ତର୍ଜାତୀୟ ହକି ଆରମ୍ଭ କରିବ। ୨୨ଜଣ ଖେଳାଳି ଓ ୬ଜଣ ସପୋର୍ଟ ଷ୍ଟାଫ୍ ରବିବାର ବେଙ୍ଗାଲୁରୁରୁ ଜର୍ମାନୀର କ୍ରେଫିଲ୍ଡ ଗସ୍ତ କରିବେ। ସେଠାରେ ସେମାନେ ଫେବୃୟାରୀ ୨୮ ଓ ମାର୍ଚ୍ଚ ୨ରେ ଘରୋଇ ଦଳ ସହ ଖେଳିବେ। ଭାରତୀୟ ଦଳ ପରେ ବେଲଜିୟମର ଆଣ୍ଟୱେର୍ପ ଗସ୍ତ କରିବ। ସେଠାରେ ସେମାନେ ମାର୍ଚ୍ଚ ୬ ଓ ୮ରେ ଗ୍ରେଟ୍ ବ୍ରିଟେନ ବିପକ୍ଷରେ ଖେଳିବେ। ଏହି ୧୭ ଦିନିଆ ଟୁର୍‌ରେ ଗୋଲକିପର ପି. ଆର୍. ଶ୍ରୀଜେସ୍ ଦଳର ଅଧିନାୟକତ୍ୱ କରିବେ। ଡ୍ରାଗ୍ ଫ୍ଲିକର ହରମନପ୍ରୀତ ସିଂ ତାଙ୍କ ଡେପୁଟି ରହିବେ। ପୁରୁଷ ଦଳ ଗତବର୍ଷ ଫେବୃୟାରୀରେ ଶେଷ ଥର ଏକ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲା। ଭୁବନେଶ୍ୱରରେ ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ସେମାନେ ଅଷ୍ଟ୍ରେଲିଆ ବିପକ୍ଷରେ ମ୍ୟାଚ ଖେଳିଥିଲେ। ଅଷ୍ଟ୍ରେଲିଆ ବିପକ୍ଷରେ ଭଲ ପ୍ରଦର୍ଶନ ଯୋଗୁ ଭାରତୀୟ ଦଳ ଏଫ୍ଆଇଏଚ୍ ୱାର୍ଲ୍ଡ ର୍‍ୟାଙ୍କିଙ୍ଗରେ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇପାରିଥିଲା। ଏହି ଅବସରରେ ଭାରତୀୟ ପୁରୁଷ ହକି ଦଳର ମୁଖ୍ୟ କୋଚ୍ ଗ୍ରାହମ ରିଡ୍ କହିଛନ୍ତି ୟୁରୋପ ଗସ୍ତ ପାଇଁ ସୁଯୋଗ ମିଳିଥିବାରୁ ଆମେ କୃତଜ୍ଞ। ଯେକୌଣସି ଟପ୍ ୧୦ ର୍‍ୟାଙ୍କିଙ୍ଗ ଦଳ ସହ ଖେଳିବା ଦ୍ୱାରା ଦଳ ବଡ଼ ଅଭିଜ୍ଞତା ହାସଲ କରିପାରିବ ବୋଲି ରିଡ୍ ପ୍ରକାଶ କରିଛନ୍ତି।

**ଭାରତୀୟ ଦଳ:** ଗୋଲକିପର- ପି.ଆର. ଶ୍ରୀଜେସ୍ (ଅଧିନାୟକ), କ୍ରିଷନ ବାହାଦୁର ପାଠକ। ଡିଫେଣ୍ଡର- ଅମିତ ରୋହିଦାସ, ଦୀପସାନ ତିର୍କୀ, ଗୁରିନ୍ଦର ସିଂ, ହରମନପ୍ରୀତ ସିଂ (ଉପ-ଅଧିନାୟକ), ସୁରେନ୍ଦର କୁମାର, ଜରମନପ୍ରୀତ ସିଂ, ବୀରେନ୍ଦ୍ର ଲାକ୍ରା। ମିଡ୍‌ଫିଲ୍ଡର-ଚିଙ୍ଗ୍ଲେନସାନା ସିଂ, ନୀଳକାନ୍ତ ଶର୍ମା, ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ରାଜକୁମାର ପାଲ୍, ସିମରନଜିତ୍ ସିଂ, ଶମସେର ସିଂ, ଆକାଶଦୀପ୍ ସିଂ। ଫରୱାର୍ଡ- ଗୁର୍‌ଜାଣ୍ଟ ସିଂ, ରମଣଦୀପ ସିଂ, ଦିଲପ୍ରୀତ ସିଂ, ମନଦୀପ ସିଂ ଓ ଲଳିତ କୁମାର ଉପାଧ୍ୟାୟ।

## ଲଳିତା, ମନଶ୍ୱରୀଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର,୨୦।୨(ସ୍ପୋର୍ଟ୍ସ ବ୍ୟୁରୋ)

କଟକର ବାରବାଟୀ ଷ୍ଟାଡିୟମରେ ରାଜ୍ୟ ତୀରନ୍ଦାଜି ସଂଘ ଆନୁକୂଲ୍ୟରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ୨୨ତମ ରାଜ୍ୟ ତୀରନ୍ଦାଜି ପ୍ରତିଯୋଗିତା ଦ୍ୱିତୀୟ ଦିବସରେ ପହଞ୍ଚିଛି। ଇଣ୍ଡିଆନ ରାଉଣ୍ଡ ଜୁନିୟର ବାଳିକା ପ୍ରତିଯୋଗିତାରେ ଲଳିତା ଖଣ୍ଡପାତ୍ର ପ୍ରଥମ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଜୟଲକ୍ଷ୍ମୀ ମଲିକ ଦ୍ୱିତୀୟ ଓ ନିହାରିକା ପୂର୍ତ୍ତୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଇଣ୍ଡିଆନ ରାଉଣ୍ଡ ବାଳକ ବିଭାଗରେ ରାମେଶ୍ୱର ହନ୍ତାଳ ତୃତୀୟ ହୋଇଛନ୍ତି। ମିନି ଇଣ୍ଡିଆନ ରାଉଣ୍ଡ ବାଳିକା ବିଭାଗରେ ମନଶ୍ୱରୀ ହସଦକ ପ୍ରଥମ ହୋଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଦ୍ୱିତୀୟ ଦିବସରେ କିସ୍ ଛାତ୍ରୀଛାତ୍ର ମାନେ ପ୍ରଭାବ ବିସ୍ତାର କରିଛନ୍ତି। କିସ୍‌ର ପ୍ରତିଯୋଗୀମାନେ ୨ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୩ଟି ବ୍ରୋଞ୍ଜ୍ ପଦକ ଜିତିଛନ୍ତି।


 କଟକର ବାରବାଟୀ ଷ୍ଟାଡିୟମରେ ରାଜ୍ୟ ତୀରନ୍ଦାଜ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ୨୨ତମ ରାଜ୍ୟ ତୀରନ୍ଦାଜୀ ପ୍ରତିଯୋଗିତାର ଏକ ଇଭେଣ୍ଟରେ ଭାଗନେଇଥିବା ପ୍ରତିଯୋଗୀ।

## କଟକ-ଭୁବନେଶ୍ୱର 'ଏ' ଫାଇନାଲ

ଲଖନପୁର, ୨୦।୨(ଡି.ଏନ.ଏ.)

ଆନ୍ତଃ ଜିଲା ପି.ସି. ବେହେରା ସିନିୟର ମହିଳା ଫୁଟ୍‌ବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ରବିବାର କଟକ ଓ ଭୁବନେଶ୍ୱର 'ଏ' ମଧ୍ୟରେ ଅନୁଷ୍ଠିତ ହେବ। ଶନିବାର ଭୁବନେଶ୍ୱର 'ବି' ଓ କଟକ ମଧ୍ୟରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ଗୋଲ ଶୂନ୍ୟ ରହିବାରୁ ଟାଇବ୍ରେକର ପଦ୍ଧତିର ଆଶ୍ରୟ ନିଆଯାଇଥିଲା। ଏଥିରେ କଟକ ଦଳ ବିଜୟୀ ହୋଇଛି। କଟକର ଗୋଲକିପର ସସ୍ମିତା ପରିଡା ପ୍ଲେୟର ଅଫ ଦି ମ୍ୟାଚ ହୋଇଥିଲେ। ଦ୍ୱିତୀୟ ସେମିଫାଇନାଲରେ ଭୁବନେଶ୍ୱର 'ଏ' ୮-୦ ଗୋଲରେ କେନ୍ଦ୍ରାପଡ଼ାକୁ ପରାସ୍ତ କରିଥିଲା। ବିଜୟୀ ଦଳର ସୁଭଦ୍ରା ସାହୁ ପ୍ଲେୟର ଅଫ ଦି ମ୍ୟାଚ ହୋଇଥିଲେ।

ଝାରସୁଗୁଡ଼ା ଏସ୍‌ପି ବିକାଶ ଦାସ, ଉପଜିଲାପାଳ ଶିବଶଙ୍କର ଟପୋ ଓଏସ୍ଏପିର ଦୁର୍ଗପତି ମନୋଜ ପୁରୋହିତ, ଓଏସ୍ଏପିର ଉପଦୁର୍ଗପତି ଲଖନ ସିଂ ଓ ଉପଦୁର୍ଗପତି ଭବାନୀ ଶଙ୍କର ସେଠ ଅତିଥି ଭାବେ ଯୋଗଦେଇଥିଲେ। ଝାରସୁଗୁଡ଼ା ଜିଲା କ୍ରୀଡା ସଂଘ ତରଫରୁ ଅତିଥିମାନଙ୍କୁ ଉପଢୌକନ ଦିଆଯାଇଥିଲା।



ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ସହ ଭୁବନେଶ୍ୱର 'ଏ' ଓ କେନ୍ଦ୍ରାପଡ଼ା ଦଳର ଖେଳାଳିମାନେ।

## ଉଥାପ୍ପାଙ୍କ ଶତକ: ପରାଜୟରୁ ଓଡ଼ିଶାର ଅଭିଯାନ

**ବିଜୟ ହଜାରେ ଟ୍ରଫି**

ଭୁବନେଶ୍ୱର,୨୦।୨(ସ୍ପୋର୍ଟ୍ସ ବ୍ୟୁରୋ)

ବିଜୟ ହଜାରେ ଟ୍ରଫିରେ ଓଡ଼ିଶା ତା'ର ଅଭିଯାନ ପରାଜୟରୁ ଆରମ୍ଭ କରିଛି। ଶନିବାର ଓଡ଼ିଶା ତା'ର ପ୍ରଥମ ମ୍ୟାଚ୍‌ରେ କେରଳଠାରୁ ଭିଜେଡି ମେଥଡ୍‌ରେ ୩୪ ରନରେ ପରାସ୍ତ ହୋଇଛି। ବର୍ଷାଜନିତ ଓଦା ଆଉଟ୍‌ଫିଲ୍ଡ ଯୋଗୁ ମ୍ୟାଚ୍ ବିଳମ୍ବରେ ଆରମ୍ଭ ହୋଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୪୫ ଓଭରରେ ୮ ଉଇକେଟ ହରାଇ ୨୫୮ ରନ ସଂଗ୍ରହ କରିଥିଲା। ଜବାବରେ କେରଳ ୩୮.୨ ଓଭରରେ ୪ ଉଇକେଟ ହରାଇ ୨୩୩ ରନ ସଂଗ୍ରହ କରିଥିଲା। ଫଳରେ ଭିଜେଡି ନିୟମରେ କେରଳକୁ ୩୪ ରନରେ ବିଜୟୀ ଘୋଷିତ କରାଯାଇଥିଲା। ଡକ୍‌ୱର୍ଥ- ଲୁଇସ୍ ନିୟମ ଭଳି ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ଗୁଡିକରେ ଫଳାଫଳ ହାସଲ ପାଇଁ ଭିଜେଡି ମେଥଡର ବ୍ୟବହାର ହୋଇଥାଏ। କେରଳ ତରଫରୁ ରବିନ ଉଥାପ୍ପା ସର୍ବାଧିକ ୧୦୭ ରନର ଶତକୀୟ ପାଳି ଖେଳିଥିଲେ। ଅଧିନାୟକ ସଚିନ ବେବି ୪୦, ବିଷ୍ଣୁ ବିନୋଦ ୨୮, ଉଇକେଟକିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ ୪ ରନକରି ଆଉଟ ହୋଇଥିବା ବେଳେ ଭଥସାଲ ଗୋବିନ୍ଦ ୨୯ ଓ ମହମ୍ମଦ ଆଝାରୁଦ୍ଦିନ ୨୩ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଓଡ଼ିଶା ତରଫରୁ ସୌରଭ କାନୋଜ ସର୍ବାଧିକ ୩ ଓ ସୂର୍ଯ୍ୟକାନ୍ତ ପ୍ରଧାନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ଓଡ଼ିଶା ତରଫରୁ ଓପନର ସନ୍ଦୀପ ପଟ୍ଟନାୟକ ସର୍ବାଧିକ ୬୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେହିପରି ଓପନର ଗୌରବ ଚୌଧୁରୀ ୫୭ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବବ୍ରତ ପ୍ରଧାନ ୨୭, ରେଜେଶ ଧୂପର ୨୦, ଅଭିଷେକ ଯାଦବ ୧୩, ଶୁଭ୍ରାଂଶୁ ସେନାପତି ୪, ଅଧିନାୟକ ଶାନ୍ତନୁ ମିଶ୍ର ୭ ଓ ସୂର୍ଯ୍ୟକାନ୍ତ ବିନା ସ୍କୋରରେ ଆଉଟ ହୋଇଥିଲେ। କାର୍ତ୍ତିକ ବିଶ୍ୱାଳ ୪୫ ଓ ସୌରଭ କାନୋଜ ୯ ରନ କରି ଅପରାଜିତ ରହିଥିଲେ। ବୋଲିଂରେ କେରଳ ତରଫରୁ ଶ୍ରୀସନ୍ଥ, ଏମ୍.ଡି. ନିଧେଶ ଓ ଜଳାଜ ସାକସେନା ୨ଟି ଲେଖାଏ, ସଚିନ ବେବି ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:**

ଓଡ଼ିଶା ୪୫ ଓଭରରେ ୨୫୮/୮ (ସନ୍ଦୀପ- ୬୬, ଗୌରବ- ୫୭, କାର୍ତ୍ତିକ- ୪୫*, ଦେବବ୍ରତ- ୨୭, ଶ୍ରୀସନ୍ଥ- ୨/୪୧, ନିଧେଶ- ୨/୪୩, ସାକସେନା- ୨/ ୪୩)।

କେରଳ ୩୮.୨ ଓଭରରେ ୨୩୩/୪ (ଉଥାପ୍ପା- ୧୦୭, ସଚିନ- ୪୦, ଆଝାରୁଦ୍ଦିନ- ୨୩*, ବିଷ୍ଣୁ- ୨୮, ଗୋବିନ୍ଦ- ୨୯*, ସୌରଭ- ୩/୪୩)।

## ସଂକ୍ଷେପରେ

### ଟାଟା ଗ୍ରୁପ ଦ୍ୱାରା ପ୍ରସ୍ତୁତ ସୁପର ଆପରେ ମିଳିବ ସବୁ କିଛି

**ନୂଆଦିଲ୍ଲୀ,୨୦।୨:** ଦେଶର ଅଗ୍ରଣୀ ଶିଳ୍ପସଂସ୍ଥା ଟାଟା ଗ୍ରୁପ୍ ବର୍ତ୍ତମାନ ଇ-କମର୍ସ ବଜାରରେ ପାଦଦେବାକୁ ପ୍ରସ୍ତୁତି ଆରମ୍ଭ ସହ ନିଜର ଉପସ୍ଥିତି ଜାହିର କରିବାକୁ ପ୍ରୟାସ କରୁଛି। ଖୁବ୍ ଶୀଘ୍ର 'ସୁପର ଆପ୍' ନାମରେ ଏକ ଆପ୍ କମ୍ପାନୀ ଲଞ୍ଚ କରିବା ଦିଗରେ କାମ ଆରମ୍ଭ କରିଛି। ଏହି ଆପ୍ ଜରିଆରେ କମ୍ପାନୀର କୋଟି କୋଟି ଗ୍ରାହକଙ୍କୁ ସହଜରେ ନିଜର ମନ ପସନ୍ଦର ସାମଗ୍ରୀ ଯେପରି କି କପଡ଼ାର ବ୍ରାଣ୍ଡ ୱେଷ୍ଟସାଇଡ୍, ଟ୍ରେଣ୍ଟ୍ ଇନ୍‌ଫିନିଟି ରିଟେଲ, ଲୁଣ, ମସଲା ଏବଂ ଚା' ପ୍ରସ୍ତୁତକାରୀ ଟାଟା କଞ୍ଜୁମର ପ୍ରଡକ୍ଟ, ଗହଣା, ଘଣ୍ଟା ନିର୍ମାତା ଟାଇଟନ୍, ବୈଦ୍ୟୁତିକ ଉପକରଣ ନିର୍ମାତା କମ୍ପାନି ଭୋଲଟାସ ସହିତ ବିତ୍ତୀୟ ଉତ୍ପାଦ କମ୍ପାନି ଟାଟା କ୍ୟାପିଟାଲ, ଟାଟା ଆସେଟ୍ ମ୍ୟାନେଜମେଣ୍ଟ ଇତ୍ୟାଦି କମ୍ପାନିକୁ ସୁପର ଆପ୍ ମାଧ୍ୟମ ଅଣାଯିବ। ଏହାସହିତ ଏହି ଆପ୍ ଜରିଆରେ କମ୍ପାନୀ ନିଜର କାର, ରିୟଲିଟି ଫ୍ଲାଟ୍ ଓ ଏୟାର ଏସିଆର ବିମାନ ଟିକେଟ୍ ମଧ୍ୟ ବିକ୍ରି କରିବ। ଏହା ସହ ତାଜ୍ ହୋଟେଲର ରୁମ ବି ଏହି ଆପ୍ ଜରିଆରେ ଭଡ଼ା ଦିଆଯାଇ ପାରିବ ବୋଲି କମ୍ପାନୀର ମୁଖ୍ୟ ଏନ୍ ଚନ୍ଦ୍ରଶେଖରନ୍ ସୂଚନା ଦେଇଛନ୍ତି। ସେହିଭଳି କମ୍ପାନୀ 'ଟାଟା ଡିଜିଟାଲ' ନାମରେ ଏକ ଡିଜିଟାଲ ପ୍ଲାଟଫର୍ମ କମ୍ପାନିର ଶୁଭାରମ୍ଭ କରିଛି। ଏ ସମ୍ପର୍କରେ ଟାଟା ଗ୍ରୁପର ହୋଲ୍ଡିଂ କମ୍ପାନି ଟାଟା ସନସର ଅଧକ୍ଷ ଏନ୍ ଚନ୍ଦ୍ରଶେଖରନ ଏକ ଜାତୀୟ ଗଣମାଧମକୁ ସୂଚନା ଦେଇ କହିଛନ୍ତି ଯେ ଟାଟା ଡିଜିଟାଲ ମାଧମରେ କମ୍ପାନି ନିଜର ସମସ୍ତ ରିଟେଲ୍ ବ୍ୟବସାୟକୁ ଗୋଟିଏ ପ୍ଲାଟଫର୍ମକୁ ଆଣିବା ଦିଗରେ କାମ କରୁଛି। ସେହିଭଳି ଟାଟା ଗ୍ରୁପର କୋଟି କୋଟି ଗ୍ରାହକ ଅଛନ୍ତି ସେମାନଙ୍କ ଅବଶ୍ୟକତା ମୁତାବକ ଉତ୍ପାଦ ଓ ସେବା ଉପଲବ୍ଧ କରାଇବାକୁ ଡିଜିଟାଲ ପ୍ଲାଟଫର୍ମର ଆବଶ୍ୟକତା ରହିଛି। ସେଥିପାଇଁ ଟାଟା ଗ୍ରୁପ ଏହି 'ସୁପର ଆପ୍' ଜରିଆରେ ଗ୍ରାହକଙ୍କୁ ସେବା ଯୋଗାଇ ଦେବା ଲକ୍ଷ୍ୟରେ ପ୍ରସ୍ତୁତି ଜୋରଦାର କରିଛି।

### ବଢୁଛି ମୋବାଇଲ ଗ୍ରାହକଙ୍କ ସଂଖ୍ୟା

**ନୂଆଦିଲ୍ଲୀ,୨୦।୨:** କରୋନା ମହାମାରୀ ସମୟରେ ମୋବାଇଲ ବଜାରରେ ଯେଉଁ ମାନ୍ଦାବସ୍ଥା ସୃଷ୍ଟି ହୋଇଥିଲା ତାହା ଏକ ପ୍ରକାର ଦୂର ହୋଇଛି। ବର୍ତ୍ତମାନ ସମୟରେ ମୋବାଇଲ ଗ୍ରାହକ ସଂଖ୍ୟା ପୁଣି ଥରେ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ୨୦୨୦ ଡିସେମ୍ବର ମଧ୍ୟରେ ରାଜ୍ୟ ମୋବାଇଲ ବଜାରରେ ୧,୬୨,୦୨୮ ନୂଆ ଗ୍ରାହକ ଯୋଡ଼ି ହୋଇଛନ୍ତି। ଫଳରେ ଓଡ଼ିଶାରେ ମୋଟ୍ ମୋବାଇଲ ଗ୍ରାହକ ସଂଖ୍ୟା ଡିସେମ୍ବର ଶେଷ ସୁଦ୍ଧା ୩ କୋଟି ୩୫ ଲକ୍ଷ ୧୪ ହଜାର ୪୬୦ରେ ପହଞ୍ଚିଛି। ଏହା ନଭେମ୍ବରରେ ପ୍ରାୟ ୩ କୋଟି ୩୩ ଲକ୍ଷ ୫୨ ହଜାର ୬୧୨ ଥିଲା। ଭାରତୀୟ ଦୂରସଞ୍ଚାର ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଶୁକ୍ରବାର ଜାରି କରିଥିବା ରିପୋର୍ଟ ଅନୁଯାୟୀ ଗତ ଡିସେମ୍ବରରେ ରାଜ୍ୟରେ ରିଲାଏନ୍ସ ଜିଓ ସର୍ବାଧିକ ୧,୯୮,୪୫୭ ନୂଆ ଗ୍ରାହକ ଯୋଡ଼ିଥିବା ବେଳେ ବିଏସ୍ଏନ୍ଏଲ୍ ୪୧,୪୯୨ ଓ ଭାରତୀ ଏୟାରଟେଲ୍ ୩୮୩୪ ନୂଆ ଗ୍ରାହକ ହାସଲ କରିଛନ୍ତି। ସେହି ସମୟରେ ଭୋଡାଫୋନ୍ ଆଇଡିଆ ୮୧,୬୩୨ ଗ୍ରାହକଙ୍କୁ ହରାଇଥିବା ଜଣାପଡିଛି।

# ପିଆଜ କୁଇଣ୍ଟାଲ ୪୫ ଶହ ଛୁଇଁଲା

**ନୂଆଦିଲ୍ଲୀ,୨୦।୨**



## ବଜାରରେ କେଜି ୫୦

କରୋନା କାରଣରୁ ଚାଷ ଓ ଅମଳ ମଧ୍ୟରେ ଅସମାନତା ଦେଖା ଦେବା ସହିତ ଦେଶର ପ୍ରମୁଖ ପିଆଜ ଉତ୍ପାଦନ ସ୍ଥାନ ଓ ରାଜ୍ୟରେ ଅଦିନିଆ ବର୍ଷା ଯୋଗୁ ଅମଳ ବେଶ୍ ପ୍ରଭାବିତ ହୋଇଛି। ଏହାର ପ୍ରଭାବ ପିଆଜ ବଜାର ଉପରେ ପଡ଼ିଛି। ଗୋଟିଏ ପଟେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ତେଲ, ଗ୍ୟାସ୍, ଡାଲି, ଖାଇବା ତେଲ ଏବଂ ଆଳୁ ପରେ ପିଆଜ ଦର ବଢ଼ିବା ଯୋଗୁ ସାଧାରଣ ଲୋକ ଓ ଖାଉଟିଙ୍କ ଅଣ୍ଟା ଭାଙ୍ଗି ଦେବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଓଡ଼ିଶାର ବିଭିନ୍ନ ସହର ଓ ବଡ଼ ବଡ଼ ବଜାରରେ ପିଆଜ ଦର କୁଇଣ୍ଟାଲ ପିଛା ୪୫ରୁ ୪୭ଶହ ଟଙ୍କା ପହଞ୍ଚିଥିବା ବେଳେ ଖୁଚୁରା ବଜାରରେ କେଜି ପିଛା ୫୦ରୁ ୫୫ ଟଙ୍କା ଖାଉଟିଙ୍କୁ ଦେବାକୁ ପଡୁଛି।

ପିଆଜ ରପ୍ତାନି ଉପରେ କୌଣସି ପ୍ରତିବନ୍ଧକ ନ ଥିବାରୁ ବିଭିନ୍ନ ସମୟରେ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ସେହିପରି ଏ ପର୍ଯ୍ୟନ୍ତ ପଶ୍ଚିମବଙ୍ଗ, ରାଜସ୍ଥାନ, ଗୁଜରାଟ ଆଦି ରାଜ୍ୟରେ ପିଆଜ ଫସଲ ଅମଳ ହୋଇପାରିନାହିଁ। ପିଆଜ ବଜାରକୁ ଆସିବାରେ ବିଳମ୍ବ ହେବାରୁ ଏବଂ ବଜାରରେ ଚାହିଦା ଅଧିକ ଥିବାରୁ ଦର ବୃଦ୍ଧି ହେଉଛି ବୋଲି ଓଡ଼ିଶା ବ୍ୟବସାୟୀ ମହାସଂଘର ସାଧାରଣ ସମ୍ପାଦକ ସୁଧାକର ପଣ୍ଡା ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ସେହିଭଳି ମହାରାଷ୍ଟ୍ରର ନାସିକରେ ପିଆଜ ଦର କିଲୋ ପିଛା ୪୪ରୁ୪୫ ଟଙ୍କାରେ ବିକ୍ରି କରାଯାଉଛି। ନାସିକର ଲାସଲଗାଁଓ ମଣ୍ଡିରେ ଶନିବାର ପିଆଜି କୁଇଣ୍ଟାଲ ପିଛା ୪୫ଶହ ଟଙ୍କାରେ ରପ୍ତାନି କରାଯାଉଥିବା ଜଣାପଡ଼ିଛି। ଦେଶର ବଡ଼ ବଡ଼ ମଣ୍ଡି ମଧ୍ୟରେ ଲାସଲଗାଁଓ ମଣ୍ଡି ଅନ୍ୟତମ। ଏହି ମଣ୍ଡିରେ ପିଆଜ ଦର ବର୍ତ୍ତମାନ ଅନ୍ୟ ମଣ୍ଡି ଅପେକ୍ଷା କମ୍ ଥାଏ। ଯଦି ଏଠାରେ ପିଆଜ କୁଇଣ୍ଟାଲ ପିଛା ଦର ବଢ଼ିଛି ତେବେ ଅନ୍ୟ ମଣ୍ଡି କଥା ସହଜରେ ଅନୁମାନ କରାଯାଇପାରେ। ଫଳରେ ଆଗାମୀ ଦିନରେ ଦେଶରେ ପିଆଜ ମୂଲ୍ୟ ଆହୁରି ବୃଦ୍ଧି ହେବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ମଣ୍ଡିରେ ପିଆଜ ଦର ବଢ଼ିବା ସହ ରାସ୍ତାକଡ ଖୁଚୁରା ଦୋକାନୀମାନେ କେଜି ପିଛା ୫୦ ଟଙ୍କାରେ ବିକୁଥିବା ଜଣାପଡିଛି। ଗୋରଖପୁର ମେହବା ମଣ୍ଡି ନାସିକ ସୁପର ପିଆଜ ପ୍ରତି କେଜି ୪୫ରୁ ୪୮ ଦରରେ ବିକ୍ରି ହେଉଛି। ସେହିପରି ରାଜସ୍ଥାନ ଭାବନଗରରେ ଦର ୪୦ରୁ ୪୨ ଟଙ୍କା ଥିବା ବେଳେ ପଶ୍ଚିମବଙ୍ଗରେ ୩୬ରୁ ୩୮ ଟଙ୍କାରେ ବିକ୍ରି ହେଉଛି। ତେବେ ଗତବର୍ଷର ପରିସ୍ଥିତିକୁ ଦୃଷ୍ଟିରେ ରଖି ଚଳିତବର୍ଷ ଚାଷୀ ଅଧିକ ପିଆଜ ଚାଷ କରିଛନ୍ତି। ଗତବର୍ଷ ୬ ହଜାର ୯୦୦ ହେକ୍ଟର ଜମିରେ ପିଆଜ ଚାଷ ହୋଇଥିଲା ବେଳେ ଚଳିତବର୍ଷ ୭ ହଜାର ୬୦୦ ହେକ୍ଟର ଜମିରେ ଚାଷ ହୋଇଛି। ହେଲେ କେତେକ ସ୍ଥାନରେ ହୋଇଥିବା ଅଦିନିଆ ବର୍ଷାରେ ପିଆଜ ଫସଲରେ ପାଣି ପଶିଯାଇଛି। ତେଣୁ ଦର ବୃଦ୍ଧି ହୋଇଥିବା ବ୍ୟବସାୟୀମାନେ ମତ ଦେଇଛନ୍ତି।

# ବ୍ୟାଙ୍କ କର୍ମଚାରୀଙ୍କ ବିଶାଳ ବିକ୍ଷୋଭ

**ଭୁବନେଶ୍ୱର,୨୦।୨**

ଗତ ବଜେଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଦୁଇଟି ଜାତୀୟକରଣ ବ୍ୟାଙ୍କ ଏବଂ ଗୋଟିଏ ବୀମା କମ୍ପାନୀର ଘରୋଇକରଣ ପାଇଁ ପ୍ରସ୍ତାବ ଦେଇଛନ୍ତି। ଏହା ବିରୋଧରେ ସାରା ଦେଶରେ ୟୁନାଇଟେଡ୍ ଫୋରମ ଅଫ୍ ବ୍ୟାଙ୍କ ୟୁନିୟନ (ୟୁଏଫ୍‌ବିୟୁ) ପକ୍ଷରୁ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ସ୍ଥାନୀୟ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ବିକ୍ଷୋଭ କରାଯାଇଛି। ଓଡ଼ିଶା ଶାଖା ୟୁଏଫ୍‌ବିୟୁର ଆବାହକ ଆର୍.ପି. ଦାସଙ୍କ ଆହ୍ୱାନକ୍ରମେ ସର୍ବଭାରତୀୟ ବ୍ୟାଙ୍କ ଅଫିସର ମହାସଂଘର ଓଡ଼ିଶା ସଭାପତି ଦାମୋଦର ନନ୍ଦ, ଏଆଇବିଇଏଫ୍‌ର ସଞ୍ଜୀବ ପତି, ଏନ୍‌ସିବିଇର ଚକ୍ରଧର ମହାପାତ୍ର, ଏଆଇବିଓଏର ଅଜୟ ରାଉତରାୟ, ବିଇଏଫ୍‌ଆଇର ଅଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଏହା ବିରୋଧରେ ଉଦ୍‌ବୋଧନ ଦେଇଥିଲେ। ସେହିଭଳି କୌଣସି ପରିସ୍ଥିତିରେ ମଧ୍ୟ ଜାତୀୟକରଣ ବ୍ୟାଙ୍କଗୁଡିକୁ ଘରୋଇକରଣ କରିବା ପାଇଁ କାହାକୁ ବି ସୁଯୋଗ ଦିଆଯିବ ନାହିଁ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ବିଶେଷକରି ମାର୍ଚ୍ଚ ୧୫ ଓ ୧୬ରେ ୨ଦିନିଆ ଧର୍ମଘଟ ଓ ସଂସଦ ଚାଲ ଅଭିଯାନ ଉପରେ ଆଲୋକପାତ କରିଥିଲେ। ୟୁଏଫ୍‌ବିୟୁର ସମସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସବ୍ୟସାଚୀ ସ୍ୱାଇଁ, ପ୍ରମୋଦ ମେକାପ, ଅରୁଣ ବିଶୋଇ ଓ ଡିଏସ୍‌ପି ମିଶ୍ର ପ୍ରମୁଖ ଆହ୍ୱାନ ଦେଇଛନ୍ତି।




ଏସବିଆଇ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ।

# ବଢୁଛି ବିଟ୍ କଏନ୍ ନିବେଶ

**ନୂଆଦିଲ୍ଲୀ,୨୦।୨**



ବିଦେଶରେ ବିଟକଏନର ଚାହିଦା ଓ ମୂଲ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହାର ପ୍ରଭାବ ଏସିଆ ବଜାରରେ ଦେଖିବାକୁ ମିଳିଛି। ଏହି କଏନ ପ୍ରତି ଗ୍ରାହକଙ୍କର ଆକୃଷ୍ଟ ବଢ଼ିବାରେ ଲାଗିଛି। ଫଳରେ ଗତ ମାସରେ ଏସିଆରେ ଏହାର ମୋଟ୍ ନିବେଶ ୧ ଟ୍ରିଲିୟନ ବା ୧ ହଜାର କୋଟି ଡଲାର ବୃଦ୍ଧି ପାଇଥିବା ଜଣାପଡ଼ିଛି। ଶନିବାର ଏହି କ୍ରିପ୍ଟୋ କରେନ୍ସିବା ବିଟ୍‌କଏନ ଏକ ନୂଆ ରେକର୍ଡ ହାସଲ କରିଛି।

ବିଶ୍ୱର ସବୁଠାରୁ ଲୋକପ୍ରିୟ ତଥା ଲାଭବାନ ମୁଦ୍ରା କୁହାଯାଇଥିବା ଏହି କ୍ରିପ୍ଟୋ କରେନ୍ସି (ବିଟକଏନ୍) ୫୬,୬୨୦ ଡଲାର ଛୁଇଁଛି। ଯାହା ଏକ ରେକର୍ଡ ସ୍ତର ବୋଲି ନିବେଶକମାନେ ମତ ଦେଇଛନ୍ତି। ଗତ ସପ୍ତାହରେ ଏହାର ଦାମ୍ ପ୍ରାୟ ୧୮% ବୃଦ୍ଧି ପାଇଥିଲା। ଚଳିତ ବର୍ଷ ଏହାର ମୂଲ୍ୟ ଆହୁରି ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି। ବିଟକଏନ୍ ଏତେ ଲୋକପ୍ରିୟ ଓ ଲାଭବାନ ହେବାର କାରଣ ହେଉଛି ଏହା ପ୍ରତି ବଡ଼ ବଡ଼ ନିବେଶକ ଓ ପୁଞ୍ଜିପତିମାନେ ଆକୃଷ୍ଟ ହୋଇ ଏଥିରେ ନିବେଶ କରିଛନ୍ତି ଏପରିକି ଟେସଲା, ମାଷ୍ଟରକାର୍ଡ ଭଳି କମ୍ପାନୀ ଏଥିରେ କାରବାର କରୁଥିବା ସୂଚନା ମିଳିଛି। ବିଟକଏନ୍ ପରେ ଇଥିରିୟମର ମଧ୍ୟ ଚାହିଦା ବଢ଼ିଛି।

## ଲାଗୁ ହୋଇପାରେ ହ୍ୱାଟ୍ସଆପ୍‌ର ନୂଆ ନିୟମ

**ନୂଆଦିଲ୍ଲୀ,୨୦।୨:** ହ୍ୱାଟ୍ସଆପ୍‌କୁ ତା'ର ନୂଆ ଗୋପନୀୟତା ନୀତି ନେଇ ଭାରତରେ ତୀବ୍ର ବିରୋଧ କରାଯାଉଛି। ଏହି ଘଟଣାକୁ ନେଇ ସୁପ୍ରିମକୋର୍ଟରେ ମାମଲା ମଧ୍ୟ ହୋଇଛି। କମ୍ପାନୀ ନୂଆ ନିୟମ କାର୍ଯ୍ୟକାରୀ କରିବା ପାଇଁ ବାଟ ଖୋଜୁଛି। କମ୍ପାନୀ ଏହି ବିବାଦୀୟ ନୀତି ସମ୍ପର୍କରେ ବ୍ୟବହାରକାରୀମାନଙ୍କୁ ବାର୍ତ୍ତା ପଠାଇବ ଏବଂ ସେମାନଙ୍କୁ ଏହା ଗ୍ରହଣ କରିବା ପାଇଁ ଅନୁରୋଧ କରିସାରିଛି। ପୂର୍ବରୁ ଫେବୃୟାରୀ ୮ ତାରିଖ ମଧ୍ୟରେ ଏହି ନୂଆ ନିୟମକୁ ବ୍ୟବହାରକାରୀମାନେ ଗ୍ରହଣ ନ କରିଲେ ସେମାନଙ୍କୁ ନେଟ୍‌ୱାର୍କରୁ ବାଦ୍ ଦିଆଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଥିଲା। ଫଳରେ କମ୍ପାନୀ ଏହାକୁ କାର୍ଯ୍ୟକାରୀ କରିବା ତାରିଖ ମେ ୧୫ ପର୍ଯ୍ୟନ୍ତ ଘୁଞ୍ଚାଇ ଦେଇଛି।

# ୧୭ତମ ହୋମ ଆଣ୍ଡ ଡେକୋର ପ୍ରଦର୍ଶନୀ

**ଭୁବନେଶ୍ୱର,୨୦।୨**

## ଇଣ୍ଡିଆ ଇଣ୍ଟରନ୍ୟାଶନାଲ ମେଗା ଟ୍ରେଡ ଫେୟାର ଉଦଘାଟିତ



୧୭ତମ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ମେଗା ବାଣିଜ୍ୟମେଳା ଶନିବାର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମେଳାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ, ଏସ୍‌ବିଆଇର ସିଜିଏମ୍ ରୁମା ଦେ, କ୍ରେଡାଇ ଭୁବନେଶ୍ୱରର ସଭାପତି କାନ୍ତିଲାଲ ପଟେଲ ଏବଂ ସାଧାରଣ ସମ୍ପାଦକ ଉମେଶ ପଟ୍ଟନାୟକ, ବେଙ୍ଗଲ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ପ୍ରକାଶ ଶାହା, ଉତ୍କଳ ଚାମ୍ବର ଅଫ୍ କମର୍ସର ବ୍ରହ୍ମାନନ୍ଦ ମିଶ୍ର, ଜି.ଏସ୍. ମାର୍କେଟିଂ ଆସୋସିଏଶନର ସିଇଓ ସୁପର୍ଣ୍ଣ ଦତ୍ତା ଗପ୍ତା ପ୍ରମୁଖ ଉପସ୍ଥିତ ଥିଲେ। କ୍ରେଡାଇ ଭୁବନେଶ୍ୱର, ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି, ବେଙ୍ଗଲ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଏବଂ ଜି.ଏସ୍. ମାର୍କେଟିଂ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜନତା ମଇଦାନଠାରେ କ୍ରେଡାଇ ଭୁବନେଶ୍ୱର ହୋମ୍ ଆଣ୍ଡ ଡେକୋର ଏବଂ ଅନ୍ତର୍ଜାତୀୟ ମେଗା ବାଣିଜ୍ୟମେଳା ଆୟୋଜିତ ହୋଇଯାଇଛି। ଏହି ମେଳା ୧୯ ଫେବୃୟାରୀରୁ ମାର୍ଚ୍ଚ ୧ ପର୍ଯ୍ୟନ୍ତ ଚାଲିବ। ପ୍ରତିଦିନ ୧୨ଘଟିକାରୁ ରାତ୍ରି ୮ ଘଟିକା ପର୍ଯ୍ୟନ୍ତ ଏହି ମେଳା ଚାଲିବ।

କ୍ରେଡାଇ ଭୁବନେଶ୍ୱର ପ୍ରାୟୋଜିତ ହୋମ୍ ଆଣ୍ଡ ଡେକୋର ପ୍ରଦର୍ଶନୀରେ ବିଭିନ୍ନ ରିୟଲ ଇଷ୍ଟେଟ୍ ଡେଭଲପରସ୍ ସେମାନଙ୍କର ପ୍ରକଳ୍ପ ପ୍ରଦର୍ଶିତ କରିଛନ୍ତି। ଏହା ବ୍ୟତୀତ ରିୟଲ ଇଷ୍ଟେଟ୍ ସମ୍ବନ୍ଧିତ ସମସ୍ତ ଉପକରଣ କମ୍ପାନୀ ଏବଂ ବ୍ୟାଙ୍କ ଆଦି ମଧ୍ୟ ଏହି ପ୍ରଦର୍ଶନୀରେ ଭାଗ ନେଇଛନ୍ତି। ଚଳିତ ବର୍ଷ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ମେଗା ଟ୍ରେଡ୍ ଫେୟାରକୁ ୟୁସିସିଆଇ ସହଯୋଗିତାରେ ଆୟୋଜନ କରାଯାଇଛି ଏବଂ ସହଯୋଗୀ ଦେଶ ଭାବରେ ବାଂଲାଦେଶ, ଫୋକସ୍ ଦେଶ ଭାବେ ଆଫଗାନିସ୍ତାନ ଏବଂ ଇରାନ ରହିଛନ୍ତି। ବିହାର ସହଯୋଗୀ ରାଜ୍ୟ ହୋଇଥିବାବେଳେ ଆୟୋଜକ ରାଜ୍ୟ ହେଉଛି ଓଡ଼ିଶା। ଚଳିତବର୍ଷ ଏହି ଫେୟାରରେ ମୋଟ ୨୫୦ଟି ଷ୍ଟଲ ଏବଂ ୯ଟି ଦେଶ ଓ ଭାରତର ୧୯ଟି ରାଜ୍ୟ ଅଂଶଗ୍ରହଣ କରୁଛନ୍ତି। ଏହି ଫେୟାରରେ ପ୍ରବେଶ ଶୁଳ୍କ ୩୦ଟଙ୍କା ରହିଛି। ଏହି ମେଳାରେ ଘରୋଇ ଉପକରଣଠାରୁ ଆରମ୍ଭକରି ଅନ୍ତର୍ଜାତୀୟ ସ୍ତରର ୫୦ ହଜାର ପ୍ରକାର ଦ୍ରବ୍ୟ ପ୍ରଦର୍ଶିତ ହେଉଛି।


## ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ

**ବିଜ୍ଞପ୍ତି**

No. C-498: ରାଜ୍ୟ ପରିବେଶ ପ୍ରଭାବ ଆକଳନ ପ୍ରାଧିକରଣ (ଏସ୍‌ଇଆଇଏଏ) ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲାରେ ଅବସ୍ଥିତ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ ପ୍ରକଳ୍ପର "ଡେଭେଲପମେଣ୍ଟ ବିର୍ସା ମୁଣ୍ଡା ମଲ୍ଟି ପର୍ପୋଜ ସ୍ପୋର୍ଟସ କମ୍ପ୍ଲେକ୍ସ ୱିଥ୍ ଟ୍ରେନିଂ ଫେସିଲିଟି ଏଣ୍ଡ ମଲ୍ଟି ଲେବେଲ କାର ପାର୍କିଂ" ପାଇଁ ଆବଶ୍ୟକ ପରିସର ନିର୍ମାଣ କରିବା ନିମନ୍ତେ ପରିବେଶ ମଞ୍ଜୁରୀ ପ୍ରଦାନ କରିଛନ୍ତି।

ପରିବେଶ ମଞ୍ଜୁରୀର କପି ଏସଇଆଇଏଏ//୨୨୭/ତା୦୧।୦୨।୨୦୨୧ରିଖ ଏସ୍ଇଆଇଏଏ ନିକଟରେ ଉପଲବ୍ଧ ଏବଂ ୱେବ୍‌ସାଇଟ **https://environmentclearance.nic.in/**ରେ ଦେଖା ଯାଇପାରିବ।

ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ

## ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ

**ବିଜ୍ଞପ୍ତି**

ରାଜ୍ୟ ପରିବେଶ ପ୍ରଭାବ ଆକଳନ ପ୍ରାଧିକରଣ (ଏସ୍‌ଇଆଇଏଏ) ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲାରେ ଅବସ୍ଥିତ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ ପ୍ରକଳ୍ପର "ରାଉରକେଲା ୱାନ୍ (କମାଣ୍ଡ ଏଣ୍ଡ କଣ୍ଟ୍ରୋଲ ସେଣ୍ଟର, ଅଡିଟୋରିୟମ, କନ୍‌ଭେନସନ ସେଣ୍ଟର ଏଣ୍ଡ ଟ୍ରାଇବାଲ ମ୍ୟୁଜିୟମ)" ପାଇଁ ଆବଶ୍ୟକ ପରିସର ନିର୍ମାଣ କରିବା ନିମନ୍ତେ ପରିବେଶ ମଞ୍ଜୁରୀ ପ୍ରଦାନ କରିଛନ୍ତି।

ପରିବେଶ ମଞ୍ଜୁରୀର କପି ଏସଇଆଇଏଏ//୧୯୯/ତା୨୭।୦୧।୨୦୨୧ରିଖ ଏସ୍ଇଆଇଏଏ ନିକଟରେ ଉପଲବ୍ଧ ଏବଂ ୱେବ୍‌ସାଇଟ **https://environmentclearance.nic.in/**ରେ ଦେଖା ଯାଇପାରିବ।

ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ
OIPR-13080/11/0020/2021

## ODISHA PUBLIC SERVICE COMMISSION

**ADVERTISEMENT No. 09 of 2020-21**

**Recruitment to the Post of Medical Officers (Assistant Surgeon) in Group - A (Junior Branch) of the Odisha Medical & Health Services Cadre under Health & Family Welfare Department**

**Website: www.opsc.gov.in**

No. D-177: Online applications are invited from the prospective candidates through the proforma application to be made available on the website of the Commission **(http//:www.opsc.gov.in).** For recruitment to **2452** (Two thousand four hundred fifty two) posts of Medical Officers (Assistant Surgeon) in Group-A (Junior Branch) of odisha Medical & Health Services Cadre under Health & Family Welfare Department in the Pay Matrix of Level 12, Cell-1 of ORSP Rules, 2017 with usual Dearness and other allowances as may be sanctioned by the Government of Odisha from time to time.

**2. VACANCY POSITION:**

As per requisition filed by the Health & Family Welfare Department, Government of Odisha, out of total of 2452 (817-w) vacancies, 633 (211-w) vacancies are reserved for UR cateogy, 124 (41-w) vacancies are reserved for SEBC, 653 (218-w) vacancies are reserved for SC category, 1042 (347-w) vacancies are reserved for ST category, Also, 25 vacancies are for Sports persons and 98 (24-w) are for Persons with Disabilities.

**3. AGE:**

A candidate must have attained the age of 21 (twenty one) years and must not be above the age of 32 (thrity two) years as on the 1st day of January 2021 i.e. he/she must have been born not earlier than 2nd January, 1989 and not later than 1st January, 2000.

**4. EDUCATIONAL QUALIFICATION:**

A candidate must have possess a M.B.B.S. or equivalent Degree from a Medical College or Medical Institution recognised by the Medical Council of India.

**5. EXAMINATION FEE:**

A candidate is required to pay a non-refundable and non-adjustable fee of **Rs.500/- (Rupees five hundred)** only. Candidates belonging to Scheduled Caste and Scheduled Tribe of Odisha and persons with Disability (whose permanent disability is 40% and more) are exempted from payment of this fee.

**The link for registration/re-registration and payment of examination fees shall be available from 26.02.2021 to 25.03.2021 (Note: 06.04.2021 is the last date for submission of Registered Online Application).**

The candidates are advised to visit the website of the Commission at **http://opsc.gov.in for detailed information for applying to the above post.**

**Cuttack**
**Date: 19.02.21**

**Sd./- Secretary**
**Odisha Public Service Commission**
**Cuttack**
OIPR-12002/11/0077/2021

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER
## ANANDAPUR BARRAGE PROJECT, SALAPADA

(E-mail id: cceabp-eicwr.od@nic.in/loabp-eicwr.od@nic.in)

No.A-604:-

E-procurement Notice No.CCEABP-06 of 2020-21

| E-Procurement Officer | Name of the work | Bid Id No. | Tender cost in lakhs (Appx) | Bid security inlakh (Online) | Cost of document (Online) | Class of contractor | Period of completion | Availability of tender online for bidding From | To | Date of opening of technical bid (Cover-1) |
|---|---|---|---|---|---|---|---|---|---|---|
| Chief Construction Engineer A.B. Project, Salapada | Excavation of Salandi Left Main Canal (SLMC) from RD A45570 M to RD 49810 M including Construction of Structures, lining and Service Road. | ABP-Sono-01/6 of 2020-21 | 3691.00 | 36.91 | 10,000/- | Super class | 18 calendar months | 24.02.21 11.30 A.M. | 12.03.21 5.00 P.M. | 16.03.21 11.30 A.M. |

Further details can be seen from the Govt. website www.tendersorissa.gov.in./www.dowrodisha.gov.in. Addendum/corrigendum/cancellation if any required will be published in Govt. website only.

OIPR-32180/11/0005/2021 Sd./- Chief Construction Engineer, Anandapur Barrage Project, Salapada

## idco | ODISHA NEW OPPORTUNITIES — OFFICE OF THE DIVISIONAL HEAD (ELECTRICAL) IDCO, IDCO TOWER, BHUBANESWAR

TCN No. BBSR/ELECT/E-3760/04/16-17/417 Dated: 17.02.2021

No. CAD-1299 **NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work : Supply and delivery of 180KVA Silent type DG set for D-Block of Athletic-cum-Football Stadium inside Kalinga Stadium, Bhubaneswar

| Procurement Officer | Bid Identification No. | Availability of Tender Online for Bidding From | To |
|---|---|---|---|
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid Id No. BBSR/ ELECT/e-17/2021 | 23.02.2021 at 12.00 hrs. | 03.03.2021 at 17.00 hrs. |

Further details can be seen from the e-Procurement Portal: **www.tendersodisha.gov.in.** Corrigendum or Addendum if any will not be published in Newspapers and can be seen in e-Procurement portal as well as in IDCO website.

**Sd./- Divisional Head (Elect), IDCO, Bhubaneswar**
OIPR-14003/11/0131/2021

## GOVERNMENT OF ODISHA
## Office of the Executive Engineer, Kanupur Rehabilitation, Camps & Building Division,
AT/PO- Basudevpur, Dist.- Keonjhar, PIN-758047

**e-PROCUREMENT NOTICE** | **Bid Identification No. EE, KRC & BD-14/2020-21**

No. A-600:- Email- eekrcbdbasudevpur@gmail.com

| Sl. No. | Name of Work | Approx value of work. (Rs. in Lakh) | E.M.D./Bid Security in Rs. (To be remitted online) | Cost of Bid document in Rs. (To be remitted online) | Period of Completion | Class of Contractor | Name & address of the Division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Construction of Internal C.C. road with both side drain at R & R Colony over the newly acquired plot adjacent to plot No. 54/1220 at R & R Colony, Basudevpur, Phase-II of village Basudevpur of KIP" | 33.40 | 33,400.00 | 6,000.00 | 6 (Six) Calendar months | C & B | Kanupur Reh. Camps & Building Division, At/PO- Basudevpur, Dist.- Keonjhar |
| 02 | "Construction of Anganwadi Centre at R & R Colony, Basudevpur, Phase-II for the DPs of village Basudevpur, Rugudi & Gobindapur of KIP" | 15.39 | 15,400.00 | 6,000.00 | 6 (Six) Calendar months | D & C | -do- |
| 03 | "Construction of Community Centre at R & R Colony, Basudevpur, Phase-II for the DPs of village Basudevpur, Rugudi & Gobindapur of KIP" | 10.79 | 10,800.00 | 6,000.00 | 6 (Six) Calendar months | D & C | -do- |

| Procurement Officer | Bid Identification No. | Availability of Tender online for bidding From | To | Date & time of opening of tender Date | Time | Place of Opening |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Executive Engineer, Kanupur Reh, C. & B. Division, Basudevpur, Dist.- Keonjhar | EE, KRC & BD-14/2020-21 | 23.02.21 From 10.00 Hours | 10.03.21 Up to 17.00 Hours | 12.03.21 | 11.00 Hours | Office of the F.A. & C.A.O., Kanupur Irrigation Project, Keonjhar |

OIPR-32053/11/0007/2021 Sd./- Executive Engineer, Kanupur Reh, C. & B. Division, Basudevpur

## Odisha Tourism

Paryatan Bhawan, Lewis Road
Bhubaneswar-751014
Fax No. +91 674 2430887
E-mail: info@odishatourism.gov.in

ଓଡ଼ିଶା ସରକାର
ପର୍ଯ୍ୟଟନ ବିଭାଗ
Government of Odisha
Tourism Department

ODISHA INDIA'S BEST KEPT SECRET.
ଓଡ଼ିଶା ପର୍ଯ୍ୟଟନ
ପର୍ଯ୍ୟଟନ ଭବନ, ଲୁଇସ୍ ରୋଡ୍,
ଭୁବନେଶ୍ୱର - ୭୫୧୦୧୪

**No. 1920/TSM, Bhubaneswar,** **Dated 18.02.2021**
**TCT-COOD-MISC-0003-2021**

**REQUEST FOR PROPOSAL FOR SELECTION OF OPERATOR TO REFURBISH/ AUGMENT, OPERATE AND MAINTAIN CATAMARANS OF DEPT. OF TOURISM FOR TOURISM PURPOSE AT SELECTED WATER BODIES IN ODISHA**

**No. R-16:-** Department of Tourism (DoT) invites proposals from prospective applicants for **Selection of Operator to Refurbish/Augment, Operate and Maintain Catamarans of Dept. of Tourism for Tourism Purpose at selected water bodies in Odisha** in accordance with the conditions and manner prescribed in the Request for Proposal (RFP) document.

The Proposals should be submitted by interested parties to the Director Tourism, Paryatan Bhawan, Lewis Road, Bhubaneswar-751014 on or before 16.03.2021 upto 12.00 Hrs. The detail terms of RFP may be downloaded from our website: https://dot.odishatourism.gov.in/?q=tender. Corrigendum, if any, will be published on the same website on 22.02.2021

OIPR-37001/11/0035/2021 **Sd./- Director & Addl. Secretary to Govt.**



ହଲିଉଡ ଅଭିନେତ୍ରୀ ତଥା ଗାୟିକା ରିହାନା ୨୦ ଫେବୃୟାରୀରେ ତାଙ୍କ ଜନ୍ମଦିନ ପାଳିଛନ୍ତି। ରିହାନାଙ୍କ ପିଲାଦିନ ବେଶ୍ ସଂଘର୍ଷପୂର୍ଣ୍ଣ ଥିଲା। ଆର୍ଥିକ ସମସ୍ୟା ଯୋଗୁ ସେ ପିଲାଦିନରୁ କାମ କରିବା ଆରମ୍ଭ କରିଦେଇଥିଲେ। ବାପାଙ୍କ ସହ ମିଶି ରାସ୍ତା କଡ଼ରେ ପୋଷାକ ବିକ୍ରି କରୁଥିଲେ। ୧୪ ବର୍ଷର ହୋଇଥିବାବେଳେ ମା'ବାପାଙ୍କର ଛାଡପତ୍ର ହୋଇଥିଲା। କିନ୍ତୁ ଏବେ ରିହାନା ନିଜର ବୋଲ୍ଡ ଅନ୍ଦାଜ, ଫ୍ୟାଶନ ସେନ୍ସ ଏବଂ ଷ୍ଟାଇଲ ପାଇଁ ବେଶ ପରିଚିତ। ତାଙ୍କ ମ୍ୟୁଜିକ ପରଫର୍ମାନ୍ସ ଏବଂ କନସର୍ଟସ୍ ପାଇଁ ସେ ସମସ୍ତଙ୍କୁ ନିଜର ଦିବାନା କରିପାରିଛନ୍ତି। ରିହାନା ତାଙ୍କ କ୍ୟାରିୟରରେ ୯ ଥର ଗ୍ରାମୀ ଆୱାର୍ଡ ଜିତିଛନ୍ତି।



# ପ୍ରଦୂଷଣ ସଙ୍କଟରେ ସହର

**ମଣିଷକୁ ମୃତ୍ୟୁମୁହାଁ କରିବାରେ ଲାଗିଛି ବାୟୁ ପ୍ରଦୂଷଣ। ସୌଖୀନ ଜୀବନ ବଞ୍ଚିବା ଲୋଭରେ ପ୍ରକୃତିକୁ ନଷ୍ଟ କରି ଚାଲିଥିବା ମାନବ ସମାଜ ଏତେ ସବୁ ପରେ ବି ଚେତୁନି। ଫଳରେ କାଳ ହୋଇ ଉଭା ହୋଇଥିବା ପ୍ରଦୂଷଣ କବଳରେ ପଡିଲାଣି ଲକ୍ଷ ଲକ୍ଷ ଜୀବନ। ବିଶେଷ କରି ସହରବାସୀଙ୍କ ପାଇଁ ଏବେ ଏହା ବଡ଼ବିପଦ ଭାବେ ଉଭାହୋଇଛି। ଭାରତର ରାଜଧାନୀ ଦିଲ୍ଲୀ ପ୍ରଦୂଷଣ ଯୋଗୁ ସମଗ୍ର ବିଶ୍ୱରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ)ର ଏକ ସର୍ଭେ ଅନୁସାରେ କେବଳ ୨୦୨୦ରେ ଏଥିଯୋଗୁ ଦିଲ୍ଲୀରେ ୫୪ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଲାଣି। ଜୀବନଧାରଣ ପାଇଁ ଆବଶ୍ୟକ ବାୟୁର ମାନ ନିମ୍ନଗାମୀ ହେବା ସହ ସେଥିରେ ଅତିସୂକ୍ଷ୍ମ କଣିକାଙ୍କ ଉପସ୍ଥିତି ବୃଦ୍ଧି ଚିନ୍ତାଜନକ ହୋଇଛି। ଏପରି ସ୍ଥିତି ଜାରି ରହିଲେ ସୁସ୍ଥ ଜୀବନ ଧରି ଦୀର୍ଘ ଦିନ ବଞ୍ଚି ରହିବା କଷ୍ଟକର ହୋଇପଡ଼ିବ ବୋଲି ଡବ୍ଲ୍ୟୁଏଚ୍‌ଓ କହିଛି।**



**ନୂଆଦିଲ୍ଲୀ:** ମାତ୍ରାଧିକ ବାୟୁ ପ୍ରଦୂଷଣ ରାଜଧାନୀ ଦିଲ୍ଲୀରେ ଗତ ବର୍ଷ ୫୪ ହଜାରରୁ ଅଧିକ ଜୀବନ ନେଇଛି। ଦିଲ୍ଲୀ ବାୟୁରେ ଅତିସୂକ୍ଷ୍ମ କଣିକା ପର୍ଟିକୁଲେଟ ମ୍ୟାଟର (ପିଏମ୍ ୨.୫)ର ସ୍ତରର ବହୁଳ ମାତ୍ରାରେ ବୃଦ୍ଧି ଏହାର ମୁଖ୍ୟ କାରଣ ରହିଛି। ଏଥିଯୋଗୁ ଆକଳନଠାରୁ ୬ ଗୁଣା ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କୁହାଯାଇଛି। ଦିଲ୍ଲୀରେ ପ୍ରତି ୧୦ ଲକ୍ଷରେ ୧୮ଶହ ଜଣଙ୍କ ମୃତ୍ୟୁ ଘଟିଥିବା ଏୟାର ଇଣ୍ଡେକ୍ସ କ୍ୱାଲିଟି (ଆଇକ୍ୟୁଏୟାର) ଡାଟା ଅନୁସାରେ ଗ୍ରୀନ ସ୍ପେସ୍ ସାଉଥଇଷ୍ଟ ଏସିଆ

## ଦିଲ୍ଲୀ ବିଶ୍ୱରେ ସର୍ବାଧିକ ପ୍ରଦୂଷିତ

## ବର୍ଷକରେ ୫୪ ହଜାର ମୃତ୍ୟୁ

ଆନାଲିସିସ୍‌ରୁ ଜଣାଯାଇଛି। ଏହି ସଂଖ୍ୟା ସମଗ୍ର ବିଶ୍ୱରେ ସର୍ବାଧିକ ଏବଂ ଏହା ବେଶ୍ ଚିନ୍ତାର ବିଷୟ ବୋଲି ଡବ୍ଲ୍ୟୁଏଚ୍‌ଓ କହିଛି। ସେହିପରି ମୁମ୍ବାଇରେ ଗତ ବର୍ଷ ୨୫ ହଜାର ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଦେଶର ଅନ୍ୟ ସହରଗୁଡ଼ିକ ମଧ ପ୍ରଦୂଷଣଜନିତ ମୃତ୍ୟୁ ଆଡ଼କୁ ମୁହାଁଇଛନ୍ତି। ବେଙ୍ଗାଲୁରୁରେ ୧୨ ହଜାର, ଚେନ୍ନାଇରେ ୧୧ ହଜାର, ହାଇଦ୍ରାବାଦରେ ୧୧ ହଜାର ଏବଂ ଲକ୍ଷ୍ନୌରେ ୬୭୦୦ ଜଣଙ୍କ ମୃତ୍ୟୁ ଘଟିସାରିଥିବାରୁ ଏହି ସହରଗୁଡ଼ିକ ମଧ ପ୍ରଦୂଷଣଜନିତ ମୃତ୍ୟୁ ଦୌଡ଼ରେ ସାମିଲ ହୋଇଛନ୍ତି। ସମଗ୍ର ବିଶ୍ୱରେ ପ୍ରଦୂଷଣ ରାକ୍ଷସ ୧ ଲକ୍ଷ ୬୦ ହଜାର ଜୀବନ ନେଇସାରିଛି। ଏଥିରେ ଦିଲ୍ଲୀ ସର୍ବାଗ୍ରେ ଥିବାବେଳେ ଦ୍ୱିତୀୟରେ ମେକ୍ସିକୋ ସିଟି, ସାଓ ପାଓଲ ତୃତୀୟ, ସାଂଘାଇ ଚତୁର୍ଥ ଏବଂ ପଞ୍ଚମରେ ଟୋକିଓ ସହର ରହିଛି। ଏହି କାରଣରୁ ଦିନକୁ ଦିନ କ୍ୟାନ୍ସର, ହାର୍ଟ ଷ୍ଟ୍ରୋକ୍, ଆଜ୍‌ମା ଭଳି ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜିବା ସହ ଏହା ଜୀବନ ନାଶକ ପାଲଟୁଛି। କୋଭିଡ୍-୧୯ରେ ଆକ୍ରାନ୍ତ ବ୍ୟକ୍ତିଙ୍କ ପାଇଁ ଏହା ବିପଜ୍ଜନକ ବୋଲି ଗ୍ରୀନ ସ୍ପେସ୍ ଇଣ୍ଡିଆର କ୍ଲାଇମେଟ କ୍ୟାମ୍ପେନର ଅଭିନାଶ ଚଞ୍ଚଲ କହିଛନ୍ତି। ଅଧ୍ୟୟନ ଅନୁଯାୟୀ ଦିଲ୍ଲୀରେ ମୃତ୍ୟୁ ସଂଖ୍ୟା ଆକଳନଠାରୁ ୬ ଗୁଣା ଅଧିକ ରହିଛି। ଫଳରେ ଏହି ସହର ବାୟୁ ପ୍ରଦୂଷଣ ଜନିତ ୫୮ ହଜାର ୮୯୫ କୋଟି ଟଙ୍କାର ଆର୍ଥିକ କ୍ଷତି ସହିଛି, ଯାହା କି ଦିଲ୍ଲୀର ବାର୍ଷିକ ମୋଟ ଘରୋଇ ଉତ୍ପାଦ(ଜିଡିପି)ର ୧୩ ପ୍ରତିଶତ। ଜୀବାଶ୍ମ ଇନ୍ଧନ ବ୍ୟବହାର କମାଇବା ଓ ପୁନଃବ୍ୟବହାର ଯୋଗ୍ୟ ଶକ୍ତିର ସନ୍ଧାନ କରି ଏହାକୁ କାମରେ ଲଗାଇବା ଉପରେ ଗୁରୁତ୍ୱ ଦିଆଯାଇଛି।

# ମୌସୁମୀକୁ ୨୭୦ ଲକ୍ଷ ବର୍ଷ

**ନୂଆଦିଲ୍ଲୀ:** ଭାରତୀୟ ମୌସୁମୀର ବିବର୍ତ୍ତନ ନେଇ ସମ୍ପୂର୍ଣ୍ଣ ଭାବରେ କୌଣସି ତଥ୍ୟ ମିଳି ପାରିନାହିଁ। ଏହାର ଉତ୍ପତ୍ତି ସ୍ଥିତିର ତୀବ୍ରତା କିପରି ସମ୍ଭବ ହେଉଛି ତାହାର ଡିକୋଡିଂ ବୈଜ୍ଞାନିକମାନେ ବର୍ତ୍ତମାନ ସୁଦ୍ଧା କରିନାହାନ୍ତି। ସମୟ ସହିତ ଏହା କିପରି ବଦଳିଛି ତାହାର ମଧ ବିସ୍ତୃତ ଓ ଉପଯୋଗୀ ସୂଚନା ମଧ ସଂରକ୍ଷିତ ହୋଇ ନାହିଁ। ବଙ୍ଗୋପ ସାଗରର ପଙ୍କ କାଦୁଅର ବିଶ୍ଳେଷଣରୁ ଜଣାପଡ଼ିଛି ଯେ, ଭାରତୀୟ ମୌସୁମୀ ୨୭୦ ଲକ୍ଷ ବର୍ଷ ପୁରୁଣା। ପୂର୍ବ ଅଧ୍ୟୟନଗୁଡ଼ିକରେ ଭାରତୀୟ ମୌସୁମୀ ୧୨୦ ଲକ୍ଷ ବର୍ଷ ପୁରୁଣା ବୋଲି ଦର୍ଶାଯାଇଥିଲା। ଗବେଷକମାନେ ସେତେବେଳେ ବଣ, ଜଙ୍ଗଲ ତଥା ପବନରୁ ମିଳିଥିବା ଡାଟା ଆଧାରରେ ଏହି ରିପୋର୍ଟ ପ୍ରକାଶ କରିଥିଲେ। ତେବେ ସେମାନେ ମୌସୁମୀ ତୀବ୍ରତାର ସ୍ପଷ୍ଟ ରୂପରେଖ ଜାଣି ପାରି ନ ଥିଲେ। ଲକ୍ଷ୍ନୌର ବୀରବଲ ସାହାଣୀ ପାଲେଣ୍ଟୋଲୋଜ ଇନଷ୍ଟିଚ୍ୟୁଟର ସାଜିଦ ଅଲ୍ଲୀ କହିଛନ୍ତି ଯେ, ବଙ୍ଗୋପସାଗର କୂଳର ସ୍ତରୀଭୂତ ଶିଳା ଏବଂ ପଙ୍କ କାଦୁଅର ପରିବର୍ତ୍ତନ ମୌସୁମୀ ସହିତ ସିଧାସଳଖ ଜଡିତ। ସେହିପରି ମାଟିତଳେ ଥିବା ଖଣିଜ ପଦାର୍ଥର ଉପସ୍ଥିତି ମୌସୁମୀର ତୀବ୍ରତା ଉପରେ ନିର୍ଭର କରିଥାଏ। ମୌସୁମୀ ଶକ୍ତିଶାଳୀ ଏବଂ ଦୁର୍ବଳ ହେବା ଉପରେ ବିଭିନ୍ନ ଖଣିଜ ପଦାର୍ଥର ସୃଷ୍ଟିକୁ ପ୍ରଭାବିତ ହୋଇଥାଏ। ଏହି ଅଧ୍ୟୟନ ପାଇଁ ଏହି ରିପୋର୍ଟ 'ପାଲୋଓସେନୋଗ୍ରାଫି ଏବଂ ପାଲୋକ୍ଲାଇମାଟୋଲୋଜି' ପତ୍ରିକା ୱିଲିରେ ପ୍ରକାଶିତ ହେବ। ଏଥିରେ ଜାପାନର ଆନ୍ତର୍ଜାତୀୟ ମହାସାଗର ଉପକୂଳରୁ ସଂଗୃହୀତ ହୋଇଥିବା ୩୮ଟି ପଙ୍କ କାଦୁଅ ନମୁନା ରହିଛି। ଗବେଷକମାନେ ପ୍ଲାନକଟନର ନାନୋ ଜୀବାଶ୍ମ ଅଧ୍ୟୟନ କରିଥିଲେ। ଏସବୁ ୨୭୦ ଲକ୍ଷ ବର୍ଷ ପୁରୁଣା ବୋଲି ଜଣାପଡ଼ିଥିବା ଅଲ୍ଲୀ ସ୍ପଷ୍ଟ କରିଛନ୍ତି।




# ୪ ଅନାଥ କନ୍ୟାଙ୍କୁ ପାଳିବେ ସୋନୁ



**ମୁମ୍ବାଇ:** ବଲିଉଡ ଅଭିନେତା ସୋନୁ ସୁଦ ଏବେ ଅଭିନୟ ବ୍ୟତୀତ ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରି ସାରିଛନ୍ତି । ଏବେ ସେ ଗରିବ ଓ ଅସହାୟଙ୍କ ପାଇଁ ଦେବଦୂତ ସାଜିଛନ୍ତି। କରୋନା ମହାମାରୀ ଲକ ଡାଉନ ପରଠାରୁ ସେ ଲୋକଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସି ଉଦାହରଣ ପାଲଟି ଯାଇଛନ୍ତି। ନିକଟରେ ଉତ୍ତରାଖଣ୍ଡର ଚାମୋଲିରେ ହିମସ୍ଖଳନରେ ପ୍ରାଣ ହରାଇଥିବା ଗୋଟିଏ ପରିବାରର ୪ କନ୍ୟା ସନ୍ତାନଙ୍କୁ ସେ ପୋଷ୍ୟ ଭାବେ ଗ୍ରହଣ କରିବେ ବୋଲି ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ, ଚାମୋଲି ହିମସ୍ଖଳନରେ ଟିହରି ଜିଲାର ଆଲମ ସିଂ ପଣ୍ଡିର ନାମକ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିଲା। ସେ ପେଶାରେ ଜଣେ ଇଲେକ୍ଟ୍ରିସିଆନ ଥିଲେ। ସେ ଏକ ଟନେଲରେ କାମ କରୁଥିଲେ। ତେବେ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହେବା ପରଠାରୁ ଏବେ ତାଙ୍କର ୪ ଝିଅ ଏକ ପ୍ରକାର ବେସାହାରା ହୋଇ ଯାଇଛନ୍ତି । ଏହା ଜାଣିବା ପରେ ସୋନୁ ଏହି ୪ କନ୍ୟାଙ୍କୁ ପୋଷ୍ୟଭାବେ ଗ୍ରହଣ କରି ସେମାନଙ୍କର ପାଠପଢାଠାରୁ ଆରମ୍ଭ କରି ବିବାହ ପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ତାଙ୍କ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି। ନିକଟରେ ଏକ ୱେବସାଇଟକୁ ଦେଇଥିବା ଏକ ସାକ୍ଷାତକାରରେ ସେ କହିଥିଲେ ଲୋକଙ୍କ ବିପଦ ସମୟରେ ସମସ୍ତେ ଆଗେଇ ଆସିବା ଉଚିତ ।

# ୮୭ ଟଙ୍କାରେ ରାଜମହଲ ବିକ୍ରି



**ବର୍ଲିନ:** ବର୍ଲିନର ଜଣେ ରାଜକୁମାର ୧୩୫ କୋଠରୀ ବିଶିଷ୍ଟ ଏକ ରାଜମହଲକୁ ମାତ୍ର ୮୭ ଟଙ୍କାରେ ବିକି ଦେବାରୁ ରାଜା ପୁଅ ନାଁରେ କେସ କରିଛନ୍ତି। ଜର୍ମାନ ସହରର ହନୋଭରର ରାଜା ଅର୍ନଷ୍ଟ ଅଗଷ୍ଟ ନିଜର ୧୩୫ କୋଠରୀ ବିଶିଷ୍ଟ 'ମ୍ୟାରିନବର୍ଗ' ମହଲକୁ ୨୦୦୦ ମସିହାରେ ରାଜକୁମାର ଅର୍ନଷ୍ଟ ଅଗଷ୍ଟ ଜୁନିୟରଙ୍କୁ ହସ୍ତାନ୍ତର କରିଥିଲେ। ଅଗଷ୍ଟ ଜୁନିୟର ୨୦୧୮ରେ ଏହି ମହଲକୁ ବିକ୍ରି କରିବା ପାଇଁ ଘୋଷଣା କରିଥିଲେ। ବର୍ତ୍ତମାନ ଏହି ମହଲକୁ ସେ ମାତ୍ର ୮୭ ଟଙ୍କାରେ ବିକ୍ରି କରି ଦେଇଛନ୍ତି। ସେ କହିଛନ୍ତି, ଏହି ମହଲରର ମରାମତି ପାଇଁ ୨୩ ମିଲିୟନ ପାଉଣ୍ଡର ଆବଶ୍ୟକ, ଯାହା ତାଙ୍କ ନିକଟରେ ନାହିଁ। ତେଣୁ ସେ ଏହାକୁ ବିକିବାକୁ ବାଧ ହେଲେ। ଅନ୍ୟପକ୍ଷରେ ରାଜା ରାଜକୁମାରଙ୍କ ଏପରି କାରବାର ଦେଖି ଅଷ୍ଟ୍ରିଆର ଏକ ଲଜ୍‌ରେ ରହୁଛନ୍ତି। ତାଙ୍କୁ ଆର୍ଥିକ ସହାୟତା ମଧ ପୁଅ ଦେଉନାହାନ୍ତି। ଏନେଇ ସେ ରାଜକୁମାରଙ୍କ ନାଁରେ ମାମଲା ରୁଜୁ କରିଛନ୍ତି। ରାଜକୁମାର ଅର୍ନଷ୍ଟ ଅଗଷ୍ଟ ବ୍ରିଟେନର ରାଣୀ ଏଲିଜାବେଥଙ୍କ ଦୂର ସମ୍ପର୍କୀୟ କାକା ପୁଅ ଭାଇ ଅଟନ୍ତି।

# ଲାଞ୍ଜରେ ଚୁମ୍ବନ ନେଲା ପୋଲିସ

**ଲିମା:** କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ବିଶ୍ୱରେ ଅନେକ କଟକଣା ଲଗାଯାଇଛି। ସେଥିରୁ ଗୋଟିଏ ହେଲା ଘରୁ ବାହାରକୁ ଗଲେ ମାସ୍କର ବ୍ୟବହାର। ହେଲେ କିଛି ଲୋକ ମାସ୍କ ପିନ୍ଧିବାକୁ ଭୁଲିଯାଇଥାନ୍ତି। ଏଥିପାଇଁ ତାଙ୍କୁ ଜରିମାନା ଦେବାକୁ ପଡ଼ିଥାଏ। ଏଭଳି ଏକ ଘଟଣାକ୍ରମରେ ପେରୁର ଜଣେ ମହିଳା କୋଭିଡ-୧୯ ନିୟମ ଉଲ୍ଲଂଘନ କରି ଦଣ୍ଡ ଗଣିଥିଲେ। ହେଲେ ଏଥିପାଇଁ ପୋଲିସକର୍ମୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଘଟଣାଟି ହେଉଛି ଏପରି। ପେରୁର ରାଜଧାନୀ ଲିମାର ମିରାଫ୍ଲୋର୍ସ ବୋଡବାକ ଅଞ୍ଚଳର ଜଣେ ମହିଳା କୋଭିଡ ନିୟମ ଉଲ୍ଲଂଘନ କରିଥିଲେ। ଏହାଦେଖି ଜଣେ ପୋଲିସ କର୍ମୀ ତାଙ୍କୁ ଅଟକାଇଥିଲେ। ପରେ ତାଙ୍କୁ ଛାଡ଼ି ଦେଇଥିଲେ। ଏହା ବଦଳରେ ଜରିମାନା ସ୍ୱରୂପ ମହିଳାଜଣଙ୍କ ପୋଲିସକର୍ମୀଙ୍କୁ ଚୁମ୍ବନ ଦେଇଥିଲେ। ଘଟଣାର ଏକ ଭିଡିଓ ଭାଇରାଲ ହେବା ପରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ପୋଲିସକର୍ମୀଙ୍କୁ ନିଲମ୍ବନ କରାଯାଇଥିବା ଜଣାପଡ଼ିଛି।

ଭେକାମି ବିହନ ବିକ୍ରି ହେବ
ପିଏଲ୍: 10ରୁ 12, ପିପିଟି: 0ରୁ 30
ଦର: 0.25 ପଇସା | ବୋନସ୍: 60%
ଶ୍ରୀ ପୁରୀ ଜଗନ୍ନାଥ ହ୍ୟାଚେରୀ
ସି.ଏ.ଏ. ଅନୁମୋଦିତ
ଟୁନି ଉପକୂଳ, ଶ୍ରୀରାମପୁରମ୍ (ଭି), ୟୁ.କୋଠାପାଲ୍ଲୀ (ଏମ୍), ପୂର୍ବ ଗୋଦାବରୀ ଜିଲ୍ଲା, ପିନ୍‌କୋଡ୍: 533449
ପି. ରାମୁ (ଏମ୍.ଡି.)
ଫୋନ୍: 98481 40024, 99857 99998

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9810472786
8800979262

(Registration Free) Govt. Approved
Indus Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଖେତରେ ସବୁ କମ୍ପାନୀର 3G/4G Digital ଟାୱାର ଲଗାନ୍ତୁ ଏବଂ ପାଆନ୍ତୁ
ଆଡ୍‌ଭାନ୍ସ 70 ଲକ୍ଷ
ଭଡ଼ା: 60,000
+ ଅନ୍ୟାନ୍ୟ ସୁବିଧା
କାମ ଆମର, ବିଶ୍ୱାସ ଆପଣଙ୍କର
ଠକମାନଙ୍କ ପ୍ରତି ସାବଧାନ
09473850463
08278034293

GALAXY TOWER
ପ୍ରଥମଥର ଓଡିଶାରେ ଏମିତି ଅଫର
ନିଜର ଖାଲିଥିବା ଜମି ଓ ଛାତ Plot ରେ ଟାୱର 4G/5G ବସାଇ
ଅଗ୍ରୀମ 60,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ + ଚାକିରୀ ପାଆନ୍ତୁ
Bansal Tower B Wing, Bangalore , Karnataka-400021.
9485687401
8901064681

PADMAJA FINANCE
ସରକାର ଯୋଜନା ଦ୍ୱାରା ନିଜର ପ୍ରପର୍ଟି, ବ୍ୟକ୍ତିଗତ, ମାର୍କସିଟ୍, ଗୃହରଣ, କୃଷି, ଗାଈ ଓ କୁକୁଡ଼ା ପାଳନ ଆଦି ସମସ୍ତ ପ୍ରକାର LOAN 2% ସୁଧରେ ଘରେ ବସି ପାଆନ୍ତୁ।
Mob.-9437921472
7656825049
LAHANDA, BARGARH

M (GROUP)
Finance Company
ଆପଣଙ୍କ ପାଇଁ ଋଣ
ବ୍ୟବସାୟ ଋଣ, ସାଲାରି ସ୍ଲିପ୍ ଋଣ, ମାର୍କଶିଟ୍ ଋଣ
ମାତ୍ର 5% ସୁଧରେ
ମହିଳାଙ୍କ ପାଇଁ 40% ଛାଡ଼
8895358521
8895357605

ବିଶ୍ୱ ପ୍ରସିଦ୍ଧ ତାନ୍ତ୍ରିକ ବାବାଙ୍କର ଖୋଲା ଚ୍ୟାଲେଞ୍ଜ
୨ଘଣ୍ଟା ମଧରେ ଗ୍ୟାରେଣ୍ଟି ସମାଧାନ
୨,୮୮,୩୭୪ ପ୍ରକାର ସମସ୍ୟାର ସଫଳ ସମାଧାନ
ତାନ୍ତ୍ରିକ ବାବା ଆଲାମ ଖାନ
9773820765
ସଉତୁଣୀ, ଶତ୍ରୁମୁକ୍ତି, ଲଭ୍ ମ୍ୟାରେଜ୍, ଯାଦୁକରଣ, ହଜି ଯାଇଥିବା ପ୍ରେମକୁ ଫେରିପାଇବା । କଳାଯାଦୁ, ବଶୀକରଣ ସମସ୍ୟାର ଗୁପ୍ତ ସମାଧାନ । କୌଣସି ପଣ୍ଡିତ, ତାନ୍ତ୍ରିକ, ଅଘୋରୀ, କାମକୁ କାଟିପାରିବେ ତେବେ ତାଙ୍କୁ ବାବା ଆଲମ ଖାନଙ୍କ ତରଫରୁ ପୁରସ୍କାର ।
Address : ରାମ ମନ୍ଦିର ନିକଟରେ
9910560681

ଟାୱାର ବସାଇ ମାସିକ ଘରେ ବସି ଟଙ୍କା କମାନ୍ତୁ
Hindusthan Tower
India's No.1 Tower Co. (Govt. Approved)
ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ଉଚ୍ଚ କ୍ୱାଲିଟିର 4G/5G ମଲ୍ଟିମିଡିଆ ମୋବାଇଲ ଟାୱାର ଲଗାନ୍ତୁ
T&C
ଆଡଭାନ୍ସ: 90 ଲକ୍ଷ
ଭଡ଼ା: 45 ହଜାର
ଟାୱାରର ରକ୍ଷଣାବେକ୍ଷଣ ପାଇଁ 2 ଜଣଙ୍କୁ ଠିକା ଦିଅନ୍ତୁ
କମ୍ପାନୀ ତରଫରୁ ବୋଲେରୋ + କୋର୍ଟ ଏଗ୍ରିମେଣ୍ଟ
75896-04782

ALL EDITION - B/W
(Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰କେଦାରନାଥ ପଟ୍ଟନାୟକ
ଏମ୍-ଆଇ-ଜି-୭୫, ଅନନ୍ତ ବିହାର, ଫେଜ୍-୨, ପୋଖରୀପୁଟ, ଭୁବନେଶ୍ୱର
ଆବିର୍ଭାବ: ୦୩.୦୩.୧୯୩୪
ତିରୋଧାନ: ୦୩.୦୨.୨୦୨୦
(ମାଘ ମାସ ଶୁକ୍ଳପକ୍ଷ ନବମୀ ତିଥି)
ଆପଣଙ୍କର ଅନାବିଳ ସ୍ନେହ ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ସତ୍ୟନିଷ୍ଠା ଓ ପରୋପକାରିତା ଆମପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣାର ବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ।
-: ଇତି ଆପଣଙ୍କ :-
ବନ୍ଧୁ ଏବଂ ପରିବାରବର୍ଗ
ଧ-୨୦୦୦୭

# ନ୍ୟାୟ: ଦି ଜଷ୍ଟିସ୍‌ର ଶୁଟିଂ ଶେଷ

**ମୁମ୍ବାଇ:** ବଲିଉଡ ଅଭିନେତା ସ୍ୱର୍ଗତ ସୁଶାନ୍ତ ସିଂ ରାଜପୁତଙ୍କ ଜୀବନୀ ଉପରେ ଆଧାରିତ ଫିଲ୍ମ 'ନ୍ୟାୟ: ଦି ଜଷ୍ଟିସ୍'ର ଶୁଟିଂ ଶେଷ ହୋଇଛି । ଦିଲୀପ ଗୁଲାଟିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ମୁଖ୍ୟ ଭୂମିକାରେ ନଜର ଆସିବେ ଜୁବେର ଖାଁ ଓ ଶ୍ରେୟା ଶୁକ୍ଲା । ଏଥିରେ ସୁଶାନ୍ତଙ୍କ ଜୀବନର ସିକ୍ରେଟ ଷ୍ଟୋରୀକୁ ଉପସ୍ଥାପନ କରାଯିବ ବୋଲି ଜଣାପଡିଛି । ଆସନ୍ତା ଏପ୍ରିଲରେ ଏହା ରିଲିଜ ହେବାର ଯୋଜନା ରହିଛି । ଜୁବେର ସୁଶାନ୍ତଙ୍କ ଭୂମିକାରେ ନଜର ଆସୁଥିବା ବେଳେ ଶ୍ରେୟା ଅପୋଜିଟ ରିୟା ଚକ୍ରବର୍ତ୍ତୀଙ୍କ ଭୂମିକାରେ ନଜର ଆସିବେ । ଏଥିରେ ଉଭୟ ସୁଶାନ୍ତ ଓ ରିୟାଙ୍କ ଜୀବନୀ ଏବଂ ସେମାନଙ୍କ ରିଲେସନଶିପକୁ ଦେଖାଯିବ ବୋଲି କୁହାଯାଉଛି । ନିକଟରେ ଜୁବେର ଦେଇଥିବା ଏକ ସାକ୍ଷାତକାରରେ କହିଛନ୍ତି, ଫିଲ୍ମ ସୁଶାନ୍ତ ଓ ରିୟାଙ୍କ କେମେଷ୍ଟ୍ରି ଓ ବଣ୍ଡିଂ ଉପରେ ଆଧାରିତ । ଜୁବେଦ ସୁଶାନ୍ତଙ୍କୁ ୨୦୧୫ ମସିହାରୁ ଜାଣିଥିଲେ ଯେତେବେଳେ ସେ ମାର୍ଶାଲ ଆର୍ଟ ଟ୍ରେନିଂ ନେଉଥିଲେ । ଏହାପରେ ସେ ଧାରାବାହିକ 'ପବିତ୍ର ରିସ୍ତା'ରେ ମୁଖ୍ୟ ଭୂମିକାରେ ଅଭିନୟ ବି କରୁଥିଲେ । ଏବେ ଜୁବେର ସୁଶାନ୍ତଙ୍କ ଚରିତ୍ରରେ ଅଭିନୟ କରୁଥିବାରୁ ନିଜକୁ ଭାଗ୍ୟବାନ ବୋଲି ମନେ କରନ୍ତି । ଯଦିଓ କିଛିଦିନ ହେବ ସେ ସୁଶାନ୍ତଙ୍କ ସମ୍ପର୍କରେ ସେ ନ ଥିଲେ ତଥାପି ୫ ବର୍ଷ ପୂର୍ବେ ସେ ତାଙ୍କୁ ଭଲଭାବେ ଜାଣିଥିବା ପ୍ରକାଶ କରିଛନ୍ତି । ଏହା ସୁଶାନ୍ତଙ୍କ ପ୍ରତି ତାଙ୍କର ଶ୍ରଦ୍ଧାଞ୍ଜଳି ବୋଲି ଜୁବେର କହିଛନ୍ତି ।



## ଫିଲ୍ମରେ ସୁଶାନ୍ତଙ୍କ ସିକ୍ରେଟ ଷ୍ଟୋରି



ଯେଉଁ ଜାତିର ଭାଷାପ୍ରୀତି ଯେତେ ଅଧିକ, ସେ ଜାତି ସେତିକି ସମୃଦ୍ଧ। ଆଉ ଯେଉଁ ରାଜ୍ୟର ମାତୃଭାଷା ଯେତେ ପ୍ରଗତି କରିଛି, ସେ ରାଜ୍ୟ ସେତେ ଉନ୍ନତ। ଆଜି ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ ଆମ ମାତୃଭାଷା ଓଡ଼ିଆର ପ୍ରଚାର ପ୍ରସାରକୁ ନେଇ ଆମେ କେତେ ଯତ୍ନଶୀଳ ଏହାକୁ ନେଇ ବିଶେଷ ଉପସ୍ଥାପନା...

# ମୋ ଓଡ଼ିଆ ଭାରି ବଢ଼ିଆ

## ମାତୃଭାଷାର ଉନ୍ନତି ଲାଗି ଯୁବପିଢିଙ୍କୁ ଆହ୍ୱାନ



**ସ୍ୱ**ଭାବ କବି ଗଙ୍ଗାଧର ମେହେର ଲେଖିଛନ୍ତି,
ମାତୃଭୂମି ମାତୃଭାଷାରେ ମମତା,
ଯା' ହୃଦେ ଜନମି ନାହିଁ।
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ?

ଆମ ମାତୃଭାଷାର ଟେକ ରଖିବା ପ୍ରତିଟି ଓଡ଼ିଆର କର୍ତ୍ତବ୍ୟ। କାରଣ ଓଡ଼ିଆ ଜାତି ବଞ୍ଚିଲେ ଭାଷା ବଞ୍ଚିବ, ଭାଷା ବଞ୍ଚିଲେ ରାଷ୍ଟ୍ର ବଞ୍ଚିବ। ଯେଉଁ ରାଜ୍ୟର ମାତୃଭାଷା ଯେତେ ପ୍ରଗତି କରିଛି ସେ ରାଜ୍ୟ ସେତେ ଉନ୍ନତ। ତେବେ ଅତ୍ୟନ୍ତ ଦୁଃଖର ବିଷୟ, ବର୍ତ୍ତମାନର ନୂଆ ପିଢି ବିଶେଷକରି ଯୁବପିଢି ନିଜ ମାତୃଭାଷାଠୁ ବିମୁଖ ହେଉଛନ୍ତି। ତେଣୁ ଆମେ ଓଡିଶା ସରକାରଙ୍କ ପକ୍ଷରୁ ଉତ୍କଳ ସମ୍ମିଳନୀ ଗଠନ କରି ରାଜ୍ୟର ପ୍ରତ୍ୟେକ ସ୍କୁଲ୍‌ରେ ସମସ୍ତେ କିପରି ଓଡିଆ ଶିଖିବେ, ପଢିବେ ଏବଂ ଲେଖିବେ ସେଥିପ୍ରତି ଗୁରୁତ୍ୱ ଦେଉଛୁ। ଆମ ସମ୍ମିଳନୀର ୩୦ଟି ଶାଖାରେ ଥିବା ସଦସ୍ୟମାନେ ଭାଷା ଆନ୍ଦୋଳନ ଜାରି ରଖିଛୁ। ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଛତିଶଗଡ଼ରେ ଥିବା ଓଡ଼ିଆମାନେ କିପରି ନିଜ ମାତୃଭାଷା ଶିଖିପାରିବେ ସେନେଇ ଆମ ରାଜ୍ୟ ସରକାରଙ୍କ ପକ୍ଷରୁ ସେଠାରେ ପ୍ରାୟ ୭୦୦ଟି ଓଡ଼ିଆ ସ୍କୁଲ୍ ଖୋଲାଯାଇଛି। ଆମେ ସେଠାକୁ ଯାଇ ଓଡିଆମାନଙ୍କୁ ଉକ୍ତ ସ୍କୁଲ୍‌ରେ ପିଲାଙ୍କୁ ନାମ ଲେଖାଇବା ଏବଂ ଭବିଷ୍ୟତରେ ଏହାର ବିଭିନ୍ନ ସୁବିଧା ସମ୍ପର୍କରେ ସୂଚନା ଦେଉଛୁ। ସେହିପରି ଆମ ରାଜ୍ୟରେ ଥିବା ସମସ୍ତ ସ୍କୁଲ୍ କଲେଜରେ ଅନ୍ତତଃ ଗୋଟିଏ ଓଡିଆ ସବ୍‌ଜେକ୍ଟ ରଖିବା ଲାଗି ଦାବି କରୁଛୁ। ଓଡିଆ ଭାଷାର ଉନ୍ନତି ଲାଗି ସମସ୍ତ ଦୋକାନ ବଜାର ଆଦି ସ୍ଥାନରେ ହେଉ ଅବା ଗାଡିର ନମ୍ବରପ୍ଲେଟ୍‌ରେ କିପରି ଇଂରାଜୀ ନାଁ ସହିତ ଓଡ଼ିଆ ଲେଖା ବାଧ୍ୟତାମୂଳକ ହେବ ସେଥିପ୍ରତି ସଚେତନତା ସୃଷ୍ଟି କରୁଛୁ। ସରକାର ଓଡିଆ ଭାଷାକୁ ଅଧିକରୁ ଅଧିକ ପ୍ରସାର କରିବା ଲାଗି ସମସ୍ତ ସରକାରୀ ନଥିପତ୍ରକୁ ଓଡିଆ ଭାଷାରେ ଲେଖିବା ଲାଗି ନିୟମ ଲାଗୁ କରୁଛନ୍ତି। ସରକାର ଯଦି ଏତେସବୁ ପଦକ୍ଷେପ ନେଇପାରୁଛନ୍ତି, ତେବେ ଆମ ମାତୃଭାଷାକୁ ବଞ୍ଚାଇବା ଲାଗି ଏଥିରେ ସହଯୋଗ କରିବା ଜଣେ ଓଡିଆ ଭାବେ ଆମର ଦାୟିତ୍ୱ ନୁହେଁ କି ? ତେବେ ଆମ ମାତୃଭାଷାର ଉନ୍ନତି ଲାଗି ଭାଷା ଆନ୍ଦୋଳନକୁ ଅଧିକ ପ୍ରସାର କରିବା ଉଦ୍ଦେଶ୍ୟରେ ଅଧିକରୁ ଅଧିକ ଯୁବପିଢିଙ୍କୁ ଏଥିରେ ସାମିଲ ହେବାକୁ ଆହ୍ୱାନ କରୁଛୁ।

– **ଉଷାରାଣୀ ମହାନ୍ତି**(ଉପସଭାପତି, ଉତ୍କଳ ସମ୍ମିଳନୀ)

## ମାତୃଭାଷା ଆମ ପରିଚୟ

**ବ**ର୍ତ୍ତମାନ ସମୟରେ ଯୁବପିଢିଙ୍କ ଭିତରେ ଭାଷାପ୍ରତି ବିତୃଷ୍ଣାଭାବ ବେଶ୍ ପରିଲକ୍ଷିତ ହେଉଛି । ନିଜ ମୁହଁରେ



ନିଜ ମାତୃଭାଷାକୁ ନିନ୍ଦିବା ସହ ଅନ୍ୟଭାଷାର ଗୁଣ ବଖାଣିବା ଦେଖିବାକୁ ମିଳୁଛି ।ଅନ୍ୟଭାଷାକୁ ଭଲଭାବେ ନଜାଣି ସୀମିତ ଜ୍ଞାନରେ ନିଜ ମାତୃଭାଷାକୁ ନିନ୍ଦା କରିବା ଅଶିକ୍ଷିତର ପରିଚୟ ଦିଏ। ଯଦିଓ ସମୟ ସହ ବିଭିନ୍ନ ଭାଷାର ଆବଶ୍ୟକତା ରହିଛି, ହେଲେ ଏହାର ଅର୍ଥ ନୁହେଁ ନିଜ ମାତୃଭାଷାକୁ ନୀଚ ଦୃଷ୍ଟିରେ ଦେଖିବା। ଯୁବପିଢିଙ୍କର ମାତୃଭାଷା ପ୍ରତି ବିମୁଖତା ଶିକ୍ଷା କ୍ଷେତ୍ରରେ ମଧ ପ୍ରଭାବ ପକାଉଛି। ଏହାଦ୍ୱାରା ଶିକ୍ଷିତ ସମାଜ ପାଇଁ ବହୁ କ୍ଷତିସାଧନ କରିବା ସହ ନିଜର ପରିଚୟକୁ ହଜେଇଦେବା ନିଶ୍ଚିତ। ତେଣୁ ଯେ କୌଣସି ଭାଷାକୁ ଆପଣେଇଲେ ମଧ ନିଜ ମାତୃଭାଷାର ମହତ୍ତ୍ୱକୁ ବୁଝିବା ଉଚିତ। କାରଣ ନିଜର ମାତୃଭାଷା ସବୁବେଳେ ବ୍ୟକ୍ତିର ପରିଚୟକୁ ବହନ କରିଥାଏ ।

– **ସିପୁନ୍ ଜେନା**(ଶିକ୍ଷକ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନିମବାହାଳି, ଢେଙ୍କାନାଳ)

## ମାତୃଭାଷାକୁ ଉପେକ୍ଷା ଆତ୍ମଘାତୀ

**ଭା**ଷା ହିଁ ମାଆର ମାନ। ଭାଷା ହିଁ ଜାତିର ପ୍ରାଣ। ଜାତିର ଟେକ ଓ ଭେକ ହେଉଛି ମାତୃଭାଷା। ସେଥିପାଇଁ ତ କବି ଲେଖିଛନ୍ତି–

ମାତା ମାତୃଭାଷା ମାତୃଭୂମି ତିନି
ସ୍ୱର୍ଗୁ ଗରୀୟସୀ ଚଉବର୍ଗ ଦାୟିନୀ



ଯେଉଁ ଜାତିର ଭାଷାପ୍ରୀତି ଯେତେ ଅଧିକ, ସେ ଜାତି ସେତିକି ସମୃଦ୍ଧ ଓ ମହିମାନ୍ୱିତ। ସବୁଠୁ ସହଜ ବୋଧଗମ୍ୟ ଅମୃତ ଭାଷା ହେଉଛି ମାତୃଭାଷା। ଏହା ପ୍ରତି ଅଭିମାନ ନ ରହିଲେ ଜାତିର ଅସ୍ମିତା ପ୍ରତି ବିପଦ ଦେଖାଦିଏ। ଆଜିର ଦିନରେ ସାମାଜିକ ଗଣମାଧ୍ୟମର ଦ୍ରୁତ ଚାହିଦା ସାଙ୍ଗକୁ ଯୁବପିଢିଙ୍କର ମାତୃଭାଷା ପ୍ରତି ଅନାଦାରଫଭାବ ଓଡ଼ିଆ ଭାଷା ପ୍ରତି ଅନେକ ଆହ୍ୱାନ ସୃଷ୍ଟି କରିଛି। ମହୁର ମଧୁରତାକୁ ମ୍ୟାଲେରିଆ ରୋଗୀ ନ ଜାଣି ପାରିବା ଭଳି ଜଣେ ଓଡ଼ିଆ ହୋଇ ନିଜ ମାତୃଭାଷା ପରି ଶାସ୍ତ୍ରୀୟ ଓ ମହନୀୟ ଭାଷା ପ୍ରତି ବିମୁଖ ହେବାଟା ସୂଚାଇଥାଏ ଆମ ରୋଗାକ୍ରାନ୍ତ ମାନସିକତାକୁ। କେବଳ ଏତିକି ନୁହେଁ ନିଜ ମାତୃଭାଷାକୁ ଉପେକ୍ଷା କରିବା ଏକପ୍ରକାର ଆତ୍ମଘାତୀ କାର୍ଯ୍ୟ ସଦୃଶ। ତେଣୁ ଯେତେ ଯେତେ ଅଧିକରୁ ଅଧିକ ଏହାକୁ ଆୟତ୍ତ କରିବା ସେତେ ଭଲ। ଯେମିତି ଆମେ ନିଜେ ନ ଚାହିଁଲେ କେହି ଆମକୁ ରକ୍ଷା କରିପାରିବେ ନାହିଁ କି ନିଜେ ନ ଚାହିଁଲେ କେହି ଆମକୁ ନଷ୍ଟ କରି ପାରିବେ ନାହିଁ, ଠିକ୍ ସେମିତି ମାତୃଭାଷା ବଞ୍ଚାଇ ରଖିବା ଏବଂ ଏହାର ଉନ୍ନତି କରିବା ବି ଆମ ଉପରେ ନିର୍ଭର କରେ। ଆମ ଯୁବପିଢି ଏକଥା ବୁଝିବା ଦରକାର।

– **ଉପେନ୍ଦ୍ର ବିଶ୍ୱାଳ** (କବି, ସ୍ତମ୍ଭକାର, ବାଲେଶ୍ୱର)

## ମାତୃଭାଷାର ଉନ୍ନତିରେ ଜାତିର ଉନ୍ନତି

ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ଆଗେ ନିଜ ମାତୃଭାଷା।



**ମା**ତୃଭାଷାର ପ୍ରଚାର ପ୍ରସାର କରିବା, ଏହାକୁ ସମ୍ମାନ ଦେବା ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ। ଓଡିଆ ଆମର ମାତୃଭାଷା, ହେଲେ ଆଜିର ଆଧୁନିକ ଯୁଗରେ ନିଜ ମାତୃଭାଷାର ସ୍ଥାନ ନୀଚତର ହୋଇଯାଉଛି। ଅନେକେ ଜୀବନଶୈଳୀ ପରିବର୍ତ୍ତନରେ ମାତୃଭାଷାକୁ ବି ପରିବର୍ତ୍ତନ କରିବାକୁ ପଛାଉନାହାନ୍ତି। ଅଧିକାଂଶ ସ୍ଥାନରେ ବିଶେଷକରି ସ୍କୁଲ୍ କଲେଜ ପିଲାମାନେ ହିନ୍ଦୀ, ଇଂରାଜୀରେ କଥା ହେବାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ହେଲେ ଯେ ଯାଏଁ ବ୍ୟକ୍ତି ନିଜ ମାତୃଭାଷାକୁ ସମ୍ମାନ ଦେଇ ନ ଜାଣିବେ, ସେ ଯାଏ ଏ ସମାଜରେ ପ୍ରତ୍ୟେକ ବ୍ୟକ୍ତି ମୂର୍ଖରେ ପରିଗଣିତ ହେବେ। ପୁଣ୍ୟଭୂମି ଓଡିଶାରେ ପଣ୍ଡିତ ଗୋପବନ୍ଧୁ ଦାସ, ମଧୁସୂଦନ ଦାସଙ୍କ ଭଳି ମହାପୁରୁଷଙ୍କ ତ୍ୟାଗ ବଳିଦାନ ଅବିସ୍ମରଣୀୟ। ହେଲେ ଆଧୁନିକ ପିଢିର ବ୍ୟକ୍ତି ବିଶେଷ ମହାପୁରୁଷଙ୍କ ସଂଘର୍ଷ ଓ ବଳିଦାନକୁ ଭୁଲି ଆଧୁନିକତା ଶୈଳୀରେ ବଞ୍ଚିବାକୁ ବେଶି ପସନ୍ଦ କରୁଛି ।ପ୍ରତ୍ୟେକ ବ୍ୟକ୍ତି ଇଂରାଜୀ କହିବାକୁ ଅଧିକ ପସନ୍ଦ କରୁଛି । ମାତ୍ର ମନୁଷ୍ୟ ଭାବର ସ୍ୱାଭାବିକ ପ୍ରକାଶ ପାଇଁ ମାତୃଭାଷା ହିଁ ଏକମାତ୍ର ପ୍ରୟୋଜନ। ତେଣୁ ମାତୃଭାଷାର ଉନ୍ନତି ହେଲେ ଜାତିର ଉନ୍ନତି ହେବ।

– **ପ୍ରୀତିପ୍ରିୟା ବାରିକ** (ଏମ୍.ଏ ଛାତ୍ରୀ, ପୁରୁଣାବଜାର, ଭଦ୍ରକ)

## ମାତୃଭାଷାକୁ ସମ୍ମାନ ଦେବା ଆମ କର୍ତ୍ତବ୍ୟ



**ମା**'କୁ ଭଲପାଇବା ପରି ନିଜ ମାଟି ଓ ମାତୃଭାଷାକୁ ଭଲପାଇବା– ପ୍ରତ୍ୟେକ ଓଡ଼ିଆ ଏହାକୁ ମର୍ମେ ମର୍ମେ ଅନୁଭବ କରିବା ହିଁ ଗୋଟିଏ ସୁଯୋଗ୍ୟ ସନ୍ତାନର କର୍ତ୍ତବ୍ୟ। ହେଲେ ଆଜିର ଦିନରେ ଶିକ୍ଷା ଅର୍ଥ ଉପାର୍ଜନ ସର୍ବସ୍ୱ ହୋଇଥିବାରୁ, ମାତୃଭାଷା ବ୍ୟବସ୍ଥା ଭିତରେ ଯୁବପିଢିର ବୃତ୍ତିଗତ ଜୀବନରେ ଅଂଶବିଶେଷ ହୋଇପାରୁନାହିଁ। ଯେଉଁଥିପାଇଁ ଯୁବପିଢି ମାତୃଭାଷାଠାରୁ ମୁହଁ ଫେରାଉଥିବା ଦେଖିବାକୁ ମିଳୁଛି। ତେବେ ଆଜିର ଏହି ଅତ୍ୟାଧୁନିକ ଜୀବନ ଜିଉଥିବା ମଣିଷକୁ କେବେଳ ଭାବ ଓ ସାବଲୀଳ ମଣିଷ କରାଇଥାଏ ମାତୃଭାଷା। ଏଣୁ ଯୁବପିଢି ମାତୃଭାଷାକୁ ଭଲ ନ ପାଇଲେ ଆଗାମୀ ଦିନରେ ସମାଜ ଓ ମାତୃଭାଷା ଉଭୟେ ନିଜର ସତ୍ତାକୁ ସୁରକ୍ଷିତ ରଖିବା ପାଇଁ ସଂଘର୍ଷ କରିବେ ସିନା କ୍ଷତି ହିଁ କେବଳ ଆମର ହିଁ ହେବ। ତେଣୁ ଯୁବଶକ୍ତିଙ୍କ କାନ୍ଧ ଆମ ମାତୃଭାଷା, ଆମ ସମାଜ, ଆମ ଭବିଷ୍ୟତକୁ ବହନ କରି ସୁସ୍ଥ, ସୁନ୍ଦର, ସ୍ୱପ୍ନିଳ ଓ ମଧୁର କରି ତୋଳୁ ଏହାହିଁ ଆଜିର ଦିନରେ କାମନା।

– **ଅବନୀ କୁମାର ମିଶ୍ର**
(ସଂସାଧନ ସଦସ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା)

ଉପସ୍ଥାପନା: **ପୌର୍ଣ୍ଣମାସୀ**

### ଯୁଥ୍ କ୍ଲବ

# ଓଡ଼ିଆ ପରମ୍ପରାକୁ ବଞ୍ଚାଇବାର ପ୍ରତିଶ୍ରୁତି

**ଅ**ତୀତର ଗୌରବମୟ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ଓଡ଼ିଆଙ୍କ ମନରେ ଭରିଦିଏ ଅଫୁରନ୍ତ ଆନନ୍ଦ । ସେହି କଳା, ସଂସ୍କୃତି ଓ ପରମ୍ପରାକୁ ବୋଇତ ବନ୍ଦାଣ ଉତ୍ସବ ମାଧ୍ୟମରେ ଲୋକଲୋଚନକୁ ଆଣିବାର ପ୍ରୟାସ ଜାରି ରଖିଛି ଏକ ଯୁଥ କ୍ଲବ। ଏହାର ନାମ ହେଉଛି ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ମାଣଦ୍ରୀଠାରେ ଥିବା ବାବା କଖାରୁଆ ବୈଦ୍ୟନାଥ ଯୁଥ୍ କ୍ଲବ୍ (ବିକେବି ଯୁଥ୍ କ୍ଲବ) । ୨୦୧୨ରେ ମାତ୍ର ୧୫ ଜଣ ସଦସ୍ୟଙ୍କୁ ନେଇ ଗଢ଼ି ଉଠିଥିବା ଯୁଥ କ୍ଲବର ବର୍ତ୍ତମାନ ସଦସ୍ୟ ସଂଖ୍ୟା ୧୭୦ । ସମାଜର ଉନ୍ନତି ପାଇଁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରିବାଠୁ ଆରମ୍ଭ କରି ପ୍ରତିଟି କ୍ଷେତ୍ରରେ ପରୋପକାର ମାଧ୍ୟମରେ ନିଜକୁ ଧନ୍ୟ ମଣିପାରିଥିବା ପ୍ରକାଶ କରନ୍ତି ଏହି କ୍ଲବ୍‌ର ସଦସ୍ୟମାନେ । ସେମାନେ ଜିଲାସ୍ତରୀୟ ବୋଇତ ବନ୍ଦାଣ ଉତ୍ସବ ମାଧ୍ୟମରେ ପରମ୍ପରାକୁ ମନେପକାଇବା ସହ ଆଖପାଖ ଅଞ୍ଚଳରେ ରହିଥିବା କୁନି କୁନି ପ୍ରତିଭାମାନଙ୍କୁ ନେଇ କଳା ପ୍ରଦର୍ଶନ ଜାରି ରଖିଛନ୍ତି । ଜିଲାର କୋଣ ଅନୁକୋଣରୁ କଳାକାରମାନଙ୍କୁ ଏହି ଉତ୍ସବରେ ଯୋଗଦେଇ ନିଜର କଳାକୃତିକୁ ପ୍ରଦର୍ଶନ କରିବାର ସୁଯୋଗ ଦେଉଛନ୍ତି। ସେହିପରି ଉତ୍ତର ଓଡ଼ିଶାର ପ୍ରସିଦ୍ଧ ମାଣଦ୍ରୀରେ ହେଉଥିବା ଜାଗରମେଳାକୁ ପରିଷ୍କାର ପରିଚ୍ଛନ୍ନ କରିବା ସହିତ ଗାଁଗଣ୍ଡା, ବଜାର ଅଞ୍ଚଳକୁ ସ୍ୱଚ୍ଛତା କରି ଆଗନ୍ତୁକ ପର୍ଯ୍ୟଟକଙ୍କୁ ସଚେତନତାର ବାର୍ତ୍ତା ଯୋଗାଇଥାନ୍ତି । ଅନ୍ୟପକ୍ଷେ ବର୍ଷକୁ ଦୁଇ ଥର ରକ୍ତଦାନ ଶିବିର, ସବୁଜ ସୁନ୍ଦର ପରିବେଶ ପାଇଁ ବୃକ୍ଷରୋପଣ, ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାରକୁ ବିରୋଧ କରିବା, ଗରିବ ଓ ଅସହାୟଙ୍କୁ ସାହାଯ୍ୟ ସହଯୋଗ କରିବା, ବନ୍ୟା ବାତ୍ୟା ସମୟରେ ଲୋକଙ୍କୁ ଉଦ୍ଧାର କରିବା ଆଦି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି ଏହି କ୍ଲବ୍‌ର ସଦସ୍ୟମାନେ। ଜାତୀୟ ଦିବସରେ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ କୃତି ପ୍ରତିଭା ଚୟନ, ଶିକ୍ଷା କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିବା, ବାଲ୍ୟ ବିବାହକୁ ବନ୍ଦ କରିବା ସହିତ ସୁସ୍ଥ ରହିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ ନିମନ୍ତେ ଲୋକମାନଙ୍କୁ ସଚେତନ କରୁଛନ୍ତି । କ୍ଲବର ସଦସ୍ୟମାନେ କରୋନା ସମୟରେ କୋଭିଡ୍-୧୯ ନିୟମକୁ ମାନି ସତର୍କ ଓ ସୁରକ୍ଷିତ ରହିବା ଲାଗି ଜନସାଧାରଣଙ୍କୁ ସଚେତନ କରାଉଛନ୍ତି। ଗ୍ରାମାଞ୍ଚଳରେ ଲୋପ ପାଇଯାଉଥିବା ଖେଳକୁ ମଧ ବଞ୍ଚଇ ରଖିବାକୁ ଉଦ୍ୟମ ଜାରି ରଖିଛନ୍ତି । ଏନେଇ କ୍ଲବର ସଭାପତି ଜ୍ୟୋତି ପ୍ରକାଶ ପଣ୍ଡା ଓ ସମ୍ପାଦକ ଅଜିତ କୁମାର ପଣ୍ଡା କୁହନ୍ତି, କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟ କ୍ଷେତ୍ରରେ ମୟୂରଭଞ୍ଜ ଜିଲା ସର୍ବାଗ୍ରେ ରହିଥିବା ବେଳେ ବିଶ୍ୱ ଦରବାରରେ ପ୍ରସିଦ୍ଧି ଲାଭ କରିଛି। ଏହାକୁ ଉଜ୍ଜୀବିତ ରଖିବା ହେଉଛି ପ୍ରତ୍ୟେକ ଓଡ଼ିଆଙ୍କ କର୍ମ । ସ୍ୱଚ୍ଛତା ଓ ପରୋପକାରକୁ କ୍ଲବର ସଦସ୍ୟମାନେ ବିଶେଷ ଗୁରୁତ୍ୱ ଦେଇଥାଆନ୍ତି। ସମାଜସେବା ସହିତ ପ୍ରକୃତିର ସୁରକ୍ଷା ଓ ପରମ୍ପରାକୁ ବଞ୍ଚାଇବା ପାଇଁ କ୍ଲବର ସଦସ୍ୟମାନେ ପ୍ରତିଶ୍ରୁତିବଦ୍ଧ ବୋଲି କ୍ଲବର ସଦସ୍ୟମାନେ ପ୍ରକାଶ କରନ୍ତି।




ଅତିଥିମାନଙ୍କ ଗହଣରେ କ୍ଲବର ସଦସ୍ୟମାନେ।

– **ନୀଳାଦ୍ରି ବିହାରୀ ଦଣ୍ଡପାଟ**

## ଏ ସପ୍ତାହର ପ୍ରଶ୍ନ

୧– ବୈଜ୍ଞାନିକ.......... ଙ୍କ ଜନ୍ମବାର୍ଷିକୀକୁ ନ୍ୟାଶନାଲ୍ କ୍ୟାନ୍‌ସର ଆୱାରନେସ୍ ଡେ' ଭାବେ ପାଳନ କରାଯାଏ ?
୨– ଭାରତର ପ୍ରଥମ ବାୟୋ ଗ୍ୟାସ୍ ବସ୍ ଚଳାଚଳ ସର୍ବପ୍ରଥମେ......... ସହରରେ ଆରମ୍ଭ କରାଗଲା ?
୩– ଦୁଇରୁ ଅଧିକ ସନ୍ତାନ ଥିବା ବ୍ୟକ୍ତିଙ୍କୁ ସରକାରୀ ଚାକିରି ମନା ହୋଇଥିବା ରାଜ୍ୟ.......... ?
୪– 'ଟେନ୍ ଷ୍ଟଡିଜ୍ ଇନ୍ କଶ୍ମୀର: : ହିଷ୍ଟ୍ରି ଆଣ୍ଡ ପଲିଟିକସ୍' ପୁସ୍ତକର ଲେଖକ......... ?
୫– ଡିଏସ୍‌ସିଆଇର ଫୁଲ୍‌ଫର୍ମ ............ ?

## ଗତ ଥରର ଉତ୍ତର

୧ ବାହାରିନ୍
୨ ଶ୍ରମ ମନ୍ତ୍ରଣାଳୟ
୩ ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ
୪ ଦଲାଇଲାମା
୫ ପେରୁ ଏବଂ ବଲଭିଆ

## ଉତ୍ତରଦାତା



ସଚଳା ରଥ, ପୁରୀ



ପିଙ୍କୁଲ୍ ଦାସ, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ବଡ଼ ଫିଲ୍ମ ନିର୍ମାଣ କରୁଥିବା ଦେଶ




୧– ୟୁନିଭର୍ସାଲ୍ ପିକ୍‌ଚର୍ସ.................ୟୁନିଭର୍ସାଲ ସିଟି, କାଲିଫର୍ନିଆ, ଆମେରିକା
୨– ୱରନର ବ୍ରୋଜ୍........................ ବର୍‌ବ୍ୟାଙ୍କ୍, କାଲିଫର୍ନିଆ, ଆମେରିକା
୩– କଲମ୍ବିଆ ପିକ୍ଚର୍ସ........................ ଲସ୍‌ଏଞ୍ଜେଲ୍ସ, କାଲିଫର୍ନିଆ, ଆମେରିକା
୪– ୱାଲ୍ଟ ଡିଜ୍‌ନୀ ପିକ୍ଚର୍ସ..................... ବର୍‌ବ୍ୟାଙ୍କ୍, କାଲିଫର୍ନିଆ, ଆମେରିକା
୫– ମାର୍ଭଲ୍ ଷ୍ଟୁଡିଓସ୍.......................... ବର୍‌ବ୍ୟାଙ୍କ୍, କାଲିଫର୍ନିଆ, ଆମେରିକା
୬– ପାରାମାଉଣ୍ଟ ପିକ୍ଚର୍ସ......................... ହଲିଉଡ୍, କାଲିଫର୍ନିଆ, ଆମେରିକା
୭– ୨୦ତମ ସେଞ୍ଚୁରୀ ଷ୍ଟୁଡିଓସ୍............. ଲସ୍‌ଏଞ୍ଜେଲ୍ସ, କାଲିଫର୍ନିଆ, ଆମେରିକା
୮– ର୍‍ୟାଟ୍‌ପ୍ୟାକ୍–ଡ୍ୟୁନ୍ ଏଣ୍ଟରଟେନ୍‌ମେଣ୍ଟ...ଲସ୍‌ଏଞ୍ଜେଲ୍ସ, କାଲିଫର୍ନିଆ, ଆମେରିକା
୯– ଲେଜେଣ୍ଡାରି ଏଣ୍ଟରଟେନ୍‌ମେଣ୍ଟ......... ବର୍‌ବ୍ୟାଙ୍କ୍, କାଲିଫର୍ନିଆ, ଆମେରିକା
୧୦– ରିଲେଟିଭିଟି ମିଡିଆ.................. ବେଭେର୍ଲି ହିଲ୍ସ, କାଲିଫର୍ନିଆ, ଆମେରିକା

### ଜାଣନ୍ତୁ ଦୁନିଆ

## ରୋବୋ କହୁଛି ୪୭ ପ୍ରକାର ଭାଷା



**ଆଇଆଇଟି ବମ୍ବେ କ୍ୟାମ୍ପସ୍ ମଧ୍ୟରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଦୀନେଶ ପଟେଲ୍ ଏକ ରୋବୋ ତିଆରି କରିଛନ୍ତି, ଯାହାକି ଦେଶ ବିଦେଶର ୪୭ଟି ଭାଷାରେ କଥା ହୋଇପାରିବ। ଜାଣିବା ଏ ସମ୍ପର୍କରେ କିଛି ତଥ୍ୟ...**

- ଚୁଡ଼ିଦାର ପିନ୍ଧି ଏକ ନାରୀ ଭଳି ଦେଖାଯାଉଥିବା ଏହି ରୋବଟ୍‌ଟିର ନାମ ସେ ରଖିଛନ୍ତି ସାଲୁ।
- ଏହି ରୋବଟ୍ ହିନ୍ଦୀ, ମରାଠୀ, ଭୋଜପୁରୀ, ବଙ୍ଗଳା, ମାଲାୟାଲମ୍ ଭଳି ୯ଟି ଭାରତୀୟ ଭାଷା ସମେତ ଇଂରାଜୀ, ଜାପାନୀ, ଜର୍ମାନ, ଫ୍ରେଞ୍ଚ୍ ଭଳି ୩୮ଟି ବିଦେଶୀ ଭାଷାରେ କଥା ହୋଇପାରିବ ବରଂ ହ୍ୟାଣ୍ଡସେକ୍, ରାଗିବା, ହସିବା, ବିରକ୍ତ ହେବା ଭଳି ଭାବଭଙ୍ଗୀ ମଧ ଦେଇପାରିବ।
- ଏହାର ନିର୍ମାତା ଦୀନେଶ କୁହନ୍ତି, ଏହି ରୋବଟ୍‌ଟି ସମ୍ପୂର୍ଣ୍ଣ ମେଡ୍ ଇନ୍ ଇଣ୍ଡିଆ ଅର୍ଥାତ୍ ଏହାକୁ ପ୍ରସ୍ତୁତ କରିବା ଲାଗି ଆବଶ୍ୟକ ସମସ୍ତ ଉପକରଣ ଭାରତରୁ ହିଁ କିଣାଯାଇଛି। ଏହାକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରିବା ଲାଗି ତିନି ବର୍ଷ ସମୟ ଲାଗିଥିଲା।
- ମଣିଷଙ୍କ ଭଳି ଏହି ରୋବଟ୍ ସାଲୁ ମଧ ଲୋକଙ୍କୁ ଚିହ୍ନିପାରିବା ସହ ସେମାନଙ୍କ ନାମ ମନେ ରଖିପାରେ।
- କେବଳ ଏତିକି ନୁହେଁ, ସାଲୁ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ନାମ ସହିତ ବିଭିନ୍ନ ପ୍ରସିଦ୍ଧ ସ୍ଥାନ ଏବଂ ଅନେକ ସାଧାରଣ ପ୍ରଶ୍ନର ଉତ୍ତର ମଧ ଦେଇପାରେ। ଇତିହାସ ଏବଂ ଭୂଗୋଳକୁ ନେଇ ମଧ ସେ ବିଭିନ୍ନ ପ୍ରଶ୍ନ ଉତ୍ତର ଦେଇପାରେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୬ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ରବିବାର, ୨୧ ଫେବୃୟାରୀ, ୨୦୨୧ Berhampur, Sunday, February 21/2021

# ରାଉରକେଲା, ବାଲେଶ୍ୱର ବିଜୟୀ


ସାଇଦୀପ୍


ସୁଶୀଲ


ସୁଭାସ


ଆଶୀର୍ବାଦ

## ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ

**ଭୁବନେଶ୍ୱର, ୨୦।୨(ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ୪ଟି ସୁପରଲିଗ୍ କଟକ ଓ ଭୁବନେଶ୍ୱରର ବିଭିନ୍ନ ପଡ଼ିଆରେ ଶନିବାର ଖେଳାଯାଇଛି। ଏହି ମ୍ୟାଚ୍‌ଗୁଡ଼ିକରେ ରାଉରକେଲା, ଭୁବନେଶ୍ୱର ବି, ବାଲେଶ୍ୱର ଓ କଟକ ଏ ବିଜୟ ହାସଲ କରିଛନ୍ତି।

### ଭୁବନେଶ୍ୱର ଏ'ର ବୃହତ୍ ପରାଜୟ

କଟକର ବୋଷ ଗ୍ରାଉଣ୍ଡରେ ଟୁର୍ନାମେଣ୍ଟର ୨୯ତମ ମ୍ୟାଚ୍‌ରେ କଟକ ଏ' ୯୯ ରନରେ ଭୁବନେଶ୍ୱର ଏ'କୁ ପରାସ୍ତ କରିଛି। ଟସ ହାରି କଟକ ଏ' ପ୍ରଥମେ ବ୍ୟାଟିଂ କରି ୪୯.୫ ଓଭରରେ ୨୦୬ ରନକରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ସାଇଦୀପ ମହାପାତ୍ର ୯୩ ରନ କରିଥିବା ବେଳେ ବୋଲିଂରେ ଭୁବନେଶ୍ୱର ଏ' ତରଫରୁ ସମ୍ପିତ ବରାଳ ୩ ଓ ଶୁଭମ୍ ଶ୍ରୀ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଭୁବନେଶ୍ୱର ଏ' ୨୯.୪ ଓଭରରେ ୧୦୭ ରନ କରି ଅଲଆଉଟ ହେବା ସହ ପରାସ୍ତ ହୋଇଥିଲା। ସମ୍ପିତ ୩୨ ରନ କରିଥିବା ବେଳେ କଟକ ଏ' ତରଫରୁ ସାଇଦୀପ ୪ ଓ ମହମ୍ମଦ ଏନ. ଖାନ ୨ ଉଇକେଟ ନେଇଥିଲେ।

### ୬ ଉଇକେଟରେ ହାରିଲା ଭଦ୍ରକ

ସ୍ଥାନୀୟ ଟାଉନ କ୍ଲବ ଗ୍ରାଉଣ୍ଡରେ ଟୁର୍ନାମେଣ୍ଟର ୩୧ତମ ମ୍ୟାଚ୍‌ରେ ବାଲେଶ୍ୱର ୬ ଉଇକେଟରେ ଭଦ୍ରକକୁ ପରାସ୍ତ କରିଛି। ଟସ୍ ଜିତି ଭଦ୍ରକ ପ୍ରଥମେ ବ୍ୟାଟିଂ କରି ୩୩.୨ ଓଭରରେ ୮୩ ରନ କରି ଅଲଆଉଟ ହୋଇଯାଇଛି। ଦଳ ତରଫରୁ ସି. କୁମାର ସ୍ୱାମୀ ୨୬ ରନ କରିଥିବା ବେଳେ ବାଲେଶ୍ୱର ତରଫରୁ ସୁବାସ ବାରିକ ୪ ଓ ଅରୁନ କୁମାର ରାଉତ ୨ ଉଇକେଟ ନେଇଛନ୍ତି। ଜବାବରେ ବାଲେଶ୍ୱର ୧୬.୪ ଓଭରରେ ୪ ଉଇକେଟ ହରାଇ ୮୫ ରନକରି ବିଜୟୀ ହୋଇଛି। ଦଳ ତରଫରୁ ରାଜୀବ ସାହୁ ୫୮ ରନ ସଂଗ୍ରହ କରିଥିବା ବେଳେ ବୋଲିଂରେ ଭଦ୍ରକ ତରଫରୁ କୁମାର ସାହୁ ଓ ସି. କୁମାର ସ୍ୱାଇଁ ୨ଟି ଲେଖାଏ ଉଇକେଟ ନେଇଥିଲେ।

### ଝାରସୁଗୁଡା ୬ ଉଇକେଟରେ ପରାସ୍ତ

ଭୁବନେଶ୍ୱରର ରେଲୱେ ଗ୍ରାଉଣ୍ଡରେ ଅନୁଷ୍ଠିତ ୩୨ତମ ମ୍ୟାଚ୍‌ରେ ରାଉରକେଲା ୬ ଉଇକେଟରେ ଝାରସୁଗୁଡାକୁ ପରାସ୍ତ କରିଛି। ଟସ୍ ଜିତି ଝାରସୁଗୁଡା ୫୦ ଓଭରରେ ୮ ଉଇକେଟ ହରାଇ ୧୯୫ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଧନଞ୍ଜୟ ଯାଦବ ୩୮, ଅନୁରାଗ ସିଂ ଦେଓ ୩୩ ରନ କରିଥିବା ବେଳେ ଶରନଦୀପ ବରିହା ୩ ଓ ଅଙ୍କିତ ମହାନ୍ତି ୨ ଉଇକେଟ ନେଇଥିଲେ। ଜବାବରେ ରାଉରକେଲା ୪୭.୧ ଓଭରରେ ୪ ଉଇକେଟ ହରାଇ ୧୯୬ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ତରଫରୁ ଆଶୀର୍ବାଦ ସ୍ୱାଇଁ ଅପରାଜିତ ୧୦୧ ରନର ଶତକୀୟ ଇନିଂସ ଖେଳିଥିବା ବେଳେ ସ୍ନେହାଲ ସାମନ୍ତରାୟ ୩୪ ରନ ସଂଗ୍ରହ କରିଥିଲେ। ବୋଲିଂରେ ଝାରସୁଗୁଡା ତରଫରୁ ଧନଞ୍ଜୟ ୨ ଉଇକେଟ ନେଇଥିଲେ।

### ସମ୍ବଲପୁର ୭୩ ରନରେ ହାରିଲା

କଟକର ବିଡାନାସୀ ଗ୍ରାଉଣ୍ଡରେ ଖେଳାଯାଇଥିବା ଟୁର୍ନାମେଣ୍ଟର ୩୦ତମ ମ୍ୟାଚ୍‌ରେ ଭୁବନେଶ୍ୱର ବି' ୭୩ ରନରେ ସମ୍ବଲପୁରକୁ ପରାସ୍ତ କରିଛି। ଟସ୍ ଜିତି ଭୁବନେଶ୍ୱର ବି' ପ୍ରଥମେ ବ୍ୟାଟିଂ କରି ୨୯.୩ ଓଭରରେ ୧୫୫ ରନକରି ଅଲଆଉଟ ହୋଇଥିଲା। ଦଳ ତରଫରୁ ସୁଶୀଲ ବାରିକ ୭୭ ରନ ସଂଗ୍ରହ କରିଥିବା ବେଳେ ବୋଲିଂରେ ସମ୍ବଲପୁର ତରଫରୁ ପ୍ରତୀକ ପାଣ୍ଡେ ସର୍ବାଧିକ ୬ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ସମ୍ବଲପୁର ୨୮.୩ ଓଭରରେ ୮୨ ରନକରି ଅଲ୍‌ଆଉଟ ହୋଇଥିଲା। ଦଳ ତରଫରୁ ପ୍ରକାଶ ମୌର୍ଯ୍ୟ ୨୭ ରନ ସଂଗ୍ରହ କରିଥିଲେ। ବୋଲିଂରେ ଭୁବନେଶ୍ୱର ବି' ତରଫରୁ ମୃତ୍ୟୁଞ୍ଜୟ ମାନସିଂ ୩, ପ୍ରତ୍ୟୁଷ ସାହୁ, ସୁଶୀଲ ବାରିକ ଓ ଦେବାଶିଷ ନାଏକ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

# ଭାରତୀୟ ଦଳରେ ଇଶାନ, ସୂର୍ଯ୍ୟକୁମାର, ଟେୱାଟିଆ

## ଇଂଲଣ୍ଡ ବିପକ୍ଷ ଟି୨୦ ସିରିଜ

ନୂଆଦିଲ୍ଲୀ,୨୦।୨

ଆଗାମୀ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଘରୋଇ ଟି୨୦ ସିରିଜ ପାଇଁ ଶନିବାର ଏକ ୧୯ ଜଣିଆ ଦଳ ଘୋଷଣା କରାଯାଇଛି। ଗତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୦ ସଂସ୍କରଣରେ ଦମ୍‌ଦାର ପ୍ରଦର୍ଶନ କରିଥିବା ୩ଜଣ ଖେଳାଳି ବ୍ୟାଟ୍ସମ୍ୟାନ ସୂର୍ଯ୍ୟକୁମାର ଯାଦବ, ଉଇକେଟକିପର ଇଶାନ କିଷନ ଓ ଅଲ୍‌ରାଉଣ୍ଡର ରାହୁଲ ଟେୱାଟିଆଙ୍କୁ ପ୍ରଥମଥର ପାଇଁ ଜାତୀୟ ଟି୨୦ ଦଳରେ ସାମିଲ କରାଯାଇଛି। ଏଥିସହିତ ଦଳକୁ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଓ ସ୍ପିନର ବରୁଣ ଚକ୍ରବର୍ତ୍ତୀ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଆହତ ହୋଇଥିବା ମନୀଷ ପାଣ୍ଡେ, ସଞ୍ଜୁ ସାମ୍‌ସନ ଓ ମୟଙ୍କ ଅଗ୍ରୱାଲଙ୍କୁ ଦଳରେ ନିଆଯାଇନାହିଁ। ସେହିପରି ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସାମିଙ୍କୁ ମଧ୍ୟ ସାମିଲ କରାଯାଇ ନାହିଁ। ଅହମଦାବାଦ୍‌ରେ ସବୁ ୫ଟି ଯାକ ମ୍ୟାଚ୍ ଖେଳାଯିବ। ମାର୍ଚ୍ଚ ୧୨, ୧୪, ୧୬, ୧୮ ଓ ୨୦ ତାରିଖରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ଟି୨୦ ମ୍ୟାଚ୍ ଖେଳାଯିବ।


ଇଶାନ କିଷନ, ସୂର୍ଯ୍ୟକୁମାର ଯାଦବ, ରାହୁଲ ଟେୱାଟିଆ

**ଭାରତୀୟ ଦଳ:**
ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପଅଧିନାୟକ), ଲୋକେଶ ରାହୁଲ, ଶିଖର ଧାୱନ, ଶ୍ରେୟାସ ଆୟାର, ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ରିଷଭ ପନ୍ତ (ଉଇକେଟକିପର), ଇଶାନ କିଷନ (ଉଇକେଟକିପର), ଯୁଜବେନ୍ଦ୍ର ଚହଲ, ବରୁଣ ଚକ୍ରବର୍ତ୍ତୀ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ରାହୁଲ ଟେୱାଟିଆ, ଟି. ନଟରାଜନ, ଭୁବନେଶ୍ୱର କୁମାର, ଦୀପକ ଚହର, ନବଦୀପ ସଇନି ଓ ଶାର୍ଦ୍ଦୁଳ ଠାକୁର।




# ନିମପୁର ସ୍ପୋର୍ଟିଂ ସେମିରେ

ଭଣ୍ଡାରିପୋଖରୀ,୨୦।୨(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ଼ ଡାକ୍ତରଖାନା ଖେଳପଡ଼ିଆରେ ମହାବୀର ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ବିମ୍ବାଧର ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜେସିସି ଭଦ୍ରକକୁ ହରାଇ ନିମପୁର ସ୍ପୋର୍ଟିଂ କଟକ ବିଜୟୀ ହୋଇ ସେମିରେ ପ୍ରବେଶ କରିଛି। ନିମପୁର ସ୍ପୋର୍ଟିଂ ଟସ୍ ଜିତି ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ ହରାଇ ୧୮୬ ରନ୍ କରିଥିଲା। ଦଳ ପକ୍ଷରୁ ବିକ୍ରମ ସାମଲ ୪୪ ଓ ଗିରିଜା ରାଉତ ୩୨ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଅଭିଜିତ ଗାହଣ ୫ ଓଭରରେ ୧୦ ରନ୍ ଦେଇ ୩ ଉଇକେଟ ନେଇଥିଲେ। ଜେସିସି ୨୪.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୮୨ ରନ୍ କରିଥିଲା। ଦଳ ପକ୍ଷରୁ କ୍ଷମାସାଗର ବଳ ୫୦ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ମିହିର ଦାସ ୫ ଓଭରରେ ୨୫ ରନ୍ ଦେଇ ୪ ଉଇକେଟ ନେଇଥିଲେ। ମିହିରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କୃତ କରାଯାଇଥିଲା। ସଞ୍ଜୟ ଶତପଥୀ ଓ ସତ୍ୟବ୍ରତ ଜେନା ଅମ୍ପାୟାର, ଅଜୟ ବାରିକ ଓ ତନୁଜ ବେହେରା ସ୍କୋରର ଥିଲେ। ପ୍ରତ୍ୟୁଷ ସାହୁ ଓ ଯଶୋବନ୍ତ ସାମଲ ଧାରା ବିବରଣୀ ପ୍ରଦାନ କରିଥିଲେ।

ଏଫ୍‌ଆଇଏଚ୍ ସଭାପତି ନିର୍ବାଚନ

## ଦ୍ୱିତୀୟ୍ ଥର ପ୍ରତିଦ୍ୱନ୍ଦ୍ୱିତା କରିବେ ବାତ୍ରା

ନୂଆଦିଲ୍ଲୀ, ୨୦।୨ (ପି.ଟି.): ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍)ର ସଭାପତି ଭାବେ ପୁନଃନିର୍ବାଚିତ ହେବା ଲାଗି ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ନିଷ୍ପତ୍ତି ନେଇଛନ୍ତି ଭାରତର ନରିନ୍ଦର ବାତ୍ରା। ମେ ମାସରେ ହେବାକୁ ଥିବା ଏଫ୍‌ଆଇଏଚ୍ ପରିଚାଳନା ପରିଷଦ ବୈଠକରେ ନିର୍ବାଚନ ହେବା କାର୍ଯ୍ୟକ୍ରମ ରହିଛି। ୨୦୧୬ରେ ଏଫ୍‌ଆଇଏଚ୍‌ର ସଭାପତି ହୋଇଥିବା ବାତ୍ରା ଫେବୃୟାରୀ ୧୮ ତାରିଖରେ ଏଫ୍‌ଆଇଏଚ୍ କଂଗ୍ରେସକୁ ଏକ ଚିଠି ମାଧ୍ୟମରେ ସେ ଆଉଥରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚାହୁଁଥିବା ବିଷୟ ଜଣାଇଛନ୍ତି। ବାତ୍ରା ଭାରତୀୟ ଅଲିମ୍ପିକ କମିଟିର ସଭାପତି ଅଛନ୍ତି। ଏହାଛଡ଼ା ଅନ୍ତର୍ଜାତୀୟ ଅଲିମ୍ପିକ କମିଟିର ଜଣେ ସଦସ୍ୟ ମଧ୍ୟ ଅଛନ୍ତି। ମେ ମାସରେ ଏଫ୍‌ଆଇଏଚ୍ କଂଗ୍ରେସର ନୂଆଦିଲ୍ଲୀରେ ଆୟୋଜନ କାର୍ଯ୍ୟକ୍ରମ ରହିଛି। କୋଭିଡ୍ ଯୋଗୁ ଯାତାୟାତ କଟକଣା ରହିଥିବାରୁ ସମ୍ଭବତଃ ଏହା ଭର୍ଚ୍ଚୁଆଲ ହୋଇପାରେ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ